

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-277 •SUNDAY •05 APRIL 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୨୭୭ •ରବିବାର •୦୫ ଏପ୍ରିଲ୍ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦ (ସିନ୍ଦୂରା ସହ)


### ଇରାନ ପରମାଣୁ କେନ୍ଦ୍ର ଉପରେ ଆମେରିକାର ଆକ୍ରମଣ

# ବଢ଼ିଲା ବିକିରଣ ଭୟ

- ଉପସାଗରୀୟ ଦେଶଗୁଡ଼ିକୁ ଇରାନର ଚେତାବନୀ
- ବିକିରଣ କ୍ଷୟକ୍ଷତି ପାଇଁ ଦାୟୀ ରହିବନି ତେହେରାନ
- ଇରାନକୁ ଟ୍ରମ୍ପଙ୍କ ୪୮ ଘଣ୍ଟିଆ ଚରମ ଚେତାବନୀ
- ହର୍ମୁଜ ପ୍ରଣାଳୀ ନ ଖୋଲିଲେ ପରିଣତି ଭୟଙ୍କର
- ଇରାନକୁ ୧୦ ଦିନିଆ ମହଲତ ଦେଇଥିଲେ ଟ୍ରମ୍ପ



■ତେହରାନ, ୪।୪ (ଏଜେନ୍ସି): ଇରାନ ସହ ଯୁଦ୍ଧରେ ସଫଳତା ମିଳୁନାହିଁ। ଅନ୍ୟପକ୍ଷରେ ଆମେରିକାର ଅନେକ ଯୁଦ୍ଧ ଜାହାଜକୁ ଗୁଳି କରି ଇରାନ ଖସାଇବା ସହିତ ଉପସାଗର ଅଞ୍ଚଳରେ ଥିବା ଆମେରିକାର ପ୍ରାୟ ସମସ୍ତ ସାମରିକ ପ୍ରତିଷ୍ଠାନକୁ ଆକ୍ରମଣ କରି ଛାରଖାର କରିଦେଇଛି। ଏଥିରେ ବ୍ୟସ୍ତ ଓ ବିବ୍ରତ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଆଜି ଇରାନକୁ ପୁଣି ଧମକ ଦେଇଛନ୍ତି। ସେ କହିଛନ୍ତି ଯେ ହର୍ମୁଜ ପ୍ରଣାଳୀ ଖୋଲିବା ସହ ଅସ୍ତ୍ରବିରତି ପାଇଁ ଚୁକ୍ତି କରିବା ଲାଗି ଗତ ୨୬ ତାରିଖରେ ଇରାନକୁ ୧୦ଦିନର ମହଲତ ଦିଆଯାଇଥିଲା। ଏହି ମହଲତ ସରିଆସୁଛି। ଇରାନ ପାଖରେ ଆଉ ମାତ୍ର ୪୮ ଘଣ୍ଟା ସମୟ ରହିଛି। ଏହି ସମୟ ମଧ୍ୟରେ ଚୁକ୍ତି ନ ହେଲେ ଇରାନ ଧ୍ୱଂସ ପାଇଁ ପ୍ରସ୍ତୁତ ରହୁ ବୋଲି ଧମକ ଦେଇଛନ୍ତି ଟ୍ରମ୍ପ।

ଇତିମଧ୍ୟରେ ଗୋଟିଏ ପରେ ଗୋଟିଏ ବିଫଳତା ପରେ ଇରାନର ବେସାମରିକ ଭିତ୍ତିଭୂମିକୁ ଟାର୍ଗେଟ କରିବା ସହିତ ଇରାନର ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ଚଳାଇଛନ୍ତି ଟ୍ରମ୍ପ। ଇସ୍ରାଏଲ ସହ ମିଶି ଆଜି ଇରାନର ଦକ୍ଷିଣ-ପଶ୍ଚିମରେ ଅବସ୍ଥିତ ବୁଶେହର ପରମାଣୁ କେନ୍ଦ୍ର ପରିସରରେ କ୍ଷେପଣାସ୍ତ୍ର ମାଡ଼ କରିଛି ଆମେରିକା। ଏଥିରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ବେଳେ ଏକ ସହାୟକ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି। ତେବେ ମୁଖ୍ୟ ପରମାଣୁ କେନ୍ଦ୍ର ସୁରକ୍ଷିତ ରହିଛି ଏବଂ ସେଠାରେ ସ୍ୱାଭାବିକ କାର୍ଯ୍ୟ ଚାଲୁ ରହିଛି। ଏହି ଘଟଣାକୁ ନେଇ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ) ଗଭୀର ଚିନ୍ତା ପ୍ରକଟ କରିଛି। ଆଇଏଇଏ ମୁଖ୍ୟ ରାଫେଲ ଗ୍ରୋସି ଚେତାବନୀ ଦେଇ କହିଛନ୍ତି ଯେ, କୌଣସି ପରିସ୍ଥିତିରେ ପରମାଣୁ କେନ୍ଦ୍ରକୁ ଟାର୍ଗେଟ କରାଯିବା ଉଚିତ ନୁହେଁ, କାରଣ ଏହାଦ୍ୱାରା ବଡ଼ ଧରଣର ବିକିରଣ ଜନିତ ଦୁର୍ଘଟଣା ଘଟିବାର ଭୟ ରହିଛି। କେବଳ ସେତିକି ନୁହେଁ, ଇସ୍ରାଏଲ ବାୟୁସେନା ଶନିବାର ଇରାନର ଦକ୍ଷିଣ ଖୁଜେସ୍ତାନ ରାଜ୍ୟରେ ଥିବା ମହଶହର ପେଟ୍ରୋକେମିକାଲ ସ୍ପେଶାଲ ଇକୋନୋମିକ ଜୋନ୍ ଉପରେ ମଧ୍ୟ ଶକ୍ତିଶାଳୀ ବୋମା ମାଡ଼ କରିଛି। ଏହି ଆକ୍ରମଣରେ ୩ଟି ବଡ଼ କମ୍ପାନୀକୁ ଟାର୍ଗେଟ କରାଯାଇଛି।

ଇରାନର ବୈଦେଶିକ ମନ୍ତ୍ରୀ ଆବ୍ବାସ ଅରାଗଚି କହିଛନ୍ତି ଯେ ବୁଶେହର ପରମାଣୁ ଶକ୍ତି କେନ୍ଦ୍ର ଉପରେ ଯଦି ଆଗକୁ ଆକ୍ରମଣ ଜାରି ରହେ, ତେବେ ଏହାର ପ୍ରଭାବ କେବଳ ଇରାନ ନୁହେଁ, ବରଂ ସମଗ୍ର ଉପସାଗରୀୟ ଆରବ ଦେଶଗୁଡ଼ିକ ଉପରେ ପଡ଼ିବ। ଆରାଗଚି ସାମାଜିକ ଗଣମାଧ୍ୟମରେ ଚେତାବନୀ ଦେଇ କହିଛନ୍ତି ଯେ ▶ପୃଷ୍ଠା-୭

## ନିର୍ବାଚନ କମିସନ ସ୍ୱାଧୀନ ଭାବେ କାର୍ଯ୍ୟ କରୁ: ଜଷ୍ଟିସ ନାଗରତ୍ନ



■ ପାଟନା, ୪।୪ (ଏଜେନ୍ସି): ଭାରତୀୟ ନିର୍ବାଚନ କମିସନ ଭଳି ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ କୌଣସି ରାଜନୈତିକ ପ୍ରଭାବରେ ନରହି ସ୍ୱାଧୀନ ଭାବେ କାର୍ଯ୍ୟ କରିବା ଉଚିତ ବୋଲି ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ବିଭି ନାଗରତ୍ନ କହିଛନ୍ତି। ଜଷ୍ଟିସ ନାଗରତ୍ନ କହିଛନ୍ତି ଯେ ନିର୍ବାଚନ କମିସନ, କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ଏବଂ ଅର୍ଥ କମିସନ ଭଳି ସଂସ୍ଥାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ସାମ୍ବିଧାନିକ ଶାସନ ବ୍ୟବସ୍ଥାକୁ ବଜାୟ ରଖିବା ପାଇଁ ଏହି ସଂସ୍ଥାଗୁଡ଼ିକ ରାଜନୈତିକ ପ୍ରକ୍ରିୟା ଦ୍ୱାରା ପ୍ରଭାବିତ ▶ପୃଷ୍ଠା-୭

### ସାକାର ରୂପ ନେଉଛି ନବୀନଙ୍କ ପରିକଳ୍ପନା

# ପୁରୀ ବିମାନବନ୍ଦରକୁ ପରିବେଶ ଅନୁମତି

■ ପୁରୀ/ଭୁବନେଶ୍ୱର, ୪।୪ (ସମିସ): ବିଶ୍ୱ ଆଧ୍ୟାତ୍ମିକ ଏବଂ ପର୍ଯ୍ୟଟନ ମାନଚିତ୍ରରେ ଆହୁରି ଝଲସିବ ଶ୍ରୀଜଗନ୍ନାଥ ବିଜେ ଶ୍ରୀକ୍ଷେତ୍ର ପୁରୀ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଅବଢ଼ା ଯୋଜନା'ରେ ଶ୍ରୀକ୍ଷେତ୍ରକୁ ନୂଆ ରୂପ ଦେବା ସହ ପୁରୀ ସହରକୁ ଆକାଶ ପଥରେ ଯୋଡ଼ିବା ପାଇଁ ନକ୍ସା ମଧ୍ୟ ପ୍ରସ୍ତୁତ କରିଥିଲେ। ନବୀନଙ୍କ ପରିକଳ୍ପନାରେ ପୁରୀ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନ ବନ୍ଦରର ଭିତ୍ତି ପଡ଼ିଥିବା ବେଳେ ଏହା ଖୁବ୍‌ଶୀଘ୍ର ସାକାର ରୂପ ନେବାକୁ ଯାଉଛି। ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ କ୍ଷେତ୍ରରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟର ପରିବେଶ ଅନୁମତି ଜରୁରୀ ଥିବା ବେଳେ ଏହାକୁ ଗତ ୧ ତାରିଖରେ ଅନୁମୋଦନ ମିଳିଛି। ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ନୀତିଗତ ଷ୍ଟେଜ-୧ ଅର୍ଥାତ୍ ପ୍ରଥମ ପର୍ଯ୍ୟାୟ ଅନୁମୋଦନ ମିଳିଛି। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ଗତବର୍ଷ ଏପ୍ରିଲ ୫ ତାରିଖରେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ୪ ଜଣିଆ ଟିମ୍ ପ୍ରସ୍ତାବିତ ପ୍ରଥମ ଗ୍ରୀନ୍ ଫିଲ୍ଡ ଏୟାରପୋର୍ଟ ପାଇଁ ଗ୍ରାଉଣ୍ଡ ଜିରୋ ସ୍ଥିତି ସମୀକ୍ଷା କରିଥିଲେ। ଏବେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ପକ୍ଷରୁ ଷ୍ଟେଜ-

**କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ଦେଲା ଷ୍ଟେଜ୍-୧ ଅନୁମୋଦନ**

**ସର୍ତ୍ତ ପୂରଣ କଲେ ମିଳିବ ଚୂଡ଼ାନ୍ତ ଅନୁମତି**

୧ ଅନୁମତି ମିଳିଛି। ଏହି ଅନୁମତି ସହ କିଛି ସର୍ତ୍ତ ବି ରଖାଯାଇଛି। ଜଙ୍ଗଲ ଜମି ଡାଇଭର୍ସନ୍ ପରେ ସମାନ ପରିମାଣର ଜମିରେ କ୍ଷତିପୂରକ ବନୀକରଣ କରିବାକୁ ପଡ଼ିବ। ବିଭିନ୍ନ ପରିବେଶଗତ ଏବଂ ବନ୍ୟଜନ୍ତୁ ସଂରକ୍ଷଣ ସର୍ତ୍ତ ପାଳନ କରିବାକୁ ହେବ। ଏହି ବିମାନ ▶ପୃଷ୍ଠା-୭

### ରାଜ୍ୟ କ୍ୟାବିନେଟରେ ୧୬ ପ୍ରସ୍ତାବକୁ ଅନୁମୋଦନ

# ମେଡିକାଲ, ଇଞ୍ଜିନିୟରିଂ ଓ ଉଚ୍ଚଶିକ୍ଷାରେ ସ୍ଥାନ ସଂରକ୍ଷଣ

■ ଭୁବନେଶ୍ୱର, ୪।୪ (ସମିସ): ଓଡ଼ିଶାର ମେଡିକାଲ, ଇଞ୍ଜିନିୟରିଂ, ଅନ୍ୟାନ୍ୟ ଉଚ୍ଚଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷା ପାଠ୍ୟକ୍ରମରେ ଏସ୍‌ସି, ଏସ୍‌ଟି ଓ ଓବିସିଙ୍କୁ ସଂରକ୍ଷଣ ପାଇଁ ବିରୋଧୀ ଦାବି କରି ଆସୁଥିବା ବେଳେ ଏହାକୁ ଗ୍ରହଣ କରିଛନ୍ତି ରାଜ୍ୟ ସରକାର। ଶନିବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ସରକାର ଏ ସଂକ୍ରାନ୍ତ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ମେଡିକାଲ, ଇଞ୍ଜିନିୟରିଂ, ଅନ୍ୟାନ୍ୟ ଉଚ୍ଚଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷା ପାଠ୍ୟକ୍ରମରେ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କୁ

**ଏସ୍‌ଟିଙ୍କୁ ୨୨.୫୦%, ଏସ୍‌ସିଙ୍କୁ ୧୬.୨୫% ଏବଂ ଏସ୍‌ଇବିସିଙ୍କୁ ୧୧.୨୫ ପ୍ରତିଶତ ସିଟ୍**

**ଆରମ୍ଭ ହେବ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'**

**ହିତାଧିକାରୀଙ୍କୁ ମାସିକ ଅତିରିକ୍ତ ୫ କେଜି ଚାଉଳ**

୨୨.୫୦%, ଅନୁସୂଚିତ ଜାତିଙ୍କୁ ୧୬.୨୫% ଏବଂ ସାମାଜିକ ଓ ଶିକ୍ଷାଗତ ପଛୁଆବର୍ଗ (ଏସ୍‌ଇବିସି) ଛାତ୍ରଛାତ୍ରୀଙ୍କୁ ୧୧.୨୫% ସ୍ଥାନ ସଂରକ୍ଷଣ ନେଇ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ହୋଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ସେହିପରି ରାଜ୍ୟରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ନାମକ ଏକ ନୂଆ ଯୋଜନା ଆରମ୍ଭ ହେବାକୁ ଯାଉଥିବା ବେଳେ ଏଥିରେ ଉଭୟ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନସ୍ଥ ହିତାଧିକାରୀଙ୍କୁ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ବଣ୍ଟନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଶନିବାର ସନ୍ଧ୍ୟାରେ ▶ପୃଷ୍ଠା-୭

# ଓଡ଼ିଶାକୁ କେନ୍ଦ୍ରର ଆଉ ଏକ ଜଳ ଯନ୍ତ୍ରଣା

## ବଂଶଧାରାରେ ଆନ୍ଧ୍ରର ନେରେଡ଼ି ପ୍ରକଳ୍ପକୁ ଜଳଶକ୍ତି ମନ୍ତ୍ରଣାଳୟର ଅନୁମତି

■ ଭୁବନେଶ୍ୱର, ୪।୪ (ସମିସ): ମହାନଦୀ, ପୋଲାଭରମ୍ ଓ ରେଳ ଡିଭିଜନ କଷଣରେ ଓଡ଼ିଶାବାସୀ ସନ୍ତୁଳି ହେଉଥିବା ବେଳେ କେନ୍ଦ୍ର ସରକାର ଓଡ଼ିଶାକୁ ଆଉ ଏକ ବଡ଼ ଝଟ୍‌କା ଦେଇଛନ୍ତି। ବଂଶଧାରା ନଦୀ ଜଳ ବିବାଦ ମାମଲାରେ ଗତ ୨ ତାରିଖର ଟ୍ରିବ୍ୟୁନାଲଙ୍କ ରାୟ ଆଧାରରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ପକ୍ଷରୁ ଆନ୍ଧ୍ରପ୍ରଦେଶକୁ ନେରେଡ଼ି ବ୍ୟାରେଜ ନିର୍ମାଣ ପାଇଁ ଅନୁମତି ଦିଆଯାଇ ଗେଜେଟ୍ ନୋଟିଫିକେସନ୍ ଜାରି କରାଯାଇଛି। କେନ୍ଦ୍ରର ଏହି ବିଜ୍ଞପ୍ତି ଓଡ଼ିଶା ପାଇଁ ବଡ଼ ଝଟ୍‌କା ହୋଇଥିବା ବେଳେ ଆନ୍ଧ୍ର ପ୍ରଦେଶ ପାଇଁ ଲାଭଦାୟକ ହୋଇଛି। ରାୟ ଅନୁଯାୟୀ ଆନ୍ଧ୍ରର ନେରେଡି ବ୍ୟାରେଜ୍ ପ୍ରକଳ୍ପ ପାଇଁ ଥିବା ପ୍ରତିବନ୍ଧକ

- ଗଜପତି, ରାୟଗଡ଼ା ଜିଲ୍ଲାର ଚାଷୀଙ୍କ ଆଶଙ୍କା, ମରୁଭୂମି ପାଲଟିବ ଚାଷ ଜମି !
- ବିଭିନ୍ନ ମହଲର ମତ, ଚନ୍ଦ୍ରବାବୁ ନାଇଡୁଙ୍କୁ ଖୁସି କରିବାକୁ କେନ୍ଦ୍ର କରିଛି ଫନ୍ଦି
- ପିସିସି ସଭାପତିଙ୍କ ଦାବି, ତୁରନ୍ତ ବିଜ୍ଞପ୍ତି ରଦ୍ଦ କରୁ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ
- ମହାନଦୀ ଜଳବିବାଦର ଭାଗ୍ୟ ଏପରି ହେବା ନେଇ ଜଳ ବିଶେଷଜ୍ଞଙ୍କ ଆଶଙ୍କା

ଦୂର ହୋଇଥିବା ବେଳେ କ୍ଷତିଗ୍ରସ୍ତ ହେବାକୁ ଯାଉଛି ଓଡ଼ିଶା। କେନ୍ଦ୍ରର ଏପରି ଅନ୍ୟାୟପୂର୍ଣ୍ଣ ଆଚରଣକୁ ନେଇ ରାଜ୍ୟର ବିରୋଧୀ ଦଳଙ୍କଠାରୁ ଆରମ୍ଭ କରି ଜଳ ବିଶେଷଜ୍ଞ ଏବଂ ବିଭିନ୍ନ ସାମାଜିକ ସଂଗଠନ କ୍ଷୋଭ ପ୍ରକାଶ କରିଛନ୍ତି। ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ସହଯୋଗରେ କେନ୍ଦ୍ରରେ ବିଜେପି ସରକାର ଚଳାଉଛି। ତେଣୁ ନାଇଡୁଙ୍କୁ ଖୁସି କରିବାକୁ କେନ୍ଦ୍ର ସରକାର ଗୋଟିଏ ପରେ ଗୋଟିଏ ଓଡ଼ିଶା ବିରୋଧୀ ନିଷ୍ପତ୍ତି ନେଉଛନ୍ତି ବୋଲି ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ ୨୦୦୩ ମସିହାରେ ଆନ୍ଧ୍ର ପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜଶେଖର ରେଡ଼ି ▶ପୃଷ୍ଠା-୭






## କୋରାପୁଟରେ ମୃଦୁ ଭୂମିକମ୍ପ

■ କୋରାପୁଟ, ୪।୪ (ସମିସ): ଶନିବାର ବିଳମ୍ବିତ ରାତିରେ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି। ଶନିବାର ରାତି ୧୧ଟା ୩୩ରୁ ୧୧ଟା ୩୪ ମଧ୍ୟରେ ପ୍ରାୟ ୧୦-୧୨ ସେକେଣ୍ଡ ପାଇଁ ଭୂମିକମ୍ପ ହୋଇଥିବା ଜଣାପଡ଼ିଛି। ଟିଣଘର ସବୁ ଶବ୍ଦ ହୋଇଥିବା ବେଳେ ଛାତ ଘର ସାମାନ୍ୟ ▶ପୃଷ୍ଠା-୭

### କୂଅକୁ ଖସିଲା କାର୍

## ୬ ଶିଶୁଙ୍କ ସମେତ ପରିବାରର ୯ ମୃତ

■ନାସିକ୍, ୪।୪ (ଏଜେନ୍ସି): ମହାରାଷ୍ଟ୍ରର ନାସିକ ଜିଲ୍ଲା ଅନ୍ତର୍ଗତ ଡିଣ୍ଡୋରୀ ସହରର ଶିବାଜୀ ନଗର ଅଞ୍ଚଳରେ ଶୁକ୍ରବାର ରାତି ପ୍ରାୟ ୧୦ଟା ସମୟରେ ବଡ଼ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏକ କାର୍ କୂଅକୁ ଖସିପଡ଼ିବା ଫଳରେ ଗୋଟିଏ ପରିବାରର ୯ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୬ ଜଣ କୋମଳମତୀ ଶିଶୁ (୫ ଝିଅ ଓ ଜଣେ ପୁଅ) ସାମିଲ ଅଛନ୍ତି। ଏହି ▶ପୃଷ୍ଠା-୭




# ପରିବର୍ତ୍ତିତ ସମୟ ସହ ନିଜକୁ ନିରନ୍ତର ରୂପାନ୍ତରିତ କର: ରାଜ୍ୟପାଳ

**ସମ୍ବଲପୁର, ୪।୪ (ସମିସ)**

ଶିକ୍ଷା କେବଳ ଡିଗ୍ରୀ ହାସଲ କରିବା ନୁହେଁ, ବରଂ ଏହା ସମାଜ ଓ ଦେଶ ଗଠନରେ ନିଜର ଦାୟିତ୍ୱକୁ ବୁଝିବା ପାଇଁ ଏକ ମାଧ୍ୟମ। ଆଗାମୀ ଦିନରେ କେବଳ ଚାକିରି ପଛରେ ନ ଗୋଡ଼ାଇ ଉଦ୍ୟୋଗୀ ହୋଇ ନିଯୁକ୍ତିଦାତା ହେବାକୁ ଛାତ୍ରଛାତ୍ରୀ ଉଦ୍ୟମ କରିବା ଉଚିତ। କୋଭିଡ ସମୟର ଆହ୍ୱାନ ଏବଂ ସେଥିରୁ ଟେକ୍ନୋଲୋଜିର କିପରି ସଠିକ୍ ବ୍ୟବହାର କରି ସମସ୍ୟାର ସମାଧାନ କରାଯାଇପାରିବ ତାହା ଶିକ୍ଷା ମିଳିଥିଲା ବୋଲି ସ୍ନାତକ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ଆଇଆଇଏମ୍ ସମ୍ବଲପୁରର ଦଶମ ବାର୍ଷିକ ସମାବର୍ତ୍ତନ ଉତ୍ସବର ମୁଖ୍ୟଅତିଥି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ମତବ୍ୟକ୍ତ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଆଇଆଇଏମ ସମ୍ବଲପୁର ହେଉଛି ସାଂସ୍କୃତିକ ଐତିହ୍ୟ ଓ ଶିକ୍ଷାରେ ଆଧୁନିକ ପ୍ରଯୁକ୍ତିବିଦ୍ୟାର ଏକ ଅନନ୍ୟ ସମ୍ମିଶ୍ରଣ, ଯାହା ନବସୃଜନ, ଅନ୍ତର୍ଭୁକ୍ତୀକରଣ ଓ ଶିକ୍ଷାଗତ ଉତ୍କର୍ଷକୁ ପ୍ରତିଫଳିତ କରୁଛି। ପରାଗ ଅଗ୍ରୱାଲ ଓ 'ନୋକିଆ' ଭଳି ଉଦାହରଣ ଦେଇ ସେ ସଫଳତା ଓ ବିଫଳତା ମଧ୍ୟରେ ଥିବା ସୂକ୍ଷ୍ମ ପାର୍ଥକ୍ୟକୁ ବୁଝାଇଥିଲେ ଏବଂ ପରିବର୍ତ୍ତିତ ପରିସ୍ଥିତି ସହ ନିଜକୁ ଖାପଖୁଆଇ ଚଳିବାକୁ କହିଥିଲେ। ଛାତ୍ରଛାତ୍ରୀ ମାନଙ୍କୁ ପରିବର୍ତ୍ତିତ ସମୟ ସହିତ ନିଜକୁ ନିରନ୍ତର ରୂପାନ୍ତରିତ ଓ ଅପଡେଟ୍ କରିବାକୁ ଅନୁରୋଧ କରିଥିଲେ। କାରଣ ଯଦି ଆମେ ସମୟ ସହିତ ପରିବର୍ତ୍ତନ ହେବାକୁ ମନା କରିବା ତେବେ ସଫଳତା କେବେବି ସ୍ଥାୟୀ ବୋଲି କହି ହେବନାହିଁ ବୋଲି ରାଜ୍ୟପାଳ ଡକ୍ଟର କମ୍ଭମପାଟି ମତ ପ୍ରକାଶ କରିବାସହ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅବଦାନ ଓ ନୂତନ ଶିକ୍ଷା ନୀତିର ସଫଳ ରୂପାୟନ ବିଷୟରେ ମଧ୍ୟ ସୂଚନା ଦେଇଥିଲେ। ସମାବର୍ତ୍ତନ ଉତ୍ସବରେ ଆଡୋବ ଇଣ୍ଡିଆର ଉପାଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପ୍ରତିଭା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ଆଇଆଇଏମ ସମ୍ବଲପୁରର ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଚନ୍ଦନ ଚୌଧୁରୀ ଓ ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୟସ୍ୱାଲ ଉପସ୍ଥିତ ଥିଲେ।




## ଆଇଆଇଏମ୍ ସମ୍ବଲପୁରର ବାର୍ଷିକ ସମାବର୍ତ୍ତନ ଉତ୍ସବ

ସମ୍ମାନିତ ଅତିଥି ଆଡୋବ ଇଣ୍ଡିଆର ଉପାଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପ୍ରତିଭା ମହାପାତ୍ର କହିଛନ୍ତି ଯେ, ଗତ ତିନି ବର୍ଷ ମଧ୍ୟରେ ବିଶ୍ୱ ପରିବର୍ତ୍ତିତ ହୋଇଛି। ଅସ୍ଥିରତା, ଅନିଶ୍ଚିତତା, ଜଟିଳତା ଓ ଅସ୍ପଷ୍ଟତା (ଭିୟୁସିଏ) ପରିବେଶରୁ ବିଏଏନଆଇ, ଯାହା ହେଉଛି ଭଙ୍ଗୁର, ଉଦ୍‌ବିଗ୍ନ, ଅଣ-ରୈଖିକ ଓ ପ୍ରାୟତଃ ଦୁର୍ବୋଧ ହୋଇଛି। ସେ ଆଇଆଇଏମ ସମ୍ବଲପୁରର ସୁନ୍ଦର କ୍ୟାମ୍ପସ ଏବଂ ଏହାର ଶିକ୍ଷାଗତ ନବସୃଜନକୁ ସ୍ୱୀକାର କରିବା ସହ ପ୍ରଶଂସା କରିଥିଲେ।

ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ କହିଛନ୍ତି ଯେ, ୨୦୨୫-୨୬ ବର୍ଷ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି, ଅନ୍ତର୍ଭୁକ୍ତିକରଣ ଓ ଶିକ୍ଷାଗତ ସ୍ୱତନ୍ତ୍ରତାର ଏକ ସମୟ ଥିଲା, ଯେଉଁଥିରେ ଅନୁଷ୍ଠାନ ଏନ୍‌ଆଇଆରଏଫ୍ ୨୦୨୫ ମାନ୍ୟତାରେ ୧୬ଟି ସ୍ଥାନ ଉପରକୁ ଉଠି ଭାରତର ଅଗ୍ରଣୀ ବି-ସ୍କୁଲଗୁଡ଼ିକ ମଧ୍ୟରେ ନିଜର ସ୍ଥାନକୁ ଉନ୍ନୀତ କରିଛି। ଆଇଆଇଏମ ସମ୍ବଲପୁର ଏହାର 'ଏଆଇ' ସକ୍ଷମ ଶ୍ରେଣୀ ଶିକ୍ଷା ଯୋଗୁଁ ଶିକ୍ଷାଗତ ନବସୃଜନ କ୍ଷେତ୍ରରେ ହାର୍ଭାର୍ଡ ବିଜନେସ ସ୍କୁଲ ସହିତ ବିଶ୍ୱସ୍ତରରେ ସ୍ଥାନ ପାଇପାରିଛି। ଆଇଆଇଏମ ସମ୍ବଲପୁରର ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଚନ୍ଦନ ଚୌଧୁରୀ କହିଛନ୍ତି ଯେ, ବାଲିଠାରେ ଏକ ବିଶ୍ୱସ୍ତରୀୟ ମଞ୍ଚରେ ହାର୍ଭାର୍ଡ ବିଜନେସ ସ୍କୁଲ ସହିତ ଆଇଆଇଏମ ସମ୍ବଲପୁରର ସ୍ୱୀକୃତି, ଆନ୍ତର୍ଜାତୀୟ ମାନ୍ୟତା ସିଇଓ, ଏଏମବିଏ ଦ୍ୱାରା ପ୍ରତିଫଳିତ ହୋଇଛି। ଏହା ଅନୁଷ୍ଠାନର ଉଲ୍ଲେଖନୀୟ ରୂପାନ୍ତରଣ ଓ ପ୍ରଫେସର ମହାଦେଓ ଜୟସ୍ୱାଲଙ୍କ ନେତୃତ୍ୱରେ ପରିଚାଳନା ଶିକ୍ଷାରେ 'ଏଆଇ'କୁ ଏକୀକୃତ କରିବାର ଅଗ୍ରଣୀ ପ୍ରୟାସକୁ ଦର୍ଶାଉଛି।

ସମାବର୍ତ୍ତନ ଉତ୍ସବ କାର୍ଯ୍ୟକ୍ରମରେ ସର୍ବାଙ୍ଗୀନ ସର୍ବୋତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅଧ୍ୟକ୍ଷ ଓ ନିର୍ଦ୍ଦେଶକଙ୍କ ସ୍ୱର୍ଣ୍ଣପଦକ ରାଜ୍ୟପାଳ ଓ ଅତିଥିମାନେ ପ୍ରଦାନ କରିଥିଲେ। ଉତ୍ସବରେ ୫ଟି ପାଠ୍ୟକ୍ରମର ୪୧୬ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏହି ବ୍ୟାଚ୍‌ରେ ୭୬% ମହିଳା ସ୍ନାତକ ଥିବା ଏମବିଏ ବ୍ୟାଚ୍ (୨୦୨୪-୨୬)ରୁ ୩୧୪ ଜଣ, ଏକଜିକ୍ୟୁଟିଭ ଏମବିଏ ବ୍ୟାଚ (୨୦୨୩-୨୫)ରୁ ୩୯ ଜଣ, ଏକଜିକ୍ୟୁଟିଭ ଏମବିଏ ବ୍ୟାଚ (୨୦୨୪-୨୬)ରୁ ୩୬ ଜଣ, କାର୍ଯ୍ୟରତ ପେସାଦାରଙ୍କ ପାଇଁ ଏକଜିକ୍ୟୁଟିଭ୍ ଏମବିଏ (୨୦୨୪-୨୬) ବ୍ୟାଚରୁ ୧୭ ଜଣ, କାର୍ଯ୍ୟରତ ପେସାଦାରଙ୍କ ପାଇଁ ୫ ଜଣ ପିଏଚଡି ଓ ୫ ଜଣ ପିଏଚଡି ସ୍କଲାର ଅନ୍ତର୍ଭୁକ୍ତ ଥିଲେ।

### ୯ ଜଣଙ୍କୁ ସ୍ୱର୍ଣ୍ଣ

**ସମ୍ବଲପୁର, ୪।୪ (ସମିସ)** : ଆଇଆଇଏମ୍ ସମ୍ବଲପୁରର ଦଶମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ରାଜ୍ୟପାଳ ଡ. ହରିବାବୁ କମ୍ଭମପଟି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ ପାଇଁ ୯ ଜଣ ଛାତ୍ରଛାତ୍ରୀଙ୍କୁ ଅଧ୍ୟକ୍ଷ ଓ ନିର୍ଦ୍ଦେଶକ ସ୍ୱର୍ଣ୍ଣପଦକ ପ୍ରଦାନ କରିଛନ୍ତି। ସେମାନେ ହେଲେ - ଅଧ୍ୟକ୍ଷଙ୍କ ସ୍ୱର୍ଣ୍ଣ ପଦକ ଶ୍ରୀଜନ ଚକ୍ରବର୍ତ୍ତୀ (ଏମବିଏ ବ୍ୟାଚ ୨୦୨୪-୨୬), ବର୍ଷା ସମୀର ମେହେର (ପୂର୍ବ ଏମବିଏ ବ୍ୟାଚ୍ ୨୦୨୩-୨୫), ପ୍ରିୟଙ୍କା ରଥ (ପୂର୍ବ ଏମବିଏ ବ୍ୟାଚ୍ ୨୦୨୪-୨୬) ଏବଂ ଅଲୱିନ ଫ୍ରାନ୍ସିସ୍ (ଏମବିଏ ଡବ୍ଲ୍ୟୁପି ବ୍ୟାଚ୍ ୨୦୨୪-୨୬)ଙ୍କୁ ପ୍ରଦାନ କରାଯାଇଛି। ନିର୍ଦ୍ଦେଶକଙ୍କ ସ୍ୱର୍ଣ୍ଣ ପଦକ ଚିରାଗ କୁନ୍ଦ୍ରା (ଏମବିଏ ବ୍ୟାଚ୍ ୨୦୨୪-୨୬), ଏସକେ ଆଫତାବୁଦ୍ଦିନ ମହମ୍ମଦ (ପୂର୍ବ ଏମବିଏ ବ୍ୟାଚ୍ ୨୦୨୩-୨୫), ରାଜକିଶୋର କର (ପୂର୍ବ ଏମବିଏ ବ୍ୟାଚ୍ ୨୦୨୪-୨୬) ଏବଂ ଆଲୋକ ଶୁକ୍ଲା (ଏମବିଏ ଡବ୍ଲ୍ୟୁପି ବ୍ୟାଚ୍ ୨୦୨୪-୨୬)ଙ୍କୁ ପ୍ରଦାନ କରାଯାଇଛି। ସର୍ବୋତ୍ତମ ସର୍ବାଙ୍ଗୀନ ପ୍ରଦର୍ଶନ ପାଇଁ ଆଇଆଇଏମ ସମ୍ବଲପୁର ସ୍ୱର୍ଣ୍ଣ ପଦକ ମାନ୍ୟା ସିଂ (ଏମବିଏ ବ୍ୟାଚ୍ ୨୦୨୪-୨୬)ଙ୍କୁ ପ୍ରଦାନ କରାଯାଇଛି।

### 'ଏଆଇ'କୁ ନେଇ ମାନସିକତା ବଦଳାଇବାକୁ ପଡ଼ିବ: ଶ୍ରୀଜନ

ଏମ୍‌ବିଏ ବ୍ୟାଚ୍ ୨୦୨୪-୨୬ର ଟପ୍ପର ଶ୍ରୀଜନ ଚକ୍ରବର୍ତ୍ତୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, କିଛିବର୍ଷ ପାଇଁ ଚାକିରୀ କରିବାପରେ ସେ ତାଙ୍କ ନିଜ ଷ୍ଟାର୍ଟଅପ୍ ଆରମ୍ଭ କରିବେ। ଜବ୍ ସିକର୍ ନହୋଇ ଜବ୍ ଗିଭର୍ ହେବାପାଇଁ ଚେଷ୍ଟା କରିବି। ଆମେ ଭାବୁଛୁ ଯେ 'ଏଆଇ' ଆମର ଚାକିରୀ ନେଇ ଯାଉଛି, କିନ୍ତୁ ଆମକୁ ଆମ ମାନସିକତା ବଦଳେଇବାକୁ ପଡ଼ିବ। ଆମେ 'ଏଆଇ' ସହିତ / 'ଏଆଇ'କୁ ବ୍ୟବହାର କରି ଆମ କାମକୁ ଆହୁରି ସହଜ କରିପାରିବୁ ସେଭଳି ମାନସିକତା ରହିବା କଥା। ଶ୍ରୀଜନ କଲିକତାର ହୋଇଥିବାବେଳେ ପୂର୍ବରୁ ସେ ସମ୍ବଲପୁର ଆସିନଥିଲେ ଏବଂ ସମ୍ବଲପୁର ସହର ସାମଗ୍ରିକ ଭାବେ ତାଙ୍କୁ ବହୁତ ଭଲ ଲାଗିଲା ବୋଲି କହିଥିଲେ।

## ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ରେଢ଼ାଖୋଲ, ୪।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଲୁହାପଙ୍କ ପଞ୍ଚାୟତ ବେତଗଡ଼ ଗ୍ରାମରେ ଶନିବାର ଦିନ ଅପରାହ୍ନରେ ଗାଧୋଇବାକୁ ଯାଇ ପାଣିରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ବେତଗଡ଼ଗ୍ରାମର ପୁରୁଷୋତ୍ତମ ପାତ୍ର(୨୧)। ସୂଚନା ଯୋଗ୍ୟ ଯେ ବେତଗଡ଼ଗ୍ରାମର ବସନ୍ତ ପାତ୍ରଙ୍କ ପୁତ୍ର ପୁରୁଷୋତ୍ତମ ଅପରାହ୍ନରେ ଗ୍ରାମର ଏକ ନାଳକୁ ସାଙ୍ଗମାନଙ୍କ ସହିତ ଗାଧୋଇବା ପାଇଁ ଯାଇଥିଲେ ହେଲେ ଅସାବଧାନତା ଯୋଗୁଁ ପାଣିରେ ବୁଡି ଯାଇଥିଲେ। ଖବର ପାଇ ପରିବାର ଲୋକେ ନାଳରୁ ପୁରୁଷୋତ୍ତମକୁ ଉଦ୍ଧାର କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ପୋଲିସ ପହଞ୍ଚି ଶବଜବତ କରି ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ହୀରାକୁଦ ସମସ୍ୟା ନେଇ ଆୟୁକ୍ତଙ୍କୁ ଅଭିଯୋଗ

**ସମ୍ବଲପୁର, ୪।୪ (ସମିସ):** ହୀରାକୁଦର ଏକ ପ୍ରତିନିଧି ଦଳ ସମାଜସେବୀ କାର୍ତ୍ତିକ କଲେତଙ୍କ ନେତୃତ୍ୱରେ ହୀରାକୁଦ ଅଞ୍ଚଳରେ ରହିଥିବା ବିଭିନ୍ନ ସମସ୍ୟା ସମ୍ବନ୍ଧରେ ସମ୍ବଲପୁର ମହାନଗର ନିଗମ କମିଶନରଙ୍କୁ ଭେଟି ଆଲୋଚନା କରିଥିଲେ। କମିଶନର ମଧ୍ୟ ଏହି ସମସ୍ୟାଗୁଡିକୁ ଗୁରୁତ୍ୱର ସହିତ ନେଇ ପ୍ରତ୍ୟେକ ୱାର୍ଡର ସମସ୍ୟାଗୁଡିକୁ ଲିଖିତ ଭାବରେ ଦେବାକୁ ଅନୁରୋଧ କରିଥିଲେ। ତାହା ସହିତ ସେ ଖୁବ ଶୀଘ୍ର ପ୍ରତ୍ୟେକ ୱାର୍ଡକୁ ପରିଦର୍ଶନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନା ସମୟରେ ସୁନିତା ନାଗ, ଦିପା ସୁନା, କୁନ୍ତୀ ଯାଳ, ହେମନ୍ତ ହିଆଲ, ସବିତା ଦୀପ, ସମେନ୍ଦ୍ର ସିଂହ, ବିମଳା ବିଭାର, ସୁବର୍ଣ୍ଣ ନାଗ, କଳ୍ପନା ମହନନ୍ଦ, ସର୍ଜିତ କର, ଉରକିଲି ସିଂ, ତାରା ସୁନା ପ୍ରମୁଖ ଉପସ୍ଥିତ ଥିଲେ।



## ହତ୍ୟା ଅଭିଯୋଗରେ ଜଣେ ଗିରଫ

**ସମ୍ବଲପୁର, ୪।୪(ସମିସ):** ଧନୁପାଲି ପୁଲିସ ହତ୍ୟା ଅଭିଯୋଗରେ ଜଣକୁ ଗିରଫ କରିଛି। ଅଭିଯୁକ୍ତ ଧନୁପାଲି ଥାନା ସର୍ଲାକାନି ଓରାମପଡ଼ାର ଚାନ୍ଦ ଓରାମ(୩୦)। ସୂଚନା ଅନୁସାରେ ଶୁକ୍ରବାର ଓରମାପଡ଼ାର ମାଲିଆ ମୁଣ୍ଡା ଘର ବାହାରେ ଶୋଇଥିଲେ। ଏହି ସମୟରେ ଚାନ୍ଦ ତାଙ୍କ ସହ ଝଗଡ଼ା ଲାଗି ମାଡ ମାରିଥିଲେ। ପରେ ମାଲିଆଙ୍କୁ ଡାକ୍ତରଖାନା ଅଣାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁଅଙ୍କ ଅଭିଯୋଗପରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ୫ ବ୍ରାଉନ ସୁଗର ବେପାରୀ ଗିରଫ

**ସମ୍ବଲପୁର, ୪।୪(ସମିସ):** ଧଳାଜହର ବେପାର କରୁଥିବା ଅଭିଯୋଗରେ ଧନୁପାଲି ଥାନା ପୁଲିସ ୪ଜଣକୁ ଗିରଫ କରିଛି। ସେମାନେ ହେଲେ ଧନୁପାଲି ଥାନା ଭତ୍ରାର ସୁଦୀପ ମହାନନ୍ଦ(୨୭), ଧମା ଥାନା ଗୁଣ୍ଡେରପୁରର ପ୍ରେମାନନ୍ଦ ନାଗ(୨୩), ଧନୁପାଲି ଥାନା ଚାରଭାଟିର ଯୋଗେଶ ଓରାମ(୩୨), ସଦର ଥାନା ମାନେଶ୍ୱରର ସୋମନାଥ ପ୍ରଧାନ(୩୩) ଓ ଚାରଭାଟିର ରାମପାଲ ଓରାମ(୩୪)। ସେମାନଙ୍କ ନିକଟରୁ ୫୦ ଗ୍ରାମ ୪୦ ମିଲିଗ୍ରାମ ବ୍ରାଉନସୁଗର ପୁଲିସ ଜବତ କରିଛି। ସୂଚନା ଅନୁସାରେ ଶନିବାର ସକାଳୁ ଡିଅର ପାର୍କ ପାଖରେ ଏହି କାରବାର ହେଉଥିବା ନେଇ ଥାନା ଅଧିକାରୀ ଖବର ପାଇଥିଲେ। ପରେ ଚଢାଉ ବେଳେ ଉପରୋକ୍ତ ସାମଗ୍ରୀ ବାହାରିଥିଲା। ପୁଲିସ ସମସ୍ତ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଏପ୍ରିଲ ମାସରେ ଜିଲ୍ଲାପାଳଙ୍କ ଜନଶୁଣାଣି

**ସମ୍ବଲପୁର, ୪।୪(ସମିସ):** ସମ୍ବଲପୁର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଲାଗି ଏପ୍ରିଲ ମାସ ପାଇଁ କାର୍ଯ୍ୟସୂଚୀ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜାରି କରାଯାଇଛି। ଏପ୍ରିଲ ୬ ତାରିଖରେ କୁଚିଣ୍ଡା, ଏପ୍ରିଲ ୧୩ ତାରିଖରେ ମାନେଶ୍ୱର, ଏପ୍ରିଲ ୨୦ ତାରିଖରେ ନାକଟିଦେଉଳ ଏବଂ ଏପ୍ରିଲ ୨୭ ତାରିଖରେ ରେଙ୍ଗାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଜନଶୁଣାଣି ଅନୁଷ୍ଠିତ ହେବ। ଅଭିଯୋଗ ଦାଖଲ କରିବାକୁ ଥିବା ଜନସାଧାରଣ ଉପରୋକ୍ତ ତିଥି ଅନୁଯାୟୀ ବ୍ଲକ ମାନଙ୍କରେ ପୂର୍ବରୁ ଅଭିଯୋଗ ପଞ୍ଜିକରଣ ସହ ଉକ୍ତଦିନ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି।

## ଡିଏଭି ବୁର୍ଲାରେ ସିବିଏସ୍‌ଇ ପ୍ରଶିକ୍ଷଣ ଶିବିର




**ସମ୍ବଲପୁର, ୪।୪ (ସମିସ)** : ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡିଏଭି ବୁର୍ଲା ବିଦ୍ୟାଳୟରେ ସିବିଏସ୍‌ଇ ଏକଦିବସୀୟ ପ୍ରଶିକ୍ଷଣ ଶିବିର ଅୟୋଜିତ ହୋଇଯାଇଛି। ଏହି ଶିବିରକୁ ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ ଦୀପ ପ୍ରଜ୍ୱଳନ କରି ଆରମ୍ଭ କରିଥିଲେ। ଏହି ଶିକ୍ଷକ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଭାବେ ଭୀମସେନ ପଣ୍ଡା, ଅଧ୍ୟକ୍ଷ, କେନ୍ଦ୍ରୀୟ ବିଦ୍ୟାଳୟ, ଭବାନୀପାଟଣା ଏବଂ ଆଶିଷ କୁମାର ସାହୁ, ସ୍ନାତକୋତ୍ତର ଶିକ୍ଷକ, ବାଣିଜ୍ୟ, ଏସଡିଏମଟି, ପ୍ରଭାବତୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ, ଟିଟିଲାଗଡ଼ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ 'ବିଦ୍ୟାର୍ଥୀଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ଓ ସୁସ୍ଥତାର ବିକାଶ' ଉପରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ଚାରିଗୋଟି ସୋପାନ ରହିଥିଲା। ପ୍ରଶିକ୍ଷକ ଦ୍ୱୟ ବିଭିନ୍ନ କ୍ରିୟାକଳାପ ମାଧ୍ୟମରେ ଏହାକୁ ସୁନ୍ଦର ଭାବରେ ଉପସ୍ଥାପନା କରି ପ୍ରଶିକ୍ଷଣ କାର୍ଯ୍ୟକୁ ଆଗେଇ ନେଇଥିଲେ।

## ଠେମରା ଡାକ୍ତରଖାନା ବିଦ୍ୟୁତ୍ ବିଚ୍ଛିନ୍ନ ପ୍ରତିବାଦରେ ଭୀମ ଆର୍ମିର ରାସ୍ତାରୋକ

**ସମ୍ବଲପୁର, ୪।୪ (ସମିସ):** ସମ୍ବଲପୁର ଜିଲ୍ଲା ଠେମରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଦ୍ୟୁତ୍ ସଂଯୋଗ ବିଦ୍ୟୁତ୍ ବିଲ୍ ବକେୟା ଥିବାରୁ ଦିନ ୧୧ଟାବେଳେ ବିଚ୍ଛିନ୍ନ କରି ଦିଆଯାଇଥିଲା। ଏହାଦ୍ୱାରା ରୋଗୀ ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ହନ୍ତସନ୍ତ ହେବାସହ ଫ୍ରିଜର୍‌ରେ ଥିବା ବହୁମୂଲ୍ୟ ଔଷଧ ଓ ଭ୍ୟାକ୍‌ସିନ୍ ନଷ୍ଟ ହେବା ଆଶଙ୍କା ଦେଖାଦେଇଥିଲା। ଏହାକୁ ନେଇ ଭୀମ୍ ଆର୍ମି ପକ୍ଷରୁ ଠେମରା ଡାକ୍ତରଖାନା ସମ୍ମୁଖରେ ରାସ୍ତାରୋକ କରାଯାଇଥିଲା।



ପ୍ରାୟ ୩ ଘଣ୍ଟା ଧରି ରାସ୍ତା ଜାମ୍ ରହିଥିଲା। ପୁଣି ସନ୍ଧ୍ୟାରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିବା ସୂଚନା ମିଳିଛି। ଭୀମ ଆର୍ମିର ରାଜ୍ୟ ସଭାପତି ଲଙ୍କେଶ ରାବଣଙ୍କ ନେତୃତ୍ୱରେ ରୋଶନ ଆଜାଦ, ଭବନ ବୌଦ୍ଧ, ରାମ ସାହୁ, ଟିଙ୍କୁ କରାଳି, ସୁଶୀଲ ମିର୍ଦ୍ଧା, ପ୍ରମୋଦ ନାଏକ, ରାଜୁ ଧର, ରାଜେଶ ପ୍ରଧାନ, ସନ୍ତୋଷ ଚାନ୍ଦ, କୃଷ୍ଣ ସାହୁ, କୁମୁଦ ସାହୁ, ଭବାନୀ ସୋହେଲା ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ। ବିଦ୍ୟୁତ୍ ବିଲ ବକେୟାକୁ ନେଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନକୁ ସାଧାରଣରେ ନାପସନ୍ଦ କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ଠେମରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ର ବିଦ୍ୟୁତ୍ ଦେୟ ୧୫୬୦୦୦ ଟଙ୍କା ଏବଂ ମାନେଶ୍ୱର ପିଏଚ୍‌ସି (ନୂତନ)ର ୬୬୯୧୪ ଟଙ୍କା ବକେୟା ରହିଛି। ପାଣ୍ଠି ଅଭାବରୁ ଏହି ବିଲ୍ ପଇଠ କରାଯାଇ ପାରିନାହିଁ। ଠେମରା ସିଏଚ୍‌ସିର ଅଧୀକ୍ଷକ ଟିପିଡବ୍ଲୁଡିଏଲ୍ ଧନୁପାଲି ଏସ୍‌ଡିଓଙ୍କୁ ପତ୍ର ଜରିଆରେ ଏହା ପଇଠ କରିବାପାଇଁ ସରକାରଙ୍କଠାରୁ ପାଣ୍ଠି ଆସିବା ପର୍ଯ୍ୟନ୍ତ ସମୟ ମାଗିଥିଲେ। ଅନ୍ୟପକ୍ଷରେ ମାନେଶ୍ୱର ଦାୟିତ୍ୱରେ ଥିବା ଟାଟା ପାୱାର ଜୁନିଅର ଇଞ୍ଜିନିୟର ବକେୟା ଦେୟ ନଦେଲେ ୬ ତାରିଖ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବାକୁ ଚେତାବନୀ ଦେଇଥିବା ସେ ଉଲ୍ଲେଖ କରିଥିଲେ। ତେବେ, ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଗଲେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଦେବାରେ ବ୍ୟାଘାତ ହେବାସହ ଫ୍ରିଜ୍‌ରେ ରଖାଯାଇଥିବା ଭ୍ୟାକ୍‌ସିନ୍ ଆଦି ନଷ୍ଟ ହେବା ଆଶଙ୍କା ରହିଛି ବୋଲି ସୂଚନା ଦେଇଥିଲେ।

## ଅଲସୁଆ ବାବା ମିନେରାଲ ୱାଟର ପ୍ଲାଣ୍ଟ ଉଦ୍‌ଘାଟିତ

**ରେଢ଼ାଖୋଲ, ୪।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ବଂଶାଜାଳ ପଞ୍ଚାୟତ ହେଲେଇ ଗ୍ରାମରେ ଅଲସୁଆ ବାବା ଏନ୍‌ଟରପ୍ରାଇସେସ୍ ପକ୍ଷରୁ ଅଲସୁଆ ବାବା ମିନେରାଲ ୱାଟର ପ୍ଲାଣ୍ଟର ଉଦ୍‌ଘାଟିତ ହୋଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହନ୍ତ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ସରପଞ୍ଚ ଲୋକନାଥ ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ।



ଭାରତ ସରକାରଙ୍କ କ୍ଷୁଦ୍ର ଶିଳ୍ପ ଯୋଜନାରେ ମିନେରାଲ ୱାଟର ପ୍ଲାଣ୍ଟ ନିର୍ମିତ ହୋଇଛି। ସୁଲଭ ମୂଲ୍ୟରେ ଅଞ୍ଚଳବାସୀ ବିଶୁଦ୍ଧ ପାନୀୟ ଜଳ ପାଇ ପାରିବେ। ନିଜେ ସ୍ୱାବଲମ୍ବୀ ହେବା ସହ ୧୦ଜଣଙ୍କୁ ରୋଜଗାର ଦେଇପାରିଥିବା ପ୍ଲାଣ୍ଟର ମାଲିକ ପ୍ରଭାସିନୀ ପ୍ରଧାନ କହିହିଛନ୍ତି।

## ଏମ୍‌ସିଏଲ୍‌ରେ ପ୍ରତିଷ୍ଠା ଦିବସ




**ସମ୍ବଲପୁର, ୪।୪ (ସମିସ):** ଚଳିତ ଆର୍ଥିକ ବର୍ଷରେ କମ୍ପାନୀର ଚମତ୍କାର ପ୍ରଦର୍ଶନକୁ ପାଳନ କରି ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ଶୁକ୍ରବାର ପ୍ରତିଷ୍ଠା ଦିବସ ପାଳନ କରିଛି। କମ୍ପାନୀ ମୁଖ୍ୟାଳୟରେ 'ରନ୍ ଫର୍ ଏକ୍ସେଲେନ୍ସ' ରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସମସ୍ତ ନିର୍ଦ୍ଦେଶକ, ପୂର୍ବତନ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମଡି), କର୍ମଚାରୀ ଏବଂ ସେମାନଙ୍କ ପରିବାର ଉତ୍ସାହର ସହିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ଏମ୍‌ସିଏଲ ସିଏମଡି ଉଦୟ ଅନନ୍ତ କାଓଲେ କମ୍ପାନୀର ପ୍ରତିଷ୍ଠା ଦିବସ ଅବସରରେ ଏମ୍‌ସିଏଲ୍ ପରିବାରକୁ ଶୁଭେଚ୍ଛା ଜଣାଇବା ସହିତ ୨୦୨୫-୨୬ ଆର୍ଥିକ ବର୍ଷରେ କ୍ରମାଗତ ଭାବେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କମ୍ପାନୀର ପୂର୍ବତନ ନେତୃତ୍ୱଙ୍କ ଅବଦାନ ପାଇଁ କୃତଜ୍ଞତା ବ୍ୟକ୍ତକରି ଶ୍ରୀ କାଓଲେ ଦେଶର ଶକ୍ତି ଆବଶ୍ୟକତା ପୂରଣରେ ଏମ୍‌ସିଏଲକୁ ନିରନ୍ତର ସମର୍ଥନ ପାଇଁ କୋଇଲା ମନ୍ତ୍ରଣାଳୟ, କୋଲ ଇଣ୍ଡିଆ, ଓଡ଼ିଶା ରାଜ୍ୟ ପ୍ରଶାସନ, ଜନ ପ୍ରତିନିଧି ଏବଂ ଟ୍ରେଡ ୟୁନିଅନକୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଅଧିବେଶନରେ ପୂର୍ବତନ ସିଏମ୍‌ଡିମାନେ କୋଇଲା କ୍ଷେତ୍ର ସହ ଜଡ଼ିତ ସମସାମୟିକ ପ୍ରସଙ୍ଗ-କୋଇଲା ଚାହିଦା, ସମ୍ବଳର ସର୍ବୋତ୍ତମ ଉପଯୋଗ ପାଇଁ ରଣନୀତି ଇତ୍ୟାଦି ଉପରେ ନିଜର ମତ ରଖିଥିଲେ। ଏହି ଅଧିବେଶନରେ ମୁଖ୍ୟାଳୟ ସହିତ ବିଭିନ୍ନ ପରିଚାଳନା କ୍ଷେତ୍ରର ଅଧିକାରୀ, କର୍ମଚାରୀ ଏବଂ ଟ୍ରେଡ ୟୁନିଅନର ପ୍ରତିନିଧିଗଣ ସାମିଲ ହୋଇଥିଲେ। ପୂର୍ବତନ ସିଏମଡି ଏ.ଆର୍ ଶର୍ମା, ଏସ୍.ଏନ୍ ଶର୍ମା, ଏସ୍‌ଆର୍ ଉପାଧ୍ୟାୟ, ଏଏନ୍ ସହାୟ, ଏ.କେ ଝା, ଆର୍‌ଆର୍ ମିଶ୍ର, ବିଏନ୍ ଶୁକ୍ଲା, ପିକେ ସିହ୍ନା ଏବଂ ଓପି. ସିଂହଙ୍କ ସହିତ ନିର୍ଦ୍ଦେଶକ (ମାନବ ସମ୍ବଳ) କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ପିକେ ପଟେଲ, ନିର୍ଦ୍ଦେଶକ (ଅର୍ଥ) ଅଜିତ କୁମାର ବେହୁରା ଏବଂ ନିର୍ଦ୍ଦେଶକ (ବୈଷୟିକ) ଏସ୍‌କେ ଝା ଏହି ଅବସରରେ ଉପସ୍ଥିତ ଥିଲେ। 'ଷ୍ଟାର୍ ନାଇଟ୍' କାର୍ଯ୍ୟକ୍ରମରେ ପ୍ରସିଦ୍ଧ ବଲିଉଡ ଗାୟକ ପଦ୍ମଶ୍ରୀ ସୋନୁ ନିଗମ ଏକ ଲାଇଭ୍ କନ୍‌ସର୍ଟରେ ଚମତ୍କାର ପ୍ରଦର୍ଶନ ସହିତ ଉପସ୍ଥିତ ସମାବେଶକୁ ମନ୍ତ୍ରମୁଗ୍ଧ କରିଥିଲେ।

# ପ୍ରବେଶ ଉତ୍ସବରେ ଖଡ଼ି ଛୁଇଁଲେ ନବାଗତ କୁନି ଛାତ୍ରଛାତ୍ରୀ

**ସମ୍ବଲପୁର, ୪।୪(ସମିସ)**

ବ୍ରଜମୋହନ ପଟ୍ଟନାୟକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଖଡିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହେଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି ଓ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଧାୟକ ଜୟନାରାୟଣ ମିଶ୍ର ଶିଶୁବାଟିକାରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ଖଡ଼ିଛୁଆଁ କରାଇବା ସହ ଶିକ୍ଷଣ କିଟ୍ ପ୍ରଦାନ କରିଥିଲେ। ନୂଆ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଉଜାଗର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟତମ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ଓ ଧନକଉଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ କରଣ ଶର୍ମା ମଞ୍ଚାସୀନ ଥିଲେ। ବିଧାୟକ ଶ୍ରୀ ମିଶ୍ର ଶିକ୍ଷା ସଚେତନତା ରଥକୁ ପତାକା ଦେଖାଇ ସଚେତନ ଅଭିଯାନକୁ ଶୁଭାରମ୍ଭ କରିଥିଲେ। ବୁଢ଼ାରଜା ହାଇସ୍କୁଲର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଏବଂ ଲେଡିଲୁଇସ ବାଳିକା ବିଦ୍ୟାଳୟର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ଅସୀମ ପ୍ରଧାନ ମଞ୍ଚ ସଂଯୋଜନା କରିଥିଲେ। ସମଗ୍ର ଶିକ୍ଷାର ସଂଯୋଜକ ଅରୁଣ କୁମାର ଦାସ ଉତ୍ସବକୁ ପରିଚାଳନା କରିଥିଲେ। ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଧନକଉଡ଼ା ବ୍ଲକର ସାଧନ କେନ୍ଦ୍ରର ସଂଯୋଜକମାନେ ସହଯୋଗ କରିଥିଲେ।



**ରେଙ୍ଗାଲି:** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ବୋମାଲୋଇ କ୍ଲଷ୍ଟର ବିଞ୍ଜିପାଲି-କ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଆଦିତ୍ୟ ଆଲୁମିନା ଲପଙ୍ଗାର ଜଗନ୍ନାଥ ପ୍ରସାଦ ନାୟକ, ସମ୍ମାନିତ ଅତିଥି ଭାବରେ ବୋମାଲୋଇ ପୂର୍ବତନ ସରପଞ୍ଚ ଶେଷଦେବ ପଧାନ, ସିଏସଆର୍ ମୁଖ୍ୟ ରବି ନିବାସ ପ୍ରଶାନ୍ତ କୁମାର ମିର୍ଦ୍ଧା, ଗଙ୍ଗାଧର ମିର୍ଦ୍ଧା, ଗୁନମନି ସାହୁ, ହରିବନସ ବାଙ୍କା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ସଭାକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୀବ କୁମାର ନାୟକ ପରିଚାଳନା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଦମୟନ୍ତୀ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅଦିତ୍ୟ ଆଲୁମିନିୟମ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପାଇଁ ଜଳ ବିଶୋଧନ ଯନ୍ତ୍ର ପ୍ରଦାନ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ନାକଟିଦେଉଳ:** ସରାପାଲି ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ମୁଖ୍ୟବକ୍ତା ପୁରାତନ ଛାତ୍ର ସଂସଦ ସଭାପତି ନାରାୟଣ ସାହୁ, ସରାପାଲି ସରପଞ୍ଚ ଶିବାନୀ ବାରିକ, ସମିତି ସଭ୍ୟା ନିରୁପମା ନାଏକ, ସ୍କୁଲ ଉନ୍ନୟନ କମିଟି ସଭାପତି ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ସସ୍ମିତା ମାଝୀ ସଭାପତି ଦାୟିତ୍ୱ ତୁଲାଇ ଥିବା ବେଳେ ସହକାରୀ ଶିକ୍ଷକ ତପନ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମ ଦିବସରେ ଷଷ୍ଠ ଶ୍ରେଣୀରେ ୧୭ ଜଣ ଏବଂ ନବମ ଶ୍ରେଣୀରେ ୧୩ ଜଣ ଛାତ୍ରଛାତ୍ରୀ ନାମ ଲେଖାଇ ଥିଲେ। ଶେଷରେ କାର୍ଯ୍ୟାଳୟ ସହାୟକ ଦିବ୍ୟକାନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ଜମନକିରା:** କଦଳୀମୁଣ୍ଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସିଂ ଙ୍କ ତତ୍ତ୍ୱାବଧାନରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଅନୁଷ୍ଠିତ ହୋଇ ଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠି ଅଧିକାରୀ ଦେବକୀ ନାୟକ, ସମ୍ମାନିତ ଅତିଥି ଗ୍ରାମ୍ୟ ଶିକ୍ଷା କମିଟି ସଭାପତି ଝରଣା ସା, ୱାର୍ଡ ମେମ୍ବର ଶ୍ରୀପତି ଦେହୁରୀ, ଗ୍ରାମ୍ୟ ଶିକ୍ଷା କମିଟି ସଭ୍ୟା ପ୍ରମିଳା ଭଞ୍ଜ ପ୍ରମୁଖ ଯୋଗ ଦେଇଥିଲେ।ଶିଶୁ ବଟିକା ଛାତ୍ରଛାତ୍ରୀଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ସୁବୋଧ କୁମାର ଶବର, ସୁନିତା ପ୍ରଧାନ, ସିଆରସି ସନ୍ତୋଷ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଚକୁଲିଆବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଶିକ୍ଷକ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ଓ ଚକଲେଟ ପ୍ରଦାନ କରିଥିଲେ। ସିଆରସିସି ରାମନାରାୟଣ ବରିହାଙ୍କ ଉପସ୍ଥିତିରେ ସହକାରୀ ଶିକ୍ଷକ ହରେ କୃଷ୍ଣ ବନଛୋର ନାମ ଲେଖାଇ ରେଜିଷ୍ଟରରେ ସମସ୍ତ ତଥ୍ୟ ପୂରଣ କରିଥିଲେ। ପୁରାତନ ଛାତ୍ରଛାତ୍ରୀଙ୍କୁ ଦ୍ୱାରା ଅଭିନୟ ବାଘ ଓ ସିଂହ ପ୍ରର୍ଦ୍ଦଶନ କରିଥିଲେ।

**ରେଢ଼ାଖୋଲ:** ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ କୁକୁଡାବାହାଲି ପଞ୍ଚାୟତ ଶିଶୁପର୍ଣ୍ଣ ସରକାରୀ ଉ.ପ୍ରା ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ଅନୁଷ୍ଠିତ ହୋଇଅଛି। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଶିଶୁବାଟିକା ଶ୍ରେଣୀରେ ନାମ ଲେଖାଇଥିବା ଶିଶୁଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୁଧିଷ୍ଠିର ବେହେରା ସମସ୍ତଙ୍କୁ ଖଡିଛୁଆଁ କାର୍ଯ୍ୟ କରାଇଥିଲେ।ଶିକ୍ଷୟିତ୍ରୀ ଲିଲିବତୀ ପ୍ରଧାନ ବିଭିନ୍ନ ଉପକରଣ ବ୍ୟବହାର କରି କିଛି ଖେଳ ପିଲାଙ୍କ ମାଧ୍ୟମରେ କରାଇଥିଲେ। ଶିକ୍ଷୟିତ୍ରୀ ମମତା ପ୍ରଧାନ ଗପ ଶୁଣାଇ ଥିଲେ ଓ ଅନ୍ୟ ଦୁଇ ଶିକ୍ଷୟିତ୍ରୀ ପଙ୍କଜିନୀ ଲୁହୁରା ଓ ଇତିଶ୍ରୀ ନାଗ ପିଲାଙ୍କୁ ଗୀତ ଓ ନୃତ୍ୟ କରାଇଥିଲେ। ଶେଷରେ ପ୍ରଧାନ ଶିକ୍ଷକ ସମସ୍ତଙ୍କୁ ଚକୋଲେଟ ଓ ବିସ୍କୁଟ ବଣ୍ଟନ କରିବା ସହିତ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ THE SAKALA
ରବିବାର ୫ ଏପ୍ରିଲ, ୨୦୨୬



# ଉତ୍ସବମୁଖର ହେଲା ସରକାରୀ ସ୍କୁଲ

**ବରଗଡ଼, ୪।୪(ସମିସ)**

ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ସ୍ଥାନୀୟ ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟ ଅମ୍ବାପାଲି ଠାରେ ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଜିଲ୍ଲା ପରିଷଦ ଅଧକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ପୌରାଧକ୍ଷା କଳ୍ପନା ମାଝୀ, ଡାଏଟ୍ ଅଧକ୍ଷ ରଜନୀକାନ୍ତ ଦାଶ, ଏଡିଇଓ ସରୋଜ ଭୁଏ, ଅମୃତା ସାହୁ, ବରଗଡ଼ ବିଇଓ ଡ.ସୁରେନ୍ଦ୍ର ସାହୁ, କାଉନସିଲର ଦୀପାଞ୍ଜଳି ବାଗ, ପ୍ରଧାନଶିକ୍ଷକ ସର୍ବେଶ୍ୱର ରଥ, ଅମ୍ବାପାଲି ହାଇସ୍କୁଲ ଆଲୁମିନି ସଭାପତି ସୁରେଶ ମହାପାତ୍ର, ପୁଷ୍ପାଞ୍ଜଳି ଦାଶ, ଅନିଲ ସାବତ, ମିଥୁନ ସାମଲ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ସମସ୍ତଙ୍କୁ ସ୍ୱାଗତ କରି ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପରେ ସମସ୍ତ ଅତିଥି ନୂତନ ଭାବେ ନାମ ଲେଖାଉଥିବା ଛାତ୍ରଛାତ୍ରୀଙ୍କୁ ଖଡି ଛୁଆଁଇ ଥିଲେ ଓ ଶିକ୍ଷଣ ଉପକରଣ ବଣ୍ଟନ କରିଥିଲେ । ସରକାରଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷା ସଚେତନତା ରଥକୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍ ତଥା ଉପସ୍ଥିତ ଅତିଥି ବୃନ୍ଦ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସାମୂହିକ ଭାବେ ଖଡି ଛୁଇଁଥିଲେ । ଗୋବିନ୍ଦ ସେଠ୍ ସଭା ପରିଚାଳନା କରିଥିଲେ ଓ ଏଡିଇଓ ସରୋଜ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ ।

**ବରଗଡ଼:** ସ୍ଥାନୀୟ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ତତ୍ତ୍ୱାବଧାନରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦାଶରଥି ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସାମାଜିକକର୍ମୀ ସଂଘମିତ୍ରା ପଟେଲ, ଅବସରପ୍ରାପ୍ତ ଶିକ୍ଷକ କପିଳେଶ୍ୱର ବାଗ ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ତ୍ରିପାଠୀ ଉପସ୍ଥିତ ଥିଲେ । ଶିକ୍ଷୟିତ୍ରୀ ସୁନୀତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଭାରତୀ ଶିଶୁ ସାହିତ୍ୟ ସଂସଦର ସମ୍ପାଦିକା ଛାତ୍ରୀ ସାଲିନୀ ସା ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ଅବସରରେ ନୂତନ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯିବା ସହ ଶିଶୁ ବାଟିକା ଛାତ୍ରୀ ମାନଙ୍କୁ ଖଡି ଛୁଆଁ ଯାଇଥିଲା ।

**ପଦ୍ମପୁର:** ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଲଖମରାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ହେତାଙ୍କ ତତ୍ତ୍ୱାବଧାନରେ ବାଳବାଟିକା ତଥା ନୂତନ ଭାବେ ନାମ ଲେଖାଇଥିବା ପ୍ରଥମରୁ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କର ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ ପାଳିତ ହୋଇଯାଇଛି । ଜିଲ୍ଲାପରିଷଦ ସଭ୍ୟା ବାସନ୍ତୀ ବାଲାମ, ମଧୁସୂଦନ ଦାସ, ସମାଜସେବୀ ନାରାୟଣ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ତ୍ରିବିକ୍ରମ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପିଲାମାନଙ୍କୁ ଫୁଲଚନ୍ଦନ ଲଗାଇ ସ୍ୱାଗତ ପରେ ପ୍ରଧାନଶିକ୍ଷକ ଓ





ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଖଡିଛୁଆଁ ହୋଇଥିଲା । ବ୍ରଜକିଶୋର ଭିଲଙ୍କ ଦ୍ୱାରା ଆୟୋଜିତ ବୈଠକରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ପିଲାମାନଙ୍କୁ ନେଇ ଷ୍ଟଲ ଗୁଡିକରେ ବିଭିନ୍ନ କାର୍ଯ୍ୟକଳାପ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ରଜନୀ ଭୋଇ, ଯୁଧିଷ୍ଠିର ପ୍ରଧାନ, ମିନିତା ବରିହା, କଳ୍ପନା ସାହୁ, ରଶ୍ମିତା ଦଣ୍ଡସେନା, ଅନିରୁଦ୍ଧ ଖମାରୀ, ସୁଶାନ୍ତ ଭୋଇ, ଅକ୍ଷୟ ପଟେଲ, ଉମା ସାହୁ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଶେଷରେ ଦେବବ୍ରତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

**ପଦ୍ମପୁର:** ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଦ୍ମପୁରରେ ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି । ନୂତନ ଭାବେ ନାମ ଲେଖିଥିବା ୧୬ ଜଣ ଛାତ୍ରୀଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରା ଯାଇଥିଲା । ପ୍ରଧାନଶିକ୍ଷୟିତ୍ରୀ ପହଣ୍ଡି ବିଜୟ ମେହେରଙ୍କ ସଭାପତିତ୍ୱରେ ସ୍ୱାଗତ ସଭା ଅନୁଷ୍ଠିତ ହୋଇଥିଲା । ସଭାକୁ ମାନସରଞ୍ଜନ ଶତପଥୀ ପରିଚାଳନା କରିଥିଲା ବେଳେ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ଉଦ୍ଦେଶ୍ୟ ଜ୍ଞାପନ କରଥିଲେ । ପୂଜାରାଣୀ ନାୟକ ଓ ବୃନ୍ଦବତୀ ସାହୁ ବିଦ୍ୟାଳୟ ନିୟମ ବିଷୟରେ ଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ । ପ୍ରତ୍ୟେକ ପିଲାଙ୍କୁ ଏକ ପ୍ରବେଶ ପତ୍ର, ବ୍ୟାଜ, ବେଲ୍ଟ, ଖାତା ଓ କଲମ ଦିଆ ଯାଇଥିଲା । ଶେଷରେ ଜ୍ୟୋତ୍ସ୍ନାରାଣୀ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ରବୀନ ପଧାନ, ମନୀଷା ଭୋଇ, ପ୍ରଭାତ ସାହୁ, ଖୁଶବୁ ବରିହା, ଜ୍ୟୋତିରେଖା ମହାନନ୍ଦ, ଅମନ ପଣ୍ଡା, ପ୍ରଭାତୀ ପଟ୍ଟନାୟକ, ମମତା ମିଶ୍ର, ନୀଳିମାରାଣୀ ମହାନ୍ତି, ସୁଷମା ଦାଶ, ଦୁଷ୍ମନ୍ତ ଛତର, କମଳାକୁମାର ଓ ପ୍ରଭାସିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

**ବରପାଲି:** ସମଲେଶ୍ୱରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ହୋଇଯାଇଛି । ବ୍ଲକ ଅଧକ୍ଷା ରୀନା ଥଇତ ମୁଖ୍ୟ ଅତିଥି ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲୋକନାଥ ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁକୁନ୍ଦ ମାହରା ଓ ପ୍ରଧାନଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ସୁନା ମଞ୍ଚାସୀନ ଥିଲେ । ସିଆରସିସି ରବିନାରାୟଣ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସିଆରସିସି ଅନିଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଖେଳଘର, ରଙ୍ଗ ଦୁନିଆ, ରଙ୍ଗପସରା, ଗପରାଇଜ ଆଦି ବିଭିନ୍ନ ଷ୍ଟଲରେ ଶିକ୍ଷକ ଶିକ୍ଷୟିତ୍ରୀ ଅବିଭାବକଙ୍କ ଉପସ୍ଥିତିରେ ପିଲାଙ୍କ ସହ ଶିକ୍ଷଣ କାର୍ଯ୍ୟ ହୋଇଥିଲା । ସିଆରସିସି ଶ୍ରୀନିବାସ ପଧାନ, କ୍ଷେତ୍ର ମେହେର, ଫକୀର ମେହେର, କୃଷ୍ଣଚନ୍ଦ୍ର ମେହେର, ବାଳକୃଷ୍ଣ ମେହେର, ଦୀପକ ପଧାନ, ନିମାଇଁ ଚରଣ ଦାସ, ଅଶୋକ ସାହୁ, ଉତ୍ତମ ଦେହୁରୀ, ବିଆରସିସି ଦୁର୍ଯ୍ୟୋଧନ ସିଂହଙ୍କ ତତ୍ତ୍ୱାବଧାନରେ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଶିକ୍ଷା ସଚେତନତା ରଥକୁ ବ୍ଲକ ଚେୟାରମ୍ୟାନ ରୀନା ଥଇତ ସବୁଜ ପତାକା ଦେଖାଇ ପ୍ରାରମ୍ଭ କରିଥିଲେ ।

**ପାଇକମାଳ:** ପାଇକମାଳ ବ୍ଲକ ଡୁଙ୍ଗୁରିପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ଦିବସ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପାଇକମାଳ ବ୍ଲକ ଅଧକ୍ଷା ଭାବନା ସିଂ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗିରୀଶ ଚନ୍ଦ୍ର ନାୟକ, ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତି ଏବଂ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର, ଦୁବରାଜ ବେସରା ଓ ଚକାମନ ସୁନା ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ଦୟାସାଗର ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁମାନଙ୍କର ଖଡିଛୁଆଁ ସମ୍ପନ୍ନ ହୋଇଥିଲା । ମୋଟ ୧୭ ଜଣ ନୂତନ ଛାତ୍ରଛାତ୍ରୀ ବିଦ୍ୟାଳୟରେ ନାମ ଲେଖାଇଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ଓ ଶିକ୍ଷା ଉପକରଣ ବଣ୍ଟନ କରାଯାଇ ଉତ୍ସବ ସମାପନ ହୋଇଥିଲା ।

**ପାଇକମାଳ:** ଚେରଙ୍ଗାଝାଞ୍ଜି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଲାଙ୍କର ପ୍ରବେଶ ଓ ରଡ଼ିଛୁଆଡ଼ଁ ଉତ୍ସବ ପାଳିତ ହୋଇଛି । ପ୍ରଧାନଶିକ୍ଷକ ସହଦେବ ମାଝୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ପଦ୍ମଲୋଚନ ସାହୁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ କ୍ଲଷ୍ଟର ସିଆରସିସି ଉଗ୍ରସେନ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ କର୍ଣ୍ଣ ଗଏଁତା, କ୍ଷିତରାଜ ଗଏଁତା ଉପସ୍ଥିତ ଥିଲେ । ଚେରଙ୍ଗାଝାଞ୍ଜି କ୍ଲଷ୍ଟରରେ ପ୍ରଥମ ଦିବସରେ ଶିଶୁ ବାଟିକାରେ ୪୦ ଜଣ ନାମ ଲେଖାଇ ଥିବା ବେଳେ ଷଷ୍ଠ, ସପ୍ତମରେ ଜଣେ ଲେଖାଏଁ ଏବଂ ନବମ ଶ୍ରେଣୀରେ ୧୬ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି ।

**ଭେଡେନ:** ଭେଡେନ ବ୍ଲକ ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁବେଡେଗା ଠାରେ ଭେଡେନ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭେଡେନ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଭେଡେନ ଗୋଷ୍ଠୀ ଉନ୍ନୟନ ଅଧିକାରୀ କର୍ଣ୍ଣ ସୁନା, ସମ୍ମାନିତ ଅତିଥି ଭାବେ ଭେଡେନ ଅତିରିକ୍ତ ତହସିଲଦାର ନରହରି ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରି ହେମବତୀ ମେହେର, କୁବେଡେଗା ପଞ୍ଚାୟତ ସରପଞ୍ଚ ଜନ୍ମେଜୟ ମିଶ୍ର, ଭେଡେନ ଆଶା କମିଟିର ସଭାପତି ସୁବୋଧ ଶତପଥୀ, ସୂର୍ଯ୍ୟମଣି ଜନତା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷା ସଚେତନତା ରଥକୁ ପଣ୍ଡିତ ଘାସିରାମ ଶତପଥୀ ପୂଜା କରିଥିଲେ । ସମସ୍ତ ଅତିଥିବୃନ୍ଦ ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ । ଏହାପରେ ବିଦ୍ୟାଳୟ ପରିସରରେ ଶିଶୁବାଟିକା ଶ୍ରେଣୀରେ ନାମ ଲେଖାଇବାକୁ ୨୦ ଜଣ ଛାତ୍ରଛାତ୍ରୀଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାହୋଇଥିଲା । ସରକାରଙ୍କ ଦ୍ୱାରା ପ୍ରଦତ୍ତ ଶିଶୁବାଟିକା କିଟ୍ ପ୍ରଦାନ ସହ ଖଡିଛୁଆଁ ହୋଇଥିଲା । ବିଭିନ୍ନ ସୃଜନଶୀଳ କୋଣ ଯଥା ରଙ୍ଗ ପସରା, ଖେଳଘର, ଗପରାଇଜ ଆଦି ଷ୍ଟଲ ଗୁଡିକ ବୁଲି ସମସ୍ତ ଅତିଥିବୃନ୍ଦ ଦେଖିଥିଲେ । ପ୍ରଥମ ଦିବସରେ ଶିକ୍ଷା ସଚେତନତା ରଥ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଛାଲୁକୁଲୁଣ୍ଡା, ସରକାରୀ ପ୍ରାଥମିକ ବିଦ୍ୟାଳୟ, ଲିମଟିକ୍ରା, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବହଳପାଲି, ସରକାରୀ ପ୍ରାଥମିକ ବିଦ୍ୟାଳୟ, ତାଳମେଣ୍ଡା, ସରକାରୀ ବାଳକ ପ୍ରାଥମିକ ବିଦ୍ୟାଳୟ, ରେମୁଣ୍ଡା, ସରକାରୀ ବାଳିକା ପ୍ରାଥମିକ ବିଦ୍ୟାଳୟ, ରେମୁଣ୍ଡା, ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ରେମଣ୍ଡା, ସରକାରୀ ପ୍ରାଥମିକ ବିଦ୍ୟାଳୟ, ବକଟି, ସରାକାରୀ ପ୍ରାଥମିକ ବିଦ୍ୟାଳୟ, ଶ୍ରୀରାମ ନଗର, ସରକାରୀ ପ୍ରାଥମିକ ବିଦ୍ୟାଳୟ, ଛନାପତି ଟିକ୍ରା, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଥୁଆପାଲି ପ୍ରମୁଖ ସ୍ଥାନକୁ ଭ୍ରମଣ କରିଥିଲା ।

**ଭଟଲି:** ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଭଟଲି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷୟିତ୍ରୀ ମନୋଜା ଗଡ଼ତିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଟଲି ଅତିରିକ୍ତ ତହସିଲଦାର ଭୁପେଶ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଭଟଲି ଏବିଇଓ ରୀତାରାଣୀ ତ୍ରିପାଠୀ, ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ପଧାନ, ସିଆରସିସି ଲୋକନାଥ ମେହେର, ସତିହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ପ୍ରବେଶ ଉତ୍ସବ ଓ ଖଡି ଛୁଆଁ କାର୍ଯ୍ୟକ୍ରମରେ ଜନ ସଚେତନତା ରଥକୁ ମୁଖ୍ୟ ଅତିଥି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ନବାଗତ ଶିଶୁ ବାଟିକା ଛାତ୍ରଛାତ୍ରୀଙ୍କୁ ଶିକ୍ଷା ବିଭାଗ ତରଫରୁ ପାଠ୍ୟ ଉପକରଣ କିଟ୍ ବଣ୍ଟନ କରାଯାଇଥିଲା ।

**ଝାରବନ୍ଧ:** ଝାରବନ୍ଧ ବ୍ଲକର ଜାମପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିଶୁ ବାଟିକାରେ ପ୍ରବେଶ ଉତ୍ସବ ଓ ଖଡିଛୁଆ କାର୍ଯ୍ୟକ୍ରମ ହୋଇଯାଇଛି । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପୁଷ୍ପଗୁଚ୍ଛ, ଫୁଲ ଚନ୍ଦନ ଦେଇ ସ୍ୱାଗତ କରିବା ପରେ ଖଡିଛୁଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୋଟ ୧୪ ଜଣ ଶିଶୁ ବାଟିକାରେ ନାମ ଲେଖାଇଥିବା ବେଳେ ତନ୍ମଧ୍ୟରୁ ୯ ଜଣ ବାଳକ ଏବଂ ୫ ଜଣ ବାଳିକା ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକରୋହିତ କଲେତ ସୂଚନା ଦେଇଛନ୍ତି । ଶିକ୍ଷୟିତ୍ରୀ ସୁଦ୍ଧାଞ୍ଜଳି ଦୀପ, ଝରଣା ଛତ୍ରୀଆ, ସଂତୋଷି ମଲ୍ଲିକଙ୍କ ଶିଶୁ ସେବୀକା ତପସ୍ୱିନୀ ସୁନା ଉପସ୍ଥିତ ଥିଲେ । ଜାମପାଲି ଗ୍ରାମ୍ୟ କମିଟି ସମ୍ପାଦକ ସୋମନାଥ ବାଗ, ରିପନ ଦୀପ, ବିଦ୍ୟାଳୟ ଅଧକ୍ଷ ପ୍ରମୋଦ ଚନ୍ଦ୍ର ସାହୁ ପ୍ରମୁଖ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ ।

**ଅତାବିରା:** ଅତାବିରା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଠାରେ ବ୍ଲକ ଶିକ୍ଷା ସଚେତନତା ରଥକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାର ଶନିବାର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ସମୟରେ ଛାତ୍ରଛାତ୍ରୀଙ୍କ ଗହଣରେ ଏବିଇଓ କାର୍ତ୍ତିକ ବାଗ, ସିଆରସିସି ନୃପ ଭୋଇ, ନନ୍ଦିଘୋଷ ଭୁଏ, ରଞ୍ଜନ ବାଗ, କୃତାର୍ଥ ଚନ୍ଦ୍ର ଭୁଏ, ଧରମ ନାଏକ, ଆଶିଷ ନାଥ, ସୁବାଷ ମହାନନ୍ଦ, ବଳରାମ ମେହେର, ରଶ୍ମୀରାଣୀ ନନ୍ଦ, ରାଜୀବ ବିଶ୍ୱାଳ, ସୀତାପତି ପ୍ରଧାନ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅତାବିରାର ପ୍ରଧାନଶିକ୍ଷୟିତ୍ରୀ ସୁଜାତା ପ୍ରଧାନୀ ଉପସ୍ଥିତ ଥିଲେ । ଏହି ରଥ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ବ୍ଲକର ବିଭିନ୍ନ ଗାଁ ତଥା ବିଦ୍ୟାଳୟ ପରିଭ୍ରମଣ କରିବ । ସେପ୍ଟେମ୍ବର ସୁଦ୍ଧା ୫ ଏବଂ ୬ ବର୍ଷ ପୂର୍ଣ୍ଣ ହୋଇଥିବା ପିଲାଙ୍କୁ ଶିଶୁ ବାଟିକା ଏବଂ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ସଚେତନତା ସୃଷ୍ଟି କରିବ । ରଥଟି ବିଇଓ ଅଫିସରୁ ବାହାରି ପ୍ରଥମେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖଇରପାଲି ପହଞ୍ଚିଥିଲା । ସେଠାରେ ପ୍ରଧାନଶିକ୍ଷକ ପ୍ରମୋଦ ମେହେର ଏବଂ ସମସ୍ତ ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷାରଥକୁ ସ୍ୱାଗତ କରିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ନିଜେ ଶିଶୁ ବାଟିକାରେ ନାମ ଲେଖାଇଥିବା ପିଲାଙ୍କୁ ଖଡି ଛୁଆଁଇ ଥିଲେ ।

## ୧୩.୫ କେଜି ଗଞ୍ଜେଇ ସହ ୨ ବାଇକ୍ ଜବତ, ୨ ଗିରଫ



**ଝାରବନ୍ଧ/ପଦ୍ମପୁର, ୪।୪(ସମିସ):** ଜଗଦଲପୁର ପୁଲିସ ବେଆଇନ ଗଞ୍ଜେଇ ଚାଲାଣ ବେଳେ ୧୩.୫ କିଲୋ ଗଞ୍ଜେଇ ଜବତ କରିବା ସହ ଦୁଇ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକମାନେ ହେଲେ ବରଗଡ଼ ଜିଲ୍ଲା ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ଅମ୍ବାମୁଣ୍ଡା ଗାଁର ଅନିଲ ଠେଲା (୨୨) ଓ ରାଜେନ୍ଦ୍ର ପଟେଲ (୨୨) । ସେମାନେ ଦୁଇଟି ବାଇକ୍ ଯୋଗେ ଗଞ୍ଜେଇ ଛତିଶଗଡ଼କୁ ଚୋରାଚାଲାଣ କରୁଥିଲେ । ଖବରପାଇ ଜଗଦଲପୁର ଥାନା ଅଧିକାରୀ ଦୀପ୍ତିରଞ୍ଜନ ଦିଗାଳଙ୍କ ତତ୍ତ୍ୱାବଧାନରେ ପୁଲିସ ଟିମ ଏମ୍‌ଡିଆର ୩୬ ରାସ୍ତାର ଗଛ ଡୁଙ୍ଗୁରୀ ନିକଟରେ ଶୁକ୍ରବାର ସକାଳେ ଚଢ଼ଉ କରିଥିଲା । ଚଢ଼ଉରେ ପୁଲିସ ୧୩ କିଲୋ ୫୦୦ ଗ୍ରାମ ଗଞ୍ଜେଇ ସହ ୨ଟି ବାଇକ୍ ଓ ୨ଟି ମୋବାଇଲ ଫୋନ ଜବତ କରିଛି । ଜଗଦଲପୁର ଥାନାରେ ଏନେଇ ମାମଲା ରୁଜୁ କରାଯାଇଛି । ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ପୁଲିସର ଅଧିକ ତଦନ୍ତ ଚଳାଇଛି ।

## ଘେଁସରେ ବିଦ୍ୟୁତ୍ ବିଭ୍ରାଟ | ବିଭାଗୀୟ ଅଫିସ ଘେରିଲେ ଚାଷୀ

**ମେଲଛାମୁଣ୍ଡା, ୪।୪(ସମିସ):** ସୋହେଲା ବ୍ଲକ ଘେଁସ ଅଞ୍ଚଳରେ ଉତ୍କଟ ବିଦ୍ୟୁତ ସମସ୍ୟାକୁ ନେଇ ଶନିବାର ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ବିଜୁଳି ବିଭ୍ରାଟ ଯୋଗୁଁ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଥିବା ପ୍ରତିବାଦରେ ଆଜି ଶହ ଶହ ଚାଷୀ ଘେଁସ ସ୍ଥିତ ବିଦ୍ୟୁତ ସେକ୍ସନ ଅଫିସ ଘେରଉ କରିଥିଲେ । ଚଳିତ ରବି ଋତୁରେ ଘେଁସର ଚାଷୀ ମୁଖ୍ୟତଃ ଗଭୀର ନଳକୂପ ଉପରେ ନିର୍ଭରଶୀଳ । ମାତ୍ର ବିଭାଗୀୟ ଅବହେଳା ଯୋଗୁଁ ଦିନକୁ ମାତ୍ର ୭ରୁ ୮ ଘଣ୍ଟା ବିଜୁଳି ରହୁଛି ଓ ବଳକା ସମୟ ଲୋ-ଭୋଲଟେଜ୍ ଯୋଗୁଁ ମୋଟର ଚାଲିପାରୁ ନାହିଁ । ଫଳରେ ପାଣି ଅଭାବରୁ ହଜାର ହଜାର ଏକର ଧାନଚାଷ ଉଜୁଡିବାକୁ ବସିଲାଣି । ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିଦ୍ୟୁତ ବିଭାଗ କର୍ଣ୍ଣପାତ କରୁ ନଥିବା ଚାଷୀ ଅଭିଯୋଗ କରିଛନ୍ତି । ଆଜି ଚାଷୀ ନିଜର ହକ ପାଇଁ ଅଫିସରେ ପହଞ୍ଚିଥିଲେ । କିନ୍ତୁ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ବିଦ୍ୟୁତ ବିଭାଗୀୟ ଏସଡିଓ ସନ୍ଦୀପ ପଟ୍ଟନାୟକ ଓ ଜେଇ ତୁଷାର କମଲିଆ ଏତେ ସଂଖ୍ୟକ ଚାଷୀଙ୍କୁ ଦେଖି ଅଫିସରୁ ଚମ୍ପଟ ମାରିଥିଲେ । ଶାନ୍ତି ସୁରକ୍ଷା ଦୃଷ୍ଟିରୁ ଉପସ୍ଥିତ ମେଲଛାମୁଣ୍ଡା ଥାନାର ଥାନାଧିକାରୀ ମନୋହର ପ୍ରଧାନ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ଫୋନ ଉଠାଇ ନଥିଲେ । ଥାନାଧିକାରୀଙ୍କ ଅନୁରୋଧ କ୍ରମେ ପରେ



ପଦ୍ମପୁର ଏସ୍‌ଡିପିଓ ପାଣ୍ଡବ ଶବର ସମନ୍ୱୟ ରକ୍ଷା ପାଇଁ ଏସ୍‌ଡିଓଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ । ପରେ ଏସ୍‌ଡିଓ/ ଜେଇ 'ଆମେ ଛୁଟିରେ ଅଛୁ, ଆମକୁ ଡାକି ପାରିବେନି' କହି ଦାୟିତ୍ୱରୁ ଖସିଯିବାକୁ ଚେଷ୍ଟା କରିଥିବା ଚାଷୀ ମହଲରେ ଚର୍ଚ୍ଚା ହେଉଛି । ବରଗଡ଼ରୁ ବିଦ୍ୟୁତ ବିଭାଗୀୟ ନିର୍ବାହୀଯନ୍ତ୍ରୀ ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀ ଚାଷୀଙ୍କ ସହ ଆଲୋଚନା କରିଥିଲେ । ସଂଯୁକ୍ତ କୃଷକ ସଙ୍ଗଠନର ଚାଷୀ ନେତା ରମେଶ ମହାପାତ୍ର, ଆଦିବାସୀ ମହାସଂଘର ଗୋବିନ୍ଦ ବରିହା, ଚାଷୀ ନେତା କୁଞ୍ଜବିହାରୀ ପ୍ରଧାନ, କୋଶଳ ସଂଗ୍ରାମୀ କୃତାର୍ଥ ପ୍ରଧାନ, ପ୍ରଫୁଲ୍ଲ ନାଗ, ଉମାକାନ୍ତ ସାହୁ ଓ ଅନ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆଗାମୀ ୩ରୁ ୪ ଦିନ ମଧ୍ୟରେ ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ଏବଂ ନିରବଚ୍ଛିନ୍ନ ବିଜୁଳି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଚାଷୀ ଧାରଣାକୁ ସ୍ଥଗିତ ରଖିଛନ୍ତି । ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ୟା ଦୂର ନହୁଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ଏବଂ ଜିଲ୍ଲା ମୁଖ୍ୟାଳୟ ଘେରଉ, ରାଜରାସ୍ତା ବନ୍ଦ କରାଯିବ ବୋଲି ଚାଷୀ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ବୋଲେରୋ-ବାଇକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଅମ୍ବାଭୋନା, ୪।୪ (ସମିସ):** ଅମ୍ବାଭୋନା ବ୍ଲକ ଅଧୀନ ଗଣ୍ଡିଆପାଲି ଗାଁରେ ଘଟିଥିବା ସଡକ ଦୁର୍ଘଟଣାରେ ଆହତ ଯୁବକଙ୍କ ଶେଷରେ ମୃତ୍ୟୁ ଘଟିଛି । ମୃତକ ଯୁବକ ହେଲେ ଲୁଦୁପାଲି ଗାଁର ରାମେଶ୍ୱର ପାତିକାର (୩୮) । ଗତ ୨୮ ତାରିଖରେ ରାମେଶ୍ୱର ଚିଖିଲି ଗାଁରୁ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ଗଣ୍ଡିଆପାଲି ନିକଟରେ ବିପରୀତ ଦିଗରୁ ଆସୁଥିବା ବୋଲେରୋ ସହିତ ଧକ୍କା ହୋଇଥିଲା । ଏଥିରେ ସେ ବାଇକରୁ ଛିଟକି ପଡ଼ି ମୁଣ୍ଡରେ ଗୁରୁତର ଆଘାତ ପାଇଥିଲେ । ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଭୁକ୍ତା ସରକାରୀ ଡାକ୍ତରଖାନାକୁ ନେଇଥିଲେ । ଅଧିକ ରକ୍ତସ୍ରାବ ଯୋଗ ଅବସ୍ଥା ଗୁରୁତର ହେବାରୁ ବରଗଡ଼ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଶେଷରେ ବରଗଡ଼ର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ଘଟିଛି । ଏନେଇ ଅମ୍ବାଭୋନା ଥାନାରେ ମାମଲା ରୁଜୁ ହେବା ସହ ବୋଲେରୋ ଓ ବାଇକକୁ ଜବତ କରାଯାଇଛି ।

## ଓଡ଼ିଆରେ ନାମ ଫଳକ ଅଭିଯାନ

**ବରଗଡ଼, ୪।୪(ସମିସ):** ଆମ ଓଡ଼ିଆ ଭାଷାର ମର୍ଯ୍ୟାଦା ଓ ସମ୍ମାନ ବୃଦ୍ଧି ପାଇଁ ସାରା ରାଜ୍ୟରେ ଓଡ଼ିଆ ପକ୍ଷ ୨୦୨୬ର ଚତୁର୍ଥ ଦିବସରେ ଓଡ଼ିଆରେ ନାମ ଫଳକ ଅଭିଯାନ ଆୟୋଜିତ ହୋଇଛି । ଏହି କ୍ରମରେ ଶନିବାର ବରଗଡ଼ରେ ସଚେତନତା ପଦଯାତ୍ରା କାର୍ଯ୍ୟକ୍ରମ କରାଯାଇଛି । ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଅନ୍ୟାନ୍ୟ ପଥ ଦେଇ ଆରକ୍ଷୀ ଅଧିକାରୀଙ୍କ କାର୍ଯ୍ୟାଳୟ ଯାଏଁ ପହଞ୍ଚିଥିଲା । ପଦଯାତ୍ରା ମାଧ୍ୟମରେ ଦୋକାନ ବଜାର, ଶିଳ୍ପ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ବାଣିଜ୍ୟିକ ପ୍ରତିଷ୍ଠାନ ବା ଜିଲ୍ଲାରେ ପ୍ରତିଷ୍ଠିତ ସଂସ୍ଥା ନିଜର ନାମଫଳକକୁ ଓଡ଼ିଆରେ ଲେଖିବା ପାଇଁ ପ୍ରଶାସନ ପକ୍ଷରୁ ଉତ୍ସାହିତ କରାଯାଇଛି । ଏହାର ବ୍ୟତିକ୍ରମରେ ଜରିମାନାର ବ୍ୟବସ୍ଥା ଥିବା ଅବଗତ କରାଯାଇଛି । ଜିଲ୍ଲା ଶ୍ରମ ବିଭାଗ ତରଫରୁ ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସଚେତନତା ପଦଯାତ୍ରାର ଶୁଭାରମ୍ଭ କରିଥିବା ବେଳେ ଜିଲ୍ଲା ଶ୍ରମ ବିଭାଗ ଏବଂ ବରଗଡ଼ ପୌର ପରିଷଦର ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ ।

### ଫୁଲବାଣୀରୁ ପୁଣେ ବେଆଇନ ଗଞ୍ଜେଇ ଚାଲାଣ

# ଦେଢ଼ କୋଟି ଟଙ୍କାର ଗଞ୍ଜେଇ ଜବତ

**ସୋହେଲା, ୪।୪(ସମିସ)**

ପଡୋଶୀ ରାଜ୍ୟ ଛତିଶଗଡ଼ର ସିଂଘୋଡା ପୁଲିସ ଶନିବାର ଫୁଲବାଣୀରୁ ମହାରାଷ୍ଟ୍ରର ପୁଣେକୁ ଗଞ୍ଜେଇ ଚୋରାଚାଲାଣ ବେଳେ ୨ କ୍ୱିଣ୍ଟାଲ ୮୨ କେଜି ଗଞ୍ଜେଇ ଜବତ କରିଛି । ସିଂଘୋଡା ପୁଲିସ ଏହି ଘଟଣାରେ ୫ଜଣ ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଥିବା ବେଳେ

### ୨ କାର୍ ଜବତ, ୫ଗିରଫ

ସେମାନଙ୍କ ନିକଟରୁ ୨ଟି ବିଳାସପୂର୍ଣ୍ଣ କାର ଏବଂ ୪ଟି ମୋବାଇଲ ଜବତ କରିଛି । ଗତ ୨୭ ତାରିଖ ତରଭୁଜ ବୋଝେଇ ଗାଡ଼ିରେ ଓଡ଼ିଶାରୁ ୟୁପି ଚୋରା ଚାଲାଣ ହେଉଥିବା କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ୨ କ୍ୱିଣ୍ଟାଲ ୨୫ କେଜି ଗଞ୍ଜେଇ ଜବତ କରିଥିବା ବେଳେ ଆଜି ଏହି ସଫଳତା ସିଂଘୋଡା ପୁଲିସକୁ ମିଳିଛି ।

ସୂଚନା ଅନୁସାରେ ସମ୍ବଲପୁର-ରାୟପୁର ଜାତୀୟ ରାଜପଥ ଦେଇ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ନିୟମିତ ବହୁ ମାତ୍ରାରେ ଗଞ୍ଜେଇ ଚୋରା ଚାଲାଣ ହେଉଛି । ଜିଲ୍ଲାର ଆଣ୍ଟି ନାର୍କୋଟିକ୍ସ ଟାସ୍କ ଫୋର୍ସ ଏବଂ ସିଂଘୋଡା



ପୁଲିସ ପକ୍ଷରୁ ଏଠାରୁ ପ୍ରାୟ ୧୨ କିମି ଦୂର ଜାତୀୟରାଜପଥ ଉପରେ ସ୍ଥିତ ରେହେଟିଖୋଲ ପୁଲିସ ଓଡ଼ିଶା ପଟୁ ଯାଉଥିବା ଯାନବାହନ ମାନଙ୍କୁ ନିୟମିତ ଯାଞ୍ଚ କରିଥାନ୍ତି । ଫୁଲବାଣୀରୁ ଗଞ୍ଜେଇ ଚୋରା ଚାଲାଣ ହେବା ନେଇ ଖବର ପାଇବା ପରେ ସିଂଘୋଡା ପୁଲିସ ଏବଂ ଆଣ୍ଟି ନାର୍କୋଟିକ୍ସ ଟାସ୍କ ଫୋର୍ସ ଯବାନ ମାନେ ରେହେଟିଖୋଲ ଯାଞ୍ଚ ନାକାରେ ଛକି ରହିଥିଲେ । ସୋହେଲା ପଟୁ ଆସୁଥିବା ଫର୍ଚ୍ୟୁନର କାର (ଏମଏଚ୧୨ଡବ୍ଲୁସି୦୦୯୦) ଏବଂ ସ୍କୋର୍ପିଓ କାର (ଏମଏଚ୧୨ୱାଇଏଚ୦୦୯୦)କୁ ଯାଞ୍ଚ ପାଇଁ ଅଟକାଇ ଥିଲେ । ଯାଞ୍ଚ ସମୟରେ ଉଭୟ ଗାଡି ପଛ ସିଟରେ ପ୍ଲାଷ୍ଟିକ ଅଖାରୁ ଗଞ୍ଜେଇ ମିଳିଥିଲା । ଏଥିରେ ଗାଡିରେ ବସିଥିବା ମହାରାଷ୍ଟ୍ରର ସତାରା ଜିଲ୍ଲାର ସାଗ୍ୱି ବାସିନ୍ଦା ପ୍ରଶାନ୍ତ ଶଙ୍କର ଗୋଲେ (୩୮), ଭୁଇଁଜ ଗାଁର କ୍ଷିତିଜ ବିରସେନ ଯାଦବ(୨୧) ଏବଂ ବାଇ ଗାଁର ଅକ୍ଷୟ ନନ୍ଦ ନିଗମ, ମହାରାଷ୍ଟ୍ର ଶୋଲାପୁର ଜିଲ୍ଲା ତିହେଁ ଗାଁର ଅଭିଷେକ ଡେଭିଡ ଜାଗଲେ (୨୬) ଏବଂ ସତାରା ଜିଲ୍ଲା ବେଲଦରେ ଗାଁର ମହେଶ କାଟକର (୩୯)ଙ୍କୁ ପୁଲିସ ଗିରଫ କରି ତଦନ୍ତ ଆରମ୍ଭ କରିଥିଲା । ପୁଲିସ ଉଭୟ କାରରୁ ମୋଟ ୨ କ୍ୱିଣ୍ଟାଲ ୮୧ କେଜି ୯ଶହ ଗ୍ରାମର ଗଞ୍ଜେଇ ଜବତ କରିଥିବା ବେଳେ ଏହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୧କୋଟି ୪୦ଲକ୍ଷ ୯୦ ହଜାର ହେବ ବୋଲି ସୂଚନା ଦେଇଛି । ସେହିପରି ପୁଲିସ ଏହି ଘଟଣାରେ ବ୍ୟବହାର ହୋଇଥିବା ୪୦ଲକ୍ଷ ଟଙ୍କା ମୂଲ୍ୟର ଫର୍ଚ୍ୟୁନର କାର, ୨୫ଲକ୍ଷ ଟଙ୍କା ମୂଲ୍ୟର ସ୍କର୍ପିଓ କାର ସହିତ ୫୦ହଜାର ଟଙ୍କା ମୂଲ୍ୟର ୪ଟି ମୋବାଇଲ ଫୋନ ଜବତ କରିଛି । ସିଂଘୋଡା ପୁଲିସ ଏନେଇ ଏକ ମାମଲା ରୁଜୁକରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସିଂଘୋଡା ଥାନା ଅଧିକାରୀ ସନ୍ତୋଷ ସିଂ ସୂଚନା ଦେଇଛନ୍ତି ।

### ■ ଏକେ ୱାରିଅର୍ସ ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଭୀମ ୱାରିଅର୍ସ ଖଇରପାଲି ଚାମ୍ପିଅନ




**ଗାଇସିଲେଟ, ୪।୪(ସମିସ):** ଗାଇସିଲେଟ ବ୍ଲକ କଟାବାହାଲ ପଞ୍ଚାୟତ ଅଧୀନ କୁଲିଆରୀ ଗାଁରେ ଏକେ ୱାରିଅର୍ସ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ତ୍ରିଦିବସୀୟ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଖେଳପଡ଼ିଆ ଠାରେ ଉଦ୍‌ଯାପିତ ହୋଇଯାଇଛି । ଆଜିର ଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଗାଇସିଲେଟ ବନପାଳ ରାଜେନ୍ଦ୍ର ସିଂ ଓ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସୁଶାନ୍ତ ପଣ୍ଡା, ବନରକ୍ଷୀ ଅଜୟ ଦାଶ, ରସିକ ମଲ୍ଲିକ, ରାମ ବାରିକ ଓ ରଞ୍ଜିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ମୋଟ ୧୬ଟି ଦଳ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ବେଳେ ଖଇରପାଲି ଓ ଲାରମ୍ଭା ଦଳ ଫାଇନାଲ ମ୍ୟାଚ୍‌କୁ ଉନ୍ନୀତ ହୋଇଥିଲେ । ଫାଇନାଲ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ଲାରମ୍ଭା କ୍ରିକେଟ କ୍ଲବ୍ ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ହରାଇ ୫୯ରନ୍ କରିଥିଲା । ଜବାବରେ ଖଇରପାଲି କ୍ରିକେଟ କ୍ଲବ୍ ୧ ଉଇକେଟ ହରାଇ ୫ ଓଭରରେ ୬୦ରନ୍ କରିବାରେ ସକ୍ଷମ ହୋଇଥିଲା । ଖଇରପାଲି ଅତି ସହଜରେ ମ୍ୟାଚ୍ ଜିତି ଚାମ୍ପିଅନ ହୋଇଥିଲା । ଶେଷରେ ବିଜେତା ଦଳକୁ ଟ୍ରଫି ସହ ୭୪୧୧ ଟଙ୍କା ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୫୪୦୧ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଦିବାକର ସାହୁ, ଦେବେନ୍ଦ୍ର ଭୋଇ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିବା ବେଳେ ଲକ୍ଷ୍ମଣ ଭୋଇ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଧୀରେନ୍ଦ୍ର ନନ୍ଦ, ରୁଦ୍ର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ ।

# ବଲାଙ୍ଗିର ଜିଲ୍ଲାରେ ଉଠାଜଳସେଚନ ବ୍ୟବସ୍ଥା ସ୍ଥାଣୁ
# ସରକାର ବଦଳିବା ପରେ ଗୁରୁତ୍ୱ କମିଗଲା

● ପୂର୍ବ ସରକାର ଗୁରୁତ୍ୱ ଦେଇଥିଲେ
● ଟାର୍ଗେଟ ରଖୁଛନ୍ତି; ପୂରଣ କରିବା ବେଳକୁ ମନ୍ଥର
● ବିଭାଗୀୟ ଉଦାସୀନତା ଯୋଗୁ ଲାଭ ପାଉନାହାନ୍ତି ଚାଷୀ

ବଲାଙ୍ଗିର, ୪।୪(ସମିସ)



ଚିର ଶୁଷ୍କ ବଲାଙ୍ଗିର ଜିଲ୍ଲାରେ ପ୍ରାକୃତିକ ଉତ୍ସରୁ ଜଳସେଚନ କରି ଚାଷକାମ କରିବା ନିହାତି ଭାବେ ଏକ କାଠିକର ପାଠ। ଏହି ପରିସ୍ଥିତିରେ କୃତ୍ରିମ ଉପାୟରେ ଜଳସେଚନ କରି ରବି ଓ ଖରିଫରେ ଚାଷ କରିବା ହେଉଛି ଏକ ସୁବିଧାଜନକ ରାସ୍ତା। ଏଥିପାଇଁ ପୂର୍ବ ସରକାର ସମୟରେ ବଲାଙ୍ଗିର ଜିଲ୍ଲାରେ ଉଠାଜଳସେଚନ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା; କିନ୍ତୁ ରାଜ୍ୟରେ ସରକାର ବଦଳିବା ପରେ ଏହି ଉଠାଜଳସେଚନ ବ୍ୟବସ୍ଥାକୁ ସେତେଟା ଗୁରୁତ୍ୱ ଦିଆଯାଉନି। ବିଭାଗୀୟ ଅଧିକାରୀଙ୍କସ୍ତରରେ ଏଥିପ୍ରତି ଉଦାସୀନତା ରହିଥିବା ଦେଖିବାକୁ ମିଳିଛି। ଏହାଫଳରେ ପୂର୍ବରୁ ଯେତେ ପରିମାଣର ବିଭିନ୍ନ ବର୍ଗର ଉଠାଜଳସେଚନ ବ୍ୟବସ୍ଥା ଜିଲ୍ଲାରେ ରହିଥିଲା ପାଖାପାଖି ସେହିସ୍ତରରେ ହିଁ ରହିଛି। ଏପରିକି ଅଚଳ ଉଠାଜଳସେଚନ ବ୍ୟବସ୍ଥାକୁ ସଜାଡିବା, ନୂତନ ଉଠାଜଳସେଚନ ବ୍ୟବସ୍ଥା ଆରମ୍ଭ କରିବାରେ ମଧ୍ୟ ସରକାରଙ୍କ ଉଦାସୀନତା ଭାବ ପ୍ରକାଶ ପାଇଥିବା ଅଭିଯୋଗ ହୋଇଛି।

ବଲାଙ୍ଗିର ଜିଲ୍ଲାରେ କୌଣସି ବଡନଦୀ ସ୍ରୋତ ନ ଥିବାରୁ ଜଳସେଚନ ବ୍ୟବସ୍ଥା ସବୁବେଳେ ଏକ ବଡ଼ ପ୍ରଶ୍ନ ହୋଇ ରହିଆସିଛି। ଚାଷକାମ ପାଇଁ ପାଣି ଅଭାବକୁ ଦୂର କରିବା ପାଇଁ ଜିଲ୍ଲାରେ ଉଠାଜଳସେଚନ ବ୍ୟବସ୍ଥାକୁ ପୂର୍ବରୁ ସୁଦୃଢ କରାଯାଇଥିଲା। ବିଭାଗୀୟ ସୂଚନା ଅନୁସାରେ ଫେବୃଆରୀ ମାସ ଶେଷ ସୁଦ୍ଧା ଉଠାଜଳସେଚନ ବ୍ୟବସ୍ଥା ଦ୍ୱାରା ବିଭିନ୍ନ ବର୍ଗର ୧୯୦୯୪ଟି ପ୍ରକଳ୍ପ ଦ୍ୱାରା ଏକ ଲକ୍ଷ ୨୪ ହଜାର ୬୯୯ ହେକ୍ଟର ଜମିକୁ ଜଳସେଚିତ କରାଯାଇଛି। ଏଥିରେ ଗୋଷ୍ଠୀ ଉଠା ଜଳସେଚନ ପଏଣ୍ଟ, ଗଭୀର ନଳକୂପ ଓ ଏମଆରଏଲ ପଏଣ୍ଟ ରହିଛି। ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଜିଲ୍ଲାରେ ୧୩୪୮ ଗୋଷ୍ଠୀ ଉଠା ଜଳସେଚନ ପଏଣ୍ଟ, ୧୬୯୦୨ ଗଭୀର ନଳକୂପ ଓ ୩୫ଟି ଏମଆରଏଲ ପଏଣ୍ଟ ରହିଥିଲା। ୨୦୨୫-୨୬ ଆର୍ଥିକ ବର୍ଷରେ ନୂତନ ଭାବେ ମାତ୍ର ୪୨ଟି ଗୋଷ୍ଠୀ ଉଠାଜଳସେଚନ ପଏଣ୍ଟ, ୭୬୭ଟି ଗଭୀର ନଳକୂପ ପଏଣ୍ଟ ଆରମ୍ଭ କରାଯାଇଥିବା ବେଳେ ଗୋଟିଏ ବି ଏମଆରଏଲ ପଏଣ୍ଟ ଆରମ୍ଭ ହୋଇନାହିଁ। ପ୍ରତି ଜଳସେଚନ ବ୍ୟବସ୍ଥା ଲକ୍ଷ୍ୟ ଓ କାର୍ଯ୍ୟକାରିତାକୁ ନଜର ପକାଇଲେ ଏହି ଜଳସେଚନ ବ୍ୟବସ୍ଥା ପ୍ରତି ରାଜ୍ୟ ସରକାର ଓ ବିଭାଗର କେତେ ଆନ୍ତରିକତା ରହିଛି ତାହା ସ୍ପଷ୍ଟ ହୋଇପାରିବ। ୨୦୨୫-୨୬ ଆର୍ଥିକ ବର୍ଷରେ ବଲାଙ୍ଗିର ଉଠାଜଳସେଚନ ବିଭାଗ ପୂର୍ବ ବର୍ଷର ଅବଶିଷ୍ଟ ୫୦ଟି ପୁରୁଣା ଗୋଷ୍ଠୀ ଉଠାଜଳସେଚନ ପଏଣ୍ଟ ସହ ୩୮ଟି ନୂତନ ଗୋଷ୍ଠୀ ଉଠା ଜଳସେଚନ ପଏଣ୍ଟ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଥିଲା; କିନ୍ତୁ ଏହି ଆର୍ଥିକ ବର୍ଷରେ ପୁରୁଣା ବର୍ଷର ୫୦ଟି ପଏଣ୍ଟରୁ ୪୨ ପଏଣ୍ଟ ଆରମ୍ଭ କରିପାରିଥିବା ବେଳେ ନୂତନ ପଏଣ୍ଟ ଗୋଟିଏ ବି କରିପାରିନାହିଁ। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ବିଭାଗ ୫ଟି ପୂର୍ବବର୍ଷ ଅବଶିଷ୍ଟ ଓ ୬୦ଟି ନୂତନ ନଦୀ ଉଠାଜଳସେଚନ ଅଚଳ ପଏଣ୍ଟ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଥିଲା; କିନ୍ତୁ ଏହି କ୍ଷେତ୍ରରେ ମଧ୍ୟ ବିଭାଗର କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ନୈରାଶ୍ୟଜନକ ରହିଥିବା ଜଣାପଡ଼ିଛି। ବିଭାଗ ଗୋଟିଏ ବି ପୁରୁଣା ଅଚଳ ପ୍ରକଳ୍ପକୁ ପୁନଃ କାର୍ଯ୍ୟକ୍ଷମ କରିପାରି ନ ଥିବା ବେଳେ ୬୦ରୁ ମାତ୍ର ୧୧ଟି ପଏଣ୍ଟକୁ ପୁନଃ କାର୍ଯ୍ୟକ୍ଷମ କରିବାରେ ସଫଳ ହୋଇଥିବା ଜଣାପଡ଼ିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ୯୫୩ଟି ପୁରୁଣା ବର୍ଷର ଅବଶିଷ୍ଟ ଗୋଷ୍ଠୀ ଡିପ୍ ବୋରୱେଲ ବା ଗଭୀର ନଳକୂପ ଉଠା ଜଳସେଚନ ପଏଣ୍ଟ ସହିତ ୬ହଜାର ନୂତନ ପଏଣ୍ଟ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଥିଲା; କିନ୍ତୁ ଏହି ଆର୍ଥିକ ବର୍ଷ ଭିତରେ ବିଭାଗ ୬୫୫ଟି ପୁରୁଣା ବର୍ଷର ପଏଣ୍ଟ ଆରମ୍ଭ କରିପାରିଥିବା ବେଳେ ନୂତନ ଭାବେ ଆରମ୍ଭ କରିବାକୁ ଥିବା ପଏଣ୍ଟ ଗୋଟିଏ ବି ଆରମ୍ଭ କରିପାରି ନ ଥିବା ଜଣାପଡ଼ିଛି; ଯାହାକି ଅତି ନିରାଶାଜନକ ବୋଲି ଅଭିଯୋଗ ହୋଇଛି। ସେହିପରି ଏହି ଆର୍ଥିକ ବର୍ଷରେ ୬୮ଟି ଅବିଶିଷ୍ଟ ଓ ୫ଶହଟି ନୂତନ ସୋଲାର ଚାଳିତ ଗଭୀର ନଳକୂପ ପ୍ରକଳ୍ପ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏହି ଆର୍ଥିକ ବର୍ଷରେ ବିଭାଗ ମାତ୍ର ୪୧୧ଟି ନୂତନ ସୋଲାର ଚାଳିତ ଗଭୀର ନଳକୂପ ପ୍ରକଳ୍ପ ଆରମ୍ଭ କରିବାରେ ସଫଳ ହୋଇଛି। ତେବେ ଆର୍ଥିକ ବର୍ଷ ଆରମ୍ଭରୁ ରଖାଯାଉଥିବା ଲକ୍ଷ୍ୟ ପୂରଣ କରିବାରେ ବଲାଙ୍ଗିର ଉଠାଜଳସେଚନ ବିଭାଗ ସମ୍ପୂର୍ଣ୍ଣ ଭାବେ ଫେଲ୍ ମାରିଥିବା ବେଳେ ଏହାର ପ୍ରଭାବ ବିଶେଷ କରି ରବି ଚାଷ ଉପରେ ପଡୁଥିବା ଅଭିଯୋଗ ହୋଇଛି। ଉଠା ଜଳସେଚନ ବିଭାଗ ଅଧିକାରୀଙ୍କ ବିରୋଧରେ ଅନେକ ଅବହେଳାର ଅଭିଯୋଗ ପୂର୍ବରୁ ମଧ୍ୟ ରହିଆସିଛି। ଚାଷୀଙ୍କ ସୁବିଧା ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ବହୁ ଅର୍ଥ ଖର୍ଚ୍ଚ କରିଆସୁଛନ୍ତି; କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ସୁବିଧା ପାଇବାରେ ଚାଷୀ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି।

## ସୁକତେଲରେ ଖସି ପଡ଼ିଲା ସିମେଣ୍ଟ ଭର୍ତ୍ତି ଟ୍ରକ୍
● ଜଣେ ମୃତ, ଜଣେ ଗୁରୁତର



ବଲାଙ୍ଗିର, ୪।୪(ସମିସ): ବଲାଙ୍ଗିର-ବରଗଡ଼ ୨୬ ନଂ ଜାତୀୟ ରାଜପଥ ଫାସଡ ନିକଟରେ ସୁକତେଲ ନଦୀ ବ୍ରିଜରୁ ଏକ ସିମେଣ୍ଟ ବୋଝେଇ ଟ୍ରକ୍ (ଓଡି ୧୪ ଏଇ ୫୬୫୬) ଖସି ପଡ଼ିଛି। ଶନିବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଥିଲା ଏଥିରେ ଜଣକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଗଣେଶ ନାଗ(୩୨)। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସମୀର ଖାଲକୋ ନାମକ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଗାଡ଼ିଟି ବରଗଡ଼ ପଟୁ ବଲାଙ୍ଗିର ଅଭିମୁଖେ ଯାଉଥିଲା। ଘଟଣା ବିଷୟରେ ଜାଣିବା ପରେ ଲୋଇସିଂହା ପୁଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ମୃତଦେହ ଜବତ କରିବା ସହ ଆହତଙ୍କୁ ଉଦ୍ଧାର କରି ବଲାଙ୍ଗିର ଡାକ୍ତରଖାନା ପଠାଇଥିଲେ। ତେବେ ଟ୍ରକ୍‌ଟି କିଭଳି ଭାବେ ନଦୀକୁ ଖସିପଡ଼ିଲା ତାହା ସ୍ପଷ୍ଟ ହୋଇନି। ନିଦ କିମ୍ବା ନିଶାରେ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଆଲୋଚନା ହେଉଛି।

## ମିଳିଲା ହଜିଲା ମୋବାଇଲ



ବଲାଙ୍ଗିର, ୪।୪(ସମିସ): ବଲାଙ୍ଗିର ଜିଲ୍ଲା ପୁଇଁତଳା ଥାନା ପୁଲିସ ଜବତ କରିଥିବା ୧୦ଟି ମୋବାଇଲ ଲୋକଙ୍କୁ ଫେରାଇଛି। ବିଭିନ୍ନ ସମୟରେ ମୋବାଇଲ ହଜିବା ତଥା ଚୋରି ମାମଲାରେ ଏହି ମୋବାଇଲ ଜବତ ହୋଇଥିଲା। ଥାନା ଅଧିକାରୀ ସଞ୍ଜୟ ରାଉତରାୟଙ୍କ ନେତୃତ୍ୱରେ ଯାଞ୍ଚ କରାଯାଇଥିଲା। ଶେଷରେ ଲୋକଙ୍କୁ ଥାନାକୁ ଡକାଇ ଏ ସବୁ ହସ୍ତାନ୍ତର କରାଯାଇଛି। ନିଜର ମୋବାଇଲ ପାଇବା ପରେ ଲୋକେ ଆଶ୍ୱସ୍ତ ହୋଇଛନ୍ତି। ମୋବାଇଲ ମିଳବ ବୋଲି ସେମାନେ ଆଶା କରି ନ ଥିଲେ। କାରଣ ଦିନକୁ ଦିନ ମୋବାଇଲ ଚୋରି ବଢୁଛି। କିଏ କାହାଠୁ ମୋବାଇଲ ଛଡ଼ାଇ ନେଲାଣି ତ କେଉଁଠି କାହା ମୋବାଇଲ ହଜି ଗଲାଣି। ଏମିତି ଅଭିଯୋଗ ନେଇ ଥାନାକୁ ଗଲେ ପୁଲିସ ବିରକ୍ତ ପ୍ରକାଶ କରେ ତ ପୁଣି ମାମଲା ରୁଜୁ କରେନି। କେବେ ଯଦି ମାମଲା ରୁଜୁ କରେ ତା ପରେ ଚୁପ୍ ରହିଯାଏ। ଏହା ଲୋକଙ୍କୁ ଭଲ ଭାବେ ଜଣା। ଯାହା ବି ହେଉ ପୁଇଁଲା ପୁଲିସ ଚୋରି ଓ ହଜିଥିବା ୧୦ଟି ମୋବାଇଲ ଫୋନ୍ ଉଦ୍ଧାର ତଥା ଜବତ କରି ଲୋକଙ୍କୁ ଫେରାଇବା କମ୍ ବଡ଼ କଥା ନୁହେଁ।

## ମାସେ ତଳେ ଚୋରି ଅଟୋ ଉଦ୍ଧାର
● ୩ ଅଭିଯୁକ୍ତ ଗିରଫ

ଦେଓଗାଁ, ୪।୪(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଚନ୍ଦ୍ରପୁର ଡକୁଆପଡ଼ାରୁ ମାସେ ତଳେ ଚୋରି ହୋଇଥିବା ଏକ ଅଟୋକୁ ପୁଲିସ ଉଦ୍ଧାର କରିଛି। ଏହି ଘଟଣାରେ ଟିଟିଲାଗଡ଼ ଥାନା ଖଲିଆପଡ଼ାର ପୁରୁଷୋତ୍ତମ ସାହୁ, ବଲାଙ୍ଗିର ଇଛାପଡ଼ାର ରୂପାଧର ବେହେରା, ଲକ୍ଷ୍ମୀପୋର ଥାନା ରାଜେନ୍ଦ୍ରପଡ଼ାର କୈଳାସ ଭୋଇକୁ ପୁଲିସ ଗିରଫ କରିଛି। ଗତ ୨ ତାରିଖ ରାତିରେ ଡକୁଆପଡ଼ାର ମନୋଜ ନାଏକଙ୍କ ଘର ସମ୍ମୁଖରୁ ତାଙ୍କ ଅଟୋ (ଓଡି୦୩ପି ୨୨୧୫) ଚୋରି ହୋଇଯାଇଥିଲା। ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଜାରି ରଖିଥିଲା। ଶେଷରେ ଅଟୋକୁ ଟିଟିଲାଗଡ଼ ଥାନା ଅଞ୍ଚଳରୁ ପୁଲିସ ଉଦ୍ଧାର କରିଛି। ଏନେଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସବିତା ଠେମରିଆ ସୂଚନା ଦେଇଛନ୍ତି।

## ମହିଳା କମିଶନ ପକ୍ଷରୁ ଆଇନ ସଚେତନତା ଶିବିର

ବଲାଙ୍ଗିର, ୪।୪(ସମିସ): ବଲାଙ୍ଗିର ଜିଲ୍ଲା ଆଗଲପୁର (ଢୁଡୁକା) ବ୍ଲକ ବୈଠକ ଗୃହରେ ମହିଳା କମିଶନ ତରଫରୁ ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମହିଳା କମିଶନ ସଦସ୍ୟା ମୁକ୍ତା ସାହୁ, ପିତାମ୍ବର କଣ୍ଟା, ଆଗଲପୁର ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ଦାଶ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀ, ଆଗଲପୁର ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୁଦ୍ର ପ୍ରସାଦ ସୁନା, ଚଣ୍ଡୀ ପ୍ରସାଦ ଖମାରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆଶା, ଅଙ୍ଗନବାଡି କର୍ମୀ, ଶିକ୍ଷୟିତ୍ରୀ, ସ୍ୱୟଂ ସହାୟକ ଦଳର ସଦସ୍ୟା, ଏଏନଏମ, କଲେଜ ଛାତ୍ରୀ ଏଥିରେ ସାମିଲ ହୋଇଥିଲେ। ନାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋଚନା କରାଯାଇଥିଲା। କମିଶନ ଦ୍ୱାରା କିପରି ମହିଳାମାନେ ଲାଭ ପାଇପାରିବେ ତଥା ତାଙ୍କ ସମସ୍ୟାର ସମାଧାନ କରିହେବ ସେ ବିଷୟରେ ଆଲୋଚନା ହୋଇଥିଲା। ପୋକ୍ସ ଆଇନ, ବାଲ୍ୟ ବିବାହ, ଘରୋଇ ହିଂସା ବିଷୟରେ ଆଲୋଚନା କରାଯାଇଥିଲା। ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସୁଭଶ୍ରୀ ମିଶ ମଞ୍ଚ ପରିଚାଳନା କରିଥିଲେ। ପିଓ ସୁଜାତା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜିକା ଶିବାନୀ ଠାକୁର ଉପସ୍ଥିତ ଥିଲେ।

## ବଲାଙ୍ଗିର ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ
# ପ୍ରତ୍ୟେକ ଶିଶୁ ଗୁଣାତ୍ମକ ଶିକ୍ଷା ପାଇବା ଦରକାର





ବଲାଙ୍ଗିର, ୪।୪(ସମିସ): ନୂତନ ଶିକ୍ଷା ବର୍ଷ ୨୦୨୬-୨୭ ଆରମ୍ଭ ହୋଇଛି। ଜାତୀୟ ଶିକ୍ଷାନୀତି(ଏନଇପି)-୨୦୨୦ ଅନୁଯାୟୀ ଖୋଲାଯାଇଥିବା ଶିଶୁବାଟିକା ଶ୍ରେଣୀରେ ନାମଲେଖା ଓ ପିଲାମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କ୍ରମରେ ଜିଲ୍ଲା ସମଗ୍ର ଶିକ୍ଷା ତରଫରୁ ସ୍ଥାନୀୟ ଆର ଆର କଲୋନୀ ସ୍କୁଲରେ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ବିଦ୍ୟାଳୟରେ ଭର୍ତ୍ତି ହୋଇଥିବା ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇ ସେମାନଙ୍କ ଶିକ୍ଷା ଜୀବନର ଶୁଭାରମ୍ଭ କରାଯାଇଥିଲା। ଖଡ଼ଛୁଆଁ ଅବସରରେ ୨୦ଜଣ ଶିଶୁ ପ୍ରଥମେ ଅକ୍ଷର ଲେଖି ନିଜର ଶିକ୍ଷା ଯାତ୍ରା ଆରମ୍ଭ କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେକ ଶିଶୁ ଗୁଣାତ୍ମକ ଶିକ୍ଷା ପାଇବା ଦରକାର। ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଶିଶୁମାନଙ୍କ ଜୀବନରେ ଏକ ନୂତନ ଆରମ୍ଭର ପ୍ରତୀକ। ଏହା ସେମାନଙ୍କ ଶିକ୍ଷା ଯାତ୍ରାର ପ୍ରଥମ ପଦକ୍ଷେପ। ଏହାକୁ ସ୍ମରଣୀୟ କରିବା ପାଇଁ ସମସ୍ତଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ମୁଖ୍ୟ ଅତିଥି କହିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ ନିଜ ବକ୍ତବ୍ୟରେ ଶିଶୁଙ୍କ ଭବିଷ୍ୟତ ଗଢିବାରେ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ଅଭିଭାବକଙ୍କୁ ମଧ୍ୟ ସେମାନଙ୍କ ସନ୍ତାନଙ୍କ ଶିକ୍ଷା ପ୍ରତି ସଚେତନ ରହିବାକୁ ଓ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା, ରୀନା କୁମାରୀ ବେହେରା, ସେବାଶ୍ରୀ ଭୋଇ, ବଲାଙ୍ଗୀର ବ୍ଲକ ଶିକ୍ଷା ଅଧିକାରୀ ନୀଳମଣି ପଟେଲ, ଏବିଇଓ ସନ୍ଧ୍ୟାରାଣୀ ଧରୁଆ, ପ୍ରଧାନ ଶିକ୍ଷକ କିଶୋର ହନୁମାନ, ଗଣେଶ ପ୍ରସାଦ ଜେନା, ଆରତୀ ସାହୁ, ପେଡ଼ାଗୋଜି ସଂଯୋଜିକା ମଧୁମିତା ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ।

**ମୁରିବାହାଲ:** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦମହକୁମାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଜିଲ୍ଲା ଭାଜପା ସଭାପତି ଶ୍ରୀବତ୍ସ ବେହେରା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ଘଣ୍ଟବାହାଲ ୱାର୍ଡ ମେମ୍ବର ବିଭୀଷଣ ଛୁରା, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କଦୋଣ୍ଡ ଧର ଭୋଇ, କାନ୍ତାରାମ ଧରୂଆ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ହୃଷିକେଶ ଶିକା, ପ୍ରଧାନଶିକ୍ଷକ ଥୟରାଜ ପ୍ରଧାନୀ ମଞ୍ଚାସୀନ ଥିଲେ। ସମସ୍ତ ନୂତନ ଛାତ୍ରଛାତ୍ରୀଙ୍କୁ ଖଡ଼ି ଛୁଆଁ କରାଯିବା ସହ ପୋଷାକ, ସ୍କୁଲ ବ୍ୟାଗ ବଣ୍ଟନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ବେହେରା ପ୍ରବେଶ ଉତ୍ସବ ସଚେତନତା ରଥ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବାଦୁପଲା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଲିଲୁ ମୋହନ ପଧାନ ସଂଯୋଜନା କରିଥଲେ। ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ବଡଜେନା ଧନ୍ୟବାଦ ଜ୍ଞାପନ କରିଥିଲେ। ଝସକେତନ୍ ରାଜହଂସ, ଚିନ୍ମୟ ସ୍ୱାଇଁ, ଶିବପ୍ରସାଦ ଦୀପ, ନିରୁପମା ସୁନା, ଲିଲି ସାହୁ, ହର୍ଶିତା ଦାସ, ନରେନ୍ଦ୍ର ଶତପଥୀ, ବେଣୁଧର ମେହେର, ଉତ୍ତମ ରଣା ଏବଂ ମନୋଜ ଦୀପ ପ୍ରମୁଖ ସହଯୋଗ କରିଥିଲେ।

## ୯ରେ ବେଲପଡ଼ା କଲେଜରେ ରକ୍ତଦାନ ଶିବିର



ବେଲପଡ଼ା, ୪।୪(ସମିସ): ବେଲପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ୯ ତାରିଖରେ ଏକ ରକ୍ତଦାନ ଶିବିର ଆୟୋଜିତ ହେବ। ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ଏଥିପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ତନ୍ମୟ ପାଣିଗ୍ରାହୀ, ଦୁର୍ବାଦଳ ଗିଭେଲା, ଅମୀୟ ବାବୁ, ରାଧେଶ୍ୟାମ ମେହେର ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

## ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ

ବଲାଙ୍ଗିର, ୪।୪(ସମିସ): ରାଣୀକଟା ଆମ୍ବେଦକର ନଗରବାସୀଙ୍କ ଦ୍ୱାରା ଭାରତ ରତ୍ନ ବାବା ସାହେବ ଆମ୍ବେଦକରଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତରଣି ସୁନା, ପିପିର୍ଡା ସରପଞ୍ଚ ରୁବି ବାବୁ, ବିଶିଷ୍ଟ ଶ୍ରମିକ



ନେତା ଶମ୍ଭୁ ନାଗ, ଭୀମଆର୍ମି ଓଡ଼ିଶା ସଭାପତି ଲକେଶ ରାବଣ, ସାମାଜିକ କର୍ମୀ ଗୁରୁଚରଣ ହରିପାଲ, ଶିକ୍ଷକ ନେତା ବାସୁଦେବ ମୁଗ୍ରୀ, ଜିଲ୍ଲା ଭୀମ ଆର୍ମି ସଭାପତି ନିତେଶ କୁମ୍ଭାର, ସାବିତ୍ରୀବାଇ ମହିଳା ସଂଗଠନ ସଭାନେତ୍ରୀ କୌଶଲ୍ୟା କୁମ୍ଭାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଶାନ୍ତ କୁମ୍ଭାର ଓ ରଜନୀ ନାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୫ଜଣ ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନଗର ପରିକ୍ରମା କରାଯାଇଥିଲା। ତ୍ରିଲୋଚନ ନନ୍ଦ ସଭା ପରିଚାଳନା କରିଥିଲେ।

## ବଲାଙ୍ଗିରରେ ମଡେଲ ଜଳଛତ୍ର ଉଦ୍‌ଘାଟିତ

ବଲାଙ୍ଗିର, ୪।୪(ସମିସ): ବଲାଙ୍ଗିର ପୌର ପରିଷଦ ତରଫରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଏକ ମଡେଲ ଜଳ ଛତ୍ର ଉଦ୍‌ଘାଟନ କରାଯାଇଛି। ପୌରାଧ୍ୟକ୍ଷା ଲିକା ସାହ ଏହାର ଉଦ୍‌ଘାଟନ କରିଛନ୍ତି। ୧୯ ନମ୍ବର ୱାର୍ଡର ହରଗୌରୀ ଏସଏଚଜିକୁ ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଛି। ପ୍ରାଥମିକ ଚିକିତ୍ସା ସୁବିଧା ମଧ୍ୟ ଉପଲବ୍ଧ ଅଛି। କୁଲର୍ ମାଧ୍ୟମରେ ଥଣ୍ଡା ପବନ ବ୍ୟବସ୍ଥା ସହିତ ପରିବେଶକୁ ସୁନ୍ଦର କରିବା ପାଇଁ



ବିଭିନ୍ନ ଗଛପତ୍ର ରଖାଯାଇଛି। ପୌର ପରିଷଦ ଉପାଧ୍ୟକ୍ଷ ଗାୟତ୍ରୀ ଭୋଇ, କାଉନସିଲର ଶମ୍ଭୁ ନାଗ, ଗଙ୍ଗା ଚାନ୍ଦ, ଶତ୍ରୁଘ୍ନ ବାଗ, ଲଲାଟେନ୍ଦୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସହରର ବ୍ୟବସାୟୀ ସଂସ୍ଥା ଓ ବ୍ୟାଙ୍କ ଇଚ୍ଛା କଲେ ଆର୍ଥିକ ସହାୟତା ଦେଇ ସହଯୋଗ କରିପାରିବେ। ନିଜ କମ୍ପାନୀର ବ୍ୟାନର ଏଠାରେ ପ୍ରଦର୍ଶନ କରିପାରିବେ ବୋଲି ପୌର ପରିଷଦ ପକ୍ଷରୁ କୁହାଯାଇଛି। ତେବେ ଖରାକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ଜନଗହଳି ସ୍ଥାନରେ ଏଭଳି ଅଧିକ ମଡେଲ ଜଳ ଛତ୍ର ଖୋଲାଯିବ ବୋଲି ପୌରାଧ୍ୟକ୍ଷା କହିଛନ୍ତି।

## ସପ୍ତାହେ ନ ପୂରୁଣୁ ଉଠି ଗଲାଣି ପିଚୁ



ମୁରିବାହାଲ, ୪।୪(ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ସଦର ପଞ୍ଚାୟତରୁ ସାଲେପଡ଼ା ପର୍ଯ୍ୟନ୍ତ ଏକ ରାସ୍ତା କାମ ହୋଇଛି। ଏହି କାମରେ ସରକାରୀ ଅର୍ଥର ବ୍ୟାପକ ଲୁଟ୍ ହୋଇଛି। ଦୁର୍ନୀତିର ଏକ ନଗ୍ନ ଚିତ୍ର ଏବେ ସାମ୍ନାକୁ ଆସିଛି। ଅଭିଯୋଗ ଅନୁସାରେ ସ୍ଥାନୀୟ ମୁରିବାହାଲ ଗ୍ରାମ୍ୟ ଉନ୍ନୟନ ରାସ୍ତାଠାରୁ ସାଲେପଡ଼ାର ପିଚୁ କାମ ଶେଷ ହୋଇଛି; ହେଲେ ସପ୍ତାହେ ନ ପୂରୁଣୁ ରାସ୍ତାରୁ ପିଚୁ ଉଠି ଗଲାଣି। ଏଭଳି ନିମ୍ନମାନର କାମକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଏଭଳି ନିମ୍ନମାନର କାମ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତାର କାମ ଏତେ ନିମ୍ନମାନର ହୋଇଛି ଯେ, ହାତ ମାରିଲେ କିମ୍ବା ପାଦରେ ଘଷିଲେ ପିଚୁ ସ୍ତର ଉଠିଯାଉଛି। ନିୟମ ଅନୁଯାୟୀ ପିଚୁ ଏବଂ ମେଟାଲର ମିଶ୍ରଣ କରାଯାଇନି। କେବଳ ପତଳା ପିଚୁର ପ୍ରଲେପ ଦେଇ କାମ ସାରି ଦିଆଯାଇଛି। ଏହାଫଳରେ ସାମାନ୍ୟ ବର୍ଷା କିମ୍ବା ଯାନବାହନ ଚଳାଚଳ ଯୋଗୁଁ ରାସ୍ତାର ପିଚୁ ବାହାରି ପଡୁଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ କାମ ଚାଲିଥିବା ସମୟରେ ବିଭାଗୀୟ ଯନ୍ତ୍ରୀ ଅନୁପସ୍ଥିତ ଥିଲେ। ଠିକାଦାର ନିଜ ମନମୁଖୀ କାର୍ଯ୍ୟ କରିଛନ୍ତି। ଯନ୍ତ୍ରୀ ଜଣକ କାମର ମାନ ଯାଞ୍ଚ ନ କରି କିଭଳି ଭାବେ ବିଲ୍ ପାସ୍ କରିଛନ୍ତି ତାହା ଏବେ ଏକ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ଠିକାଦାର ଏବଂ ଯନ୍ତ୍ରୀଙ୍କ ମଧ୍ୟରେ ଥିବା ଭିତିରି ବୁଝାମଣା ଯୋଗୁଁ ସାଧାରଣ ଲୋକଙ୍କ ଟିକସ ପାଣିରେ ପଡୁଛି ବୋଲି ଲୋକେ କହିଛନ୍ତି। ଏହି ରାସ୍ତା ଦେଇ ଯିବା ଆସିବା କରିବା ଏବେ ବିପଦ ଜନକ ହୋଇପଡ଼ିଛି ବୋଲି ସ୍ଥାନୀୟ ବାସିନ୍ଦା କ୍ଷୋଭର ସହ ପ୍ରକାଶ କରିଛନ୍ତି।

## ଅନ୍ତ୍ୟୋଦୟ ଗୃହ ପାଇଁ ଟଙ୍କା ମାଗିବା ଘଟଣା
# ବିଜେପି କର୍ମୀ ବୋଲି କାର୍ଯ୍ୟାନୁଷ୍ଠାନ ନେଉନି ପୁଲିସ

● ଚାପରେ ଚେପା ଆଗଲପୁର ଥାନା
● ମାମଲା ରଫାଦଫା ପାଇଁ ଉଦ୍ୟମ
● ଚାପିବାକୁ ବିଜେପି ନେତାଙ୍କ ପ୍ରୟାସ

ବଲାଙ୍ଗିର, ୪।୪(ସମିସ)



ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଝରନୀପାଲିରେ ଅନ୍ତ୍ୟୋଦୟ ଯୋଜନାକୁ ଅସନ୍ତୋଷ ଦେଖିବାକୁ ମିଳିଛି। ହିତାଧିକାରୀଙ୍କୁ ପ୍ରଥମେ ଯୋଗ୍ୟ ମନୋନୀତ କରିବା, ଯୋଗ୍ୟ ହେବା ପରେ ତାଲିକାରୁ ନାମ ବାଦ ଦେବା, ପରେ ଜଣେ ବିଜେପି ନେତା ନିଜକୁ ବିଧାୟକ ତଥା ମନ୍ତ୍ରୀଙ୍କ ପାଖଲୋକ କହି ଟଙ୍କା ମାଗିବା ଘଟଣା ଓ ଟଙ୍କା ମାଗିବା ପରେ ଗଣ୍ଡଗୋଳ ଘଟଣା ସାଧାରଣରେ ଚର୍ଚ୍ଚାର ହୋଇ ରହିଛି। ତେବେ ସମ୍ପୃକ୍ତ ବିଜେପି ନେତାଙ୍କ ନାମରେ ହିତାଧିକାରୀମାନେ ଲିଖିତ ଅଭିଯୋଗ କରିବା ପରେ ମଧ୍ୟ ଗିରଫ ନ କରିବା ଆଗଲପୁର ପୁଲିସର କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛି। ଏହି ମାମଲାରେ ପୁଲିସ ଚୁପ୍ ବସିବା ଓ ମାମଲା ବିଷୟରେ କିଛି ସୂଚନା ନ ଦେବା ସରକାରୀ ଚାପକୁ ସ୍ପଷ୍ଟ କରିଛି।

କିଛି ଦିନ ତଳେ ଆଗଲପୁର ଥାନା ଝରନୀପାଲି ଗାଁର ଏକ ଭିଡିଓ ଭାଇରାଲ ହୋଇଥିଲା। ଜଣେ ବିଜେପି ନେତାଙ୍କୁ ପୁଲିସ କର୍ମଚାରୀ ଭ୍ୟାନ୍‌ରେ ବସାଇ ନେଉଥଲା। ତାଙ୍କୁ କୁଆଡେ ଅନ୍ତ୍ୟୋଦୟ ଯୋଜନା ପାଇଁ ଟଙ୍କା ମାଗିବା ଘଟଣାରେ ପୁଲିସ ପଚରାଉଚୁରା ପାଇଁ ନେଉଥିବା ଆଲୋଚନା ହେଉଥିଲା; କିନ୍ତୁ ଯୁବକ ଥାନାରେ ପହଞ୍ଚିବା ପରେ ଏହି ମାମଲାକୁ ଭିନ୍ନ ମୋଡ଼ ଦିଆଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଟଙ୍କା ମାଗିବା ନୁହଁ; ବରଂ ଜଣେ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରୁଥିବାରୁ ପୁଲିସ ତାଙ୍କୁ ଉଦ୍ଧାର କରିଥିବା ଥାନା ଅଧିକାରୀ ସୂଚନା ଦେଇଥିଲେ। ଏହା ପୂର୍ବରୁ ଯେଉଁ ବ୍ୟକ୍ତି ଆକ୍ରମଣ ଉଦ୍ୟମ କରୁଥିବା ନେଇ ପୁଲିସ ସୂଚନା ଦେଇଥିଲା ସେହି ବ୍ୟକ୍ତି ଥାନାରେ ସମ୍ପୃକ୍ତ ବିଜେପି ନେତା ସୁକେଶ ଥପା ନାମରେ ଅଭିଯୋଗ କରିଥିଲେ। ସେ ଅଭିଯୋଗ କରିଥିଲେ ଯେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ ହେବା ପାଇଁ ସୁକେଶ କୁଆଡେ ତାଙ୍କୁ ଟଙ୍କା ମାଗିଥିଲେ। ଏହି ଘଟଣାକୁ ନେଇ ଥାନାରେ ଦୁଇ ଦିନ ଧରି ଟଣାଓଟରା ଚାଲିଥିଲା। ସୁକେଶଙ୍କ ସମର୍ଥନ କରି କିଛି ବିଜେପି ନେତା ମିଥ୍ୟା ଭିଡିଓ ଭାଇରାଲ କରାଯାଇଥିବା ନେଇ ଅଭିଯୋଗ ଆଣିଥିଲେ। ଏହି ସବୁ ଭିତରେ କିନ୍ତୁ ପଞ୍ଚାୟତର କିଛି ମହିଳା ସୁକେଶଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ କ୍ରମେ ଏହି ଯୋଜନାରେ ସେମାନେ ଆବେଦନ କରିଥିଲେ। ଆବେଦନ କରିବା ପରେ ଆବଶ୍ୟକ ଯାଞ୍ଚ କରାଯାଇ ତାଙ୍କୁ ଯୋଗ୍ୟ ବିବେଚିତ କରାଯାଇଥିଲା; କିନ୍ତୁ ପରେ ତାଙ୍କ ନାମକୁ ତାଲିକାରେ ବାଦ ଦିଆଯାଇଥିଲା। ବାଦ ଦେବା ପରେ ସମ୍ପୃକ୍ତ ବିଜେପି ନେତା ନିଜକୁ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ପାଖଲୋକ କହି ଟଙ୍କା ଦେଲେ। ସେ ଯୋଜନାରେ ସାମିଲ କରାଇଦେବେ ବୋଲି କହିଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏହାକୁ ପ୍ରତିବାଦ କରିବା ପରେ କିଛି ଲୋକଙ୍କ ନାମରେ ସେ ମିଥ୍ୟା ଅଭିଯୋଗ ଆଣିଥିବା ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଯେହେତୁ ଏହି ମାମଲାରେ ସ୍ୱାସ୍ଥ୍ୟମନ୍ତ୍ରୀ ଓ ସରକାରୀ ଦଳର ନାମ ସାମ୍ନାକୁ ଆସିଛି ତେଣୁ ପୁଲିସ ମଧ୍ୟ ଚାପଗ୍ରସ୍ତ ହୋଇ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ପୁଲିସ କିଛି ସ୍ପଷ୍ଟ ସୂଚନା ଦେଉନି। ସମ୍ପୃକ୍ତ ଅଭିଯୁକ୍ତ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ବିଭିନ୍ନ ମାମଲାରେ ବିବଦୀୟ ଥିବା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମର୍ଥକମାନେ ମଧ୍ୟ ଏହି ମାମଲାକୁ ରଫାଦଫା କରିବା ପାଇଁ ଅନେକ ଉଦ୍ୟମ ଚଳାଇଛନ୍ତି। ଏନେଇ ଥାନା ଅଧିକାରୀ ଅନିତା ନାୟକଙ୍କୁ ପଚାରିବାରୁ ସେ ଏନେଇ କୌଣସି ସୂଚନା ଦେଇପାରିବେ ନାହିଁ। ଏହା ଏକ ଭିନ୍ନ ମାମଲା। ସମ୍ପୃକ୍ତ ଯୁବକ ନାମରେ ମାମଲା ରୁଜୁ ହୋଇଛି। ଏହା ସହ ଏକ କାଉଣ୍ଟର ମାମଲା ମଧ୍ୟ ରୁଜୁ ହୋଇଛି। ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ସେ କହିଛନ୍ତି। ସମ୍ପୃକ୍ତ ଯୁବକ ଜଣକ ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଜାମୁଟବାହାଲର ହୋଇଥିବା ବେଳେ କିଛି ବର୍ଷ ହେଲା ଝରନୀପାଲିରେ ରହୁଛନ୍ତି। ସେଠାରେ ରହିବା ସହ ସରକାରୀ ଦଳର କର୍ମୀ ଭାବେ କାମ କରି ଏହିଭଳି କାର୍ଯ୍ୟରେ ଲିପ୍ତ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ଥାନା ଅଧିକାରୀ ଚାପଗ୍ରସ୍ତ ଥିବା ସ୍ପଷ୍ଟ ଭାବେ ଜଣା ପଡୁଛି। ସରକାରୀ ଦଳର କର୍ମୀ ଓ ମନ୍ତ୍ରୀଙ୍କ ପାଖ ଲୋକ ହୋଇଥିବାରୁ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାହସ ଜୁଟାଇ ପାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ସଂକଟରେ ବାଉଁଶ ଓ ମାଦଳ କାରିଗର ସରକାରୀ ପ୍ରୋତ୍ସାହନ ଅଭାବ





**ବଣାଇଁ, ୪।୪(ସମିସ)**

କିଛି ବର୍ଷହେଲା ଜଙ୍ଗଲ ଓ ଗ୍ରାମାଞ୍ଚଳରେ ବାଉଁଶ ହ୍ରାସ ପାଇବାରେ ଲାଗିଛି। ବାଉଁଶ ଖଣ୍ଡକୁ ଏବେ ୨୦୦ ଟଙ୍କାରୁ ଅଧିକରେ ବିକ୍ରି କରାଯାଉଛି। ବାଉଁଶକୁ ବ୍ୟବହାର କରି ଜୀବିକା ନିର୍ବାହ କରୁଥିବା ବାଉଁଶ କାରିଗର ପରିବାର ଏବେ ଚିନ୍ତାରେ ପଡ଼ିଯାଇଛନ୍ତି। ସେହିପରି ପଶୁ ଚମଡ଼ା ବ୍ୟବହାର କରିବା ସରକାର ବନ୍ଦ୍ କରିବା ପରେ ଢୋଲ, ମାଦଳ, ମୃଦଙ୍ଗ ତିଆରି କରୁଥିବା କାରିଗର ପରିବାରର ମଧ୍ୟ ବେଉସା ବୁଡ଼ି ଯିବାରୁ ଦୁର୍ବିସହ ଭାବେ ଜୀବନଯାପନ କରୁଛନ୍ତି। ସେମାନଙ୍କ ହାତରେ 'ସୁନା ପାତ ହେଲେ ପେଟକୁ ନାହିଁ ଭାତ'। ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ ନରେନ୍ଦ୍ର ପଞ୍ଚାୟତ ଅଧୀନ ବିଶିପାଲି, ଜିବିକା ଇତ୍ୟାଦି ଗ୍ରାମରେ ବସବାସ କରୁଥିବା ୧୦ ରୁ ଊର୍ଦ୍ଧ୍ୱ ପରିବାର ଏବେ ସଂକଟରେ। ସରକାରୀ ପ୍ରୋତ୍ସାହନ ଅଭାବରୁ ନିଜ ପେଟପାଟଣାକୁ ନେଇ ଏବେ ଚିନ୍ତାରେ। ବାଉଁଶରେ ବିଭିନ୍ନ ପ୍ରକାର ଘରକରଣା ଜିନିଷ ଟୋକେଇ, କୁଲା, ଝୁଡି ଭଳି ବିଭିନ୍ନ ପ୍ରକାରର ଜିନିଷ ତିଆରି କରି ବାଉଁଶ କାରିଗରମାନେ ପରିବାର ପ୍ରତିପୋଷଣ କରୁଥିଲେ। କୁଲା ବାଉଁଶିଆରେ ବାହାଘରର ପ୍ରଥମ ଅନୁକୂଳ କରାଯାଇଥାଏ। ବାଉଁଶ ପାତରୁ ବିଭିନ୍ନ ପ୍ରକାର ଘରକରଣା ଜିନିଷ ତିଆରି କରି ବାଉଁଶ କାରିଗର ପରିବାରମାନେ ସୁଖରେ ଚଳୁଥିଲେ। ହେଲେ ବାଉଁଶ ଚାଷ କରିବା ପାଇଁ ସରକାରୀ ପ୍ରୋତ୍ସାହନର ଅଭାବ ସାଙ୍ଗକୁ ପ୍ରତିକୂଳ ଜଳବାୟୁ ଓ ବିଷାକ୍ତ ଧୂଆଁ ଯୋଗୁଁ ବାଉଁଶ କ୍ରମଶଃ ଲୋପ ପାଇବାରେ ଲାଗୁଛି। ଅନ୍ୟପଟରେ ପ୍ଲାଷ୍ଟିକ ଜିନିଷର ବହୁଳ ବ୍ୟବହାର ପରେ ଲୋକଙ୍କର ବାଉଁଶ ତିଆରି ଘର କରଣା ଜିନିଷ ପ୍ରତି ଆଉ ଆଗ୍ରହ ନାହିଁ। କୁଲା ବାଉଁଶିଆ ବୁଣି ଏ ହାଟରୁ ସେ ହାଟ ବିକ୍ରି କରିବା ପାଇଁ ବୁଲୁଥିଲାବେଳେ ସେଥିରୁ ଯତ୍ କିଞ୍ଚିତ ଅର୍ଥ ମିଳୁଛି ତାହା ପରିବାର ପ୍ରତିପୋଷଣ କରିବା ପାଇଁ କଷ୍ଟକର ହୋଇପଡୁଛି। ପୂର୍ବରୁ ଜଙ୍ଗଲରେ ରହିଥିବା ବାଉଁଶ ବଣ ଏବେ ଶ୍ରୀହୀନ ହେବାକୁ ବସିଲାଣି। ବାଉଁଶର ଅଭିବୃଦ୍ଧି ପାଇଁ ଏବେ ଜଙ୍ଗଲ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଥିବା କହିଛନ୍ତି ଏସବୁ କାରିଗର ପରିବାର। ବାଉଁଶ କାରିଗରଙ୍କ ପ୍ରତି ସରକାର ଦୃଷ୍ଟିଦେବାକୁ ନିବେଦନ କରାଯାଇଛି।

## ଗରିମା ପରିବାର ପକ୍ଷରୁ ଉତ୍କଳ ଦିବସ



**ରାଉରକେଲା, ୪।୪(ସମିସ):** ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଗରିମା ପରିବାର ପକ୍ଷରୁ ଅଷ୍ଟମ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଗରିମାର ଅଧ୍ୟକ୍ଷା ନିହାରିକା ବସ୍ତିଆଙ୍କ ଅଧ୍ୟକ୍ଷତାରେ ସଭାପତି ମମତା ନାୟକ, ମୋନାଲିସା ସାହୁ ଓ ମୋନାଲିସା ଗୌଡ଼ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଦୀପିକା ମହିଳା ସଂହତିର ଉପସଭାପତି ପ୍ରତିଜ୍ଞା ପଲେଇ, ସୁନ୍ଦରଗଡ଼ ସ୍ୱତନ୍ତ୍ର କାରାଗାରର ସୁପରିଟେଣ୍ଡେଣ୍ଟ ଜୀବନ ସିଂ ମୁଣ୍ଡା, ସେକ୍ଟର - ୧୯ ଥାନା ପ୍ରଭାରୀ ବୈଦ୍ୟନାଥ ସାହୁ, ଅର୍ବାନ ବ୍ୟାଙ୍କ ସଭାପତି ଦିଲୀପ ମହାପାତ୍ର ପ୍ରମୁଖ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରର ସମାଜସେବୀ ଅନୁଶ୍ରୀ ଦାଶ ଓ ସୁନ୍ଦରଗଡ଼ର ଗୀତାଞ୍ଜଳି ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ଓଡ଼ିଶୀ ନୃତ୍ୟ, ଦି.ନେକ୍ସଟଜେନର ଗୁରୁ ଆନନ୍ଦ ସୁନାଙ୍କ ଗ୍ରୁପ ଦ୍ୱାରା ନୃତ୍ୟ ପରିବେଷଣ, ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀଙ୍କୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱରଞ୍ଜନ ବେହୁରା, ସଞ୍ଜୀବ ମହାନ୍ତି, ପ୍ରଦୀପ କୁମାର ଦାସ, ଗୋପାଳ ବାଗାଡିଆ, ସୁନିଲ କାୟଲ, ସନ୍ତୋଷ ଅଗ୍ରୱାଲ, ଭାରତ ଚନ୍ଦ୍ରବାଇ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଶଙ୍କର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ନିହାରିକା ବସ୍ତିଆ, ସଭାପତି ମମତା ନାୟକ, ସମ୍ପାଦିକା ଡ. ସରିତା ମଲ୍ଲ, ସଂଯୋଜିକା ସୁମିତା ପଟ୍ଟନାୟକଙ୍କ ସହ ପ୍ରଣତୀ ପଟ୍ଟନାୟକ, ଶଙ୍ଖରିନା ପ୍ରଧାନ, ଶାନ୍ତିଲତା ବାରିକ, ରେବତୀ ବାରିକ, ମୀନାକ୍ଷୀ ପାତ୍ରୀ, ରିମି ଚକ୍ରବର୍ତ୍ତୀ, ଶର୍ମିଳା ତ୍ରିପାଠୀ, ସନ୍ତୋଷୀ ମଲ୍ଲିକ, ଲୀନା ତ୍ରିପାଠୀ, ରଶ୍ମିତା ଚୌଧୁରୀ, ମମତା ଦାସ, ସୁନିତା ଶ୍ରିନିବାସନ, ଦେବସ୍ମିତା ଶତପଥୀ, ମୀନତି ମୋଦୀ, ଲୁସି ଦାଶ, ସସ୍ମିତା ମିଶ୍ର, ତପସ୍ୱନୀ ପାତ୍ର, ମଞ୍ଜୁ ରାଣୀ ମେହେର, ସବିତା ମହାପାତ୍ର, ରଶ୍ମୀ ନାୟକ, ଭାଗ୍ୟଶ୍ରୀ ଦାସ, ବ୍ରତତୀ ପ୍ରଧାନ, ଗାୟତ୍ରୀ ମହାନ୍ତି, ଶୁଭଲକ୍ଷ୍ମୀ ପାତ୍ର, ପ୍ରତିଷ୍ଠାତା ଶଙ୍କର ଜେନା ଓ ମୁଖ୍ୟ ଉପଦେଷ୍ଟା ରଶ୍ମୀତ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ୟାସ୍ କଳାବଜାରୀ ଉପରେ ଚଢ଼ଉ : ୬ ସିଲିଣ୍ଡର ଜବତ



**ରାଉରକେଲା, ୪।୪(ସମିସ):** ରାଉରକେଲା ସହରରେ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର କଳାବଜାରୀ ହେଉଥିବା ଅଭିଯୋଗ ପାଇ ଖାଦ୍ୟ ଓ ଯୋଗାଣ ବିଭାଗ ପକ୍ଷରୁ ସହରର ବିଭିନ୍ନ ହୋଟେଲରେ ଚଢ଼ଉ କରାଯାଇଥିଲା। ରାଉରକେଲା ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ନେତୃତ୍ୱରେ ଯୋଗାଣ ବିଭାଗ ପକ୍ଷରୁ ତିନୋଟି ହୋଟେଲରେ ଚଢ଼ଉ କରାଯାଇ ୬ ଟି ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ହୋଟେଲରେ ରନ୍ଧନ ଗ୍ୟାସ ସିଲିଣ୍ଡର ବ୍ୟବହାର କରାଯାଉଥିବାରୁ ରାଉରକେଲା ସହରରେ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡରର କଳାବଜାରୀ ଆରମ୍ଭ ହୋଇଥିବା ଅଭିଯୋଗ ପରେ ଯୋଗାଣ ବିଭାଗ ପକ୍ଷରୁ ସହରର ବିଭିନ୍ନ ହୋଟେଲରେ ଚଢ଼ଉ ଆରମ୍ଭ ହୋଇଛି।

## ରେଲବାଇ ମହାପ୍ରବନ୍ଧକଙ୍କୁ ଭେଟିଲେ ବିଧାୟକ



**ରାଉରକେଲା, ୪।୪(ସମିସ):** ଦକ୍ଷିଣ-ପୂର୍ବ ରେଳବାଇର ମହାପ୍ରବନ୍ଧକ ସୌମିତ୍ର ମଜୁମଦାର ଆଜି ରାଉରକେଲା ଗସ୍ତରେ ଆସିଥିବାବେଳେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ତାଙ୍କୁ ଭେଟି ରାଉରକେଲା ରେଳଷ୍ଟେସନର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ରାଉରକେଲା ଷ୍ଟେସନ ପରିସରରେ ଥିବା ସଭାଗୃହରେ ଶ୍ରୀ ନାୟକ ରେଳବାଇ ଜିଏମଙ୍କୁ ଦାବି କରିଥିଲେ ଯେ, ପୂର୍ବରୁ ରାଉରକେଲା ଏବଂ ରାଉରକେଲା ରେଳଷ୍ଟେସନ୍ ଦେଇ ଚଳାଚଳ କରୁଥିବା ପାସେଞ୍ଜର ଟ୍ରେନ୍ ପାଇଁ ମାଲଗାଡି ଅଟକି ଯାଉଥିଲା। କିନ୍ତୁ ବର୍ତ୍ତମାନ ମାଲଗାଡି ବା ମାଲବାହୀ ଟ୍ରେନ ପାଇଁ ପାସେଞ୍ଜର ଓ ଏକ୍ସପ୍ରେସ ଟ୍ରେନ୍ ଅଟକି ଯାଉଛି। ଏହାଦ୍ୱାରା ପାସେଞ୍ଜର ଆସୁଥିବା ଟୁରିଷ୍ଟ ଓ ରେଳଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ବର୍ତ୍ତମାନ ପାସେଞ୍ଜର ଟ୍ରେନକୁ ପ୍ରାଧାନ୍ୟ ଦେଇ ପୁନଃ ଚଳାଇବା ପାଇଁ ଦାବି କରିଥିଲେ। ଏହାସହ ରାଉରକେଲା ରେଳଷ୍ଟେସନରେ ଗାଡି ମୋଟର ପାର୍କିଂ ସ୍ଥାନରେ ମିନିଟ ହିସାବରେ ଅର୍ଥ ଆଦାୟ କରାଯାଉଛି। ବସଷ୍ଟାଣ୍ଡ, ମଲ୍ ଭଳି ସ୍ଥାନରେ ଗାଡି, ମୋଟର ପାଇଁ ନିଃଶୁଳ୍କ ପାର୍କିଂ (ଫ୍ରି ପାର୍କିଂ) ବ୍ୟବସ୍ଥା ଥିବାବେଳେ ରାଉରକେଲା ରେଳଷ୍ଟେସନ୍ ପାର୍କିଂରେ ଟଙ୍କା ଆଦାୟ ଦ୍ୱାରା ଜୁଲୁମ କରାଯାଉଛି ବୋଲି ଅଭିଯୋଗ କରିଥିଲେ। ରାଉରକେଲା ରେଳଷ୍ଟେସନର ପ୍ଲାଟ୍‌ଫର୍ମକୁ ପ୍ରବେଶ ଓ ପ୍ରସ୍ଥାନ ସମୟରେ ସମ୍ମୁଖରେ ୪୦୦ରୁ ୫୦୦ ଲୋକ ଶୋଇ ରହୁଥିବାରୁ ରେଳଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସେହି ରେଳଯାତ୍ରୀମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରି ରାଉରକେଲା ରେଳଷ୍ଟେସନର ଏକ ସୁସ୍ଥ ବାତାବରଣରେ ଫେରାଇ ଆଣିବା ନିମନ୍ତେ ଦାବି କରିଥିଲେ। ସେହିପରି ରାଉରକେଲା ରେଳଷ୍ଟେସନ୍ ପ୍ରବେଶ ଓ ପ୍ରସ୍ଥାନ ପଥ ସମେତ ପାଚେରି ସମ୍ମୁଖରେ ଥିବା ଦୋକାନୀଙ୍କ ଥଇଥାନ ବ୍ୟବସ୍ଥା କରିବା ପାଇଁ ଦାବି କରିଥିଲେ। ବନ୍ଧମୁଣ୍ଡା ରେଲୱେ ଅଞ୍ଚଳରେ ପରିଷ୍କାର, ପରିଚ୍ଛନ୍ନତା ପ୍ରତି ଦୃଷ୍ଟିଦେବାକୁ ମଧ୍ୟ ଦାବି କରିଥିଲେ। ଏହି ଆଲୋଚନା ବେଳେ ଚକ୍ରଧରପୁର ରେଳବାଇ ଡିଆରଏମ୍ ତରୁଣ ହୁରିଆଙ୍କ ସହ ରେଳ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଜୁ ଜନତା ଦଳର ବରିଷ୍ଠ ନେତା ଗଗନ ପଣ୍ଡା, ମୁଖପାତ୍ର ଜୟନ୍ତ କୁମାର ମିଶ୍ର, ବରିଷ୍ଠ ନେତା ବୀରେନ୍ ସେନାପତି, ପ୍ରଶାନ୍ତ ସେଠୀ, ପିଙ୍କୁ ଜୟସ୍ୱାଲ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ନେତା ଏବଂ କର୍ମୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ

**ବଣାଇଁ, ୪।୪(ସମିସ):** ବଣାଇଁ ସହର ସ୍ଥିତ ରାଜା ଧରଣୀଧର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ ପାଳିତ ହୋଇଯାଇଛି। ବଣାଇଁ ଗୋଷ୍ଠୀ ଶିକ୍ଷାଧିକାରୀ ସୁନୀଲ ମୁଣ୍ଡୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଣାଇଁ ଉପଖଣ୍ଡର ସହକାରୀ ଜିଲ୍ଲାପାଳ ବିକ୍ରାନ୍ତ ପାତ୍ର, ବଣାଇଗଡ଼ (ଖ) ଜିଲ୍ଲାପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ବଣାଇଁଗଡ଼ ସରପଞ୍ଚ ନମିତା ନାଗ, କୋଇଡା ଗୋଷ୍ଠୀ ଶିକ୍ଷାଧିକାରୀ ଅଭିମନ୍ୟୁ ବେହେରା, ସମିତି ସଭ୍ୟ ରୁଦ୍ରଚରଣ ମାଝୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆହ୍ଲାଦ ବଢ଼େଇ, ବଣାଇଁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାବୁରାମ ମହାନ୍ତ ଓ ଲହୁଣୀପଡ଼ା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନରହରି କିଷାନ୍ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ରିକଲା ସିଆରସିସି ଚତୁର୍ଭୁଜ ପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସହ ସମସ୍ତ ଅତିଥି ଶିକ୍ଷା ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ।



## କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ



**ବଣାଇଁ, ୪।୪(ସମିସ):** ବଣାଇଁଗଡ଼ ବ୍ଲକ ଅଧୀନ ଜାଙ୍ଗଲା ଗ୍ରାମରେ ଜାଙ୍ଗଲା କ୍ରିକେଟ କ୍ଲବ୍ ତରଫରୁ ଆୟୋଜିତ ୪୯ତମ ନକଆଉଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଜଗନ୍ନାଥ କ୍ରିକେଟ କ୍ଲବ୍ ବିଭୁ ଆରିୟର ଦଳକୁ ୪୮ ରନରେ ପରାସ୍ତ କରିଥିଲା। ଉଦ୍‌ଘାଟନୀ ଉତ୍ସବରେ ଶାନ୍ତନୁ ଦାଶ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପରାଶର ବିଶ୍ୱାଳ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ରୁଗୁଡା ସମିତି ସଭ୍ୟା ସେବତୀ ବିଶ୍ୱାଳ ଉପସ୍ଥିତ ଥିଲେ। କ୍ଲବ୍‌ର ସଭାପତି ପ୍ରଶାନ୍ତ ସାହୁ ଓ ସମ୍ପାଦକ ରାଜା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ମ୍ୟାଚ୍‌ଟି ସୁଚାରୁ ଭାବେ ପରିଚାଳିତ ହୋଇଥିଲା। ଖେଳକୁ ଆଭାସ ବିଶ୍ୱାଳ ଓ ରୋହିତ କୁଅଁର ପରିଚାଳନା କରିଥିବାବେଳେ ଉଦ୍‌ଘୋଷକ ଭାବେ ଅଶୋକ ସେଠ ଓ ରଞ୍ଜିତ ମୁଣ୍ଡା କାର୍ଯ୍ୟ ତୁଲାଇଥିଲେ।

## ଦୁର୍ଘଟଣାରେ ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ

**ଲହୁଣୀପଡ଼ା, ୪।୪(ସମିସ):** ଚାନ୍ଦିପୋଷ ଥାନା ଅଧୀନ ରେଳ ଓଭରବ୍ରିଜ୍ ଠାରେ ଶୁକ୍ରବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ହୋଇଥିଲେ। ଶନିବାର ତାଙ୍କର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିନାହିଁ। ସୂଚନା ଅନୁସାରେ ଶୁକ୍ରବାର ରାତିରେ ୧୪୩ ନମ୍ବର ଜାତୀୟ ରାଜପଥ ଚାନ୍ଦିପୋଷ ରେଳ ଓଭରବ୍ରିଜଠାରେ ଜଣେ ବ୍ୟକ୍ତିଙ୍କୁ ଏକ ଗାଡ଼ି ଧକ୍କା ଦେଇଥିଲା। ଚାନ୍ଦିପୋଷ ପୁଲିସ ସହାୟତାରେ ଗୁରୁତର ଆହତଙ୍କୁ ରାଉରକେଲାସ୍ଥିତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ଶବକୁ ମର୍ଗ ହାଉସରେ ରଖି ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

## ରେଲବାଇ ମହାପ୍ରବନ୍ଧକଙ୍କ ଷ୍ଟେସନ ଯାଞ୍ଚ

**ରାଉରକେଲା, ୪।୪(ସମିସ):** ଦକ୍ଷିଣ-ପୂର୍ବ ରେଳବାଇର ମହାପ୍ରବନ୍ଧକ ସୌମିତ୍ର ମଜୁମଦାର ରାଉରକେଲା ଗସ୍ତରେ ଆସି ରାଉରକେଲା ଷ୍ଟେସନ ପରିଦର୍ଶନ କରିଥିଲେ। ଏହି ଗସ୍ତବେଳେ ରାଉରକେଲା ଷ୍ଟେସନ ବାହାରେ ଥିବା ସେଡ୍, ନୂତନ ପାର୍କିଂ ଷ୍ଟାଣ୍ଡ, ଅଟୋ ଷ୍ଟାଣ୍ଡ ସହ ନବନିର୍ମିତ କୋଠା, ପାର୍ସଲ ୟାର୍ଡ ଏବଂ ପ୍ଲାଟଫର୍ମ ନମ୍ବର ୫ରେ ଚାଲିଥିବା ବିକାଶ କାର୍ଯ୍ୟ ସମେତ ରେଳବାଇ ଷ୍ଟେସନ ପରିସରର ବିକାଶ କାର୍ଯ୍ୟ ଯାଞ୍ଚ କରିଥିଲେ। ରେଳ ଯାତ୍ରୀମାନଙ୍କୁ ସର୍ବାଧିକ ସୁବିଧା କିପରି ଯୋଗାଇ ଦିଆଯାଇ ପାରିବ ସେ ବିଷୟରେ ମଧ୍ୟ ବରିଷ୍ଠ ରେଳଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ରେଳବାଇ ମହାପ୍ରବନ୍ଧକ ଗ୍ରୀଷ୍ମଋତୁ ପାଇଁ ରାଉରକେଲା ଷ୍ଟେସନରେ ପାନୀୟଜଳ ବ୍ୟବସ୍ଥା ସମେତ ତୃତୀୟ ଲାଇନ ନିର୍ମାଣ ବିଷୟରେ ମଧ୍ୟ ଆଲୋଚନା କରିଥିଲେ। ଏହି ଅବସରରେ, ଚକ୍ରଧରପୁର ଡିଆରଏମ ତରୁଣ ହୁରିଆ, ସିଏଓସିଆରଏସପି ଅନୀଲ କୁମାର, ମୁଖ୍ୟପ୍ରକଳ୍ପ ପରିଚାଳକ କେ.ସି. ସାହୁ, ସିନିୟର ଡିସିଏମ ଆଦିତ୍ୟ ଚୌଧୁରୀ, ସିନିୟର ଡିଏନ୍‌ଏ କୋଅର୍ଡିନେଟର ଆର.କେ. ମୀନା, ସିନିୟର ଡିସିଏମ କୋଚିଂ ଦୀପକ କୁମାର ମୁର୍ମୁ, ରେଳବାଇ ଜିଏମଙ୍କ ସଚିବ ମନୀଷ ପାଠକ, ରାଉରକେଲା ରେଳବାଇ ଷ୍ଟେସନ ପରିଚାଳକ ଲକ୍ଷ୍ମୀଧର ତ୍ରିପାଠୀଙ୍କ ସମେତ ଅନ୍ୟାନ୍ୟ ରେଳ ଅଧିକାରୀମାନେ ଉପସ୍ଥିତ ଥିଲେ।



## ଶ୍ରମବିଭାଗ ପକ୍ଷରୁ ଓଡ଼ିଆରେ ନାମଫଳକ ଅଭିଯାନ



**ରାଉରକେଲା, ୪।୪(ସମିସ):** ଉତ୍କଳ ଦିବସଠାରୁ 'ଓଡ଼ିଆ ପକ୍ଷ୨୦୨୬' ଆରମ୍ଭ ହୋଇଥିଲାବେଳେ ଆଜିଠାରୁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ଦ୍ୱାରା ରାଉରକେଲାରେ ଓଡ଼ିଆ ନାମ ଫଳକ ସଚେତେନତା ପଦଯାତ୍ରା ଅଭିଯାନ ଆୟୋଜିତ ହୋଇଥିଲା। ଏହି ଅଭିଯାନରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ଅତିରିକ୍ତ ଶ୍ରମ ଆୟୁକ୍ତ ଘାସିରାମ ଟୁଡୁ, ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ ରଞ୍ଜନ ଜେନା, ଜିଲ୍ଲା ଶ୍ରମ ଅଧିକାରୀ ଗୋପାଳ କୃଷ୍ଣ ମଙ୍ଗରାଜ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏତ୍‌ଦବ୍ୟତୀତ ଜିଲ୍ଲାର ସମସ୍ତ ଓଡ଼ିଆ ଭାଷା ଆନ୍ଦୋଳନର ଅଗ୍ରଣୀ ଅନୁଷ୍ଠାନ ଉତ୍କଳ ସମ୍ମିଳନୀ, ପ୍ରଗତି ଉତ୍କଳ ସଂଘ, ସାଂସ୍କୃତିକ ପରିଷଦ ରାଉରକେଲା, ଇସ୍ପାତ ସାହିତ୍ୟ ସଂସଦ, ଆଦର୍ଶ ପାଠାଗାର, ଭଞ୍ଜ କଳାକେନ୍ଦ୍ର, ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ, ଏକତ୍ର ରାଉରକେଲା, ଓଡ଼ିଆ ଭାଷା ବିକାଶ ମଞ୍ଚ, ଗାରିମା, ଶାସ୍ତ୍ରୀ ସାହିତ୍ୟ ସଂସଦ, ଜଗଦା ସାଂସ୍କୃତିକ ପରିଷଦ, ବାସନ୍ତୀ ପାଠାଗାର, ବାସନ୍ତୀ ସାଂସ୍କୃତିକ ପରିଷଦ, ଧାମରା ସଂଘ, ସୁବର୍ଣ୍ଣରେଖା, ଗୋପବନ୍ଧୁ ପାଠାଗାର, ମଧୁସୂଦନ ପାଠାଗାର, ସ୍ୱାଭିମାନୀ ଓଡ଼ିଆ, ନୀଳଚକ୍ର, ନୀଳଶୈଳ, ମୁଁ ଓଡ଼ିଆ ମୁଁ ଗର୍ବିତ, ରାଉରକେଲା ହୋଟେଲ ଆସୋସିଏସନ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ। ଏହି ପାଦଯାତ୍ରା ମଧୁସୂଦନ ମାର୍ଗରୁ ବାହାରି ମେନରୋଡ, ଡେଲି ମାର୍କେଟ, ମଙ୍ଗଳ ଭବନ, କଚେରୀ ରୋଡ ହୋଇ ଆମ୍ବେଦକର ଛକରେ ଶେଷ ହୋଇଥିଲା। ଓଡ଼ିଶା ସରକାରଙ୍କ ନିୟମ ଅନୁଯାୟୀ, ଓଡ଼ିଆରେ ନାମ ଲେଖିବା ବାଧ୍ୟତାମୂଳକ। ଏହାର ଉଲ୍ଲଂଘନ କଲେ ଜରିମାନାର ପ୍ରାବଧାନ ରହିଛି। ସ୍ଥାନୀୟ ଭାଷାରେ ନାମ ରହିଲେ ସାଧାରଣ ଲୋକ ଓ ଗ୍ରାହକମାନେ ଅନୁଷ୍ଠାନ ସହ ଅଧିକ ନିବିଡ଼ ଭାବେ ଯୋଡ଼ି ହୋଇପାରନ୍ତି। ଶ୍ରମ ଆୟୁକ୍ତ କିଷାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଖଣିଯାନରେ ଏଲ୍‌ଏନ୍‌ଜି ବ୍ୟବହାର ପାଇଁ ଗେଲ୍ ଓ ସେଲ୍ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର

**ରାଉରକେଲା, ୪।୪(ସମିସ)**



ସ୍ଥାୟୀ ଖଣିଜ ଉତ୍ତୋଳନ ସହ କାର୍ବନ ପାଦଚିହ୍ନ ହ୍ରାସ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ସେଲ୍, ଓଡ଼ିଶା ଖଣି ସମୂହ (ଓଜିଓଏମ) ଏହାର ଭାରି ଖଣି ଯାନ (ଏଚଇଏମ୍‌ଏମ୍)ରେ ଏକ ବିକଳ୍ପ ଇନ୍ଧନ ଭାବେ ତରଳ ପ୍ରାକୃତିକ ଗ୍ୟାସ (ଏଲଏନଜି) ବ୍ୟବହାରକୁ ଉପଯୋଗ କରିବା ପାଇଁ ଭାରତୀୟ ଗ୍ୟାସ ପ୍ରାଧିକରଣ ଲିମିଟେଡ୍(ଗେଲ) ସହିତ ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛି। ଏହି ଅବସରରେ ରାଉରକେଲା ସ୍ଥିତ ଖଣି ବିଭାଗରେ ସେଲ୍‌ର ଓଜିଓଏମ, ସିଏମଏଲଓ ଏବଂ ଗେଲ୍ ଗ୍ୟାସ ଲିମିଟେଡ୍ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତିନାମାଟି ଆରଏସପିର ଖଣି (ଓଜିଓଏମ) ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ.ପି. ସିଂହ ଏବଂ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାରଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ବଲାଣୀ ଓର୍ ମାଇନ୍ସର ରକ୍ଷଣାବେକ୍ଷଣ ବିଭାଗର ସିଜିଏମ ଏବଂ ଓଜିଓଏମର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଗେଲ୍ ଗ୍ୟାସ୍ ଲିମିଟେଡ୍ ପକ୍ଷରୁ ଗେଲ୍ ମାର୍କେଟିଂ ବିଭାଗର ସିଜିଏମ ଏମ୍ ଜାଫର୍ ଖାନ, ଆଶିଷ ମିତ୍ତଲ, ଜି. ଆଙ୍ଗୈୟା ଏବଂ ବରିଷ୍ଠ ମାର୍କେଟିଂ ଅଧିକାରୀ କାନି ବାଲାନ୍ ପ୍ରତିନିଧିତ୍ୱ କରିଥିଲେ। ଡିଜେଲ ବ୍ୟବହାରକୁ କମ୍ କରିବା ସହ ଇନ୍ଧନ ଦକ୍ଷତାରେ ଉନ୍ନତି ଆଣିବା ଏବଂ ସେଲ୍‌ର ସବୁଜ ଖଣି ଉତ୍ତୋଳନ କାର୍ଯ୍ୟକାରିତା ସହିତ ପରିବେଶ ଅନୁକୂଳ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ଏହି ପ୍ରୟାସର ମୁଖ୍ୟ ଲକ୍ଷ୍ୟ। ଏହି ବୁଝାମଣାପତ୍ର ଓଜିଓଏମ ଏବଂ ଗେଲ୍ ଗ୍ୟାସ୍ ଲିମିଟେଡ୍ ମଧ୍ୟରେ ସହଯୋଗ ପାଇଁ ଏକ ଢାଞ୍ଚା ପ୍ରତିଷ୍ଠା କରୁଛି ଯାହା ଓଜିଓଏମ ର ଲଜିଷ୍ଟିକ୍ସ ଏବଂ ଖଣି ଫ୍ଲିଟ୍ ପାଇଁ ଏକ ସ୍ୱଚ୍ଛ ଏବଂ ଅଧିକ ଦକ୍ଷ ଇନ୍ଧନ ଭାବରେ ଏଲଏନଜିର ଉପଯୋଗ ଏବଂ ସମନ୍ୱୟ ଅନୁସନ୍ଧାନ କରିବ।

## ଗ୍ୟାସ ଅଭାବୀ ବିକ୍ରି ପରେ ବିକଳ୍ପ ଖୋଜା

# ମହଙ୍ଗା ହେଲା କାଠ, କୋଇଲା ଓ ଇଣ୍ଡକ୍ସନ୍ ଚୁଲା



ଗୁଣୁପୁର,୨୧୪(ସମିସ): ସାରା ଦେଶରେ ଗ୍ୟାସ୍‌ର ଅଭାବ ବିକ୍ରିକୁ ନେଇ ସାଧାରଣର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଘୋରାଇ ରନ୍ଧନ ଗ୍ୟା।ସ ବୁକିଂର ବହୁ ବିଳମ୍ବରେ ମିଳିଥିବା ବେଳେ ବ୍ୟବସାୟୀକ ଗ୍ୟାସ୍ ସମ୍ପୂର୍ଣ୍ଣ ଭାବେ ସେବା ମିଳୁନଥିବା ଯୋଗୁଁ ହୋଟେଲ ବ୍ୟବସାୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ବ୍ୟବସାୟୀକ ଗ୍ୟାସ୍ ମିଳିବ ବୋଲି ଆଶାରେ ହୋଟେଲ ମାଲିକମାନେ ଦିର୍ଘଦିନ ଧରି ଅପେକ୍ଷାରେ ରହି ହୋଟେଲ ବନ୍ଦ କରିଦେଇଛନ୍ତି, କିନ୍ତୁ ଗ୍ୟାସ୍ ମିଳିବା ନେଇ ସରକାରଙ୍କ ପକ୍ଷରୁ କୌଣସି ସୂଚନା କିବା ଘୋଷଣା ବର୍ତ୍ତମାନ ସୁଦ୍ଧା କରାଯାଇ ନଥିବା ଯୋଗୁଁ ହୋଟେଲ ମାଲିକମାନେ ବାଧ୍ୟ ହୋଇ ବିକଳ୍ପ ବ୍ୟବସ୍ଥା ଖୋଜି ଖୋଜି କାଠ ଚୁଲା, କୋଇଲା ଚୁଲା, ବୈଦ୍ୟୁତିକ ଚୁଲା ଓ ପୋଡ଼ା ଦେଲରେ ଚୁଲା ଜାଳି ବ୍ୟବସାୟ ଆରମ୍ଭ କରିଛନ୍ତି। ତେବେ ଏହାର ପାଶ୍ୱର୍ ପ୍ରତିକ୍ରିୟା ଦେଖିବାକୁ ମିଳିଛି। କାଠ ଓ କୋଇଲା ସଂଗ୍ରହ ପାଇଁ ଲୋକେ ଜଙ୍ଗଲ ମୁହାଁ ହୋଇଥିବା ବେଳେ କାଠ ଓ କୋଇଲାର ଦରଦାମ ବୃଦ୍ଧି ପାଇଥିବା ଜଣାପଡ଼ିଛି। ସେହିଭଳି ବୈଦ୍ୟୁତିକ ଚୁଲା ଏବଂ ପୋଡ଼ା ତେଲ ଚୁଲାର ଦରଦାମ ମଧ୍ୟ ବ୍ୟାପକ ବୃଦ୍ଧି ପାଇଛି। ରାତି ପାହିଲେ ଗ୍ରାମାଞ୍ଚଳର ଲୋକେ କାଠ ଓ କୋଇଲା ସଂଗ୍ରହ କରିବା ପାଇଁ ଜଙ୍ଗଲକୁ ଯାଉଥିବା ବେଳେ ସହରର ଲୋକେ ଗ୍ରାମାଞ୍ଚଳକୁ ଯାଇ କାଠ ଓ କୋଇଲା କିଣି ଆଣୁଛନ୍ତି। ଏହାରି ମଧ୍ୟରେ ବ୍ୟାଚୁଲର ଗ୍ୟାସ୍ ତଥା ୫ କେଜିଆ ଗ୍ୟାସ୍‌ର ରି ଫିଲିଂ ବନ୍ଦ ହୋଇଯାଇଥିବାରୁ ଛାତ୍ରଛାତ୍ରୀ ଏବଂ ଏକାକୀ ରହୁଥିବା ଲୋକଙ୍କୁ ଏହି ସମସ୍ୟା ଭାରି ବୋଝ ହୋଇପଡିଥିବା କହିଛନ୍ତି। ଘୋରାଇ ଗ୍ୟାସ୍‌ର ଅଭାବ ଏବଂ ବ୍ୟବସାୟିକ ଗ୍ୟାସ୍ ନ ମିଳିବା ଯୋଗୁଁ ସମସ୍ତେ କାଠ ଓ କୋଇଲା ନିର୍ଭର କରୁଛନ୍ତି। ଫଳରେ ଧିରେ ଧିରେ ଜଙ୍ଗଲ ଧ୍ୱଂସ ହୋଇଯିବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ଉଚିତ୍ ପଦକ୍ଷେପ ଗ୍ରହଣ କଲେ ଜନସାଧାରଣ ଉପକୃତ ହୋଇପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

> ➤ ଜଙ୍ଗଲ ମୁହାଁ ଗ୍ରାମବାସୀ, ଗାଁ ମୁହାଁ ସହରବାସୀ
> ➤ ବଢ଼ିଲା ଜଙ୍ଗଲ ଧ୍ୱଂସ ଆଶଙ୍କା

# ସରକାରୀ ଜାଗାରେ ଚାଲିଛି ତାରକା ହୋଟେଲ ନିର୍ମାଣ



ମାଲକାନଗିରି,୪।୪(ସମିସ): ମାଲକାନଗିରି ସହର ଓ ଜିଲ୍ଲା ସଦରମହକୁମା, ପୌରାଞ୍ଚଳରେ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଘର ଦ୍ୱାର ମଧ୍ୟ ବୃଦ୍ଧି ପାଉଛି। ତେବେ କିଛି ଅସାଧୁ ବ୍ୟବସାୟୀଙ୍କ ନଜର ଏବେ ସହର ପ୍ରମୁଖ ସରକାରୀ ଜାଗା ଉପରେ ରହିଛି। ଆଉ ପ୍ରଶାସନ କିମ୍ବା ସରକାରୀ ନୀତି ନିୟମକୁ ଫୁ କରି ସରକାରୀ ଜାଗା ହଡପ୍ କରି ବେଆଇନ ଭାବେ ବହୁତଳ ପ୍ରାସାଦ କିମ୍ବା ବ୍ୟବସାୟୀକ ପ୍ରତିଷ୍ଠାନ ନିର୍ମାଣ କରିବାକୁ ପଛାଉ ନାହାନ୍ତି କିଛି ବ୍ୟକ୍ତି। ମାଲକାନଗିରି ଷ୍ଟାଡିୟମ୍‌କୁ ସଂଯୋଗ କରୁଥିବା ରାସ୍ତା କଡରେ ନିର୍ମାଣ ହୋଇଛି ଏମିତି ଏକ ୫ ମହଲା କୋଠା। ମିଳିଥିବା ସୁଚନା ଅନୁଯାଇ ମାଲକାନାଗିରି ତହସିଲ ଅନ୍ତର୍ଗତ ମାଲକାନଗିରି ମୌଜାରେ ଥିବା ଖତିଆନ ସଂଖ୍ୟା ୯୯୪/୬୫୬୮ ଅନ୍ତର୍ଗତ ପ୍ଲଟ ନଂ ୯୮୧/୧୨୦୭୪ରେ କୋଠା ନିର୍ମାଣ କରୁଥିବା ମାଲିକଙ୍କ ନାଁରେ ରହିଛି ମାତ୍ର ୨ ଡେସିମିଲ ଜାଗା। ପ୍ରାୟ ୯୦୦ ବର୍ଗ ଫୁଟ ପଟ୍ଟା ଜାଗା ଥିବା ବେଳେ ପ୍ରାୟ ୩୦୦୦ ବର୍ଗ ଫୁଟ ଜାଗାରେ ତିଆରି ହେଉଛି ଏକ ତାରକା ହୋଟେଲ। ତେବେ ଯାଇ ନାହି ବୋଲି ମଧ୍ୟ ଅଭିଯୋଗ ହୋଇଛି। ସେହିପରି ଅଗ୍ନିଶମ ବିଭାଗର ଅନୁମୋଦନ ମିଳି ନଥିବା ନେଇ ସୂଚନା ମିଳିଥିବା ବେଳେ କିପରି ଏହି ବେଇଆନ ନିର୍ମାଣ ଜାରି ରହିଛି ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

**ସବୁଦେଖି ପ୍ରଶାସନ ଚୁପ୍**

ପ୍ରାୟ ୨୦୦୦ରୁ ଉର୍ଦ୍ଧ୍ୱ ବର୍ଗ ଫୁଟ ରାସ୍ତାକୁ ମାଡି ବସି ବେଆଇନ ଭାବେ ଏହି କୋଠା ନିର୍ମାଣ କରାଯାଉଛି। ହେଲେ ପ୍ରଶାସନର ଛାତି ଉପରେ ନିର୍ମାଣ ହୋଉ ଥିବା ଏହି ବହୁତଳ କୋଠାକୁ ନେଇ ଉପଜିଲ୍ଲାପାଳ, ତହସିଲଦାର, ରାଜସ୍ୱ ନୀରିକ୍ଷକ କିମ୍ବା ପୌରପରିଷଦ କିନ୍ତୁ ଚୁପ୍ ଥିବା କୁହାଯାଉଛି। କେବଳ ଏତିକି ନୁହେ, ଏହି ବହୁତଳ ପ୍ରାସାଦ ଲାଗି ନାଁ ପୌରପରିଷଦ ଅନୁମତି ଲୋଡା ଜିଲ୍ଲା ସଦରରେ ଏପରି କାର୍ଯ୍ୟ ହେଉଥିବା ବେଳେ ପ୍ରଶାସନ କାହିଁକି ଚୁପ ବସିଛି ତାକୁ ନେଇ ମଧ୍ୟ ଲୋକେ ପ୍ରଶ୍ନ କରିଛନ୍ତି। ତେବେ ଏହି ଘଟଣାକୁ ନେଇ ଆମେ ମାଲକାନଗିରି ରାଜସ୍ୱ ନିରିକ୍ଷକ ମଧୁସୂଦନ ତହସିଲଦାରଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଆମ ନିକଟକୁ ଏଭଳି କୌଣସି ଅଭିଯୋଗ ଆସିନାହିଁ, ଅଭିଯୋଗ ଆସିଲେ ଘଟଣାର ତଦନ୍ତ ହେବ।

● ଏମ୍‌ଭି-୨୬ ଗ୍ରାମରେ ହିଂସାକାଣ୍ଡ ଘଟଣା

# ଲାକେ ପଡ଼ିଆମୀଙ୍କ ପରିବାରକୁ ୨୦ ଲକ୍ଷର ଅନୁକମ୍ପା ରାଶି



ମାଲକାନଗିରି,୪।୪(ସମିସ): ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଏମଭି-୨୬ ଗ୍ରାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଏମ୍‌ଭି-୨୬ ଗ୍ରାମରେ ଘଟିଥିବା ହିଂସାକାଣ୍ଡରେ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୃତ ଲାକେ ପଡ଼ିଆମୀଙ୍କ ପରିବାର ସହ ଶତାଧିକ ଗ୍ରାମବାସୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଛି। ପ୍ରଭାବିତ ପରିବାରଗୁଡ଼ିକର ଜୀବନଧାରଣକୁ ପୁଣି ସ୍ୱାଭାବିକ କରିବା ପାଇଁ ଏହି ଆର୍ଥିକ ପ୍ୟାକେଜ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି। ଘଟଣାରେ ପ୍ରାଣ ହରାଇଥିବା ସ୍ୱର୍ଗତ ଲାକେ ପଡ଼ିଆମୀଙ୍କ ଦୁଇ ସନ୍ତାନ ରବି ପଡିଆମୀ ଓ ଦେବେ ପଡ଼ିଆମୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏମ୍‌ଭି-୨୬ ଗ୍ରାମର କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ମଧ୍ୟ ବ୍ୟାପକ ସହାୟତା ମିଳିଛି। ୨୨୬ଟି ପରିବାରକୁ ସେମାନଙ୍କ ଘରୋଇ ସାମଗ୍ରୀ ନଷ୍ଟ ବାବଦକୁ ସମୁଦାୟ ୩ କୋଟି ୩୪ ଲକ୍ଷ ୮୬ ହଜାର ୭୫୦ ଟଙ୍କା ଦିଆଯାଇଛି। ଗ୍ରାମର ୨୪୦ ପରିବାରଙ୍କ ନଷ୍ଟ ହୋଇଥିବା ଦୋକାନ ଓ ପକ୍କା ଘର ବାବଦକୁ ସମୁଦାୟ ୧ କୋଟି ୧୦ ଲକ୍ଷ ୫୯ ହଜାର ୬୨୩ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଜିଲ୍ଲା ପ୍ରଶାସନ ସବୁବେଳେ ଜନସାଧାରଣଙ୍କ ସୁଖଦୁଃଖରେ ସାଥୀ ହୋଇ ରହିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଆମେ କ୍ଷୟକ୍ଷତିର ସଠିକ୍ ଆକଳନ କରି ତୁରନ୍ତ ସହାୟତା ରାଶି ପ୍ରଦାନ କରିବାକୁ ଚେଷ୍ଟା କରିଛୁ। ଏହି ଆର୍ଥିକ ସହାୟତା ପ୍ରଭାବିତ ପରିବାରଗୁଡ଼ିକୁ ପୁଣିଥରେ ନୂତନ ଭାବେ ନିଜ ଜୀବିକା ଆରମ୍ଭ କରିବାରେ ସହାୟକ ହେବ। ସହାୟତା ପ୍ରଦାନ ସହ ପ୍ରଶାସନ ପକ୍ଷରୁ ଅଞ୍ଚଳରେ ଶାନ୍ତି ଓ ଭାଇଚାରା ବଜାୟ ରଖିବାକୁ ନିବେଦନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ଦୂର୍ଯ୍ୟୋଧନ ଭୋଇ, କୋରକୁଣ୍ଡା ବିଡିଓ ଅମୂଲ୍ୟ ମହାପାତ୍ର, ମାଲକାନଗିରି ତହସିଲଦାର ବିଶ୍ୱରଞ୍ଜନ ବିଶ୍ୱାସ ଏବଂ କୋରକୁଣ୍ଡା ଆଇଆଇସି ଉପସ୍ଥିତ ଥିଲେ। ଏଥିସହିତ ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଜିଲ୍ଲା ଆଦିବାସୀ ମହାସଂଘ ସଭାପତି ବନ୍ଧୁ ମୁଦୁଲି, ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘ ସମ୍ପାଦକ ନୀଳକଣ୍ଠ ଦୋରା, ଆଦିବାସୀ ମହାସଂଘ ଆଇଟି ସେଲ୍ ମୁଖ୍ୟ କାମେଶ୍ୱର ଆଜମେରା, ରାଖେଲଗୁଡା ପେଦା ଜଗା ମାଡକାମୀ, ରାଖେଲଗୁଡ଼ା ସାନ ପେଦା ଇନ୍ଦ୍ର କୱାସୀ, ବଙ୍ଗାଳୀ ସମାଜ ଉପ ସଭାପତି ସୁନୀଲ ବିଶ୍ୱାସ, ସାଧାରଣ ସଂପାଦକ ମନୋଜ ଚୌଧୁରୀ, ଉପଦେଷ୍ଟା ନିମାଇ ଚନ୍ଦ୍ର ପାଲ ଓ କୋର୍ ସଦସ୍ୟ ଉତ୍ତମ ଓଝା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଭୟ ଗ୍ରାମର ଗ୍ରାମବାସୀମାନେ ମଧ୍ୟ ଏହି ଅବସରରେ ସାମିଲ ହୋଇଥିଲେ।

# ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ଏମିଭି-୭୯(ସମିସ),୪।୪: ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ୍ ଅନ୍ତର୍ଗତ ଏମ୍‌ପିଭି -୭୩ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦୟାଲ ବୈରାଗୀ ଙ୍କର ପଡିଆ ବ୍ଲକ ତରଫରୁ ଏକ ବିଦାୟ ସମ୍ବର୍ଦ୍ଧନା ସଭା ଶାବରୀ ପ୍ରାଥମିକ ବିଦ୍ୟାଳୟ ଏମଭି-୭୯ ଠରେ ଅନୁଷ୍ଠିତ ହୋଇଯାଇଛି। କାଲିମେଲା ,ପଡିଆ ବ୍ଲକ ଦାୟିତ୍ୱରେ ଥିବା ଗୋଷ୍ଠୀ ଶିକ୍ଷାଧିକାରି ରମେଶ ଚନ୍ଦ୍ର ବାରୋଇଙ୍କ ସଭାପତିତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରି ଚିତ୍ତରଞ୍ଜନ ପାଣିଗ୍ରାହୀ ମୁଖ୍ୟଅତିଥି ରୁପେ ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରିଣୀ ମଞ୍ଜୁଲତା ଭୋଇ ବିଶିଷ୍ଟ ଅତିଥି, ସମ୍ମାନିତ ଅତିଥି ଭାବେ ମାଥିଲି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସୁମିତ ବିଶ୍ୱାସ, କଣ୍ଡାମାଳ ଗୋଷ୍ଠୀ ଶିକ୍ଷାଧିକାରୀ ଅଶୋଭ ରଞ୍ଜନ ମାଳି, କାଲିମେଲା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଧନେଶ୍ୱର ନାୟକ, ପ୍ରଶାନ୍ତ କୁମାର ଜେନା ଏବିଇଓ ପଡିଆ, ବିରେନ୍ଦ୍ର ପ୍ରଧାନ ଏବିଇଓ ଖଇରପୁଟ, ଜିଲ୍ଲା ଶିକ୍ଷକ ସଂଘ ସଭାପତି ତାରକ ମଣ୍ଡଳ, ରଞ୍ଜିତ ନାୟକ ରାଜ୍ୟ ଶିକ୍ଷକ ସଂଘ ଉପ ସଭାପତି, ସୀତାରାମ ମାଡୀ ସଭାପତି ପଡିଆ, ସୁରେଶ ମେହେଟା ପଡିଆ ବ୍ଲକ ସଂପାଦକ, ପ୍ରଶାନ୍ତ ସରଦାର ,ପ୍ରଧାନ ଶିକ୍ଷକ ଏମ୍‌ଭି୮୮, ମଞ୍ଚ ମଣ୍ଡନ କରିଥିବା ବେଳେ ସର୍ବଶ୍ରୀ ଦିଲ୍ଲୀପ କୁମାର ଜେନା, ଶିବବ୍ରତ ମଲ୍ଲିକ, ମନୋରଞ୍ଜନ ଦେ, କିଶୋର ସାହୁ, ଶ୍ରୀବାସ ରାୟ, ଶଚୀନକୃଷ୍ଣ ସାନା, ଚିତ୍ତରଞ୍ଜନ ସରକାର, ଦାମୋଦର ଦୁରୁକା ଆଦି ବହୁ ଶିକ୍ଷକ ଉପସ୍ଥିତ ଥିଲେ। ସମସ୍ତ ଅତିଥି ଦୟାଲ ବୈରାଗୀଙ୍କର କାର୍ଯ୍ୟ ଦକ୍ଷତା ତଥା ଛାତ୍ରବତ୍ସଳତା ଉପରେ ଭୂୟସୀ ପ୍ରଶଂସା କରି ଅବଶିଷ୍ଟ ଜୀବନ ସୁଖମୟ ହେଉ ବୋଲି ବକ୍ତବ୍ୟ ରଖିଥିଲେ।

# ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ







ମାଲକାନଗିରି,୪।୪(ସମିସ): ମାଲକାନଗିରି ଜିଲ୍ଲାରେ ନୂତନ ଶିକ୍ଷା ବର୍ଷର ଶୁଭାରମ୍ଭ ଅବସରରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ବହୁ ଆଡ଼ମ୍ବରରେ ଏମ୍‌ଭି ୭ ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ହୋଇଯାଇଛି। ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଶିଶୁମାନଙ୍କୁ ବିଦ୍ୟାଳୟକୁ ସ୍ୱାଗତ କରାଯାଇଥିଲା। ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଧାୟକ ଓ ଜିଲ୍ଲାପାଳ ଶିଶୁମାନଙ୍କୁ ଖଡ଼ି ଛୁଆଁଇବା ସହ ସେମାନଙ୍କୁ ଶିକ୍ଷା କିଟ୍, ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷରିତ ସ୍ୱତନ୍ତ୍ର ନିମନ୍ତ୍ରଣ ପତ୍ର, ଗୋଲାପ ଫୁଲ, ମିଠା ଓ ଚକଲେଟ ପ୍ରଦାନ କରିଥିଲେ। ଏକ ସ୍ୱତନ୍ତ୍ର ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା। ଯାହା ଜିଲ୍ଲାର କୋଣ ଅନୁକୋଣରେ ଶିକ୍ଷା ବାର୍ତ୍ତା ପହଞ୍ଚାଇବ। କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

**ମାଥିଲି:** ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ପଞ୍ଚାୟତ ତଳ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ବ୍ଲକସ୍ତରୀୟ ଖଡ଼ି ଛୁଆ ଓ ପ୍ରବେଶ ଉତ୍ସବ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସଙ୍କ ଆବାହକତ୍ୱରେ ପାଳିତ ହୋଇଛି। ଏହି ଉତ୍ସବରେ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷ ମହେଶ୍ୱର ବାକା, ଜିଲ୍ଲା ପରିଷଦ ସଦସ୍ୟା ଲକ୍ଷ୍ମୀପ୍ରିୟା ନାୟକ, ସସ୍ମିତା ମାଝୀ, ସ୍ଥାନୀୟ ସରପଞ୍ଚ କାନମରାଜୁ ନାୟକ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ରିବନ କାଟି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପରେ ବ୍ରାହ୍ମଣଙ୍କ ମନ୍ତ୍ର ଧ୍ୱନି ରେ ନୂତନ ଭାବେ ଯୋଗ ଦେବାକୁ ଥିବା ଶିଶୁ ବାଟିକା ଛାତ୍ରଛାତ୍ରୀମାନଙ୍କୁ ଚନ୍ଦନ ଓ ପୁଷ୍ପ ବୃଷ୍ଟି କରାଇ ସ୍ୱାଗତ କରିଥିଲେ। ପରେ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ଅତିଥି ବୃନ୍ଦ ପତାକା ଦେଖାଇ ଶିକ୍ଷା ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ। ଏହି ରଥ ୨୦ ଟି ପଞ୍ଚାୟତର ସମସ୍ତ ଅଞ୍ଚଳ କୁ ପରିଭ୍ରମଣ କରିବ। ଅନ୍ୟମାନଙ୍କ ମଧ୍ୟରେ ୧୦ରୁ ଉର୍ଦ୍ଧ ସିଆରସିସି ସମେତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀ ଶିଶୁମାନଙ୍କୁ ସ୍କୁଲ ବ୍ୟାଗ ସହିତ ସମସ୍ତ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ କୁ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ନାୟକ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସିଆରସିସିମାନେ ସହଯୋଗ କରିଥିଲେ। ସେହିପରି ଆଜି ଟେମୁରୁ ପାଲ୍ଲୀ ପଞ୍ଚାୟତ କୁକୁରୁକୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ଗ୍ରାମ୍ୟ ଶିକ୍ଷା କମିଟି ଓ ଛାତ୍ର ଛାତ୍ରୀ ମାନଙ୍କ ଜରିଆରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସଚେତନତା ମୂଳକ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା ପରେ ନୂତନ ଭାବେ ଯୋଗ ଦେବାକୁ ଥିବା ଶିଶୁ ବାଟିକା ଛାତ୍ରଛାତ୍ରୀମାନଙ୍କୁ ଚନ୍ଦନ ଲଗାଇ ପୁଷ୍ପ ବୃଷ୍ଟି କରାଇ ସ୍ୱାଗତ କରାଯାଇଥିଲା। ପରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନକୁଳ ଚନ୍ଦ୍ର ବିଶ୍ୱାଳ ଓ ଜାନକୀ ରାଓ ଖଡ଼ିଛୁଆଁ କାର୍ଯ୍ୟ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀମାନେ ନୂତନ ଛାତ୍ର ଛାତ୍ରୀ ମାନଙ୍କୁ ବିଦ୍ୟାଳୟର ବିଭିନ୍ନ ସ୍ଥାନ ଓ ତାର ବ୍ୟବହାର ସମ୍ପର୍କରେ ଦେଖାଇ ବୁଝାଇ ଥିଲେ। ଅଭିଭାବକଙ୍କ ମଧ୍ୟରେ ଗପ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ରତ୍ନାକର ପାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାରୁ ଦୁ, ମୁକୁନ୍ଦ ଦୂରୁଆ, ମଙ୍ଗଳା ମିଡିଆମି, ସନା ସୋଡି, ମାଛା ସୋଡି, ପେଦା କଳମଲି, ସୁଶିଲ ଦୂରୁଆ, ପ୍ରମୁଖ ଉପସ୍ଥିତ ଥିଲେ।

**ରାୟଗଡ଼ା:** ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଜୁମୁରୁଗୁଡାଠାରେ ବ୍ଲକ୍‌ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡି ଛୁଆଁ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଜି ଅନୁଷ୍ଠିତ ହୋଇଥିବା ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମରେ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଜୁମୁରୁଗୁଡାରେ ଶିଶୁବାଟିକା ଶ୍ରେଣୀରେ ୧୪ ଜଣ ଶିଶୁ ନାମ ଲେଖାଇଥିଲେ। ଉକ୍ତ କାର୍ଯ୍ୟକ୍ରମଟି ଗୋଷ୍ଠୀ ଶିକ୍ଷାଧିକାରୀ ହୃଶିକେଷ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ପଦ୍ମପୁର ପଞ୍ଚାୟତ ସମିତି ଅଧକ୍ଷ୍ୟା ମଣିମାଳା ଶବର ମୁଖ୍ୟ ଅତିଥି, ମଙ୍ଗଳ ସମ୍ପ୍ରସାରିଣୀ ଅଧିକାରୀ ସୁଶ୍ରୀ ଅର୍ଚ୍ଚନା ପଣ୍ଡା ମୁଖ୍ୟବକ୍ତା, ପଦ୍ମପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରକାଶ କଣ୍ଡାଗୋରୀ ସମ୍ମାନିତ ଅତିଥି, ଆକାଂକ୍ଷା ବ୍ଲକ୍ କାର୍ଯ୍ୟକ୍ରମ ସଂଯୋଜିକା ସୀମା ସ୍ମରଣିକା ରୟ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ଖଡିଛୁଆଁ କାର୍ଯ୍ୟକ୍ରମ ସମାପନ ପରେ ମୂଖ୍ୟ ଅତିଥି ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଏହି ରଥ ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟ ପରିଭ୍ରମଣ କରିବ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ସୂଚନା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ୮୦ ଜଣ ଅଭିଭାବକ, ବୁଦ୍ଧିଜୀବୀ, ସମସ୍ତ ସି ଆର୍ ସି ସି, ସମସ୍ତ ଅଙ୍ଗନବାଡି କର୍ମୀ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ବେହେରା ଓ ସମସ୍ତ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ସିଆର୍‌ସିସି ଚିତ୍ତରଂଜନ ସେନାପତି ମଞ୍ଚ ପରିଚାଳନା କରିଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦ୍ରସେନ ଲିମା ଧନ୍ୟବାଦ ଅର୍ପଣ କରିଥିଲେ।

**ବିଷମ କଟକ:** ରାୟଗଡା ଜିଲ୍ଲା ବିଷମ କଟକ ସଦର ପିମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟ ପରିଷରରେ ବ୍ଲକ୍‌ସ୍ତରୀୟ ବିଦ୍ୟାଳୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ ଶନିବାର ଦିନ ଶୁଭାରମ୍ଭ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟ, ଅତିରିକ୍ତ ତାହସିଲଦାର ଦିଲେଶ୍ୱରୀ ଦଳେଇ, ବିଷମ କଟକ ଥାନା ଅଧିକାରୀ ସମର୍ପିତା ସ୍ୱାଇଁ, ଜିଲ୍ଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରର ଭାରପ୍ରାପ୍ତ ଅଧକ୍ଷ ଜଗନ୍ନାଥ ମେହେର, ଏବିଓ ସମୋନାଥ ୱାଡକା, ପିମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହେମନ୍ତକୁମାର ଦିପ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ପିତାମାତା ଓ ଅଭିଭାବକଙ୍କ ପାଞ୍ଚ ବର୍ଷରୁ ଉର୍ଦ୍ଧ୍ୱ ଶିଶୁଙ୍କୁ ଶିଶୁବାଟିକା ଓ ଛଅ ବର୍ଷରୁ ଉର୍ଦ୍ଧ୍ୱ ଶିଶୁଙ୍କୁ ପ୍ରଥମ ଶ୍ରେଣୀରେ ନାମଲେଖା ନିମନ୍ତେ ମୁଖ୍ୟ ଅତିଥି ସଚେତନ କରିଥିଲେ। ଏହି ଅବସରରେ ଏକ ସଚେତନତା ରଥଙ୍କୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ପଟ୍ଟନାୟକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

**କଲ୍ୟାଣସିଂହପୁର:** ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ସଚେତନତା ରଥ ଉଦଘାଟନ କରାଯାଇଛି। ଏଥିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ମୋହନରାଓ କଣ୍ଡାଗିରି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ସଚେତନତା ରଥ ଉଦଘାଟନ କରିଥିଲେ। ଉକ୍ତ ସଚେତନତା ରଥ ବ୍ଲକର ୧୪ଟି ପଞ୍ଚାୟତରେ ଥିବା ସମସ୍ତ ବିଦ୍ୟାଳୟ ଗୁଡିକୁ ୪ଦିନ ମଧ୍ୟରେ ପରିଦର୍ଶନ କରି ସଚେତନତା କରାଯିବ ବୋଲି ଜଣାପଡ଼ିଛି। ଏ ଅବସରରେ ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୂତନ ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ କରିବା ସହ ଖଡ଼ିଛୁଆଁ କରିଥିଲେ ଛାତ୍ରଛାତ୍ରୀମାନେ ନେଇ ହାତରେ ଫ୍ଲା କାର୍ଡ ଧରି ଗ୍ରାମ ପରିଦର୍ଶନ କରିଥିଲେ। ସେହିପରି ବ୍ଲକର ପ୍ରତ୍ୟେକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ସହ ଶୋଭାଯାତ୍ରା କରାଯାଇଛି।

**ଚନ୍ଦ୍ରପୁର:** ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକରେ ଶନିବାର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚନ୍ଦ୍ରପୁରଠାରେ ବ୍ଲକ ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ପାଳିତ ହୋଇଯାଇଛି। ଚନ୍ଦ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ ଶବରଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ଚନ୍ଦ୍ରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ କଇନ କିମ୍ବାକା ମୁଖ୍ୟଅତିଥି, ସ୍ୱତନ୍ତ୍ର ଅତିଥିରୂପେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟକାନ୍ତ ବଙ୍ଗାଳ, ମୁଖ୍ୟବକ୍ତା ଭାବେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଗୀତାରାଣୀ ସାହୁ, ସମ୍ମାନିତ ଅଥିତି ରୂପେ ଜିଲ୍ଲା ପରିଷଦ ସଭ୍ୟ ସୁଜିତ ବ୍ରେଡେକା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ତାଡିଙ୍ଗ ସିଙ୍ଗନା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ, ବାଳକୃଷ୍ଣ ବିହାରୀ ପ୍ରମୁଖ ମଞ୍ଚାସିନ ଥିଲେ। ଶିକ୍ଷା ସଚେତନତା ରଥ ଉଦଘାଟନ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ଶିଶୁ ବାଟିକା ଛାତ୍ରଛାତ୍ରୀମାନଙ୍କୁ ଖଡ଼ି ଛୁଆଁ କରାଯାଇଥିଲା। ଉମାକାନ୍ତ ମିଶାଲ ମଞ୍ଚ ପରିଚାଳନା କରିଥିବା ବେଳେ ଚନ୍ଦ୍ରପୁର ବ୍ଲକର ୮ଟି କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନେ ସହଯୋଗ କରିଥିଲେ।








### ୩୨ବର୍ଷ ଚାକିରି ପରେ ବି ମିଳିଲାନି ସ୍ଥାୟିତ୍ୱ

# ଅବସରଗ୍ରହଣ ପରେ ଚିନ୍ତାରେ ଅରୁଣ



ଜୟପୁର,୪।୪(ସମିସ): ଜୟପୁର ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ରେ ଦୀର୍ଘ ୩୨ ବର୍ଷ ୨୩ ଦିନ ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟରତ କର୍ମଚାରୀ ଅରୁଣ କୁମାର ପଣ୍ଡା ଗତ ଫେବୃୟାରୀ ମାସ ୨୮ ତାରିଖରେ ଅବସର ଗ୍ରହଣ କରିଛନ୍ତି। କିନ୍ତୁ ଦୀର୍ଘ ୩୨ ବର୍ଷ ଏହି ସରକାରୀ ସଂସ୍ଥା ପାଇଁ ନିଃସ୍ୱାର୍ଥପର ଏବଂ ନିଷ୍ଠାବାନ କର୍ମଚାରୀ ଭାବେ କାର୍ଯ୍ୟ କରିଥିଲେ ସୁଦ୍ଧା ତାଙ୍କୁ ସରକାରୀ ସଂସ୍ଥା ପକ୍ଷରୁ ସ୍ଥାୟୀ କର୍ମଚାରୀ ଭାବେ ନିଯୁକ୍ତି ଦିଆଯାଇନଥିଲା। ଫଳରେ ୬୦ ବର୍ଷ ବୟସରେ ଅବସର ଗ୍ରହଣ କରିଥିଲେ ସୁଦ୍ଧା ସମସ୍ତ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ବର୍ତ୍ତମାନ ତାଙ୍କର ଅବସରକାଳୀନ ଜୀବନ ଯାତ୍ରା କିଭଳି ରହିବ ସେଥିନେଇ ମଧ୍ୟ ସେ ଚିନ୍ତାଗ୍ରସ୍ତ ରହିଛନ୍ତି ବୋଲି ଅବସରଗ୍ରହଣ କରିଥିବା କର୍ମଚାରୀ ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି। ଗତ ୧୯୯୪ ମସିହା ଫେବୃୟାରୀ ୫ ତାରିଖରେ ଦୈନିକ ୩୦ ଟଙ୍କା ଅର୍ଥାତ ମାସିକ ୯୦୦ ଟଙ୍କା ଦରମାରେ ଅସ୍ଥାୟୀ କର୍ମଚାରୀ ଭାବେ ଟାଇପଷ୍ଟ ତଥା କନିଷ୍ଠ କିରାଣୀ ଭାବେ ଶ୍ରୀ ପଣ୍ଡା କାର୍ଯ୍ୟରେ ଯୋଗଦେଇଥିଲେ। ସେ ସ୍ନାତକ ଉର୍ତ୍ତୀର୍ଣ୍ଣ ହୋଇଥିବା ଯୋଗୁଁ ତାଙ୍କୁ କାର୍ଯ୍ୟାଳୟ ପକ୍ଷରୁ ଅନେକ ଦାୟୀତ୍ୱ ପ୍ରଦାନ କରାଯାଇଥିଲା। ଶ୍ରୀ ପଣ୍ଡା ନିଷ୍ଠାର ସହିତ କାର୍ଯ୍ୟ କରି ଆସୁଥିଲେ ଏବଂ ତାଙ୍କର ମଧ୍ୟ ବିଶ୍ୱାସ ରହିଥିବା ଦିନେ ନା ଦିନେ ତାଙ୍କୁ ଏହି କାର୍ଯ୍ୟାଳୟ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାୟୀ କର୍ମଚାରୀ ଭାବେ ନିଯୁକ୍ତି ମିଳିବ। କିନ୍ତୁ ଦୀର୍ଘ ୩୨ ବର୍ଷରୁ ଉର୍ଦ୍ଧ୍ୱ ଚାକିରି କରିବା ସହିତ ଅବସର ଗ୍ରହଣ କରିଥିଲେ। କିନ୍ତୁ ତାଙ୍କୁ ସ୍ଥାୟୀ ଭାବେ ନିଯୁକ୍ତ ପ୍ରଦାନ କରାଗଲା ନାହିଁ। ଅନ୍ୟାନ୍ୟ ବିଭାଗରେ ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଇଥିବା ଯୋଗୁଁ ଏହି ବିଭାଗରେ ମଧ୍ୟ ତାଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯିବ ବୋଲି ବହୁ ଆଶା ରହିଥିଲା ବୋଲି ଶ୍ରୀ ପଣ୍ଡା ଦୁଃଖରେ ପ୍ରକାଶ କରିଛନ୍ତି। ଗତ ମାସ ୨୮ ତାରିଖ ଚାକିରି ଜୀବନର ଶେଷ ଦିବସରେ ତାଙ୍କୁ ଅବସର ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କ ଉପସ୍ଥିତିରେ ନିଜେ ପ୍ରକଳ୍ପ ନିର୍ଦ୍ଦେଶକ ତୃପ୍ତି ବରାଇ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। କିନ୍ତୁ ପରିତାପର ବିଷୟ ଶ୍ରୀ ପଣ୍ଡାଙ୍କୁ ଗତ ଜାନୁୟାରୀ ଏବଂ ଫେବୃୟାରୀ ମାସର ଆଜି ସୁଦ୍ଧା ଦରମା ପ୍ରଦାନ କରାଯାଇ ନାହିଁ। ସରକାରୀ ସଂସ୍ଥାରେ ଦୀର୍ଘ ସମୟ ନିଷ୍ଠାର ସହିତ କାର୍ଯ୍ୟ କରିଥିଲେ ସୁଦ୍ଧା ଅବସର ପରେ ତାଙ୍କର ଆଗାମୀ ଦିନରେ ନିଜର ଦୈନନ୍ଦିନ ଜୀବନ ଜୀବିକା କିଭଳି ଭାବେ ପରିଚାଳନା କରିବେ ସେନେଇ ଚିନ୍ତାରେ ଅବସର କର୍ମଚାରୀ ଶ୍ରୀ ପଣ୍ଡା। ଏନେଇ ବିଭାଗ, ଜିଲ୍ଲା ପ୍ରଶାସନ ଏବଂ ସରକାର ତାଙ୍କୁ ଅନ୍ୟାୟ କର୍ମଚାରୀ ଭଳି କୌଣସି ବ୍ୟବସ୍ଥା କରିବା ସହିତ ଅବସରକାଳୀନ ଜୀବନ ଜୀବିକା ନିର୍ବାହ ପାଇଁ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି।

> ମିଳିନି ଶେଷ ଦୁଇମାସର ଦରମା
> ଅବସରକାଳୀନ ସମ୍ବର୍ଦ୍ଧନା ଦେଇ ଚୁପ୍ ବିଭାଗ

## ବ୍ଲକ୍‌ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ



ବୈପାରୀଗୁଡା,୪।୪(ସମିସ): ବୈପାରୀଗୁଡା ବ୍ଲକ୍ ଅନ୍ତର୍ଗତ ଲକ୍ଷ୍ମୀପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଆଜି 'ଓଡ଼ିଆ ପକ୍ଷ-୨୦୨୬' ପାଳନ ଅବସରରେ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରାଯିବା ସହ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ଉପାଧ୍ୟକ୍ଷା ପୁର୍ଣିମା ବାରିକ, ବିଇଓ ସୁକାନ୍ତ କାର୍ତ୍ତମୀ, ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ, ସିଆରସିସି ଭକ୍ତ ମେହେରେ ଓ ମନଜ ହରିସାଲ, ୱାର୍ଡ ମେମ୍ବର ପୀତବାସ ନାୟକ, ସ୍କୁଲ ପରିଚାଳନା କମିଟି ମକର ମାଳି ଓ ଚୌତନ ମାଳି ଯୋଗଦେଇଥିଲେ। ଏହି ଅବସରରେ କୁନି କୁନି ପିଲାମାନଙ୍କୁ ଉତ୍ସାହିତ କରିବା ସହ ଆଜି ଆଠ ଜଣ ପିଲାଙ୍କୁ ଖାଡ଼ି ଛୁଆଁ କରାଯାଇଥିଲା। ବାଲ ବଟିକା ଶ୍ରେଣୀ ଶିକ୍ଷଣ ସାମଗ୍ରୀ କିଟ୍, ସ୍କୁଲ୍ ବ୍ୟାଗ୍ ଏବଂ ପୁସ୍ତକ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷୟିତ୍ରୀ ଜ୍ୟୋସ୍ନା ଲାକ୍ରା, ଶ୍ରିନୁ କୁମାରୀ ପ୍ରଧାନ, ଶୁଭଶ୍ରୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ନନ୍ଦପୁରରେ ଶୁଭ ଶୁକ୍ରବାର



ନନ୍ଦପୁର,୪।୪(ସମିସ): ଶୁକ୍ରବାର ନନ୍ଦପୁରର ସ୍ଥାନୀୟ ଜଇଲୁମ ଚର୍ଚ୍ଚରେ ଶୁଭ ଶୁକ୍ରବାର ପାଳିତ ହୋଇଛି। ସ୍ତ୍ରୀ ସମାଜ ମା' ମାନେ ତଥା ଲତା ଖେମୁଣ୍ଡୁ , ଅଞ୍ଜଳି ନାୟକ, ସଲୋମି ଖେମୁଣ୍ଡୁ, ସ୍ୱିଟି ରାଣୀ ସୁନା, ପ୍ରମିଳା ଗୁଣ୍ଠା, ଉର୍ମିଳା କୁଲଦିପ ପ୍ରମୁଖ ଯୀଶୁ ଖ୍ରୀଷ୍ଟଙ୍କ କୃଶ ଉପରୁ ସପ୍ତବାଣୀକୁ ବ୍ୟାଖ୍ୟା କରି ସମସ୍ତଙ୍କୁ ଆସିକ ପରିବେଶ ମଧ୍ୟରେ ଟାଣି ନେଇଥିଲେ। ଜଇଲୁମ ମଣ୍ଡଳୀର ପ୍ରାଚୀନ ଶାନ୍ତିଲତା ଖେମୁଣ୍ଡୁ , ଅଞ୍ଜଳି ନାୟକ ଓ ଆନନ୍ଦ ରାଓ ସ୍ୱିତ ଦ୍ୱାରା ଯୀଶୁଖ୍ରୀଷ୍ଟଙ୍କ ସମ୍ବନ୍ଧୀୟ ସମସ୍ତ ଭାବବାଣୀ ଓ ତାହାର ସଫଳୀକରଣ ପାଠ କରାଯାଇଥିଲା। ମାନବ କଲ୍ୟାଣ ପାଇଁ ପ୍ରଭୁ ଯିଶୁ ଖ୍ରୀଷ୍ଟ କିପରି କୃଶ ଚଢ଼ି ଥିଲେ ତାହା ବ୍ୟାଖ୍ୟା କରାଯାଇଥିଲା। ମଣ୍ଡଳୀର ୧୦୦ରୁ ଉର୍ଦ୍ଧ୍ୱ ଖ୍ରୀଷ୍ଟ ବିଶ୍ୱାସୀ ବିଶ୍ୱାସିନି ଯୋଗଦାନ କରିଥିଲେ। ସ୍ଥାନୀୟ ପାଳକ ରେଭ ବିମଳ ରାଓ ସ୍ୱିତ ସମସ୍ତ ବିଷୟ ପରିଚାଳନା କରିଥିବା ବେଳେ ସମସ୍ତ କାର୍ଯ୍ୟ ବାହକମାନେ ସହଯୋଗ କରିଥିଲେ। ସେମାନଙ୍କ ମଧ୍ୟରୁ ସଭାପତି ମୋହନ ରାଓ ସ୍ୱିତ, ସମ୍ପାଦକ ଅମିତ୍ ଖରା, ମହିଳା ସମାଜର ସଭାନେତ୍ରୀ ସ୍ନେହଲତା ସ୍ୱିତ, ଉପ ସଭାପତି ଧନମୋତି ଲେୟା, ଓ ଅନ୍ୟ ମାନେ ସାମିଲ ଥିଲେ। ଏହି ଅବସରରେ ଭଉଣୀ ମାମି ଏବଂ କମଳ ରାଓ ସ୍ୱିତ ଦୁଃଖ ଭୋଗ ସମ୍ବନ୍ଧିୟ ସଙ୍ଗୀତ ପରିବେଷଣ କରିଥିଲେ। ସଭାପତି ମୋହନ ରାଓ ସ୍ୱିତ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ସିଏଚ୍‌ଓଙ୍କ ବଦଳି ଦାବି

ବୈପାରୀଗୁଡା,୪।୪(ସମିସ): ବୈପାରୀଗୁଡା ବ୍ଲକ ସଦର ମହକୁମା ସ୍ଥିତ ମେଡିକାଲ ପରିସରରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ତଥା ଇନଚାର୍ଜ ବସବଦତ୍ତା ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ଦୋରାଗୁଡା ପଞ୍ଚାୟତବାସୀ। ଗାଁ ଲୋକଙ୍କ ଅଭିଯୋଗ ଅନୁଯାଇ, ଦୋରାଗୁଡା ପଞ୍ଚାୟତ ସଦର ମହକୁମା ଠାରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କୋଠା ନିର୍ମାଣ କରାଯାଇଛି। କେନ୍ଦ୍ରରେ ସିଏଚଓ ତଥା କମ୍ୟୁନିଟି ହେଲଥ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। କେନ୍ଦ୍ରରେ ରହିବେ ଏବଂ ଗାଁ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବେ ଏହି ଉଦେଶ୍ୟ ନେଇ କେନ୍ଦ୍ରରେ କ୍ୱାଟର ସୁବିଧା, ପାନୀୟ ଜଳ, ବିଜୁଳି, ସୋଲାର ସୁବିଧା କରାଯାଇଛି। କିନ୍ତୁ ବିଡମ୍ବନା ବିଷୟ ଯେ, ଏତେ ସୁବିଧା ଥିବା ସତ୍ତ୍ୱେ ମଧ୍ୟ ଦାୟିତ୍ୱରେ ଥିବା କର୍ମଚାରୀ କେନ୍ଦ୍ରକୁ ଆସୁନାହାନ୍ତି। ଫଳରେ ଦୋରାଗୁଡା ପଞ୍ଚାୟତର ୨୨ ଖଣ୍ଡ ଗାଁ ଲୋକଙ୍କ ସ୍ୱାସ୍ଥ୍ୟ ସେବାରେ ବାଧ ସୃଷ୍ଟି ହେଉଛି। ଏଥିଲାଗି ସ୍ଥାନୀୟ ନାଏବ ସରପଞ୍ଚ ହରିଚନ୍ଦ୍ର ଖିଲଙ୍କ ସମେତ ଚାଁଚଲା ମାଝୀ, ଦୁଲୁବ ନାୟକ, ଡାଁମୁରୁ ତରାପୁଟିଆ, ତୁଲାରାମ ନାୟକ ପ୍ରମୁଖ ସିଏଚଓଙ୍କ ବଦଳି ଦାବି କରିଛନ୍ତି। ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ତଥା ଇନଚାର୍ଜ ବସବଦତ୍ତା ନାୟକଙ୍କୁ ଏକ ଲିଖିତ ଦାବି ପତ୍ର ପ୍ରଦାନ କରାଯାଇଛି।

# ପ୍ରବେଶ ଉତ୍ସବ ଓ ଖଡିଛୁଆଁ ସଚେତନତା ରଥର ଶୁଭାରମ୍ଭ



ରାୟଗଡ଼ା,୪।୪(ସମିସ): ରାୟଗଡ଼ା ଜିଲ୍ଲାରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମର ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଶନିବାର ଶୁଭାରମ୍ଭ କରିଛନ୍ତି। ସ୍ଥାନୀୟ ଗାନ୍ଧୀନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହାର ଆୟୋଜନ କରାଯାଇଥିଲା। ପ୍ରବେଶ ଉତ୍ସବରେ ଜିଲ୍ଲାପାଳଙ୍କ ସମେତ ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶାନ୍ତିଲତା ମୁନି ଓ ସସ୍ମିତା ବେହେରା, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଛବିଲାଲ ସିଂ, ସମଗ୍ର ଶିକ୍ଷା କାର୍ଯ୍ୟାଳୟର ପେଡାଗୋଜି ସଂଯୋଜକ ଜ୍ଞାନ ରଞ୍ଜନ ସାହୁ, ଭିନ୍ନକ୍ଷମ ସଂଯୋଜକ ପ୍ରଦୀପ କୁମାର ସାହୁ ପ୍ରମୂଖ ଉପସ୍ଥିତ ରହି ବିଦ୍ୟାଦାୟିନୀ ସରସ୍ୱତୀଙ୍କ ପ୍ରତିମୂର୍ତ୍ତିରେ ପୂଜା ଅର୍ଚ୍ଚନା ପରେ ଶିଶୁ ବାଟିକାରେ ନାମ ଲେଖାଇଥିବା ଶିଶୁଙ୍କୁ ସିଲଟରେ ଖଡି ଛୁଆଇଁ ଶିକ୍ଷାରମ୍ଭ କରାଇଥିଲେ। ମୋଟ ପଚିଶି ଜଣ ଶିଶୁଙ୍କୁ ଖଡି ଛୁଆଇଁ ଶିକ୍ଷାରମ୍ଭ କରାଇବା ସହ ଶିକ୍ଷଣ କିଟ୍ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟ ପରିସରରେ ଜିଲ୍ଲାପାଳ କୁଲକର୍ଣ୍ଣି ଖେଳଘର ଷ୍ଟଲ, ଗପ ରାଇଜ ଷ୍ଟଲ ଓ ରଙ୍ଗ ପସରା ଷ୍ଟଲ ଗୁଡିକର ଉଦ୍‌ଘାଟନ କରିଥିଲେ ଓ ଷ୍ଟଲ୍ ଗୁଡିକ ପରିଦର୍ଶନ କରିଥିଲେ। ଉପସ୍ଥିତ ପିତାମାତା ଓ ଅଭିଭାବକଙ୍କୁ ପାଞ୍ଚ ବର୍ଷରୁ ଉର୍ଦ୍ଧ୍ୱ ଶିଶୁଙ୍କୁ ଶିଶୁବାଟିକା ଓ ଛଅ ବର୍ଷରୁ ଉର୍ଦ୍ଧ ଶିଶୁଙ୍କୁ ପ୍ରଥମ ଶ୍ରେଣୀରେ ନାମଲେଖା ନିମନ୍ତେ ନିଜ ଅଭିଭାଷଣରେ ସଚେତନ କରିଥିଲେ। ଏହି ଅବସରରେ ପ୍ରବେଶ ଉତ୍ସବର ପ୍ରଚାର ଓ ପ୍ରସାର ନିମନ୍ତେ ପୋଷ୍ଟର ଓ ପ୍ରଚାର ପତ୍ରିକାର ଉନ୍ମୋଚନ କରାଯାଇଥିଲା। ଶେଷରେ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ସଚେତନତା ରଥଙ୍କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସେହିପରି ରାୟଗଡ଼ା ଜିଲ୍ଲାର ଏଗାର ଗୋଟି ବ୍ଲକରେ ସଚେତନତା ରଥ ଶୁଭାରମ୍ଭ କରିବା ସହ ଗୋଟିଏ ଦିନରେ ତିନି ଶହ ଶିଶୁଙ୍କୁ ଖଡି ଛୁଆଁ ସହ ବିଦ୍ୟାଳୟ କିଟ ବଣ୍ଟନ କରାଯାଇଥିଲା। ଚଳିତ ପ୍ରବେଶ ଉତ୍ସବରେ ୯୭୨୧ ଜଣ ଶିଶୁ ବାଟିକାରେ, ୧୧୩୩୯ ଜଣଙ୍କୁ ପ୍ରଥମ ଶ୍ରେଣୀ ଓ ୧୧୫୬୯ ଜଣ ଶିଶୁଙ୍କୁ ସେପ୍ଟେମ୍ବର ୨୦୨୬ ସୁଦ୍ଧା ଏପରି ମୋଟ ୩୨୬୨୯ ଜଣଙ୍କୁ ନୂତନ ଭାବେ ବିଦ୍ୟାଳୟରେ ନାମଲେଖା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶାନ୍ତିଲତା ମୁନି ପ୍ରକାଶ କରିଛନ୍ତି। ନୀଳାଞ୍ଚଳ ମିଶ୍ର କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଗାନ୍ଧୀନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପ ବାତ୍ରିଆ, ସମଗ୍ର ଶିକ୍ଷା ଅଭିଯାନର ପ୍ରୋଗ୍ରାମର ଦିଲ୍ଲୀପ କୁମାର ଶାବତ, ଦୀପକ କୁମାର ରାଉତ, ନରେଶ ସିଂ, ନୀଳାଞ୍ଚଳ ମିଶ୍ର, ସମସ୍ତ ସିଆରସିସି ଓ ଶିକ୍ଷକ, ଶିକ୍ଷୟିତ୍ରୀ ବୃନ୍ଦ ସହଯୋଗ କରିଥିଲେ।

**ଜିଲ୍ଲାରେ ୩୨୬୨୯ ନୂତନ ଛାତ୍ରଛାତ୍ରୀଙ୍କ ନାମଲେଖା ଲକ୍ଷ୍ୟ**

# ମୁତ୍ୟାଲୁମାଙ୍କ ଚୈତ୍ରଯାତ୍ରା ଉଦ୍‌ଯାପିତ



ଗୁଣୁପୁର, ୪।୪(ସମିସ): ସ୍ଥାନୀୟ ମୋତିଲାଲ ନଗରଠାରେ ତିନିଦିନ ଧରି ଚାଲିଥିବା ଶ୍ରୀ ଶ୍ରୀ ଶ୍ରୀ ମୁତ୍ୟାଲୁମାଙ୍କ ଚୈତ୍ର ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ଏହି ତିନିଦିନ ଯାତ୍ରାରେ ପ୍ରତିଦିନ ମାଙ୍କ ସ୍ୱତନ୍ତ୍ର ନୀତିକାନ୍ତି ସହ ହୋମଯଜ୍ଞ ଓ ପ୍ରସାଦ ସେବନ ହୋଇଥିଲା। ପ୍ରଥମ ଦିନ ଗଙ୍ଗାଧିବାସ ସହ ସହସ୍ର କଳସ ଯାତ୍ରା ଅନୁଷ୍ଠିତ ହେବା ପରେ ଧ୍ୱଜା ସ୍ଥାପନ, ମଣ୍ଡଳପୂଜା, ହୋମାଗ୍ନିସ୍ଥାପନ ହେବା ପରେ ମାଙ୍କ ଷୋଡଶ ଉପଚାର ପୂଜା କରାଯାଇଥିଲା। ଯାତ୍ରାର ଅନ୍ତିମ ଦିବସରେ ମହିଳା ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଏକ ହଜାର ଆଠ ବେଲପତ୍ର ଅର୍ପଣ ପୂର୍ବକ ଏକ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଥିଲା। ପ୍ରତଦିନ ପ୍ରସାଦ ସେବନର ବ୍ୟବସ୍ଥା କରାଯିବା ସହ ଶେଷ ଦୁଇଦିନ ସଂନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜକ ପଣ୍ଡିତ ପ୍ରଭାତ ରଥଶର୍ମାଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ସମ୍ପାଦନ ହୋଇଥିବା ବେଳେ ମନ୍ଦିରର ପୂଜକ ଡି. କିଶୋର, ଏମ. ରାଜା ଏବଂ କିଷାନ ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ସଂନ୍ଧ୍ୟାରେ ସୁନାମଧନ୍ୟ କଣ୍ଠଶିଳ୍ପୀ ନିହାରିକା ସାହୁ ମୁଖ୍ୟ ଆକର୍ଷଣ ଥିଲେ। ନିଜର ସୁମଧୁର କଣ୍ଠରେ ଉପସ୍ଥିତ ଦର୍ଶକଙ୍କୁ ମତୁଆଲା କରିଥିଲେ। ସ୍ଥାନୀୟ କ୍ଷୁଦ୍ରଶିଳ୍ପ ବ୍ୟବସାୟୀ ସତ୍ୟନାରାୟଣ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ କଳାକାରମାନଙ୍କୁ ପୁରସ୍କୃତ କରିଥିଲେ। ସେହିପରି ଉଦଯାପନୀ ସଂନ୍ଧ୍ୟାରେ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ଗାନ୍ଧୀଯାନ୍ତ୍ରିକ ବିଶ୍ୱବିଦ୍ୟାଳୟର ଉପ-ସଭାପତି ଡ଼. ଚନ୍ଦ୍ରଧ୍ୱଜ ପଣ୍ଡା ଏବଂ ସମ୍ମାନିତ ଅତିଥିଭାବେ ସୁବୁଦ୍ଧି ଗୌରୀ ଯୋଗଦେଇ ମା'ଙ୍କ ମନ୍ଦିର ପାଇଁ ଅବଦାନ ଥିବା କିଛି ବଦାନ୍ୟବ୍ୟକ୍ତିତ୍ୱଙ୍କୁ ମଞ୍ଚରେ ମାନପତ୍ର ସହ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଦୀର୍ଘବର୍ଷ ଧରି ମନ୍ଦିର ପାଇଁ ନିଜର ନିସ୍ୱାର୍ଥପର ସେବା ଯୋଗାଇ ଆସୁଥିବା ଅଜିତ ପାଢ଼ୀ, ସିଏଚ ଗଣେଶ, ଯାମି ରାଜୁ ଏବଂ ନୃତ୍ୟ ଗୁରୁ ସୁଶ୍ରୀ ସସ୍ମିତା ପଣ୍ଡା, ଡ. ରୀନାରାଣୀ ସାହୁ ଏବଂ ଭାସ୍କର ଶବରଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ମୁତ୍ୟାଲୁମା ପୂଜା କମିଟି ର ସଭାପତି ଟି. ଗୋପାଳ ରାଓ, ଉପସଭାପତି ଶିବ ପ୍ରସାଦ ଦଣ୍ଡସେନା, ସମ୍ପାଦକ ସୁରେନ୍ଦ୍ର ପ୍ରଧାନ, ଯୁଗ୍ମ ସମ୍ପାଦକ ସୁଧାକର, କୋଷାଧକ୍ଷ୍ୟ ଡି. ଶଙ୍କର ନାରାୟଣ, କମିଟିର ଉପଦେଷ୍ଟା ଶିବରାମ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଏହି ସମସ୍ତ କାର୍ଯ୍ୟଁକ୍ରମକୁ ରାଜେନ୍ଦ୍ର ମହାନ୍ତି, ବିଜୟ ମହାନ୍ତି, ରାଧାକାନ୍ତ ପାତ୍ର, ଯୁବ ନେତା ତଥା ସମାଜସେବୀ ରାମ ପଣ୍ଡା, ଅମରେଶ ପଣ୍ଡା, ଅଭିରାମ ପଣ୍ଡା, ମୁରଲୀ ମୋହନ ଡାକୁଆ, ଆର. ରାମୁ, ସାଇ ଶଙ୍କର ବିହାରୀ, ଗଙ୍ଗା ଦଣ୍ଡସେନାଙ୍କ ସମେତ ସମସ୍ତ କମିଟି ସଦସ୍ୟ ଉପସ୍ଥିତ ରହି ପରିଚାଳନା କରିଥିଲେ। ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ରମାକାନ୍ତ ପ୍ରଧାନ ଏବଂ ସି.ଏଚ ଗଣେଶ ପରିଚାଳନା କରିଥିବାବେଳେ ଅଶୋକ କର ଏବଂ ସୁନିତା ପଣ୍ଡା ମଞ୍ଚ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଶିକ୍ଷକ ସଂଜୀବ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



# ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ସଚେତନତା

ବୈପାରୀଗୁଡା,୪।୪(ସମିସ): ବୈପାରୀଗୁଡା ବ୍ଲକ୍ ଗୁପ୍ତେଶ୍ୱର ବନ ବିଭାଗ ତରଫରୁ ଜଙ୍ଗଲ ନିଆଁ ନିୟନ୍ତ୍ରଣ ସଚେତନ ବାଇକ ରାଲି ଅନୁଷ୍ଠିତ ହୋଇଯାଇଛି। ରାମଗିରି ପଞ୍ଚାୟତ ସମେତ ଚିପକୁର, ହଳଦୀକୁଣ୍ଡ, ଦଣ୍ଡବାଡି ଆଦି ପଞ୍ଚାୟତରେ ବାଇକରେ ବୁଲି ଲୋକଙ୍କୁ ସଚେତନ କରାଯାଇଛି। ନିଆଁ ଲାଗି ଜଙ୍ଗଲ ସମ୍ପଦ ନଷ୍ଟ ହେବା ଫଳରେ ବନ୍ୟଜନ୍ତୁ କ୍ଷତିଗ୍ରସ୍ତ ହେବା ସହିତ ପରିବେଶ, ଜଳବାୟୁ ଓ ମଣିଷ ସମାଜ ଉପରେ ଏହାର କୁପ୍ରଭାବ ପଡୁଛି। ଏଣୁ ନିଆଁ ଦାଉରୁ କିଭଳି ଭାବରେ ଜଙ୍ଗଲକୁ ସୁରକ୍ଷା କରାଯାଇ ପାରିବ ସେନେଇ ବନ ବିଭାଗ ପକ୍ଷରୁ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୁପ୍ତେଶ୍ୱର ବନାଞ୍ଚଳ ଅଧିକାରୀ ଛବି ରନ୍ଧାରୀଙ୍କ ନେତୃତ୍ୱରେ ଆୟୋଜିତ ଏହି ଶୋଭଯାତ୍ରାରେ ରାମଗିରି ସରପଞ୍ଚ କୁମନ ମୁଦୁଲି , ଚିପାକୁର ସରପଞ୍ଚ ରାଜୁଖିଲ, ହଳଦୀକୁଣ୍ଡ ସରପଞ୍ଚ ପଦ୍ମା ଦୁରୁଆ, ଦଣ୍ଡବାଡ଼ି ସରପଞ୍ଚ ଛେଣ୍ଡିଆ ଖିଲ, ସମସ୍ତ ବନ ପାଳ, ବନ ରକ୍ଷୀ, ରାମଗିରି ଫାଣ୍ଡି ପୋଲିସ ଷ୍ଟାପ, ଅଗ୍ନିଶମ ବିଭାଗ ଏବଂ ପରା ଷ୍ଟାପ ପ୍ରମୁଖ ଉପସ୍ଥିତ ଥିଲେ।

# ଶିବପଦର ଆଶ୍ରମ ବିଦ୍ୟାଳୟରେ ନାମଲେଖାଇଲେ ୧୧ରୁ ଅଧିକ ଶିଶୁ



ମୁନିଗୁଡା,୪।୪(ସମିସ): ଆଜି ଶିବପଦର ଆଶ୍ରମ ବିଦ୍ୟାଳୟରେ 'ପ୍ରବେଶ ଉତ୍ସବ' ଆୟୋଜିତ ହୋଇଥିଲା। ଏହି ଅବସରରେ ପ୍ରାୟ ୧୧ରୁ ଅଧିକ ନୂତନ ଛାତ୍ରଛାତ୍ରୀଙ୍କ ନାମ ଲେଖାଯାଇଥିଲା। ବିଦ୍ୟାଳୟ ପକ୍ଷରୁ ନୂତନ ଛାତ୍ରଛାତ୍ରୀ ଓ ତାଙ୍କର ଅଭିଭାବକଙ୍କୁ ସ୍ୱାଗତ କରାଯାଇଥିଲା। ସେମାନଙ୍କୁ ଟଏଲେଟ୍ ଓ ଡଷ୍ଟବିନ୍‌ର ସଠିକ୍ ବ୍ୟବହାର ବିଷୟରେ ବୁଝାଇ ଦିଆଯାଇଥିଲା। 'ହସି ଖେଳି ପଢିବା' ଲକ୍ଷ୍ୟକୁ ଆଗରେ ରଖି ପିଲାମାନଙ୍କୁ ଅଙ୍କା-ବଙ୍କା ରାସ୍ତା, ଗୋଳେଇ ରାସ୍ତା ଓ ଯାଦୁ ପେଡିର ରଙ୍ଗ ଚିହ୍ନଟ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଆନନ୍ଦମୟ ପରିବେଶରେ ବିଦ୍ୟାଳୟ ପରିଚୟ କରାଯାଇଥିଲା। ଏହାସହ ଏକ ସଭା ଆୟୋଜନ କରାଯାଇ ଅଭିଭାବକମାନଙ୍କୁ ଶିକ୍ଷାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ କରାଯାଇଥିଲା। ପ୍ରାୟ ୪୨ଟି ବ୍ୟାନର ମାଧ୍ୟମରେ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ବାର୍ତ୍ତା ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ଅଭିଭାବକ ଓ ପିଲାମାନେ ଶପଥ ନେଇଥିଲେ।

# ବାତ୍ରୀଗୁଡାରେ କିଶୋରୀ ମେଳା



ବୈପାରୀଗୁଡା,୪।୪(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ବାତ୍ରୀଗୁଡାରେ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସମ୍ମନିତ ଶିଶୁ ବିକାଶ ଯୋଜନା ଅଧିକାରୀ ସିଡିପିଓ ସବିତା ବ୍ରୋହ୍ମା ଯୋଗ ଦେଇ ଏହି କିଶୋରୀ ମେଳା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟତଃ ୧୧ ରୁ ୧୯ ବର୍ଷର କିଶୋରୀମାନଙ୍କ ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ସ୍ୱଚ୍ଛତା, ଶିକ୍ଷା ଏବଂ ଆଇନଗତ ଅଧିକାର ବିଷୟରେ ସଚେତନ କରାଇବା। ଏହି ମେଳାରେ ବିଭିନ୍ନ ପ୍ରତିଯୋଗିତା, ପ୍ରଦର୍ଶନୀ ଏବଂ ପରାମର୍ଶ ଶିବିର ମାଧ୍ୟମରେ ସେମାନଙ୍କୁ ସଶକ୍ତ କରାଯାଇଛି ବୋଲି କହିଛନ୍ତି। ଏହି ଅବସରରେ କୃତି କିଶୋରୀ ବାଳିକାଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଷେତ୍ର ପରିଦର୍ଶିକା ନଳିନୀ ଚୌଧୁରୀ, ବୈପାରୀଗୁଡା ସେକ୍ଟରସମସ୍ତ ଅଙ୍ଗନବାଡି କର୍ମି ପ୍ରମୁଖ ଉପସ୍ଥିତ ଥିଲେ।

### ଅମ୍ବାଦଳା ଚିକିତ୍ସାଳୟରେ ବିପର୍ଯ୍ୟସ୍ତ ରୋଗୀ ସେବା

# ଜଣେ ଡାକ୍ତରଙ୍କ ଉପରେ ୧୦୦ ରୋଗୀଙ୍କ ଭାର



ମୁନିଗୁଡା,୪।୪(ସମିସ): ରାୟଗଡା ଜିଲ୍ଲା ଅମ୍ବାଦଳା ସରକାରୀ ପ୍ରାଥମିକ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ସେବା ଦିନକୁ ଦିନ ବିପର୍ଯ୍ୟସ୍ତ ଅବସ୍ଥାରେ ପହଞ୍ଚିଛି। ଏଠାରେ ଷ୍ଟାପ ନର୍ସଙ୍କ ଗୁରୁତର ଅଭାବ ଥିବା ବେଳେ ମାତ୍ର ଜଣେ ନର୍ସ ଉପରେ ସମସ୍ତ ଦାୟିତ୍ୱ ରହିଛି। ପ୍ରତିଦିନ ୧୦୦ରୁ ଅଧିକ ରୋଗୀ ପଞ୍ଜିକୃତ ହେଉଥିବା ବେଳେ ଜଣେ ଡାକ୍ତରଙ୍କ ଉପରେ ସମସ୍ତ ରୋଗୀଙ୍କ ଚିକିତ୍ସା ଭାର ରହୁଛି। ସମସ୍ତଙ୍କୁ ସଠିକ ଚିକିତ୍ସା ଦେବା ଜଣେ ଡାକ୍ତରଙ୍କ ପକ୍ଷରେ ଅସମ୍ଭବ ହୋଇପଡ଼ିଛି। ସୂଚନା ଅନୁସାରେ, ଦୀର୍ଘ ଦିନ ଧରି ଏହି ଚିକିତ୍ସାଳୟରେ ଆଟେଣ୍ଡେଣ୍ଟ ପଦବୀ ଖାଲି ପଡ଼ିରହିଛି, ଯାହା ଫଳରେ ରୋଗୀଙ୍କ ଦୈନନ୍ଦିନ ସେବା ଓ ପରିଚର୍ଯ୍ୟାରେ ବଡ଼ ସମସ୍ୟା ଦେଖାଦେଇଛି। ସେହିପରି ମାଲେରିଆ, ଟାଇଫଏଡ, ସୁଗାର ପରୀକ୍ଷାକୁ ବାଦ ଦେଲେ ୟୁରିନ, କଲେଷ୍ଟ୍ରନ, କୀଡୀନି, ସିବିସି ପରୀକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ। ବିଭିନ୍ନ ପ୍ରକାର ରକ୍ତ ପରୀକ୍ଷା ପାଇଁ ମାତ୍ର ଜଣେ ଟେମ୍ପୋରାରୀ କର୍ମଚାରୀ ଉପରେ ନିର୍ଭର କରାଯାଉଛି। ଯଥେଷ୍ଟ ଯନ୍ତ୍ରପାତି ନଥିବାରୁ ରକ୍ତ ପରୀକ୍ଷା କାମ ବାଧାଗ୍ରସ୍ତ ହେଉଛି। ରାଜ୍ୟର ଅନ୍ୟାନ୍ୟ ସରକାରୀ ଡାକ୍ତରଖାନାରେ ନିଦାନ ଯୋଜନା ମାଧ୍ୟମରେ ରକ୍ତ ନମୁନା ସଂଗ୍ରହ କରି ବ୍ରହ୍ମପୁର କିମ୍ବା କଟକକୁ ପଠାଯାଉଥିବା ବେଳେ ଅମ୍ବାଦଳାରେ ଏହି ସୁବିଧା ଦୀର୍ଘଦିନ ଧରି ବନ୍ଦ ଅଛି। ଫଳରେ ରୋଗୀ ଓ ସେମାନଙ୍କର ସମ୍ପର୍କୀୟମାନେ ବେସରକାରୀ ଲାବ୍‌କୁ ଯାଇ ଅତିରିକ୍ତ ଖର୍ଚ୍ଚ ବହନ କରିବାକୁ ବାଧ ହେଉଛନ୍ତି। ଏହାସହ ଚିକିତ୍ସାଳୟରେ ଜଣେ ଆୟୁଷ ଡାକ୍ତର ନିଯୁକ୍ତ ରହିବା ଆବଶ୍ୟକ ଥିଲେ ମଧ୍ୟ ଏଠାରେ ଆୟୁଷ ଡାକ୍ତରଙ୍କ ଅଭାବ ଦେଖାଦେଇଛି। ଅନ୍ୟାନ୍ୟ ଅଞ୍ଚଳରେ ଆୟୁଷ ଡାକ୍ତର ଥିବା ସତ୍ତ୍ୱେ ଏତେ ରୋଗୀ ଭିଡ଼ ଥିବା ଅମ୍ବାଦଳାରେ ଏହା ନ ଥିବା ନେଇ ଅସନ୍ତୋଷ ବଢ଼ିଛି। ସମସ୍ତ ମିଶି ଅମ୍ବାଦଳା ସରକାରୀ ପ୍ରାଥମିକ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ଅବସ୍ଥାରେ ଚାଲିଥିବା ବେଳେ ସ୍ଥାନୀୟ ଲୋକମାନେ ଶୀଘ୍ର ଷ୍ଟାପ ନର୍ସ, ଆୟୁଷ ଡାକ୍ତର ଓ ଆବଶ୍ୟକ ଯନ୍ତ୍ରପାତି ନିଯୁକ୍ତ କରିବାକୁ ଦାବି କରିଛନ୍ତି। ଅମ୍ବାଦଳା ମେଡିକାଲରେ ଦେଖାଦେଇଥିବା ଅବ୍ୟବସ୍ଥା ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପଚାରାଯାଇଥିବା ବେଳେ ସେ ଚିରାଚରିତ ଉତ୍ତର ଦେଇ କହିଥିଲେ ଯେ, ବର୍ତ୍ତମାନ ଅମ୍ବାଦଳା ମେଡିକାଲରେ ଡାକ୍ତର ଓ ଷ୍ଟାଫ୍ ନର୍ସଙ୍କ ପୋଷ୍ଟିଙ୍ଗ ନଥିବାରୁ ମାନବ ସମ୍ପଦର ଅଭାବ ଦେଖାଦେଇଛି। ସେ କହିଥିଲେ, ଯେତେବେଳେ ସରକାର ପକ୍ଷରୁ ନୂତନ ପୋଷ୍ଟିଙ୍ଗ ଆସିବ, ସେତେବେଳେ ଆମେ ସେଗୁଡିକୁ ପୂରଣ କରିବୁ। ରକ୍ତ ପରୀକ୍ଷା ସମ୍ପର୍କରେ ସେ କହିଥିଲେ, ବର୍ତ୍ତମାନ ସମସ୍ତ ପରୀକ୍ଷା କିଟ୍ ମାଧ୍ୟମରେ କରାଯାଉଛି ଓ ଏହା ଉପରେ ସ୍ଥାନୀୟ ସ୍ତରରେ କୌଣସି ଅଧିକ କ୍ଷମତା ନଥିବା କଥା ମଧ୍ୟ ସ୍ୱୀକାର କରିଥିଲେ। ସେ ଆହୁରି କହିଥିଲେ, ଏହି ବିଷୟରେ ଆମ ହାତରେ ବହୁତ କିଛି ନାହିଁ, ଉପରୁ ଯେପରି ନିର୍ଦ୍ଦେଶ ଓ ବ୍ୟବସ୍ଥା ଆସିବ, ସେହି ଅନୁଯାୟୀ କାମ କରାଯିବ। ତେବେ ଆମ୍ବଦଳା ସରକାରୀ ଡାକ୍ତରଖାନା ପାଇଁ ସରକାରୀ ଓ ପ୍ରଶାସନ ସ୍ତରରେ ପାତର ଅନ୍ତର କାହିଁକି ବୋଲି ଲୋକେ ପ୍ରଶ୍ନ କରିଛନ୍ତି।

> ଷ୍ଟାଫ୍ ନର୍ସ ଅଭାବ; ନାହାଁନ୍ତି ଆୟୁଷ ଡାକ୍ତର, ଆଟେଣ୍ଡାଣ୍ଟ
> ରକ୍ତ ପରୀକ୍ଷା ବାଧାପ୍ରାପ୍ତ

# ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ

ଅନୁଗୋଳ,୪।୪(ସମିସ): ସ୍ଥାନୀୟ ପିଏମଶ୍ରୀ ପିଟିସି ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷା ଜିଲ୍ଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ରୁଦ୍ରନାରାୟାଣ ପାଣି, ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ନିରୁପମା ପାଣି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ, ମଧୁସ୍ମିତା ନନ୍ଦ, ଲୋପମୁଦ୍ରା ପଟ୍ଟନାୟକ, ଅନୁଗୋଳ ବ୍ଲକ ଶିକ୍ଷା ଅଧିକାରୀ ଅଶୋକ କୁମାର ପ୍ରଧାନ, ପିଟିସି ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନିତା ଜେନା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ପ୍ରଭୁ



ଶ୍ରୀଗଣେଶଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କାରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ସାହୁ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ପାଣି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପସ୍ଥାପନ କରିବା ସହ ଛାତ୍ରଛାତ୍ରୀଙ୍କୁ ପାଠପଢ଼ି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବେହେରା ଅଭିଭାବକଙ୍କୁ ସେମାନଙ୍କ ଶିଶୁଙ୍କୁ ନିୟମିତ ସ୍କୁଲ ପଠାଇବାକୁ ଅନୁରୋଧ କରିଥିଲେ। ମୁଖ୍ୟଅତିଥି ସାଂସଦ ପାଣି ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ସମ୍ପର୍କିତ ବିଭିନ୍ନ ଉଦାହରଣ ମାଧ୍ୟମରେ ପିଲାଙ୍କୁ ଭଲ ପାଠ ପଢ଼ି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ପରେ ଅତିଥିମାନେ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଗୋଲାପ ଫୁଲ, ଚକୋଲେଟ, ପାଠ୍ୟୋପକରଣ ସହ ସ୍କୁଲ ବ୍ୟାଗ ପ୍ରଦାନ କରି ଖଡ଼ି ଛୁଆଁଇଥିଲେ। ଅତିଥିଙ୍କ ଦ୍ୱାରା ପିଲାଙ୍କ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ମୌଳିକ ସଂଖ୍ୟାଜ୍ଞାନ ଷ୍ଟଲ, ମୌଳିକ ସାକ୍ଷରତା ଷ୍ଟଲ ଓ ସୃଜନାତ୍ମକ ଷ୍ଟଲଗୁଡ଼ିକୁ ବୁଲି ଦେଖିଥିଲେ। ଜାତୀୟ ଶିକ୍ଷାନୀତି-୨୦୨୦ ଅନୁସାରେ ଜିଲ୍ଲାର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ଖୋଲିବା ସହ ଆଜିପର୍ଯ୍ୟନ୍ତ ୪ବର୍ଷ ୭ମାସରୁ ୫ ବର୍ଷ ୭ମାସ ହୋଇଥିବା ପିଲାଙ୍କୁ ଶିଶୁବାଟିକାରେ ନାମ ଲେଖାଇବା ଓ ୫ ବର୍ଷ ୭ ମାସରୁ ଅଧିକ ବୟସ୍କ ପିଲାଙ୍କୁ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା କାର୍ଯ୍ୟର ଶୁଭାରମ୍ଭ କରାଗଲା। ଶେଷରେ ଅନୁଗୋଳ ବିଇଓ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ଓ ଜିଲ୍ଲା ଶିକ୍ଷା ବିଜ୍ଞାନ ସଂଯୋଜକ ମନୋରଞ୍ଜନ ସାହୁ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

## ଓଡ଼ିଆ ନାମଫଳକ ଅଭିଯାନ ଉପଲକ୍ଷେ ସଚେତନତା



ଅନୁଗୋଳ,୪।୪(ସମିସ): ଅନୁଗୋଳ ଯୁଗ୍ମ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ତରଫରୁ ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ-୧୯୫୬ ଅନୁଯାୟୀ ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନରେ ନାମ ଫଳକ ଓଡ଼ିଆରେ ଲେଖିବା ପାଇଁ ସଚେତନତା ପଦଯାତ୍ରା ଏବଂ ସଚେତନତା ରଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ପ୍ରତାପ ପ୍ରୀତିମୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଜେଲ୍ ରୋଡ, ସେଣ୍ଟ୍ରାଲ ଲଜ୍, ବଜାରଛକ, ସୂଚନାକେନ୍ଦ୍ର ଛକ, ଥାନା ଛକଦେଇ ଅନୁଗୋଳ ପୌର ପାଳିକା କାର୍ଯ୍ୟାଳୟଠାରେ ଶେଷ ହୋଇଥିଲା। ସଚେତନତା ପାଇଁ ଦୋକାନ ମାଲିକମାନଙ୍କୁ ପ୍ରଚାର ପତ୍ରିକା ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଅନୁଗୋଳ ଯୁଗ୍ମ ଶ୍ରମ ଆୟୁକ୍ତ କୁବେର ବେହେରା, ଅନୁଗୋଳ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଇତିଶ୍ରୀ ଗାଗରାଇ, ଅନୁଗୋଳ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରାଙ୍କ ସମେତ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ପ୍ରତିନିଧି, ଶ୍ରମିକ ସଂଗଠନ କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ମା' ତାରିଣୀଙ୍କ ୩୪ତମ ଚୈତ୍ର ପର୍ବ ଅନୁଷ୍ଠିତ



କଣିହାଁ,୪।୪(ସମିସ): କଣିହାଁ ବ୍ଲକ ସମଲ ବ୍ୟାରେଜ ହାଇସ୍କୁଲ ଛକସ୍ଥିତ ମା' ତାରିଣୀ ମନ୍ଦିରର ୩୪ତମ ଚୈତ୍ର ପର୍ବ ଅନୁଷ୍ଠିତ ହୋଇଛି। ମହିଳାମାନେ ସକାଳେ କଳସ ଯାତ୍ରା କରି ବ୍ରାହ୍ମଣୀ ନଦୀରୁ ଜଳ ଆଣି ମନ୍ଦିରରେ ସ୍ଥାପନ କରିଥିଲେ। ପରେ ମା'ଙ୍କ ପୂଜାର୍ଚ୍ଚନା ଓ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇ ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଥିଲା। ବହୁ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଏଥିସହ କଟକର ଭଜନ ସନ୍ଧ୍ୟା ଅନୁଷ୍ଠାନ ଦ୍ୱାରା ପ୍ରତିଷ୍ଠିତ ଗାୟକ ଗାୟିକାଙ୍କୁ ନେଇ ସୁମଧୁର ଭଜନ ପରିବେଷଣ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ତୋଷମଣି ସାହୁ, ସମ୍ପାଦକ ସୁବାସ ପ୍ରଧାନ, କୋଷାଧ୍ୟକ୍ଷ ଶରତ ଦାସଙ୍କ ସମେତ ନେଙ୍କୁରୀ ସାମଲ, ପିଙ୍କା ମହାନ୍ତି, ଯୋଗେଶ୍ୱର ସାମଲ, ରାଜକିଶୋର ବେହେରା, ପ୍ରକାଶ ସାହୁ ଓ ସମସ୍ତ ବ୍ୟବସାୟୀ, ସ୍ଥାନୀୟ ଲୋକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମହିଳା ହାବିଲଦାରଙ୍କୁ ଦୁର୍ବ୍ୟବହାର ଘଟଣା

## ନ୍ୟାୟ ପ୍ରଦାନ ପାଇଁ ହାବିଲଦାର-କନଷ୍ଟେବଲ ସଙ୍ଘର ଦାବି

ଅନୁଗୋଳ,୪।୪(ସମିସ): ଅନୁଗୋଳ ରିଜର୍ଭ ପୁଲିସରେ କାର୍ଯ୍ୟରତ ମହିଳା ହାବିଲଦାର ସୁମିତ୍ରା ବିଶ୍ୱାଳଙ୍କୁ ରିଜର୍ଭ ଇନ୍ସପେକ୍ଟର ଗୋବିନ୍ଦ ମାହାର ଏବଂ ଫୋର୍ସ ରାଇଟର ଶୁଭକାନ୍ତ ସାହୁ ଦୁର୍ବ୍ୟବହାର ଓ ମାନସିକ ନିର୍ଯାତନା ଦେଉଥିବା ପ୍ରତିବାଦରେ ସେ ଚାକିରିରୁ ଇସ୍ତଫା ଦେବାପାଇଁ ଏସପିଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହି ଘଟଣା ବର୍ତ୍ତମାନ ସମଗ୍ର ରାଜ୍ୟରେ ଚହଳ ସୃଷ୍ଟି କରିଥିବା ବେଳେ ସୁମିତ୍ରାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ହାବିଲଦାର-କନଷ୍ଟେବଲ ସଙ୍ଘ ଅନୁଗୋଳ ଶାଖା ପକ୍ଷରୁ ଦାବି କରାଯାଇଚି। ଏ ନେଇ ଅନୁଗୋଳ ଏସପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ରିଜର୍ଭ ଇନ୍ସପେକ୍ଟର ଗୋବିନ୍ଦ ମାହାର ଏବଂ ଫୋର୍ସ ରାଇଟର ହାବିଲଦାର ଶୁଭକାନ୍ତ ସାହୁଙ୍କ ଦ୍ୱାରା ମାନସିକ, ଶାରୀରିକ ଓ ଆର୍ଥିକ ନିର୍ଯାତନାର ଶିକାର ହୋଇ ଜିଲ୍ଲାର ଅନେକ ହାବିଲଦାର ଓ କନଷ୍ଟେବଲ ନିଜ କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି। ନିର୍ଯାତନା ଅସହ୍ୟ ହେଲେ ବି ପୁଲିସ ବର୍ଦ୍ଦିର ସମ୍ମାନକୁ ଦୃଷ୍ଟିରେ ରଖି କେହି ମୁହଁ ଖୋଲୁନାହାନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ, ହାବିଲଦାର ସୁମିତ୍ରା ବିଶ୍ୱାଳଙ୍କ ଉପରେ ହୋଇଥିବା ନିର୍ଯାତନା ସହିବାର ସୀମା ଅତିକ୍ରମ କରିଥିବାରୁ ସେ ବାଧ ହୋଇ ଚାକିରିରୁ ଅବସର ନେବା ପାଇଁ ଘୋଷଣା କରିଛନ୍ତି। ଏହାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଙ୍ଘ ପକ୍ଷରୁ ଦାବି କରାଯାଇଛି।

## ସେନା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ଅନୁଗୋଳ,୪।୪(ସମିସ): ଅନୁଗୋଳର ସେନା ଅଧିକାରୀ ଅନରାରି କ୍ୟାପଟେନ ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳଙ୍କୁ ଅନୁଗୋଳ ଡିଫେନ୍ସ ଭେଟେରାନ୍ (ଏଡିଭି) ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିନେଇ ସଂଘ ପକ୍ଷରୁ ଅନୁଗୋଳ ରେଳ ଷ୍ଟେସନ୍‌ରୁ ତାଙ୍କ ଗାଁ ଖିଣ୍ଡା ଯାଏଁ ଏକ ଶୋଭାଯାତ୍ରାରେ ନିଆଯାଇଥିଲା। ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱାଳ ୧୯୯୫ରେ ସେନା ବାହିନୀରେ ଯୋଗଦେଇଥିଲେ। ସେ ୨୮୫ ବୋଫୋର୍ସ ରେଜିମେଣ୍ଟରେ ଯୋଗଦେଇ କିଛିଦିନ ପରେ ସେହି ରେଜିମେଣ୍ଟର ମାଷ୍ଟର ଟ୍ରେନର ଭାବେ କାମ କରିଥିଲେ। ୧୯୯୯ କାର୍ଗିଲ ଲଢ଼େଇରେ ସାମିଲ ହୋଇ ୩ ବର୍ଷ କାମ କରିଥିଲେ। ପୁଞ୍ଛ ରଜୌରି ଭଳି ସମ୍ବେଦନଶୀଳ ଅଞ୍ଚଳରେ ଆତଙ୍କବାଦୀ ସହ ମୁକାବିଲା କରିଥିଲେ। ଅପରେସନ ସିନ୍ଦୂରରେ ପାକିସ୍ତାନ ଏବଂ ଅପରେସନ ସ୍ନୋ ଲିଓପାର୍ଡରେ ଚାଇନା ସୈନ୍ୟଙ୍କ ସହ ମୁକାବିଲା କରିଥିଲେ। ସୁବେଦାର ମେଜର ଭାବେ ସେ ବାଲେଶ୍ୱର ଡିଆରଡିଓରେ ମଧ୍ୟ କାର୍ଯ୍ୟ କରିଥିଲେ। ନିଷ୍ଠା, ତ୍ୟାଗ ଓ ଅତୁଳନୀୟ ସାହସ ପ୍ରଦର୍ଶନ କରିଥିବାରୁ ଜଳନ୍ଧର ୨୧୩ ରକେଟ୍ ରେଜିମେଣ୍ଟରେ ଥାଇ ଅବସର ନେଇଥିଲେ। ଚାକିରି ଜୀବନରେ ଉତ୍କର୍ଷତା ପାଇଁ ତାଙ୍କୁ ସେନା ପକ୍ଷରୁ ଅନରାରି କ୍ୟାପଟେନ ଉପାଧି ପ୍ରଦାନ କରାଯାଇଛି। ଏଡିଭି ସଭାପତି ଅନିଲ କୁମାର ମହାନ୍ତି ବିଶ୍ୱାଳଙ୍କୁ ସ୍ୱାଗତ କରିବା ସହ ତାଙ୍କୁ ଜିଲ୍ଲାର ଗର୍ବ ବୋଲି ଅଭିହିତ କରିଛନ୍ତି।

### ୧୪୯ ନଂ ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା

## ଟ୍ରେଲର ଧକ୍କାରେ ସାଇକଲ ଆରୋହୀ ମୃତ

ତାଳଚେର,୪।୪(ସମିସ): ଶୁକ୍ରବାର ରାତି ୯ଟାରେ ୧୪୯ ନଂ ଜାତୀୟ ରାଜପଥର ତାଳଚେର ବାଇପାସ୍‌ରୁ ଥର୍ମାଲ ରାସ୍ତାର ପବିତ୍ରମୋହନ ଛକ ନିକଟ ପେଟ୍ରୋଲପମ୍ପ ସାମ୍ନାରେ ଟ୍ରେଲର ଧକ୍କାରେ ଜଣେ ସାଇକଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ତାଳଚେର ବ୍ଲକ ଦାସନାଳୀ ଗ୍ରାମର ବୋଲି ଜଣାପଡ଼ିଛି। ଏହି ଖବର ପ୍ରଚାରିତ ହେବାପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଫଳରେ ଗାଡ଼ିମଟର ଚଳାଚଳ ବନ୍ଦ ହୋଇଯାଇଥିଲା। ବର୍ତ୍ତମାନ ସୁଦ୍ଧା ଶବ ବ୍ୟବଚ୍ଛେଦ ହୋଇପାରି ନ ଥିବା ଜଣାପଡ଼ିଛି।

୧୪୯ ନଂ ଜାତୀୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। ଦୁର୍ଘଟଣାରେ ବହୁ ମୁଣ୍ଡ ଗଡ଼ୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଯେଉଁ ସ୍ଥାନରେ ଦୁର୍ଘଟଣା ଘଟିଲା, ସେଠାରେ ରାସ୍ତାର ଉଭୟ ପାଶ୍ୱର୍ରେ ଷ୍ଟ୍ରିଟ୍ ଲାଇଟଗୁଡ଼ିକ ବନ୍ଦ ରହିଥିଲା। ରାସ୍ତା ଅତ୍ୟନ୍ତ ସଂକୀର୍ଣ୍ଣ ହୋଇଥିବା ବେଳେ ଧୂଳିଧୂଆଁ ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## ବେଆଇନ ଇଟାଭାଟି ଭାଙ୍ଗିଲା ପ୍ରଶାସନ

ପାଲଲହଡ଼ା,୪।୪(ସମିସ): ଜଙ୍ଗଲ ଜମିରେ ଚାଲିଥିବା ବେଆଇନ ଇଟାଭାଟିକୁ ଶନିବାର ପାଲଲହଡ଼ା ତହସିଲ ପକ୍ଷରୁ ଉଚ୍ଛେଦ କରାଯାଇଛି। ଆଲୋରୀ ପଞ୍ଚାୟତର ବେଣ୍ଣୁଧର ପୂର୍ତ୍ତିଙ୍କ ବେଆଇନ ଇଟାଭାଟିକୁ ଜେସିବି ମେସିନ୍ ସାହାଯ୍ୟରେ ନଷ୍ଟ କରାଯାଇଥିବା ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତହସିଲଦାର ଆକାଂକ୍ଷା ମହାପାତ୍ରଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା, କୁଞ୍ଜାମ



ରାଜସ୍ୱ ନିରୀକ୍ଷକ ବିଷ୍ଣୁପ୍ରିୟା ସାହୁ ଏବଂ ସହକାରୀ ଅମିନ ସୁଜିତ ସାହୁ ଉପସ୍ଥିତ ରହି ସହଯୋଗ କରିଥିଲେ। ଖମାର ଥାନା ପୁଲିସ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଇଥିଲା। ଅଞ୍ଚଳରେ ବେଆଇନ ଭାବେ ଗଢ଼ି ଉଠିଥିବା ସମସ୍ତ ଇଟାଭାଟି ଉଚ୍ଛେଦ କରାଯିବ ବୋଲି ତହସିଲଦାର ମହାପାତ୍ର ସୂଚନା ଦେଇଛନ୍ତି। ଜନସାଧାରଣ ବେଆଇନ ଇଟାଭାଟିଠାରୁ ଦୂରେଇ ରହିବାକୁ ସତର୍କ କରାଯାଇଛି। ବେଆଇନ ଇଟାଭାଟି ସମ୍ପର୍କିତ କୌଣସି ବି ସୂଚନା ଥିଲେ ତହସିଲ କାର୍ଯ୍ୟାଳୟରେ ଜଣାଇବାକୁ ଅନୁରୋଧ କରାଯାଇଛି। ଜଙ୍ଗଲ ଜମିରେ ବେଆଇନ ନିର୍ମାଣ ଏବଂ ବେଆଇନ ଇଟାଭାଟି ନିର୍ମାଣ ଉପରେ ପ୍ରଶାସନ ପକ୍ଷରୁ କଠୋର ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ଅଭିଯାନ ଜାରି ରହିବ ଏବଂ ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦଣ୍ଡବିଧାନ କରାଯିବ ବୋଲି ତହସିଲଦାର କହିଛନ୍ତି।

## ପୁଲିସ ପକ୍ଷରୁ ଜଳଛତ୍ର ଉଦଘାଟିତ

ଅନୁଗୋଳ,୪।୪(ସମିସ): ଗ୍ରୀଷ୍ମଋତୁରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅନୁଗୋଳ ଜିଲ୍ଲା ପୁଲିସ ପକ୍ଷରୁ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜଳଛତ୍ର ଉଦଘାଟନ କରାଯାଇଛି। ଅନୁଗୋଳ ଏସପି ରାହୁଲ ଜୈନ ଏହାକୁ ଉଦଘାଟନ କରିବା ସହ ଲୋକଙ୍କୁ ଥଣ୍ଡା ପାଣି ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଗୋଳ ଆରଟିଓ ସମ୍ବିତ କୁମାର, ଅବକାରୀ ଅଧିକ୍ଷକ, ଜିଏସଟି ଡେପୁଟି କମିଶନର,



ଅତିରିକ୍ତ ଏସପି ରାଜୀବ ଲୋଚନ ପଣ୍ଡା, ଏସଡିପିଓ ରମାକାନ୍ତ ମହାଳିକ, ଆଇଆଇସି ପ୍ରକାଶ ମାଝୀ ପ୍ରମୁଖଙ୍କ ସମେତ ଜିଲ୍ଲା ପୁଲିସର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### ପାଲଲହଡ଼ା ପୂର୍ତ୍ତ ବିଭାଗ ଓ ଠିକାସଂସ୍ଥାର ମନମାନି

## ଉପଜିଲ୍ଲାପାଳଙ୍କ ନିକଟରେ ଫେରାଦ ହେଲେ ଗ୍ରାମବାସୀ

**ଆନ୍ଦୋଳନ ଚେତାବନୀ**

ପାଲଲହଡ଼ା,୪।୪(ସମିସ): ୨୦୨୩ରେ ପାଲଲହଡ଼ା ବ୍ଲକ ନଗିରା ପଞ୍ଚାୟତ ସିବିଡ଼ାଠାରୁ ବରଡିହ ପଞ୍ଚାୟତର ଖଡ଼କା ଓ କୁମ୍ଭାର ମାଟି ପର୍ଯ୍ୟନ୍ତ ଦୀର୍ଘ ୩୬ କିଲୋମିଟର ରାସ୍ତା କାର୍ଯ୍ୟ ପାଇଁ ପୂର୍ତ୍ତ ବିଭାଗ ଦ୍ୱାରା ଟେଣ୍ଡର କରାଯାଇଥିଲା। ୪୨ କୋଟି ଟଙ୍କା ବ୍ୟୟ ଅଟକଳରେ କାମ ଆରମ୍ଭ ହୋଇଥିଲା। ରାସ୍ତାର ପ୍ଲାନ ଏଷ୍ଟିମେଟ୍‌ରେ ବରୁଣଡିହ ଓ ସଲେଇ ଗାଁ ଦେଇ ରାସ୍ତା ନିର୍ମାଣ ହେବବୋଲି କାର୍ଯ୍ୟାଦେଶ ଦିଆଯାଇଥିଲା। କିନ୍ତୁ ଏବେ ରାସ୍ତା ନିର୍ମାଣ ଚାଲୁଥିବା ବେଳେ ବରୁଣଡିହ ଓ ସଲେଇ ଗାଁକୁ ବାଦ ଦିଆଯାଇଛି। ଠିକାସଂସ୍ଥା ରାସ୍ତାକାମ କରିବାକୁ ମନା କରୁଛି। ବିଭାଗ ପକ୍ଷରୁ ତାଙ୍କୁ ମନା କରାଯାଇଥିବା ଠିକାସଂସ୍ଥା କର୍ତ୍ତୃପକ୍ଷ କହିଛନ୍ତି। ରାଜନୈତିକ ଅଭିସନ୍ଧି ରଖି ଏହି ଦୁଇ ଗାଁକୁ ବାଦ ଦିଆଯାଇଥିବା ଉଭୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶନିବାର ଏ ନେଇ ପାଲଲହଡ଼ା ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ, ବରଡିହ ସରପଞ୍ଚ କପିଳ ଦେହୁରୀଙ୍କ ନେତୃତ୍ୱରେ ଦୁଇ ଗ୍ରାମର ଅଧିବାସୀ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଦୁଇ ଗାଁକୁ ସାମିଲ କରା ନ ଗଲେ ଉଭୟ ଗ୍ରାମବାସୀ ଛୁଆପିଲା ଧରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ପାଲଲହଡ଼ା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ତେବେ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସହିତ ଯୋଗାଯୋଗ ହୋଇ ନ ପାରିବାରୁ ମତାମତ ମିଳିପାରି ନାହିଁ।

## ଷୋଳପଦା ବ୍ରାହ୍ମଣ ସମାଜର ବାର୍ଷିକ ବୈଠକ



କିଶୋରନଗର,୪।୪(ସମିସ): ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଠାକୁରଗଡ଼ ଷୋଳପଦା ବ୍ରାହ୍ମଣ ସମାଜର ବାର୍ଷିକ ବୈଠକ ଠାକୁରଗଡ଼ ରାମ ମନ୍ଦିର ପରିସରରେ ଜନ୍ମେଶ୍ୱର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ବ୍ରାହ୍ମଣ ସମାଜର ନୈତିକ ମୂଲ୍ୟବୋଧ ଓ ସଂଗଠନ ଶକ୍ତିକୁ ଶକ୍ତିଶାଳୀ କରିବା ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଥିଲା। ଆଧୁନିକ ସମାଜରେ ବ୍ରାହ୍ମଣମାନଙ୍କୁ ଏକତ୍ରିତ କରିବା ସହିତ ପଥଭ୍ରଷ୍ଟ ହୋଇଥିବା ବ୍ରାହ୍ମଣମାନଙ୍କୁ ପୁନଃ ସଠିକ୍ ପଥରେ ଆଣିବା ପାଇଁ ସମୂହିକ ସହଯୋଗ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ତଥାପି ବ୍ରାହ୍ମଣ ଯୁବକମାନଙ୍କୁ ଏକତ୍ରିତ କରି 'ଯୁବବାହିନୀ' ମାଧ୍ୟମରେ ଆଞ୍ଚଳିକ, ଜିଲ୍ଲା ଓ ରାଜ୍ୟ ସ୍ତରରେ ପର୍ଶୁରାମ ବାହିନୀକୁ ସହଯୋଗ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ବୈଠକରେ ଅନୁଗୋଳ ବ୍ରାହ୍ମଣ ମହାସଂଘ ସଭାପତି ବ୍ୟୋମକେଶ ଶତପଥୀ, କାର୍ଯ୍ୟକାରୀ ସଭାପତି ବିଭୂତିଭୂଷଣ ମହାପାତ୍ର, ସାଧାରଣ ସମ୍ପାଦକ ଆର୍ତ୍ତରଞ୍ଜନ ଦାସ ଓ ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ମିଶ୍ର ଉପସ୍ଥିତ ରହି ନିଜ ମତାମତ ପ୍ରଦାନ କରିଥିଲେ। ଠାକୁରଗଡ଼ର କୁମୁଦ ଚନ୍ଦ୍ର ମିଶ୍ର, ସୌରଭ ମିଶ୍ର, କେଶବ ଚନ୍ଦ୍ର ଶତପଥୀ, ବିଜୟ କୁମାର ମିଶ୍ର, ଭୋଲେଶ୍ୱର ମିଶ୍ର, ଦିଲୀପ କୁମାର ନନ୍ଦ, ବିଶ୍ୱଜିତ ମିଶ୍ର, ଲୋକନାଥ ତ୍ରିପାଠୀ, ପ୍ରଶାନ୍ତ କୁମାର ଶତପଥୀ ଓ ଆଠମଲ୍ଲିକର ଭବାନୀ ଶଙ୍କର ମିଶ୍ର, ବଲାଙ୍ଗିରର ସୁଦୀପ କୁମାର ଦାସ ଓ ଗଗନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବଳରାମ ଆଚାର୍ଯ୍ୟ ସ୍ୱାଗତ ଅଭିଭାଷଣ ଓ ଅଶୋକ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶତାଧିକ ବ୍ରାହ୍ମଣ ଉପସ୍ଥିତ ରହି ସମାଜକୁ ସଂଗଠିତ କରିବାକୁ ଶପଥ ନେଇଥିଲେ। ଗୋକୁଳାନନ୍ଦ ଶତପଥୀ ସଭା ସଞ୍ଚାଳନ କରିଥିଲେ।

## ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଆ ପକ୍ଷ ପାଳିତ

ତାଳଚେର,୪।୪(ସମିସ): ଜିଲ୍ଲାଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ-୧୯୫୬ ଅନୁଯାୟୀ ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନରେ ଓଡ଼ିଆ ନାମଫଳକ ଲେଖିବାକୁ ଏକ ସଚେତନତା ପଦଯାତ୍ରା ଏବଂ ସଚେତନତା ରଥ ଉପଜିଲ୍ଲାପାଳ କାର୍ଯ୍ୟାଳୟରୁ ଶୁଭାରମ୍ଭ ହୋଇଛି। ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ତାଳଚେର ଶ୍ରମ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟକର୍ତ୍ତା, ପୌରପାଳିକା, ଅନୁଗୋଳ ସୂଚନା ଲୋକସମ୍ପର୍କ ଅଧିକାରୀଙ୍କ ପ୍ରତିନିଧି, ଅନୁଗୋଳ ବାଣିଜ୍ୟ ଓ ଶିଳ୍ପପ୍ରତିଷ୍ଠାନ ପ୍ରତିନିଧି, ଶ୍ରମିକ ସଂଗଠନ କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଂଗଠନ ପ୍ରତିନିଧି ଉପସ୍ଥିତ ଥିଲେ। ପଦଯାତ୍ରା ଉପଜିଲ୍ଲାପାଳ କାର୍ଯ୍ୟାଳୟଠାରୁ ଆରମ୍ଭ ହୋଇ ହାଟତୋଟା, ଆଇଟିଆଇ ଛକ, ଶର୍ମାଛକ, ରୋଡ୍ ଦେଇ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପହଞ୍ଚିଥିଲା। ଯେଉଁ ପ୍ରତିଷ୍ଠାନଗୁଡ଼ିକ ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ କରିଥିଲେ ସେମାନଙ୍କୁ ସହକାରୀ ଶ୍ରମ ଅଧିକାରୀ ଗୋଲାପ ଫୁଲ ପ୍ରଦାନ କରିଥିଲେ।




## ବଅଁରପାଳ ସାମ୍ବାଦିକ ସଂଘର ସଧାରଣ ସଭା



ବଅଁରପାଳ,୪।୪(ସମିସ): ବଅଁରପାଳ ବ୍ଲକ ସାମ୍ବାଦିକ ସଂଘର ବନ୍ଧୁମିଳନ ଓ ସଧାରଣ ସଭା ଶନିବାର ଅନୁଷ୍ଠିତ ହୋଛି। ଆନୁଷ୍ଠାନିକ ଭାବେ ସଂଘ ପଞ୍ଜିକୃତ ହୋଇଥିବାରୁ ସାମ୍ବାଦିକଙ୍କ ମଧ୍ୟରେ ଖୁସିର ପରିବେଶ ସୃଷ୍ଟି ହୋଇଥିଲା। ପୂର୍ବାହ୍ନ ୧୧ଟାରେ ମହିଧରପୁର ମାଧିଆମୁଣ୍ଡାସ୍ଥିତ ଦୁଗ୍ଧ ଫ୍ୟାକ୍ଟ୍ରି ସମ୍ମିଳନୀ କକ୍ଷରେ ସଭାପତି ଅଖିଳ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ସଂଘ ସଦସ୍ୟ ଓ ସାମ୍ବାଦିକମାନଙ୍କ ପାଇଁ ବିଭିନ୍ନ ଉନ୍ନତି ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ ଭେଟି ସହଯୋଗ ଲୋଡ଼ିବାକୁ ନିଷ୍ପତ୍ତି ହୋଇଛି। କାର୍ଯ୍ୟକ୍ରମରେ ସଙ୍ଘ ସାଧାରଣ ସମ୍ପାଦକ ସୁଶୀଳ କୁମାର ଆଇଚ, କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ବିଶୋଇ, ଉପ ସଭାପତି ରୁଦ୍ରମୋହନ ସାହୁ, ସହସମ୍ପାଦକ ସୁଶାନ୍ତ କୁମାର ସାମଲ, କୋଷାଧ୍ୟକ୍ଷ ପ୍ରିୟବ୍ରତ ସାମଲ, କାର୍ଯ୍ୟକାରିଣୀ କମିଟି ସଭ୍ୟ ଅଶୋକ କୁମାର ଜେନା, ତାପସ କୁମାର ଜେନା, ରାଜେଶ ପାତ୍ର, କ୍ଷୀରୋଦ କୁମାର ବେହେରା, ଅଜିତ୍ କୁମାର ଭୋଇ, ବିଭାସ କୁମାର ସାମଲଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦେଇଥିଲେ।

# ମେଡିକାଲ୍ କଲେଜରେ ରୋଗୀସେବା ଦାବି

### କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ

ତାଳଚେର,୪।୪(ସମିସ): ତାଳଚେର ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ ଶନିବାର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ବରିଷ୍ଠ ଉପଦେଷ୍ଟା ଚୈତନ୍ୟ ପ୍ରଧାନଙ୍କ ସଭାପତିତ୍ୱରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ତାଳଚେର ଉପଖଣ୍ଡର ସଂଗ୍ରାମୀ ବନ୍ଧୁମାନେ ଯୋଗଦେଇ ତାଳଚେର ପ୍ରତି ସରକାରଙ୍କ ବୈମାତୃକ ମନୋଭାବକୁ ତୀବ୍ର ନିନ୍ଦା କରିଥିଲେ। ପରିଚାଳନା ବାବଦ ସମସ୍ତ ଅର୍ଥ ସରକାର ନେବା ପରେ ଏବଂ ଆନୁଷଙ୍ଗିକ ଭିତ୍ତିଭୂମି ଥିବା ସତ୍ତ୍ୱେ କାହିଁକି ମେଡିକାଲ୍ କଲେଜ୍‌ରେ ରୋଗୀସେବା ହେଉନାହିଁ ବୋଲି ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି। ଅବିଳମ୍ବେ ପବିତ୍ର ମୋହନ ପ୍ରଧାନ ମେଡିକାଲ୍



କଲେଜ୍‌ରେ ବାହ୍ୟ ଓ ଆନ୍ତଃ ରୋଗୀସେବା ଆରମ୍ଭ ନ କଲେ ବଡ଼ଧରଣର ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି। ପ୍ରଥମେ ଗାଁକୁ ଚାଲ ଅଭିଯାନ ଆରମ୍ଭ ହେବ। ପଥପ୍ରାନ୍ତ ସଭା ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯିବ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ସରକାର ଅବହେଳା କଲେ ତାଳଚେରର ସଂଗ୍ରାମୀ ଜନସାଧାରଣ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି କମିଟି ସଭାପତି ଅଭୟ ପାଣି, କାର୍ଯ୍ୟକାରୀ ସଭାପତି ଭୂପେନ ଥମ୍ବ, ସମ୍ପାଦକ ବିଜୟ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରହ୍ଲାଦ ଚନ୍ଦ୍ର ସାହୁ, ଚିନ୍ତାମଣି ମହାପାତ୍ର, କେଶବ ଭୂତିଆ, ଶୋଭାଗିନୀ ଦେବୀ, ହରିହର ଦାସ, ବିଜୟ କୁମାର ମିଶ୍ର, ସୁକାନ୍ତ ଦାସ, ବଳରାମ କୁଣ୍ଡ, ରାଜକିଶୋର ସାହୁ, ଡିଲେଶ୍ୱର ବେହେରା, ପ୍ରଫୁଲ୍ଲ ନାଏକ, ପ୍ରେମାନନ୍ଦ ମହାନ୍ତି, ଶରତ ଚନ୍ଦ୍ର ଦାସ, ଜିନେଶ ସାହୁ, ସୁଲେଖ ସେଠୀ, ମନୋଜ କୁମାର ମହାପାତ୍ର, ହରେକୃଷ୍ଣ ମହାପାତ୍ର, ବିନୋଦ ଲାଲଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ମହାକାଳପଡ଼ାରେ ପୁଲିସର ରାଜନୀତିକରଣ

# ପ୍ରତିବାଦରେ ଏସ୍‌ପିଙ୍କୁ ବିଜେଡିର ସ୍ମାରକପତ୍ର



କେନ୍ଦ୍ରାପଡ଼ା/ମହାକାଳପଡ଼ା,୪।୪ (ସମିସ): ମହାକାଳପଡ଼ା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଆଜି ମହାକାଳପଡ଼ା ଅଞ୍ଚଳରେ ପୁଲିସ ପ୍ରଶାସନର ରାଜନୀତିକରଣ ମନୋଭାବ ବିରୋଧରେ କଠୋର ସ୍ୱର ଉଠାଇଛନ୍ତି। ଏ ପ୍ରସଙ୍ଗରେ ମହାକାଳପଡ଼ା ବିଜୁ ଜନତା ଦଳ (ବିଜେଡି)ର ଏକ ପ୍ରତିନିଧି ଦଳ କେନ୍ଦ୍ରାପଡ଼ା ଏସପିଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଦଳର ନେତୃତ୍ୱ ନେଇଥିବା ଅତନୁ ସବ୍ୟସାଚୀ ନାୟକଙ୍କ ସହ ବାରଡାଙ୍ଗ ପଞ୍ଚାୟତର ସରପଞ୍ଚ ଅରବିନ୍ଦ ଜେନା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅନୁରାଧା ସ୍ୱାଇଁ, ଧର୍ମପଦ ଦାସ ଓ ଅନ୍ୟ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ସ୍ମାରକପତ୍ରରେ ସମ୍ପ୍ରତି ମହାକାଳପଡ଼ା ଅଞ୍ଚଳରେ ପୁଲିସ କାର୍ଯ୍ୟକଳାପରେ ରାଜନୀତିକ ପ୍ରଭାବ ପଡୁଥିବା ଅଭିଯୋଗ ଆସୁଛି। ପୂର୍ବରୁ ରାଜଗଡ ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀଙ୍କ ବିରୋଧରେ ମିଛ ମାମଲା ରୁଜୁ ହୋଇଥିବା ଦାବି କରାଯାଇଛି। ଯାହାକୁ ନେଇ ସ୍ଥାନୀୟ ରାଜନୀତିକ ପରିବେଶ ଉତ୍ତେଜନାପୂର୍ଣ୍ଣ ହୋଇଯାଇଛି। ଏହି ଘଟଣାକୁ ନେଇ ପୂର୍ବରୁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଖୋଲାସା କରାଯାଇଥିବାବେଳେ ସାଧାରଣ ଲୋକ କିପରି ଅନାବଶ୍ୟକ ଭାବେ ଅଭିଯୋଗର ଶିକାର ହେଉଛନ୍ତି, ସେଥିପ୍ରତି ମଧ୍ୟ ଗଭୀର ଚିନ୍ତା ବ୍ୟକ୍ତ କରାଯାଇଥିଲା। ଅତନୁ ସବ୍ୟସାଚୀ ନାୟକ ଗଣମାଧ୍ୟମକୁ କହିଛନ୍ତି, ପୁଲିସ ପ୍ରଶାସନ ନିରପେକ୍ଷ ରହିବା ଆବଶ୍ୟକ, କିନ୍ତୁ ଏଭଳି ଘଟଣା ଦେଖି ଲାଗୁଛି ଯେ କିଛି ସ୍ଥାନରେ ରାଜନୀତିକ ଚାପରେ କାର୍ଯ୍ୟ ହେଉଛି। ଏହା ଲୋକତନ୍ତ୍ର ପାଇଁ ଶୁଭ ସଙ୍କେତ ନୁହେଁ। ସେ ଆହୁରି କହିଛନ୍ତି, ଯଦି ଏ ପ୍ରକାର ଅଭିଯୋଗ ଉପରେ ଶୀଘ୍ର ତଦନ୍ତ ହୋଇ ନ୍ୟାୟ ଦିଆଯିବ ନାହିଁ, ତେବେ ଦଳ ପକ୍ଷରୁ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ। ଏ ପରିପ୍ରେକ୍ଷୀରେ ବିଜେଡି ନେତା ଏସପିଙ୍କୁ ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ଜିଲ୍ଲାସ୍ତରୀୟ ସ୍କୁଲ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ

କେନ୍ଦ୍ରାପଡ଼ା,୪।୪(ସମିସ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଭରତପୁର ପଞ୍ଚାୟତର ମେହେନ୍ଦିପୁରସ୍ଥ ଲାଲବାହାଦୂର ସରକାରୀ ଉଚ୍ଚବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ସ୍କୁଲ ପ୍ରବେଶ ଓ ଖଡିଛୁଆଁ ଉତ୍ସବ ଉଦଘାଟିତ ହୋଇଛି। ଜିଲ୍ଲା ଶିକ୍ଷାଧିକାରୀ ପବିତ୍ରମୋହନ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ ବିଶିଷ୍ଟ ଅତିଥି ଓ ଜିଲ୍ଲାପାଳ ରଘୁରାମ ଆର. ଆୟର ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଆରମ୍ଭରେ ପୂଜକ ସତ୍ୟନାରାୟଣ ପଣ୍ଡାଙ୍କ ଦ୍ୱାରା ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା ଓ ଶିକ୍ଷକ ରାମଚନ୍ଦ୍ର ଆଚାର୍ଯ୍ୟଙ୍କ ଗୀତାପାଠ ସହ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପରେ ଅତିଥିମାନେ ଶିଶୁବାଟିକାର କୁନି କୁନି ପିଲାଙ୍କୁ ଖଡି ଛୁଆଇ ଶିକ୍ଷାର ଶୁଭାରମ୍ଭ କରିଥିଲେ। ସିଲଟରେ "ଅ" ଓ "ଆ" ଲେଖାଇ ପ୍ରାରମ୍ଭିକ ଶିକ୍ଷାର ପ୍ରଥମ ପଦକ୍ଷେପ ନିଆଯାଇଥିଲା। ଏ ଅବସରରେ ଶିଶୁବାଟିକା ସହିତ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବ୍ୟାଗ, ସିଲଟ, ଖଡି, ରଙ୍ଗ ପେନସିଲ ଓ ପାଠ୍ୟପୁସ୍ତକ ବଣ୍ଟନ କରାଯାଇଥିଲା। ଏଥିସହିତ ସାରା ଜିଲ୍ଲାରେ ସଚେତନତା ବ୍ୟାପ୍ତ କରିବା ଉଦ୍ଦେଶ୍ୟରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ସଚେତନତା ରଥକୁ ଅତିଥିମାନେ ପତାକା ଦେଖାଇ ଉଦଘାଟନ କରିଥିଲେ। ପ୍ରଧାନଶିକ୍ଷକ ସନ୍ତୋଷ ଦାସଙ୍କ ସହିତ ଶିକ୍ଷା ବିଭାଗର ବହୁ ଅଧିକାରୀ, ପଞ୍ଚାୟତ ପ୍ରତିନିଧି, ଶିକ୍ଷକ ଓ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।



● ପୋଟିଆ ଗାଁରେ ଦୁଇ ପରିବାର ମଧ୍ୟରେ ମାର୍‌ପିଟ

## ଜଣେ ଆହତ, ୯ ଛେଳି ଉଦ୍ଧାର

ମହାକାଳପଡ଼ା, ୪।୪ (ସମିସ): ବଡିହି ପଞ୍ଚାୟତର ପୋଟିଆ ଗାଁରେ ଦୁଇ ପରିବାର ମଧ୍ୟରେ ମାର୍‌ପିଟ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାରେ ଉଭୟ ପକ୍ଷରୁ ଥାନାରେ ପୃଥକ ପୃଥକ ଅଭିଯୋଗ ହୋଇଥିବାବେଳେ ଜଣେ ଆହତ ହୋଇଥିବା ଜଣାପଡ଼ିଛି। ଗ୍ରାମର ମିନତୀ ମଲିକଙ୍କ ପୁଅ ମନୋରଞ୍ଜନ ୧ ତାରିଖ ରାତି ପ୍ରାୟ ୮ଟା ସମୟରେ ବାବର ବଜାରରୁ ବାଇକରେ ଫେରୁଥିବାବେଳେ ହନୁମାନ ମନ୍ଦିର ନିକଟରେ ଅଶୋକ ମଲିକ, ରମେଶ ମଲିକ, ସୁରେଶ ମଲିକ, ଆକାଶ ମଲିକ ପ୍ରମୁଖ ଅଟକାଇ ଖଣ୍ଡା, ଭୁଜାଲି ଓ ବାଡ଼ି ଧରି ତାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ପରେ ଉଭୟ ପକ୍ଷରେ ମାରପିଟ ହୋଇଥିଲା। ଏଥିରେ ଅଶୋକ ମଲିକଙ୍କ ମୁଣ୍ଡ ଫାଟି ଯାଇଥିବା ସହ ହାତରେ ଗୁରୁତର ଚୋଟ ଲାଗିଥିଲା। ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଅଧିକ ଚିକିତ୍ସା ପାଇଁ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣା ପରେ ମନୋରଞ୍ଜନଙ୍କ ପରିବାର ଘରକୁ ତାଲା ଲଗାଇ ଫେରାର ହୋଇଯାଇଥିଲେ। ଫଳରେ ଘର ଭିତରେ ୯ଟି ଛେଳି ଗୃହବନ୍ଦୀ ଅବସ୍ଥାରେ ଥିଲେ। ମନୋରଞ୍ଜନଙ୍କ ଅଜା ପାରେଶ୍ୱର ମଲିକ ତନ୍ତିଆପାଳ ସାମୁଦ୍ରିକ ପୁଲିସ ସହଯୋଗରେ ଶନିବାର ଘର ଖୋଲି ଛେଳିଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ଗୋଟିଏ ଛେଳିର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମନୋରଞ୍ଜନଙ୍କ ମାଆ ମିନତୀ ମଲିକ ଏସ୍‌ପି ଓ ତନ୍ତିଆପାଳ ସାମୁଦ୍ରିକ ଥାନାରେ ଅନଲାଇନ୍ ମାଧ୍ୟମରେ ଅଭିଯୋଗ କରିଥିବା ଜଣାପଡ଼ିଛି। ତାଙ୍କ ପୁଅଙ୍କୁ ଯୋଜନାବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରାଯାଇଥିବା ମିନତୀ ଅଭିଯୋଗ କରିଛନ୍ତି।

## ପୋଖରୀଆପଡ଼ାରେ ଭାଗବତ ପାରାୟଣ ଓ ହରିହାଟ

ପଟ୍ଟାମୁଣ୍ଡାଇ,୪।୪(ସମିସ): ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ୧୩ନଂ ୱାର୍ଡ ପୋଖରୀଆପଡା ଗ୍ରାମରେ ୨୫ତମ ଭାଗବତ ପାରାୟଣ ଓ ହରିହାଟ ଅନୁଷ୍ଠିତ ହୋଇଯାଇଛି। ପୂଜକ ଶାରଦା ପଣ୍ଡା ଓ ପ୍ରବଚକ ପଣ୍ଡିତ ବିଭୂତି ଭୂଷଣ ପଣ୍ଡା ପ୍ରବଚନ ଦେଇଥିଲେ। ଶତ୍ରୁଘ୍ନ ଦାଶ ଓ ପୁଷ୍ପରେଖା ଦାଶ କର୍ତ୍ତା ଥିଲେ। ପ୍ରତିଦିନ ସନ୍ଧ୍ୟାରେ ଭଜନ ସନ୍ଧ୍ୟା, ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶହ ଶହ ଭଗବତପ୍ରେମୀ ଯୋଗ ଦେଇଥିଲେ। ଉଦଯାପନୀ ଦିବସରେ ଅନୁଷ୍ଠିତ ହରିହାଟରେ ବିଭିନ୍ନ ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀ ନାମ ସଂକୀର୍ତ୍ତନ, ଦାଣ୍ଡିଆ ନୃତ୍ୟ ଓ ତପନ ମିଶ୍ର ଭଜନ ମଞ୍ଚ କଳାକାର ଭଜନ ପରିବେଷଣ କରିଥିଲେ। ହରିହାଟରେ ୬୪ ଜଣ ବ୍ରାହ୍ମଣ ଯୋଗ ଦେଇ ଭକ୍ତଙ୍କୁ ଆଶୀର୍ବାଦ ଦେଇଥିଲେ। ଚଳିତ ବର୍ଷ ମୁରବୀଙ୍କ ଉଦ୍ୟମରେ ଜଗନ୍ନାଥଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କରାଯାଇ ଭାଗବତ ପାରାୟଣ କାର୍ଯ୍ୟକ୍ରମ ସଂପାଦନ କରାଯାଇଥିବାରୁ ଅନୁଷ୍ଠାନର ମୁରବୀଙ୍କୁ ଯୁବ ସଂପ୍ରଦାୟ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କୁ ମଧ୍ୟ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜଗନ୍ନାଥ କମିଟି ଓ ଗ୍ରାମର ମୁରବୀ ଦୈତାରୀ ଜେନା, ଶୁକଦେବ ସ୍ୱାଇଁ, ଭରତ ଦାଶ, ଲିପୁନ ଦାଶ, ପ୍ରେମାନନ୍ଦ ପଣ୍ଡା, ଚିତ୍ତରଞ୍ଜନ ମହାନ୍ତି, ନଗେନ୍ଦ୍ର ଦାଶ, ରବୀନ୍ଦ୍ର ଦାଶ, ସ୍ମୃତିରଞ୍ଜନ ଷଣ୍ଢ, ପର୍ଶୁରାମ ଷଣ୍ଢ, ପଣ୍ଡିତ ତ୍ରୈଲୋକ୍ୟ ମିଶ୍ର, ଇଂ. ତ୍ରିଲୋଚନ ସୂତାର, ବିଜୟ ମହାନ୍ତ ପ୍ରମୁଖଙ୍କ ସହ ଅନନ୍ତ ଗୋପାଳ କାର୍ତ୍ତିକେଶ୍ୱର ପୂଜା କମିଟି ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## କୁସୁନୁପୁରରେ ଅଷ୍ଟପ୍ରହର ନାମଯଜ୍ଞ

ଡେରାବିଶ, ୪।୪(ସମିସ): ଡେରାବିଶ ବ୍ଲକ୍ ଏଣ୍ଡର ପଞ୍ଚାୟତ ଅଧୀନ୍ କୁସୁନୁପୁରସ୍ଥ ମା' ବୁଢ଼ୀ ଜାଗୁଳାଇ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଏ ଅବସରରେ ମା'ଙ୍କ ପୀଠରେ ବୁଧବାର ଶୁଭାଧିବେଶ ହୋଇଥିବାବେଳେ ଗୁରୁବାର ପ୍ରାତଃରୁ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇ ଶୁକ୍ରବାର ପ୍ରାତଃରେ ଶେଷ ହୋଇଥିଲା। ପରେ ନଗର ପରିକ୍ରମା ଓ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀ ପରିଚାଳନା କରିଥିଲେ।

## ଆଳିରେ କାଳବୈଶାଖୀର ତାଣ୍ଡବ

# ଭାଙ୍ଗିଲା ଗଛ, ଉଡ଼ିଲା ଆଜବେଷ୍ଟସ; ୩ ଗୁରୁତର

ଆଳି,୪।୪(ସମିସ): ଆଜି ଅପରାହ୍ନରେ ଆଳିରେ ହଠାତ୍ କଳାବୈଶାଖୀ ତାଣ୍ଡବ ରଚିଛି। ଗଛ ଭାଙ୍ଗିବା ସହ ଆଜବେଷ୍ଟସ ଉଡିଯାଇଛି। ଫଳରେ ତିନିଜଣ ଗୁରୁତର ଆହତ ହୋଇଛନ୍ତି। ଗଛ ଡାଳ ମୁଣ୍ଡରେ ପଡ଼ି ଜଣେ, ବିଜୁଳି ପଡ଼ି ଜଣେ ବ୍ୟକ୍ତି ଓ ଆଜବେଷ୍ଟ ପଡ଼ି ଜଣେ ମହିଳା ଆହତ ହୋଇଛନ୍ତି। ଶନିବାର ଅପରାହ୍ନ ପ୍ରାୟ ସାଢ଼େ ତିନିଟା ସମୟରେ ହଠାତ ପ୍ରବଳ ବେଗରେ ପବନ ଓ ଝିପି ଝିପି ବର୍ଷା ହୋଇଥିଲା। କାଳବୈଶାଖୀ ପ୍ରଭାବରେ ହୋଇଥିବା ଝଡ଼ ତୋଫାନରେ ଗଛ ଉପୁଡ଼ି ପଡ଼ିଥିବାବେଳେ ଆଜବେଷ୍ଟ ଉଡ଼ିଯାଇଥିଲା। ଫସିଧା ପଞ୍ଚାୟତ ମଙ୍ଗରାଜପୁର ଗ୍ରାମର ଉମାକାନ୍ତ ଦାସ (୫୦) ଘରକୁ ଫେରୁଥିବା ସମୟରେ ଗଛ ଡାଳ ତାଙ୍କ ମୁଣ୍ଡରେ ପଡ଼ିବାରୁ ସେ ଗୁରୁତର ଆହତ ହୋଇ ପ୍ରଥମେ ଆଳି ଓ ପରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିବା ସୂଚନା ମିଳିଛି। ଚାନ୍ଦବାଲି ପାଟପୁର ଅଞ୍ଚଳର ମାନସ ନାୟକ(୩୫) ଆଳି ଥାନା ମାନପୁର ନିକଟରେ ମଇଁଷି ଚରାଉଥିବା ସମୟରେ ଅତି ନିକଟରେ ବିଜୁଳି ମାରିବାରୁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କ ଦେହର କିଛି ଅଂଶ ପୋଡ଼ିଯାଇଛି। ସେହିପରି ଆଳି ଥାନା ମେଣ୍ଟପୁର ପଞ୍ଚାୟତ ପଦନପୁର ଗ୍ରାମର ଅକ୍ତର ବିବି (୪୫)ଙ୍କ ମୁହଁରେ ଆଜବେଷ୍ଟ ପଡି ଅଳ୍ପକେ ବର୍ତ୍ତିଯାଇଛନ୍ତି। ତାଙ୍କ ମୁହଁ ଫାଟି ଯାଇ ଆହତ ହୋଇଛନ୍ତି। କାଳ ବୈଶାଖୀ ଯୋଗୁଁ ସମଗ୍ର ଆଳି ଅଞ୍ଚଳରେ ଦୀର୍ଘ ସମୟ ଧରି ବିଦ୍ୟୁତ ସେବା ବ୍ୟାହତ ହୋଇଥିଲା।



## ଓଡ଼ିଆରେ ନାମ ଫଳକ ଲେଖା ସଚେତନତା ପଦଯାତ୍ରା



କେନ୍ଦ୍ରାପଡ଼ା,୪।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମ ଫଳକ ଲେଖିବାକୁ ଜୋର ଦେଇ ବ୍ୟାପକ ସଚେତନତା ଅଭିଯାନ ଆୟୋଜିତ ହୋଇଛି। ପ୍ରଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନର ମିଳିତ ପ୍ରୟାସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଦଯାତ୍ରା ସହ ସଚେତନତା ରଥ ମାଧ୍ୟମରେ ବ୍ୟବସାୟୀଙ୍କୁ ଆଇନ ସମ୍ପର୍କରେ ସଚେତନ କରାଯାଇଛି। ଜିଲ୍ଲାପାଳ ରଘୁରାମ ଆର.ଆୟର ପୂର୍ବାହ୍ନ ୧୦ଟାରେ ପତାକା ଦେଖାଇ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ପଦଯାତ୍ରା ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିବାବେଳେ ପରେ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଅଞ୍ଚଳରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ପ୍ରସାରିତ ହୋଇଥିଲା। ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ-୧୯୫୬ ଅନୁଯାୟୀ ସମସ୍ତ ଦୋକାନ, ବଜାର ଓ ବାଣିଜ୍ୟ ପ୍ରତିଷ୍ଠାନରେ ସ୍ପଷ୍ଟ ଭାବେ ଓଡ଼ିଆ ଭାଷାରେ ନାମ ଫଳକ ଲେଖିବା ଅନିବାର୍ଯ୍ୟ ଥିବା ବିଷୟରେ ବ୍ୟବସାୟୀଙ୍କୁ ଜଣାଇ ଦିଆଯାଇଥିଲା। ପଦଯାତ୍ରାରେ ବିଭିନ୍ନ ବିଭାଗର ଅଧିକାରୀ, ଟ୍ରେଡ୍ ୟୁନିଅନ ପ୍ରତିନିଧି, ବାଣିଜ୍ୟ ପ୍ରତିଷ୍ଠାନ ମାଲିକ ଓ ସ୍ୱେଚ୍ଛାସେବୀ ସଂଗଠନ ଭାଗ ନେଇଥିଲେ। ଯେଉଁ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମ ଫଳକ ଲେଖା ନ ଥିବ, ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାଇ ଦିଆଯାଇଛି।

## ଯୋଜନାବଦ୍ଧ ହତ୍ୟା ନେଇ ଅଜାଙ୍କ ଅଭିଯୋଗ

ଶୁଭଲକ୍ଷ୍ମୀ ମୃତ୍ୟୁ ଘଟଣା

ରାଜନଗର,୪।୪(ସମିସ): ରାଜନଗର ଥାନା ଚାନ୍ଦିବାଉଁଶମୂଳ ପଞ୍ଚାୟତ ଅନ୍ତର୍ଗତ ବଡ଼କୋଲ୍ଲା ଗ୍ରାମରେ ୨ ତାରିଖ ଦିନ ନିଖୋଜ ଥିବା ଶିଶୁକନ୍ୟାର ମୃତଦେହ ଗତକାଲି କେନାଲରୁ ଉଦ୍ଧାର କରାଯାଇଛି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ମାଳିପୁର ଗ୍ରାମର ମାନଗୋବିନ୍ଦ ସେନାପତିଙ୍କ ଝିଅ ଶୁଭଲକ୍ଷ୍ମୀ (୭ବର୍ଷ) ତାଙ୍କ ମାମୁଁ ଘରେ ଥିବାବେଳେ ଏହି ଘଟଣା ଘଟିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ମାଳିପୁର ଗାଁରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଶୁଭଲକ୍ଷ୍ମୀର ଅଜା କାଳନ୍ଦୀ ଆଜି ରାଜନଗର ଥାନାରେ କରିଥିବା ଅଭିଯୋଗ ମୁତାବକ ବେଣୁ ଦାସଙ୍କ ଝିଅର ପୁଅ (୫ ବର୍ଷ) ଗତ କାର୍ତ୍ତିକ ପୂର୍ଣ୍ଣିମା ଦିନ ଘର ସମ୍ମୁଖ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଥିଲା। ଶୁଭଲକ୍ଷ୍ମୀ ସହ ଖେଳୁଥିଲା। ଶୁଭଲକ୍ଷ୍ମୀ ପେଲି ଦେବାରୁ ତାଙ୍କ ନାତିଙ୍କ ମୃତ୍ୟୁ ଘଟିଛି, ୬ ମାସ ମଧ୍ୟରେ ଶୁଭଲକ୍ଷ୍ମୀକୁ ମାରିବ ବୋଲି ବେଣୁ କହିଆସୁଥିଲା। ପ୍ରତିଶୋଧ ପରାୟଣ ହୋଇ ବେଣୁ ଚରଣ ଦାସ, ତାଙ୍କ ସ୍ତ୍ରୀ ଅହଲ୍ୟା ଦାସ, ଝିଅ ସତ୍ୟଭାମା ପାତ୍ର, ବେଣୁଙ୍କ ପୁଅ ପ୍ରଶାନ୍ତ ଦାସ, ବେଣୁ ଦାସଙ୍କ ଶଳାର ପୁଅ ଏଣ୍ଡୁଳାପୁର ଭେଡିସାହିର ଜୟୀରାମ ସ୍ୱାଇଁ ମିଳିମିଶି ଯୋଜନାବଦ୍ଧ ଭାବେ ନତୁଣୀକୁ ହତ୍ୟା କରିଛନ୍ତି ବୋଲି ସନ୍ଦେହ ହେଉଛି। ସେମାନେ ପୂର୍ବରୁ ମୋ' ନତୁଣୀ ଓ ପରିବାରକୁ ଧମକ ଦେଇ ଆସୁଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସେମାନେ ମିଳିତ ଭାବେ ହତ୍ୟା କରିଛନ୍ତି ବୋଲି ଏତଲାରେ ଦର୍ଶାଇଛନ୍ତି।

## କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

ରାଜକନିକା,୪।୪(ସମିସ): ଆଜି ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷତି ହୋଇଛି। ଅପରାହ୍ନ ୪ଟା ବେଳେ ପ୍ରଚଣ୍ଡ ବେଗରେ ପବନ ଓ ବଜ୍ରପାତ ହୋଇଥିଲା। ଓଳାଭର-ସିଂହପୁର ମୁଖ୍ୟରାସ୍ତାର ନୂଆପାଟଣା ଛକରେ ଏକ ଆକାଶି ଗଛ ଉପୁଡି ପଡ଼ିବାରୁ ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅଗ୍ନିଶମ ବାହିନୀ ଗଛ କାଟି ରାସ୍ତା ସଫା କରିଛନ୍ତି। ସେହିପରି ଘନ ଘନ ବଜ୍ରପାତ ଫଳରେ ବରଦା ଗାଁର ଏକ ନଡ଼ିଆ ଗଛରେ ନିଆଁ ଲାଗି ଗଛ ଜଳିଯାଇଛି। ଚନ୍ଦନପୋଖରୀ ଛକରେ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଲଗାଯାଇଥିବା ଦଳୀୟ ତୋରଣ ଭାଙ୍ଗି ରାସ୍ତାରେ ବିପଦ ସୃଷ୍ଟି କରିଛି।

## ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ



ମାର୍ଶାଘାଇ,୪।୪(ସମିସ): ମାର୍ଶାଘାଇ ମଣ୍ଡଳସ୍ତରୀୟ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ ଶନିବାର ଶାସନପିଡା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏବିଇଓ ସୁଶାନ୍ତ ବେଉରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ମହାକାଳପଡ଼ା ବିଧାୟକଙ୍କ ପ୍ରତିନିଧି ଜାନକୀ ପ୍ରଧାନ ଯୋଗଦେଇ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ସଚେତନ ରଥକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ତହସିଲଦାର ଶ୍ରୀକାନ୍ତ ପରିଡା, ଏବିଡିଓ ଉତ୍ତରୀ ପଣ୍ଡା, ସରପଞ୍ଚ ଅଶାନ୍ତି ସ୍ୱାଇଁ, ପ୍ରଧାନଶିକ୍ଷକ ପ୍ରଦୀପ ଲେଙ୍କା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ସିଆରସିସି ନିରଞ୍ଜନ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ହରପ୍ରିୟା ବେହେରା, ଶିକ୍ଷକ ବିପିନ ଗେଜୁ, ଜ୍ୟୋତିର୍ମୟୀ ବିଶାଳ, ଏ.ଡି. ତନୁଜାଲକ୍ଷ୍ମୀ ମଲିକ ପ୍ରମୁଖ ସହଯୋଗ କରିଥିଲେ। ନୋଡାଲ ସିଆରସିସି କୈଳାସ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଦାଣ୍ଡ ଯାତ୍ରାରେ ବାଣ ଫୁଟି ଜଳିଗଲା ଛଣଗଦା

ପଞ୍ଚୁପାଣ୍ଡବ,୪।୪(ସମିସ): ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମରେ ଦାଣ୍ଡ ଯାତ୍ରା ସମୟରେ ବାଣ ଫୁଟି ଛଣ ଗଦା ଜଳିଯାଇଛି। ଏହି ଗ୍ରାମରେ ଗୁରୁବାର ଥିଲା ରାମ ନବମୀର ଶେଷ ଦିନ। ରାତିରେ ଦାଣ୍ଡ ଯାତ୍ରା ଆରମ୍ଭ ହୋଇଥିଲା। ରାତି ପ୍ରାୟ ୯ଟା ସମୟରେ ଦାଣ୍ଡ ଯାତ୍ରା ଚାଲିଥିବାବେଳେ କେହି ଜଣେ ବ୍ୟକ୍ତି ଏକ ବାଉଁଶ ବୁଦାରେ ବାଣ ଫୁଟାଇଥିଲା। ବାଣ ଫୁଟିବା ସହ ନିଆଁ ଛଣ ଗଦାରେ ପଡ଼ିଥିଲା। ଖଳାରେ ଥିବା ବିଶ୍ୱଜିତ୍ ସାହୁ ଓ ରାଜୀବ ବେହେରାଙ୍କ ପ୍ରାୟ ୪୦ ପଣ ଛଣ ଜଳିଯାଇଥିବା ଅଭିଯୋଗ ହୋଇଛି। ନିକଟରେ ଥିବା ବାଉଁଶ ବୁଦା ସହ ଭ୍ରମର ବେହେରାଙ୍କ କୁଟା ନଡ଼ା ଜଳିଯାଇଛି। ଗ୍ରାମବାସୀ ନିଆଁ ଲିଭାଇବା ସହ ଡେରାବିଶ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର ଦୁଇଟି ଗାଡ଼ି ଆସି ନିଆଁକୁ ଆୟତ୍ତ କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

## ବଜ୍ରପାତରେ ଜଳିଗଲା ୪ ବଖରା

ରାଜନଗର, ୪।୪(ସମିସ): ଆଜି ପୂର୍ବାହ୍ନ ୪ଟା ୩୦ରେ ହଠାତ ବର୍ଷା ସାଙ୍ଗକୁ ପବନ ହୋଇଥିଲା। କାଳବୈଶାଖୀ ପ୍ରଭାବରେ ଦୀର୍ଘ ଦୁଇ ଘଣ୍ଟା ଧରି ପବନ, ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ବଜ୍ରପାତ ଯୋଗୁ ଲୋକେ ଘରୁ ବାହାରି ପାରି ନ ଥିଲେ। କିଛି ସ୍ଥାନରେ ଗଛ ଉପୁଡ଼ିଥିବା ଜଣାପଡିଛି। କୁନ୍ଦୁପୁର ଗାଁରେ ବଜ୍ରପାତ ଯୋଗୁଁ ରବୀନ୍ଦ୍ର ଜେନାଙ୍କ ୪ ବଖରା ଘର ଜଳିଯାଇଛି। ୪ ଦିନ ହେଲା ଅସହ୍ୟ ଗୁଳୁଗୁଳି ଯୋଗୁଁ ଲୋକେ ହନ୍ତସନ୍ତ ହେଉଥିବାବେଳେ ବର୍ଷା ସାମାନ୍ୟ ଆଶ୍ୱସ୍ତି ଦେଇଛି।

## ବିଭିନ୍ନ ବିଦ୍ୟାଳୟରେ ଖଡ଼ିଛୁଆଁ ଉତ୍ସବ

ଡେରାବିଶ, ୪।୪(ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ଆଜି ଖଡ଼ିଛୁଆଁ ଉତ୍ସବ ପାଳିତ ହୋଇଛି। ନୂତନ କରି ଶିଶୁବାଟିକା ଶ୍ରେଣୀରେ ନାମ ଲେଖାଇଥିବା ଶିଶୁଙ୍କୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଚନ୍ଦନ ଚର୍ଚ୍ଚିତ କରି ପାଛୋଟି ନେଇଥିଲେ। ମା' ସରସ୍ୱତୀଙ୍କ ଆବାହନ ପୂର୍ବକ ଖଡ଼ି ଛୁଆଇଁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ନାମରେ ତିନୋଟି ବୃତ୍ତ ଅଙ୍କନ କରି ବିଦ୍ୟାର ଶୁଭାରମ୍ଭ କରିଥିଲେ। ଜେନାମଣି ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଅଭିରାମ ମିଶ୍ର ଓ ସହକାରୀ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦେବୀ ନୂତନ ଛାତ୍ରଛାତ୍ରୀଙ୍କୁ ଖଡ଼ି ଛୁଆଇଁଥିଲେ।

## ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଡେରାବିଶ, ୪।୪(ସମିସ): ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ସମାଜ ବିଜ୍ଞାନ ଅଧ୍ୟାପକ ରମାକାନ୍ତ ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅକ୍ଷୟ ବଳ ସଭାପତିତ୍ୱ କରିଥିବାବେଳେ ପ୍ରାଧ୍ୟାପକ ବିନୟ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଧ୍ୟାପକ ରମାକାନ୍ତ ଦାସଙ୍କ କର୍ମମୟ ଜୀବନ ଓ ସମୟାନୁବର୍ତ୍ତିତା ଉପରେ ଆଲୋକପାତ କରିଥିଲେ। ସେ ଏହି ମହାବିଦ୍ୟାଳୟରେ ୧୯୯୭ରୁ ତାଙ୍କର ଅଧ୍ୟାପନା ଜୀବନ ଆରମ୍ଭ କରିଥିଲେ। ଅଧ୍ୟାପକ ସଞ୍ଜୟ ନାୟକ, ପ୍ରଭାକର ଦାସ, ଦିବ୍ୟକୁମାର ଦାସ, ମାନସ ଦାସ, ପ୍ରଦୀପ ରାଉତ, ଅଧ୍ୟାପିକା ଶ୍ରୀମତୀ ଦାସ, ମିନାକ୍ଷୀ ପ୍ରଧାନ, ମନୀଷା ମହାରଣା, ମନୀଷା ଦାସ ପ୍ରମୁଖ ଶ୍ରୀ ଦାସଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଏ ଅବସରରେ ମହାବିଦ୍ୟାଳୟର ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ପରିଷଦ ପକ୍ଷରୁ ଶ୍ରୀ ଦାସଙ୍କୁ ଉପଢ୍ୌକନ, ମାନପତ୍ର ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରିଷଦର ସମ୍ପାଦିକା ଅଧ୍ୟାପିକା ସୁକନ୍ୟା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସହସମ୍ପାଦକ ଅଧ୍ୟାପକ ପ୍ରତାପ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ଖଡ଼ିଛୁଆଁ ଉତ୍ସବ



ରାଜନଗର, ୪।୪(ସମିସ): ରାଜନଗର ବ୍ଲକ ସାନବଡ ଗୋପାଳପୁର ବଜାରସ୍ଥ ବୀଣାପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ଖଡ଼ିଛୁଆଁ ଉତ୍ସବ ପାଳିତ ହୋଇଛି। ବ୍ଲକ୍ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଅଧ୍ୟକ୍ଷ ପ୍ରତିଭା ପାତ୍ର ମୁଖ୍ୟ ଅତିଥି, ତହସିଲଦାର ଯୀଶୁକୃଷ୍ଣ ଦାସ ମୁଖ୍ୟବକ୍ତା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ସରପଞ୍ଚ ଗୋଲେକ ସ୍ୱାଇଁ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭକ୍ତିଲତା ବାରିକ, ଶିବପ୍ରସାଦ ବେହେରା, ଚିତ୍ତରଞ୍ଜନ ଜେନା, ସାମ୍ବାଦିକ ଭାସ୍କର ରାଉତରାୟ ପ୍ରମୁଖ ଯୋଗଦେଇ ନୂତନ ଭାବେ ଯୋଗଦେଇଥିବା ଶିଶୁଙ୍କୁ ଖଡ଼ି ଛୁଆଁଇବା ସହିତ ଉପସ୍ଥିତ ଅଭିଭାବକଙ୍କୁ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ପରେ ଏକ ସଚେତନତା ରଥକୁ ଅତିଥିମାନେ ଉଦଘାଟନ କରିଥିଲେ। ପ୍ରଧାନଶିକ୍ଷକ ଦୟାନିଧି ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାଧନ କେନ୍ଦ୍ର ସଂଯୋଜକ ଚନ୍ଦ୍ରକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ।

## ସରସ୍ୱତୀ ଶିଶୁ ଶିକ୍ଷାମନ୍ଦିରର ବାର୍ଷିକ ଶିଶୁ ମହୋତ୍ସବ

# 'ଗୁଣାତ୍ମକ ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଜୀବନର ମାର୍ଗଦର୍ଶକ'

ପଟ୍ଟାମୁଣ୍ଡାଇ,୪।୪(ସମିସ)



ଗୁଣାତ୍ମକ ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ମାର୍ଗଦର୍ଶକ ବୋଲି ପଟ୍ଟାମୁଣ୍ଡାଇ ରାଧାରମଣ ମଠ ପରିସରରେ ଗୁରୁକୁଳ ପରମ୍ପରାରେ ଗଢି ଉଠିଥିବା ଅନନ୍ୟ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ଶିକ୍ଷା ମନ୍ଦିରର ୧୫ତମ ବାର୍ଷିକ ଶିଶୁ ମହୋତ୍ସବ ଉପଲକ୍ଷେ ଆୟୋଜିତ ଉତ୍ସବରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ପୁରୀ ଗୋବର୍ଦ୍ଧନ ପୀଠର ସନ୍ଥ ସଂରକ୍ଷକ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସମହାରାଜ ଉଦଘାଟନ କରି ଆଶୀର୍ବଚନ ପ୍ରଦାନ କରିଥିଲେ। ପଟ୍ଟାମୁଣ୍ଡାଇ ଓକିଲ ସଂଘର ପ୍ରାକ୍ତନ ସଭାପତି ତପନ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ଅଜିତ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିବା ସହିତ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି କୋମଳମତି ଶିଶୁଙ୍କୁ ଭଲ ମଣିଷ କରି ଗଢି ତୋଳିବା ପାଇଁ ପରାମର୍ଶ ଦେଇଥିଲେ।

ରାଷ୍ଟ୍ରୀୟ ଶିକ୍ଷା ବିକାଶ ସେବା ସମିତି ଓଡିଶା ଶାଖା ସମ୍ପାଦକ ସୁବାଷ ପାଇଟାଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୁଣାତ୍ମକ ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ କରି ଉତ୍ତମ ଛାତ୍ରଛାତ୍ରୀ ସୃଷ୍ଟି କରି ସରସ୍ୱତୀ ଶିଶୁ ଶିକ୍ଷା ମନ୍ଦିର ନିଜର ଲକ୍ଷ୍ୟ ଓ ଆଭିମୁଖ୍ୟ ପୂରଣ କରିବାରେ ସଫଳ ହୋଇଛି ବୋଲି କହିଥିଲେ। ବିଆରସିସି ପ୍ରେମବାଳା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ପ୍ରଭୁଦତ୍ତ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଆଚାର୍ଯ୍ୟା ସୁଲୋଚନା ମିଶ୍ର ସ୍ୱାଗତ ଭାଷଣ ଓ ମୃତ୍ୟୁଞ୍ଜୟ ସୂତାର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ଶିକ୍ଷା ମନ୍ଦିର ସମ୍ପାଦକ ଅମ୍ବୁଜ ଭୂଷଣ ନାୟକ ଧନ୍ୟବାଦ ଦେଇଥିଲେ। ଏ ଅବସରରେ ବାର୍ଷିକ କ୍ରୀଡା ଓ ବିଜ୍ଞାନ ମେଳାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସହକାରୀ ଆଚାର୍ଯ୍ୟ ପ୍ରଭାକର ସାହୁ, ସୌମ୍ୟରଞ୍ଜନ ଦାସ, ଲିପ୍‌ସା ସାହୁ, ସ୍ୱାଗତିକା ସ୍ୱାଇଁ, ସୁଜ୍ଞାନୀ ପାଢ଼ୀ, କଳ୍ପନା ସେନାପତି, ବିଶ୍ୱରୂପା ବିଶ୍ୱାଳ, ଅପସରା ଦାଶ, ସୁଭାଷିନୀ ସାହୁ ପରିଚାଳନା କରିଥିବାବେଳେ ମମତା ଦେ, ଭାଗ୍ୟଶ୍ରୀ ଜେନା, କ୍ରିଷ୍ଣାରାଣୀ ଦାସ, ଜ୍ୟୋସ୍ନାରାଣୀ ପ୍ରଧାନ, ସଙ୍ଗୀତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସହକାରୀ ଆଚାର୍ଯ୍ୟା ଚିନ୍ମୟୀ ବିଶ୍ୱାଳ, ସ୍ମିତା ଦାସ, ଡଲି ଦାସ, ରଶ୍ମିରେଖା ଦାଶ, କଳ୍ପନା ବାରିକ, ତନିଶା ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

## ବାଇକ୍ ଓ ସ୍କୁଟି ଧକ୍କାରେ ଦମ୍ପତି ମୃତ

**ବିଞ୍ଝାରପୁର,୪।୪(ସମିସ):** ଯାଜପୁର ଟାଉନ ଥାନା ଅନ୍ତର୍ଗତ କପାସି ଛକ ନିକଟରେ ଗତ ମାର୍ଚ୍ଚ ୨୮ ତାରିଖରେ ହୋଇଥିବା ବାଇକ ଓ ସ୍କୁଟି ମୁହାଁମୁହିଁ ଧକ୍କା ଘଟଣାରେ ଗୁରୁତର ହୋଇ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଥିବା ସ୍ୱାମୀ ଓ ସ୍ତ୍ରୀଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ମୃତ ସ୍ୱାମୀ ସ୍ତ୍ରୀ ହେଲେ ବିଞ୍ଝାରପୁର ଅନ୍ତର୍ଗତ କଏଣା-ରଘୁନାଥପୁରର ପ୍ରଶାନ୍ତ ବର୍ମା (୬୦)ଓ ତାଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ବର୍ମା (୫୫)। ସ୍ୱାମୀ ଓ ସ୍ତ୍ରୀଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟଣା ସମଗ୍ର ବିଞ୍ଝାରପୁର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଘଟଣା ମୁତାବକ ପ୍ରଶାନ୍ତ ବର୍ମା ଓ ତାଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ନିଜ ସ୍କୁଟି ଯୋଗ କୌଣସି କାର୍ଯ୍ୟରେ ଯାଜପୁର ଯାଉଥିଲା ବେଳେ ଯାଜପୁର-ସିଂହପୁର ମୁଖ୍ୟରାସ୍ତା କପାସି ଛକ ନିକଟକ ସମ୍ମୁଖ ପଟରୁ ଏକ ବାଇକ୍ ଧକ୍କା ଦେଇଥିଲା। ଗୁରତର ଅବସ୍ଥାରେ ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ କଟକ ବଡ ମେଡିକାଲର ଚିକିତ୍ସକ ପ୍ରଶାନ୍ତଙ୍କର ମୃତ୍ୟୁ ହୋଇ ଯାଇଥିବା ଘୋଷଣା କରିଥିଲେ। ସ୍ତ୍ରୀ ଅନ୍ନପୂର୍ଣ୍ଣା ଗୁରୁତର ଅବସ୍ଥାରେ କଟକ ବଡ଼ମେଡ଼ିକାଲରେ ଚିକିତ୍ସିତ ହେଉଥିଲାବେଳେ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଯାଇଛି। ଦମ୍ପତିଙ୍କ ଅକାଳ ମୃତ୍ୟୁରେ ବିଧାୟିକା ପ୍ରମିଳା ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ସରପଞ୍ଚ ନିଶିପ୍ରଭା ଜେନା, ନାରାୟଣ ଚନ୍ଦ୍ର ଜେନା, ସାମାଜିକ କର୍ମୀ କୈଳାସ ସେଠୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ବ୍ଲକ ସ୍ତରୀୟ ଖଡିଛୁଆଁ ଓ ପ୍ରବେଶ ଉତ୍ସବ



**ମଙ୍ଗଳପୁର ନୁହେଁ - ମଇଁନ୍ଦା,୪।୪(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତର ବରୁଣେଶ୍ୱର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବଳରାମ ପତିଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତ କୁମାରୀ ଦାସ, ମୁଖ୍ୟବକ୍ତା ଭାବେ ଜିଲ୍ଲା ଜମି ଅଧିଗ୍ରହଣ ଅଧିକାରୀ ବାସୁଦେବ ନାୟକ, ସମ୍ମାନିତ ବକ୍ତାଭାବେ ବ୍ଲକ ଶିକ୍ଷାଧିକାରୀ ସତ୍ୟବ୍ରତ ମିଶ୍ର, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟଭୁଷଣ ବିଶ୍ୱାଳ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସେକ ନିଜାମୁଦ୍ଦିନ, ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ବିଦ୍ୟାସାଗର ବେହେରା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ, ବିପିନ ବିହାରୀ ସାହୁ, ହବିବୁଲ ମୋହିନି, କବିତା ସାହୁ, ସସ୍ମିତା ସାହୁ, ଭାଗ୍ୟଶ୍ରୀ ଦାଶ, ସେକ ସମିମ ଖାଁ, ରଞ୍ଜିତା ମିଶ୍ର, ନମିତା ରାଉଳ, ସସ୍ମିତା ରାଉଳ, ବହୁ ଅଭିଭାବକ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ବିଦ୍ୟାସାଗର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଆମ୍ବେଦକର ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

**ଦାନାଗଦି,୪।୪(ସମିସ):** ସୁକିନ୍ଦା ନିର୍ବାଚନମଣ୍ଡଳୀରେ ଆମ୍ବେଦକରଙ୍କ ୧୩୫ ତମ ଜୟନ୍ତୀ ପାଳନ କରାଯିବ। ଏଥି ପାଇଁ ଏକ ପ୍ରସ୍ତୁତି ବୈଠକ ଦାନଗଦି ବିଜେଡି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଆମ୍ବେଦକର କମିଟି ସଭାପତି ଆଡଭୋକେଟ ପ୍ରହଲ୍ଲାଦ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ.ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇଥିଲେ। କମିଟି ସମ୍ପାଦକ ରଞ୍ଜନ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ହି ବୈଠକରେ ବାବୁଲି ପାତ୍ର, ରମେଶ ଚନ୍ଦ୍ର ମୁର୍ମୁ, ୩୭ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ଜେମା ଚାଖି, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ତପସ୍ୱିନୀ ମଲ୍ଲିକ, ପ୍ରମୋଦ ଜେନା, ଦାନଗଦି ବ୍ଲକ ବିଜେଡ଼ି ସଭାପତି ଗୋପାଳ ବାରିକ, ସୁକିନ୍ଦା ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ସମାଜସେବୀ ପ୍ରଦୀପ ମହାନ୍ତି, ବିଭୁତି ଜେନା, କାଳନ୍ଦୀ ସେଠିଙ୍କ ସମେତ ଶତାଧିକ ଆମ୍ବେଦକର ପ୍ରେମୀ ଓ ଦଳିତ ନେତା ମାନେ ଯୋଗଦେଇଥିଲେ।

## ଦାନଗଦିରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ



**ଦାନଗଦି,୪।୪(ସମିସ):** ଯାଜପୁର ଜିଲ୍ଲାର ଦାନଗଦି ବ୍ଲକ୍ ଅଧୀନସ୍ଥ ଆଶ୍ୱସ୍ତପାଳ ନୋଡାଲ ଉପ୍ରା ବିଦ୍ୟାଳୟରେ ଶନିବାର ଖଡ଼ିଛୁଆଁ, ପ୍ରବେଶ ଉତ୍ସବ ଓ ଶିକ୍ଷା ସଚେତନ ରଥ କାର୍ଯ୍ୟକ୍ରମ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଶିଶୁମାନେ ପ୍ରଥମଥର ପାଇଁ ଖଡ଼ି ଧରି ଅକ୍ଷର ଲେଖି ଶିକ୍ଷା ଜୀବନର ଆରମ୍ଭ କରିଥିଲେ।ଏହି ଅବସରରେ ଶିକ୍ଷା ସଚେତନ ରଥ ଗ୍ରାମ ପରିକ୍ରମା କରି ଶିକ୍ଷାର ଗୁରୁତ୍ୱ ବିଷୟରେ ଲୋକମାନଙ୍କୁ ସଚେତନ କରିଥିଲା। ଶିଶୁମାନଙ୍କୁ ବିଦ୍ୟାଳୟମୁଖୀ କରିବା, ନିୟମିତ ଉପସ୍ଥାନ ଓ ଗୁଣାତ୍ମକ ଶିକ୍ଷା ପ୍ରତି ଆକର୍ଷଣ ବଢ଼ାଇବାକୁ ଏହି ରଥ ମାଧ୍ୟମରେ ପ୍ରଚାର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ମୂଖ୍ୟଅତିଥି ଭାବେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ବ୍ଲକ୍ ଶିକ୍ଷା ଅଧିକାରୀ ଶୁଭ୍ରାଂଶୁ ପୁହାଣ, ଶିକ୍ଷକ-ଶିକ୍ଷୟିତ୍ରୀ, ସ୍ଥାନୀୟ ପ୍ରତିନିଧି ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ବିଭିନ୍ନ ସାଂଗିକ କାର୍ଯ୍ୟକ୍ରମ, ଗୀତ ଓ ଖେଳକୁଦ ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ଓ ମଣ୍ଡଳ ଶିକ୍ଷାଧିକାରୀ ଶିକ୍ଷା ଶୁଭ୍ରାଂଶୁ ପୁହାଣ ସଚେତନ ରଥକୁ ଉଦ†ାଟନ କରିଥିଲେ। ଶିଶୁ ବାଟିକା ପ୍ରଥମ ଶ୍ରେଣୀ ପିଲା ମାନଙ୍କୁ ସ୍କୁଲ ବ୍ୟାଗ କିଟ୍ ବଣ୍ଟନ କରିଥିଲେ।

### ବନ୍ଧୁ ମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ମାମଲା

# ୪ ଡେସିମିଲ ଗୋଚର ଜମି ଯୋଗେଇ ଦେବାକୁ ନିର୍ଦ୍ଦେଶ

**ମଙ୍ଗଳପୁର,୪।୪(ସମିସ):**



ଜଗନ୍ନାଥଙ୍କ ପ୍ରିୟସଖା ତଥା ତାଙ୍କ ପରମଭକ୍ତ ବନ୍ଧୁ ମହାନ୍ତିଙ୍କ ଜୀବନ କାଳ ଯେତିକି ସଂଘର୍ଷ ପୂର୍ଣ୍ଣଥିଲା ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ମଧ ସେତିକି ସଂଘର୍ଷ କରିବାକୁ ପଡ଼ିଲାଣି। ବନ୍ଧୁ ମହାନ୍ତିଙ୍କ ଜନ୍ମ ସ୍ଥାନ ଦଶରଥପୁର ବ୍ଲକ ଦଉପୁର ପଞ୍ଚାୟତ ଦଉପୁରଠାରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ବିଦ୍ଧିବଧ ଭାବରେ ସରକାରଙ୍କ ତରଫରୁ ଘୋଷଣା ହେବା ସହିତ ୩-୫-୨୫ରିଖରେ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ବନ୍ଧୁ ମହାନ୍ତିଙ୍କ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ ହୋଇସାରିଛି। ପ୍ରତିମୂର୍ତ୍ତି ଉନ୍ମୋଚନ ପାଇଁ କିଛି ଦିନ ବାକି ଥିବାବେଳେ ଦଉପୁର ପଞ୍ଚାୟତର କିଛି ଲୋକ ଉକ୍ତ ସ୍ଥାନଟି ଗୋଚର ଜମି ଉପରେ କେମିତି ପ୍ରତିମୂର୍ତ୍ତି ସ୍ଥାପନ କରାଗଲା ଏନେଇ ପ୍ରଥମେ ଯାଜପୁର ଜିଲ୍ଲାପାଳ ଓ ପରେ ୭-୫-୨୫ରିଖରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ତ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ଯାଜପୁର ଜିଲ୍ଲାପାଳଙ୍କୁ ତନଖି କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବା ପାଇଁ ୧୫-୫-୨୫ରେ ନିର୍ଦ୍ଦେଶ ଦେଇଥିଲେ। ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ସଠିକ ଢଙ୍ଗରେ ସମସ୍ତ ନୀତିନିୟମ ଭିତରେ ସମସ୍ତ କାର୍ଯ୍ୟ କରିଛନ୍ତି ବୋଲି ଯାଜପୁର ଜିଲ୍ଲାପାଳ ୨୯-୧-୨୬ ରିଖରେ -ଉଚ୍ଚ ନ୍ୟାୟାଳୟଙ୍କୁ ଜଣାଇଥିଲେ। ଦଉପୁର ମୌଜା ଖାତା ନମ୍ବର ୧୪୩୨ ପ୍ଲଟ ନମ୍ବର ୩୧୭୮ରେ ବନ୍ଧୁ ମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଏହାକୁ ଚାଲେଞ୍ଜ କରି ଦଉପୁର ପଞ୍ଚାୟତର କିଛି ଲୋକ ଉଚ୍ଚ ନ୍ୟାୟାଳୟରେ କେସ ନମ୍ବର -ଡବ୍ଲୁ. ପି(ସି)ନମ୍ବର-୬୩୧୮/୨୦୨୬ରେ ଆବେଦନର ଶୁଣାଣି କରି ଉଚ୍ଚ ନ୍ୟାୟାଳୟ ଯାଜପୁର ଜିଲ୍ଲାପାଳଙ୍କ ଆଦେଶକୁ କାଏମ ରଖି ଉକ୍ତ ପ୍ଲଟ ଉପରେ ଏ୦.୦୪ ଡେସିମିଲ ଉପରେ ବନ୍ଧୁ ମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଅନୁମତି ଦେବା ସହିତ ପ୍ରତିପକ୍ଷଙ୍କ ଆବେଦନକୁ ଖାରଜ କରିଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ଉକ୍ତ ନିର୍ଦ୍ଦେଶ ପରେ ବନ୍ଧୁ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ପାଇଁ ବାଟ ଫିଟିଛି। ଉକ୍ତ ନିର୍ଦ୍ଦେଶ ପରେ ବେଶ ଆନନ୍ଦ ପ୍ରକାଶ କରିଛନ୍ତି ଜଗନ୍ନାଥ ପ୍ରେମୀ।

## ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ



**ଦଶରଥପୁର,୪।୪(ସମିସ):** ଆଜି ଦଶରଥପୁର ବ୍ଲକ ଖଣ୍ଡରା ସ୍ଥିତ ପିଏମଶ୍ରୀ ରାମଲକ୍ଷ୍ମଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ ଏଥିରେ ଯୋଗଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଆଲୋକ କୁମାର ବନ୍ଧ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରିଣୀ ସବିତା ସାହୁ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ପାର୍ବତୀ ସାହୁ, ଦଶରଥପୁର ମଣ୍ଡଳ ଶିକ୍ଷାଧିକାରୀ ଶାନ୍ତନୁ କୁମାର ମଲ୍ଲିକ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରିଣୀ ସାବିତ୍ରୀ ସେଠୀ, ସ୍ଥାନୀୟ ସରପଞ୍ଚ କୁଞ୍ଜବିହାରୀ ଦାସ, ସମିତିସଭ୍ୟ ରମାକାନ୍ତ ସେଠୀ, ସିଡିପିଓ ଶାନ୍ତିଲତା ସେଠୀ, ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତୁଷାରକାନ୍ତି ମିଶ୍ର, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଚନ୍ଦ୍ରମଣି ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବ ଦିବାକର ବିହାରା ପ୍ରମୁଖ ନବାଗତ କୁନି ଛାତ୍ରଛାତ୍ରୀଙ୍କ ହାତଧରି ଖଡ଼ି ଛୁଆଁଇବା ସହିତ ସିଲଟରେ ପ୍ରଥମ ଅକ୍ଷର ଭାବେ ମା' ଲେଖାଇ ଅକ୍ଷର ଶିକ୍ଷା ଆରମ୍ଭ କରାଇଥିଲେ। ପରେ ମୁଖ୍ୟ ଅତିଥିଙ୍କ ସହିତ ସମସ୍ତ ଅତିଥିମାନେ ପତାକା ପ୍ରଦର୍ଶନ ପୂର୍ବକ ସଚେତନତା ଆଧାରିତ ଶିକ୍ଷାରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ବେହେରା, ପ୍ରଜ୍ଞା ପରମିତା ପଣ୍ଡା, ଅର୍ପିତା ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିକ୍ଷଣ ସାମଗ୍ରୀ ଷ୍ଟଲ ପରିଦର୍ଶନ କରି ଶିଶୁବାଟିକାର ପଠନ ପ୍ରଣାଳୀ ଅନୁଧାନ କରିଥିଲେ। ଏହି ଅବସରରେ ଶିକ୍ଷୟତ୍ରୀ ପଦ୍ମିନୀ ପଣ୍ଡାଙ୍କ ସଂଚାଳନରେ ବିଦ୍ୟାଳୟର କୁନି ଛାତ୍ରୀଙ୍କ ଦ୍ୱାରା ଶିକ୍ଷା ସଚେତନତା ଆଧାରିତ ନୃତ୍ୟ ପରିବେଷଣ କରାଯାଇଥିଲା। ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ସ୍ୱାଗତ ଭାଷଣ ସହିତ ଉତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କୁଆଖିଆ ଓଡ଼ଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ସାମଲ ମଞ୍ଚ ସଂଚାଳନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ନିରଞ୍ଜନ ପଣ୍ଡା, ରଘୁନାଥ ମହାନ୍ତି, ପ୍ରକାଶ କୁମାର ରାଉତ, ତ୍ରିନାଥ ନାୟକ, ସାଗର କୁମାର କର, ଅଶ୍ୱିନୀ ବିଶ୍ୱାଳ, ଶିକ୍ଷୟିତ୍ରୀ ରତ୍ନପୂର୍ଣ୍ଣା ବାରିକଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନାଦି ପଣ୍ଡା ଓ ସମସ୍ତ କର୍ମଚାରୀ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଚଣ୍ଡିଖୋଲରେ କାଳ ବୈଶାଖୀ ର ତାଣ୍ଡବ

**ବଡଚଣା,୪।୪(ସମିସ):** ବଡ଼ଚଣା ବ୍ଲକ ଚଣ୍ଡିଖୋଲ ଅଞ୍ଚଳରେ କାଳ ବୈଶାଖୀରେ ଚଣ୍ଡିଖୋଲ ଛକର ଉଠାଦୋକାନୀଙ୍କ ବ୍ୟାପକ କ୍ଷୟକ୍ଷତି ଘଟିଥିବାର ଦେଖିବାକୁ ମିଳିଛି। ଆଜି ଅପରାହ୍ନରେ କାଳବୈଶାଖୀ ଆସି ଚଣ୍ଡିଖୋଲ ଛକରେ ଅସ୍ଥାୟୀ ଭାବେ ଉଠା ଦୋକାନ କରି ନିଜର ଗୁଜୁରାଣ ମେଣ୍ଟାଉଥିବା ଦୋକାନୀଙ୍କ ଉଠା ଦୋକାନ ଘର ସହ ଜିନିଷପତ୍ର ଉଡ଼ାଇ ନେଇ ଯାଇଥିଲା। ପ୍ରବଳ ପବନ ସାଙ୍ଗକୁ ବର୍ଷାରେ ସବୁ ଜିନିଷ ପତ୍ର ଓଦା ଯାଇଥିଲା। ସେହିପରି ଜାତୀୟ ରାଜପଥରେ ଗଛ ଡାଳ ପତ୍ର ଭାଙ୍ଗିରୁଜି ଯାଇଛି। ସୁଙ୍ଗୁଡା ଗ୍ରାମର ଦଳିତ ସାହି ଦିଟା ମଳିକର ଆଜବେଷ୍ଟସ ଛପର ଉଡ଼ି ଯାଇଥିବା ଖବର ପାଇ ଯୁବ ନେତା ସଞ୍ଜୟ ସ୍ୱାଇଁ ଏବଂ ପୂର୍ବତନ ନାଏବ ସରପଞ୍ଚ ପାଇଁ ବଡ଼ଚଣା ନିରୀକ୍ଷକ ବିରଜା ପ୍ରସାଦ ରାୟଙ୍କୁ ଜଣାଇଥିଲେ ସଙ୍ଗେ ସଙ୍ଗେ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ନିର୍ଦ୍ଦେଶ କ୍ରମେ ତାଙ୍କୁ ପାଲ ବ୍ୟବସ୍ଥା କରାଯାଇଥିଲା ଏହି ବିଜୁଳି ଘଡଘଡ଼ି ହୋଇ ଥିବାରୁ ଖବର ଲେଖାଯିବା ବେଳକୁ କୌଣସି ଜନ ଜୀବନର କ୍ଷୟକ୍ଷତି ହୋଇନଥିବା ଜଣାପଡିଛି।

## ପାଣିକୋଇଲି ପିଏମ୍‌ଶ୍ରୀ ବିଦ୍ୟାଳୟରେ ଖଡ଼ିଛୁଆଁ

**ପାଣିକୋଇଲି,୪।୪(ସମିସ):** ଆଜି ପାଣିକୋଇଲିସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଖଡିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏଲଏଓ କଳଙ୍ଗନଗର ପ୍ରଜ୍ଞା ହୋତା, ମୁଖ୍ୟବକ୍ତାଭାବେ ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ସମ୍ମାନିତ ଅତିଥି ଭାବେ ପାଣିକୋଇଲି ଥାନାଧିକାରୀ ରଂଜିତ କୁମାର ମହାନ୍ତି, ଏବିଇସ ବିଜୟମଲ୍ଲିକ , ପରିଚାଳନା କମିଟିର ସଭାପତି ପ୍ରେମେଶ ଚନ୍ଦ୍ର ମହାକୁଡ, ପଂଚସଖା କମିଟିର ସଭାପତି ସୁଧାଂଶୁ ଶେଖର ଘଡାଇ ପ୍ରମୁଖ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଭାରାପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଗାୟତ୍ରୀ ନାୟକ, ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ଶିକ୍ଷକ ପ୍ରତା ପହୀ କାର୍ଯ୍ୟକ୍ରମ ସଂଯୋଜନା କରିଥି ବେଳେ ଶିକ୍ଷକ, ଶିକ୍ଷୟତ୍ରୀ ପରିଚାଳନା କମିଟି ସଦସ୍ୟ ସମସ୍ତ ସିଆରସିସି ଉପସିତ ଥିଲେ। ଶିଶୁ ବାଟିକାର ମୋଟ ୨୪ ଜଣ ଛାତ୍ରଛାତ୍ରୀ ପାଣିକୋଇଲି ପ୍ରାଥମିକ ବିଦ୍ୟାଳୟ, ପଥରପଦା ବିଦ୍ୟାଳୟ, ଓଚିନ୍ଦା ବିଦ୍ୟାଳୟ, ତାଜପୁର ବିଦ୍ୟାଳୟ ଓ ନୂଆପଦା ବିଦ୍ୟାଳୟରୁ ଯୋଗଦେଇ ଖଡି ଛୁଇଁଥିଲେ। ସେମାନଙ୍କୁ ସରକାରଙ୍କ ପକ୍ଷରୁ ବ୍ୟାଗ ସହିତ କିଟ ପ୍ରଦାନ କରାଯାଇଥିଲା।

## ବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ଧର୍ମଶାଳା,୪।୪(ସମିସ):** ଧର୍ମଶାଳା ପ୍ରାଥମିକ ଉପ୍ରା ବିଦ୍ୟାଳୟରେ ପ୍ରବେଶଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ପ୍ରାଥମିକ ବିଦ୍ୟାଳୟରେ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ଖଡ଼ି, ସିଲଟର ବ୍ୟବହାର ଉପରେ ଶିକ୍ଷା ପ୍ରଦାନ କରିଥିଲେ। ଏଥିସହ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ବ୍ୟାଗ, ସିଲଟ, ଖଡ଼ି, ମିଠା, ଚକଲେଟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସମାଜସେବୀ ମିନତୀ ସାହୁ, ଯାଜପୁର ଏଡିଏମଓ, ଜିଲ୍ଲା କ୍ରୀଡା ଅଧିକାରୀ ଫକିର ମୋହନ ଟୁଡୁ,ବ୍ଲକ ଶିକ୍ଷା ଅଧିକାରୀ ଅଭୟ କୁମାର ବେହେରା, ଅତିରିକ୍ତ ଶିକ୍ଷା ଅଧିକାରୀ ମମିତା ମହାନ୍ତି ଓ ମାନିକ ପ୍ରସାଦ ରାୟ, ବିଡ଼ିଓ ଜୌତିର୍ମୟ କର, ତହସିଲଦାର ସମିର ରଞ୍ଜନ ଦାସ, ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁଧିର କୁମାର ସାହୁ, ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦେବରାଜ ମିଶ୍ର, ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ସାହୁ,ଚହଟା ପଂଚାୟତର ସରପଂଚ ସୁମିତ୍ରା ସ୍ୱାଇଁ, ସମିତିସଭ୍ୟା ସସ୍ମିତା ନାୟକ, ଜାରକା ଜୋନ ସଭାପତି ଦେବଦତ ପଣ୍ଡା ପ୍ରମୁଖ ଯୋଗଦେଇ ଯେକୌଣସି ବର୍ଗର ପିଲାମାନେ ଯେଭଳି ପାଠ ପଢ଼ାରୁ ବଂଚିତ ନହେବେ ସେ ସମ୍ପର୍କରେ ଆଲୋକପାତ କରିବା ସହ ପ୍ରବେଶ ଉତ୍ସବ ସମ୍ପର୍କରେ କହିଥିଲେ।

## ପୂର୍ବତନ ବିଧାୟକଙ୍କ ସହଯୋଗୀକୁ କୋର୍ଟଚାଲାଣ

**ପାଣିକୋଇଲି/ଧର୍ମଶାଳା ୪।୪(ସମିସ):** ଦିନକୁ ଦିନ ଧର୍ମଶାଳା ରାଜନୀତି ବିବାଦ ମଧ୍ୟକୁ ଠେଲି ହୋଇଯାଉଛି। ରାଜନୈତିକ ଚାପର ବଶବର୍ତୀ ପୁଲିସ ଉଠବସ ହେଉଛି। ଏମିତିକି ବିନା କାରଣରେ ମିଥ୍ୟା ମକଦ୍ଦମା କରି ଯୁବକଙ୍କୁ ରାସ୍ତାରୁ ଉଠାଇ ଆଣି ଜଣେ ବଡ ଅପରାଧି ଭଳି ପାଣିକୋଇଲି ଥାନାରେ ରଖି କୁଆଖିଆରେ କାଗଜ ପ୍ରସ୍ତୁତ କରି ଅଦାଲତ ଚାଲାଣ କରିଛି। ଯାହାକୁ ନେଇ ଅଶାନ୍ତ ଓ ଭୟଭୀତ ହୋଇଛନ୍ତି ପରିବାର। ଏନେଇ ଆଜି ନ୍ୟାୟ ପାଇଁ ଏସ୍‌ପିଙ୍କୁ ଭେଟିଛନ୍ତି ଯୁବକ ପ୍ରଦୋଷ ନାୟକଙ୍କ ମାଆ ମିନତୀ ନାୟକ। ପ୍ରକାଶଯେ ଧର୍ମଶାଳା ଥାନା ଅନ୍ତର୍ଗତ ବାରବାଟୀ ବେତଣ୍ଡା ଗ୍ରାମର ପ୍ରଫୁଲ୍ଲ ନାୟକଙ୍କ ସ୍ତ୍ରୀ ମିନତୀ ନାୟକଙ୍କ ଅଭିଯୋଗ ମୁତାବକ ତାଙ୍କ ପୁଅ ପ୍ରଦୋଷ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଜଣେ ବଳିଷ୍ଠ ସହଯୋଗୀ ଭାବେ କାର୍ଯ୍ୟକରେ। ପୂର୍ବରୁ ମଧ ତାଙ୍କୁ ଶାସକ ଦଳର ସମର୍ଥକ ପନ୍ତୁରୀ ଠାରେ ଆକ୍ରମଣ କରିଥିଲେ। ବିରୋଧି ଦଳ ଛାଡି ଶାସକ ଦଳରେ ଯୋଗଦେବାକୁ ପ୍ରଦୋଷ ଉପରେ ଚାପ ପଡୁଥିଲା। କିନ୍ତୁ ସେ ରାଜି ନହେବାରୁ ଶେଷରେ ତାଙ୍କୁ ମିଥ୍ୟା ମକଦ୍ଦମା କରି ଆଜି ସେ ଘରୁ ଜାରକା ଯାଉଥିବା ବେଳେ ଧର୍ମଶାଳା ପୁଲିସ ଉଠାଇନେଇଥିଲା। ଖବର ପାଇ ପରିବାର ଲୋକ, ପୂର୍ବତନ ବିଧାୟକ, ଏବଂ ତାଙ୍କ ସମର୍ଥକ ଧର୍ମଶାଳା ଥାନାରେ ପହଞ୍ଚିଥିଲେ ହେଁ ସେଠାରେ ପ୍ରଦୋଷକୁ ପାଇନଥିଲେ। ପୁଲିସ ପ୍ରଦୋଷକୁ ଉଠାଇ ଆଣି ପାଣିକୋଇଲି ଥାନାରେ ରଖିଥିଲା। ଜଣେ ସାଧାରଣ ଯୁବକକୁ ହାର୍ଡକୋର ଅପରାଧି ଭଳି ଉଠାଇ ଆଣି ଥାନା ପରିବର୍ତ୍ତନ କରି ରଖିବା ଯୋଗୁ ପରିବାର ଓ ପୂର୍ବତନ ବିଧାୟକ ପାଣିକୋଇଲି ଥାନାରେ ପହଞ୍ଚିଥିଲେ। ହଠାତ କୁଆଖିଆ ଥାନାରେ କାଗଜାଦି ପ୍ରସ୍ତୁତ କରି ପାଣିକୋଇଲି ଆସି ତାକୁ ନେଇ କୋର୍ଟଚାଲାଣ କରାଯାଇଥିଲା। ପୁଲିସ କେଉଁ ଅଭିଯୋଗ ଆଧାରରେ ଗିରଫ କଲା ଓ ସେ ନେଇ ସତ୍ୟାସତ୍ୟର ତଦନ୍ତ ନକରି ହଠାତ୍ ଉଠାଇ ଆଣିବା ଯୋଗୁ ପୁଲିସର କାର୍ଯ୍ୟାଧାର ପ୍ରତି ସାଧାରଣରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏନେଇ ଏସ୍‌ପି ଯସ ପ୍ରତାପ ଶ୍ରୀମଲଙ୍କୁ ଭେଟିବା ପରେ ଏହି ଘଟଣାର ତଦନ୍ତ ଏସ୍‌ଡିପିଓଙ୍କ ଦ୍ୱାରା କରାଯିବାକୁ ପ୍ରତିଶୃତି ଦେଇଥିଲେ। ଅନ୍ୟପଟେ ଏହି ଘଟଣାକୁ ନେଇ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ନିନ୍ଦା କରିବା ସହିତ ନିଜ ସାମାଜିକ ଗଣମାଧମରେ ପୋଲିସର କାର୍ଯ୍ୟକଳାପକୁ ନିନ୍ଦା କରିଛନ୍ତି। ଶାସକ ଦଳର ଇଙ୍ଗିତରେ ପୁଲିସ ବିରୋଧୀ ଉପରେ ଏଭଳି ଦାଉ ସାଜୁଥିବା ସେ ଅଭିଯୋଗ କରିଛନ୍ତି।

## 'ଓଡ଼ିଆରେ ନାମ ଫଳକ' ସଚେତନତା ପଦଯାତ୍ରା




**ବ୍ୟାସନଗର,୪।୪(ସମିସ):** ଏପ୍ରିଲ ପହିଲାରୁ ୧୪ ତାରିଖ ଯାଏଁ ସାରା ରାଜ୍ୟରେ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଓଡ଼ିଆରେ ନାମଫଳକ ଲେଖା ସଚେତନତା ପଦଯାତ୍ରା ଓ ତତ୍ ସମ୍ବନ୍ଧୀୟ ଏକ ସଚେତନତା ସଭା ବ୍ୟାସନଗର ପୌରପାଳିକା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶ କ୍ରମେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ବ୍ୟାସନଗର ପୌର ପରିଷଦ କାର୍ଯ୍ୟାଳୟଠାରେ ପତାକା ଦେଖାଇ ଏହି ପଦଯାତ୍ରା ଓ ପ୍ରଚାର ଗାଡ଼ିର ଉଦ୍‌ଘାଟନ କରିଥିଲେ। ଏଥିରେ ଯୁଗ୍ମ ଶ୍ରମ ଆୟୁକ୍ତ ଶିବ ଶଙ୍କର ମିଶ୍ର, ପ୍ରଭାଗୀୟ ଶ୍ରମ ଆୟୁକ୍ତ ସତ୍ୟନାରାୟଣ ଆଚାର୍ଯ୍ୟ, ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ଦେବାଶିଷ ଜେନା ଓ ବ୍ୟାସନଗର ପୌରପାଳିକାର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ ଉପସ୍ଥିତ ଥିଲେ। ଉକ୍ତ ପଦଯାତ୍ରାରେ ବ୍ୟାସନଗରର ସମସ୍ତ ବ୍ୟବସାୟୀ ସଂଘ, ଶ୍ରମିକ ସଂଗଠନ ପ୍ରତିନିଧି, ସ୍ୱେଚ୍ଛାସେବୀ, ବ୍ୟାସନଗର କଲେଜର ଛାତ୍ରଛାତ୍ରୀ ସହର ପରିକ୍ରମା କରିବା ସହିତ ଶ୍ରମ ବିଭାଗ ଦ୍ୱାରା ଓଡ଼ିଆରେ ନାମଫଳକ ଲାଗି ନଥିବା ବ୍ୟବସାୟ ପ୍ରତିଷ୍ଠାନ ତଥା ଦୋକାନ ଗୁଡିକରେ ପ୍ରଚାରପତ୍ର ଓ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ସହକାରୀ ଶ୍ରମ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥି ସହିତ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ ପ୍ରଚାର ବାଣୀ ଓ ପ୍ରଚାର ପତ୍ର ମାଧ୍ୟମରେ ଯାଜପୁର ରୋଡ ତଥା ଯାଜପୁର ଟାଉନରେ ସଚେତନତା ସୃଷ୍ଟି କରାଯାଇଥିଲା। ଏତଦ ବ୍ୟତୀତ ସ୍ୱତନ୍ତ୍ର ଦଳ ଗଠନ କରି ସହକାରୀ ଶ୍ରମ ଅଧିକାରୀମାନେ ଏକ ସ୍ୱତନ୍ତ୍ର ଅଭିଯାନରେ ନିରୀକ୍ଷଣ କରିବା ପରେ ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନକୁ ଆସନ୍ତା ୭ ଏପ୍ରିଲ ମଧ୍ୟରେ ନୋଟିସ୍ ଜାରି କରାଯିବ। ଏଥିରେ ଖିଲାପ କଲେ ଓଡିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ ଅନୁସାରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି।

# ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

**ଯାଜପୁର, ୪।୪(ସମିସ):**

ଚଳିତ ବର୍ଷ ୨୦୨୬ ଅପ୍ରେଲ ଓ ମଇ ମାସରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ବର କୁମାର କର ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଶପ୍ରତାପ ଶ୍ରୀମାଲଙ୍କ ଜିଲ୍ଲାସ୍ତରୀୟ ଏବଂ ଜିଲ୍ଲାର ବିଭିନ୍ନ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବା ପାଇଁ କାର୍ଯ୍ୟସୂଚୀ ସ୍ଥିରୀକୃତ ହୋଇଛି। ଜନ ସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡିକୁ ଜିଲ୍ଲାର ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଅଧିକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀ ମାନଙ୍କ ଉପସ୍ଥିତିରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ଆରକ୍ଷୀ ଅଧିକ୍ଷକ ମିଳିତ ଭାବେ ଅଭିଯୋଗ ଗୁଡିକର ତତ୍କାଳ ସମାଧାନ କରିବେ। ଚଳିତ ଅପ୍ରେଲ ମାସରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଗୁଡିକର କାର୍ଯ୍ୟସୂଚୀ ଅନୁଯାୟୀ ୭ ତାରିଖ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହ ଯାଜପୁର ଠାରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ , ୧୩ରେ କେଏନ୍‌ଡିଏ ସମ୍ମିଳନୀ ଗୃହ, କଳିଙ୍ଗନଗରଠାରେ, ୨୦ରେ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ୨୭ରେ ବରୀ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଯଥାକ୍ରମେ ପୂର୍ବାହ୍ନ ୭ଟାରୁ ଟିକା ସମୟରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ସେହିପରି ମଇ ମାସ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଗୁଡିକର କାର୍ଯ୍ୟସୂଚୀ ଅନୁଯାୟୀ ୪ ତାରିଖ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହ ଯାଜପୁରଠାରେ, ୧୧ରେ ଦାନଗଦି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ୧୮ରେ ରସୁଲପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଏବଂ ୨୫ରେ ଦଶରଥପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଯଥାକ୍ରମେ ସକାଳ ୭ଘ ୧୦ଟା ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସୂଚନା ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ମଣ୍ଡଳ ସ୍ତରୀୟ ଖଡ଼ିଛୁଆଁ ଉତ୍ସବ

**ଯାଜପୁର,୪।୪(ସମିସ):** ଯାଜପୁର ମଣ୍ଡଳ ଅଧୀନସ୍ଥ ବିଚିତ୍ରପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ମଣ୍ଡଳସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷାଧିକାରୀ ଦେବିଲାଲ୍ ମଲ୍ଲିକ ସଭାପତିତ୍ୱ କରିଥିଲେ। ବିଧାୟିକା ସୁଜାତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାର ପ୍ରସାର ଓ ଶିଶୁମାନଙ୍କ ଭବିଷ୍ୟତ ଗଠନରେ ଏପରି କାର୍ଯ୍ୟକ୍ରମର ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟକ୍ରମ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଆଜିର ଶିଶୁ କାଲି ଦେଶର ଭବିଷ୍ୟତ ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବଜମ୍ ଆରା ବେଗମ ଓ ଯାଜପୁର ପୌରପାଳିକାର ଅଧ୍ୟକ୍ଷା ରଞ୍ଜୁଲତା ହୋତା ଉପସ୍ଥିତ ଥିଲେ। ଏହା ସହ ସରପଞ୍ଚ ଦେବାଶିଷ ପଣ୍ଡା, ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ନିର୍ମଳ ଚନ୍ଦ୍ର ଜେନା, ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ବରଦା ଭୂଷଣ ମହାପାତ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକମାନେ ଓ ଶିକ୍ଷକ ସଂଘର ସଭାପତି ସହ ବହୁ ସଂଖ୍ୟକ ଅଭିଭାବକ ଏହି କାର୍ଯ୍ୟ କ୍ରମରେ ଯୋଗଦେଇଥିଲେ।



# ରାଜଧାନୀରେ ଆନ୍ଧ୍ର ଓ କେରଳ ଆମ୍ବ

ଭୁବନେଶ୍ୱର, ୪।୪(ସମିସ): ରାଜଧାନୀ ଫଳ ବଜାରରେ ଏବେ ଆମ୍ବର ପସରା ଦେଖିବାକୁ ମିଳୁଛି। ବିଶେଷକରି ଆନ୍ଧ୍ର ଓ କେରଳରୁ ଏହି ଆମ୍ବ ରାଜଧାନୀ

**■ ପ୍ରତିଦିନ ଆସୁଛି ଦେଢ଼ ଟନ ଦକ୍ଷିଣୀ ଆମ୍ବ**
**■ ମେ ମାସ ବେଳକୁ ମିଳିବ ଓଡ଼ିଶା ଆମ୍ବ**

ବଜାରକୁ ଆସୁଛି। ବର୍ତ୍ତମାନ ଆମ୍ବ ପାଚିବାର ସମୟ ହୋଇନଥିବାରୁ ଓଡ଼ିଶାର ଆମ୍ବ ଏ ପର୍ଯ୍ୟନ୍ତ ବଜାରକୁ ଆସିନାହିଁ। ସେଥିପାଇଁ ବଜାରରେ ଏବେ ଆନ୍ଧ୍ର ଓ କେରଳ ଆମ୍ବ ରାଜ କରୁଛି। ଖରା ବଢ଼ିବାରୁ ବିଭିନ୍ନ ପ୍ରକାର ଜୁସ ଦୋକାନରେ ଏହାର ଭଲ ଚାହିଦା ଦେଖିବାକୁ ମିଳୁଛି।

ଆମ ରାଜ୍ୟରେ ଦୋଳ ପୂର୍ଣ୍ଣିମା ସମୟରେ ଗଛରେ କଷି ଆମ୍ବ ଧରେ। ଯାହା ପାଚିବାକୁ ମେ ମାସ ଯାଏଁ ସମୟ ଲାଗେ। ପରେ ବଜାରକୁ ଆସିଲା ପରେ ଦୁଇ ମାସ ଯାଏଁ ରହିଥାଏ। ହେଲେ ଚଳିତ ବର୍ଷ ବାହାର ରାଜ୍ୟର ଆମ୍ବ ଗତ ବର୍ଷ ଅପେକ୍ଷା ଟିକିଏ ଜଲଦି ମାର୍କେଟକୁ ଆସିଛି।



ବିଭିନ୍ନ ଜୁସ ଦୋକାନୀ ମଧ୍ୟ ଏହାକୁ କିଣୁଛନ୍ତି। ବର୍ତ୍ତମାନ ବଜାରରେ ପଣ୍ଡୁପଲ୍ଲୀ ଓ ବାଇଗଣ ପଲେଇ ଭଳି ଦୁଇ କିସମର ଆମ୍ବ ପରିଲକ୍ଷିତ ହେଉଛି। ପଣ୍ଡୁପଲ୍ଲୀ ଆମ୍ବ କିଲୋ ପିଛା ୧୫୦ ଟଙ୍କା ଥିବାବେଳେ ବାଇଗଣପଲେଇ ୨୫୦ ଟଙ୍କାରେ ବିକ୍ରି ହେଉଛି। ବଜାରରେ ଏବେ ବାଇଗଣ ପଲେଇ ଆମ୍ବର ପରିମାଣ ଆବଶ୍ୟକଠୁ ଟିକେ କମ ଆସିଥିବାରୁ ତାର ମୂଲ୍ୟ ଅଧିକ ରହୁଥିବା ଫଳ ବ୍ୟବସାୟୀଙ୍କଠୁ ଜାଣିବାକୁ ମିଳିଛି। ଏନେଇ ଜଣେ ଗ୍ରାହକ କୁହନ୍ତି, ବଜାରରେ ମିଳୁଥିବା ଆମ୍ବର ମୂଲ୍ୟ ଟିକେ ଅଧିକ ରହୁଛି। ହେଲେ ସ୍ୱାଦରେ ଯେଉଁଭଳି ମିଠା ଲାଗିବା କଥା ତାହା ସେତେ ମିଠା ନାହିଁ। ହୁଏତ ସମୟଠୁ ଶିଘ୍ର ବଜାରକୁ ଆସିଥିବାରୁ ମିଠା ସେତେ ଲାଗୁନି। ସେହିଭଳି ଜଣେ ଫଳ ଦୋକାନୀ ଗଣେଶ କୁହନ୍ତି, ବର୍ତ୍ତମାନ ଓଡ଼ିଶାର ବାଇଗଣପଲେଇ ଆମ୍ବ ବଜାରକୁ ଆସିବାର ସମୟ ହୋଇନାହିଁ। ସେଥିପାଇଁ ଆନ୍ଧ୍ର ଆମ୍ବ ଉପରେ ଆମକୁ ଅଧିକ ନିର୍ଭର ହେବାକୁ ପଡୁଛି। ଆଉ ୨୦ ଦିନ ଭିତରେ ଓଡ଼ିଶାର ଶିଘ୍ର ଫଳୁଥିବା କିଛି ଆମ୍ବ ଯେପରି- ଗୁଲାପଖାସ, ନୀଳାଚଳ କେଶରୀ ଆସିଯିବ। ହେଲେ ଆମ୍ରପଲ୍ଲୀ ମେ ମାସରେ ହିଁ ଆସିବ। ଏଥର ସବୁଠି ଭଲ ଆମ୍ବ ଫଳିଥିବାରୁ ବଜାରକୁ ବି ଅଧିକ ଆମ୍ବ



ଆସିବ। ରାଜଧାନୀକୁ ଦୈନିକ ପ୍ରାୟ ଦେଢ ଟନ ଆମ୍ବ ଆନ୍ଧ୍ର ଓ କେରଳରୁ ଆସୁଛି। କିସମ କଥା ଯଦି କହିବା, କେବଳ ପଣ୍ଡୁପଲ୍ଲୀ ଓ ବାଇଗଣପଲେଇ ଆସିଛି। ଆଉ କିଛିଦିନ ପରେ ସୁନ୍ଦରୀ ଆସିଯିବ। ଏହାପରେ ଯଥିରୁ ଲେଙ୍ଗଡ଼ା, ତୋତା ଆସିବ। ଆମ ରାଜ୍ୟର ଆମ୍ବ ପ୍ରାୟ ମେ ମାସ ଆଡକୁ ଆସିଯିବ। ଅନୁଗୁଳରୁ ଆମ୍ରପଲ୍ଲୀ, ବାଇଗଣପଲେଇ, ସୁନ୍ଦରୀ ଏବଂ ଆଉ କିଛି କୋରାପୁଟ, ଢେଙ୍କାନାଳ, କେଉଁଝରର କେତେକ ସ୍ଥାନରୁ ଆସୁଛି।

## ଶ୍ରାଦ୍ଧ ଦିବସରେ ବିଜେଡି ପକ୍ଷରୁ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର, ୪।୪(ସମିସ): ସ୍ୱଭାବ କବି ଗଙ୍ଗାଧର ମେହେର ଏବଂ ରଘୁ ଦିବାକରଙ୍କ ଶ୍ରାଦ୍ଧଦିବସ ଅବସରରେ ଶନିବାର କଳିଙ୍ଗ ହସ୍ପିଟାଲ ଛକରେ ଗଙ୍ଗାଧର ମେହେରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ଏବଂ ଜନକଲ୍ୟାଣ କ୍ଲବ୍ ନିକଟରେ ଅବସ୍ଥିତ ରଘୁ ଦିବାକରଙ୍କ ଆବକ୍ଷ ପ୍ରତିମୂର୍ତ୍ତି ସ୍ଥଳରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶିକ୍ଷାବିତ୍ ବିଭୂତି ସାମଲ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ସୁଜାତା ସିଂ, ବିଜୟ କୁମାର ସାହୁ, ଶୁଭ୍ର ଜ୍ୟୋତି ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ସୁଶ୍ରୀ ଶୁଭଶ୍ରୀ ଭୋଇ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ଏବଂ ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୪।୪(ସମିସ): ସ୍ୱଭାବ କବି ଗଙ୍ଗାଧର ମେହେର ହେଉଛନ୍ତି ଓଡ଼ିଆ ଜାତିର ଗର୍ବ ଓ ଗୌରବ। ତାଙ୍କର ସାରସ୍ୱତ ସାହିତ୍ୟ କୃତି ଓଡ଼ିଆ ଭାଷା ଓ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିଛି। ସ୍ୱଭାବ କବି ଗଙ୍ଗାଧର ମେହେର ହେଉଛନ୍ତି ଆମ ସମସ୍ତଙ୍କ ପାଇଁ ଆଦର୍ଶ ବୋଲି ମତପ୍ରକାଶ ପାଇଛି। ଶନିବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ବିଧାନସଭା ପାର୍ଶ୍ୱରେ ଥିବା ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ସ୍ୱଭାବ କବିଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ, ସରକାରୀ ମୁଖ୍ୟ ସଚେତକ ସୂରଜ କୁମାର ପ୍ରଧାନଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ପ୍ରମୁଖ ଉପସ୍ଥିତ ରହି ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସ୍ମୃତି ଚାରଣ କରିଛନ୍ତି।

## କିଟ୍‌ରେ ଅଟିଜିମ୍ ସଚେତନତା ଦିବସ



ଭୁବନେଶ୍ୱର, ୪।୪(ସମିସ):କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ 'ସେଣ୍ଟ ଗ୍ଲୋବ' ପକ୍ଷରୁ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ ସେଣ୍ଟ ଗ୍ଲୋବ୍‌ରେ ଭିନ୍ନକ୍ଷମଙ୍କ ଯତ୍ନ ନେଉଥିବା କର୍ମଚାରୀ ଓ ଶିକ୍ଷକଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଚେୟରାପର୍ସନ ଡ. ମୋନାଲିସା ବଳ ସ୍ୱାଗତଭାଷଣ ଦେଇଥିବା ବେଳେ ସ୍କୁଲ୍‌ର ଅଧ୍ୟକ୍ଷ ଡ.ସଞ୍ଜୟ ସୁଆର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ସେଣ୍ଟ ଗ୍ଲୋବର ୱେବ୍‌ସାଇଟ୍ ଉନ୍ମୋଚନ ହେବା ସହ ସେଣ୍ଟ ଗ୍ଲୋବ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ରର ଚତୁର୍ଥ ବାର୍ଷିକ ନୃତ୍ୟ ଉତ୍ସବ

ଭୁବନେଶ୍ୱର, ୪।୪(ସମିସ): ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ରର ଚତୁର୍ଥ ବାର୍ଷିକ ନୃତ୍ୟ ଉତ୍ସବ ଶନିବାର ରବୀନ୍ଦ୍ର ମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ସନ୍ଧ୍ୟାରେ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ କମିଶନର ଆୟକର ବିଭାଗ ଅଶୁତୋଷ ପ୍ରଧାନ, ସମ୍ମାନିତ



ଅତିଥି ଭାବେ ପୋଲାଚି ତାମିଲ ଇସାଇ ସଙ୍ଗମର ପରିଚାଳକ କାଳିମୁଥୁ ଏ, କଣ୍ଠଶିଳ୍ପୀ ତଥା ପଞ୍ଚମ ମ୍ୟୁଜିକ ଏକାଡେମୀର ସମ୍ପାଦକ ଦିବ୍ୟ ରଞ୍ଜନ ପଟ୍ଟନାୟକ, ସଭାପତି ରବୀନ୍ଦ୍ର କୁମାର ଜେନା, ଉପସଭାପତି ମାନସ ରଞ୍ଜନ ସାହୁ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଅନୁଷ୍ଠାନର ବାର୍ଷିକ ସ୍ମରଣିକା ସୌରପ୍ରଭା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ନୃତ୍ୟ କଳା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀରଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରଥମେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁଷ୍ଠାନର ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା 'ନୀଳାଚଳ ନିବାସାୟ' ଜଗନ୍ନାଥ ଅଷ୍ଟକମ୍‌ରୁ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପରେ ପରେ ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ର ଅନୁଷ୍ଠାନର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଅଭିନୟରେ 'ଦଶ ଅବତାର', 'ସରସ୍ୱତୀ ମଙ୍ଗଳାଚରଣ', 'ଜୟ ଭଗବତୀ ଦେବୀ' ଏବଂ 'ଗଙ୍ଗା ତରଙ୍ଗ' ଓଡ଼ିଶୀ ଦଳ ଗତ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ସ୍ୱାଇଁ, ସଭାପତି ରବୀନ୍ଦ୍ର ଜେନା, ଉପସଭାପତି ମାନସ ରଞ୍ଜନ ସାହୁ, ସମ୍ପାଦିକା ଜ୍ୟୋତିର୍ମୟୀ ଦାସ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ ।

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନୂତନ ପାଠାଗାର ଉଦ୍‌ଘାଟିତ

ଭୁବନେଶ୍ୱର, ୪।୪(ସମିସ): ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନୂତନ ପାଠାଗାରକୁ ମନ୍ତ୍ରୀ ସୁରେଶ ପୂଜାରୀ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ପାଠାଗାରରେ ଥିବା ସମ୍ବିଧାନ ପୁସ୍ତକର କିଛି ପୃଷ୍ଠା ପଢ଼ିବା ସହ ପାଠାଗାରର ପ୍ରଥମ ପାଠକ ଭାବେ ରେଜିଷ୍ଟରରେ ମନ୍ତବ୍ୟ ଲେଖିବା ସହ ଦସ୍ତଖତ କରିଥିଲେ। ରାଜସ୍ୱ ବିଭାଗରେ ଏହି ପାଠାଗାର ବିଭାଗୀୟ ଅଧିକାରୀମାନଙ୍କ ଦକ୍ଷତା ବିକାଶ କରିବା ସହ ଉଭୟ ବ୍ୟକ୍ତିଗତ ଏବଂ ପ୍ରଶାସନିକ ସ୍ତରରେ ଖୁବ୍ ଉପଯୋଗୀ ହେବ ବୋଲି କହିଛନ୍ତି। ଏହି ପାଠାଗାରରେ କମ୍ପ୍ୟୁଟର ମାଧ୍ୟମରେ ଡିଜିଟାଲ୍ ପାଠାଗାର ସୁବିଧା ଉପଲବ୍ଧ ହେବା ସହ ଓଡ଼ିଆ ଭର୍ଚୁଆଲ ଏକାଡେମୀ ମାଧ୍ୟମରେ ବିଭିନ୍ନ ଅନନ୍ୟ ଓଡ଼ିଆ ସାହିତ୍ୟ ପୁସ୍ତକ ଉପଲବ୍ଧ ରହିଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଭିନ୍ନ ଆବଶ୍ୟକୀୟ ସୂଚନା, ପୁସ୍ତକ ତଥା ପ୍ରଶାସନିକ ବିଷୟ ସମ୍ବନ୍ଧିତ ଗୁରୁତ୍ୱପୂର୍ଣ୍ଣ ସର୍କୁଲାର୍ ବିଭାଗୀୟ ଅଧିକାରୀମାନଙ୍କ ପାଇଁ ଉପଲବ୍ଧ ହେବା ସହ ପ୍ରଶାସନିକ କାର୍ଯ୍ୟରେ ସହାୟକ ହେବ ବୋଲି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ଏହି ଅବସରରେ ଅଧିକାରୀମାନେ ସ୍ୱଲିଖିତ ପୁସ୍ତକ ସହ ଅନ୍ୟାନ୍ୟ ଉପାଦେୟ ପୁସ୍ତକ ମଧ୍ୟ ପାଠାଗାରକୁ ପ୍ରଦାନ କରିପାରିବେ ବୋଲି ରାଜସ୍ୱ ସଚିବ ଆଗ୍ରହ ପ୍ରକାଶ କରିଛନ୍ତି। ତେବେ ପାଠାଗାରରେ ଶୃଙ୍ଖଳା ବଜାୟ ରଖିବା ସହ ଏହାର ସର୍ବୋତ୍ତମ ବ୍ୟବହାର ନିମନ୍ତେ ପାଠାଗାରରେ ମୋବାଇଲ୍ ଫୋନ୍‌ର ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଛି। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ରାଜେଶ ପ୍ରଭାକର ପାଟିଲ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ନବମ ସନ୍ଧ୍ୟାରେ ଲଙ୍କାପୋଡ଼ି



ଯାଁଳା, ୪।୪(ସମିସ): ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମର ଐତିହାସିକ ରାମ ନାଟକ ସ୍ୱର୍ଗତ ପ୍ରଭାକର ମହାପାତ୍ରଙ୍କ ବିରଚିତ ରାମଲୀଳା ନାଟକ। ଶ୍ରୀଶ୍ରୀ ରଘୁନାଥ ଦେବ ନାଟ୍ୟ ପରିଷଦର କୁଶଳୀ କଳାକାରମାନଙ୍କ ଅଭିନୟକୁ ଆଧାର କରି ନାଟକ ପରିବେଷଣ ହୋଇଛି। ନାଟକ ନବମ ସନ୍ଧ୍ୟାରେ ଐତିହାସିକ ରାମନାଟକ ଲଙ୍କାପୋଡ଼ି ପରିବେଷିତ ହୋଇଯାଇଛି। ବାଳୀବଦ୍ଧ ପରେ ମା' ସୀତାଙ୍କୁ ରାବଣ କେଉଁଠାରେ ଲୁଚାଇଛି। ରାମଙ୍କ ନିର୍ଦ୍ଦେଶରେ ହନୁମାନ ସାତ ସମୁଦ୍ର ଡେଇଁ ଲଙ୍କାକୁ ଯାଇଥିଲେ। ଲଙ୍କାରେ ତାଙ୍କୁ ତିନୋଟି ଦେବୀ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଅଶୋକ ବନରେ ମା' ସୀତାଙ୍କୁ ଠାବ କରିଥିଲେ। ରାମଙ୍କ ରତ୍ନମୁଦି ଦେଖି ମା'ସୀତା ହନୁମାନଙ୍କୁ ବିଶ୍ୱାସ କରିଥିଲେ। ପରେ ହନୁମାନ ଅଶୋକ ବନ ଛାରଖାର କରିଥିଲେ। ଅନେକ ରାକ୍ଷାସଙ୍କ ସହିତ ଅକ୍ଷୟ ବୀରକୁ ବଦ୍ଧ କରିଥିଲେ। ଇନ୍ଦ୍ରଜିତଙ୍କ ନାଗଫାସରେ ହନୁମାନ ବାନ୍ଧି ହୋଇ ରାବଣ ନିକଟକୁ ଯାଇଥିଲେ, ସେଠାରେ ତାଙ୍କ ଲାଙ୍ଗୁଡ଼ରେ ନିଆଁ ଲଗାଇ ଦେବାରୁ ସେ ଲଙ୍କାକୁ ପୋଡ଼ି ଜାଳି ରାମଚନ୍ଦ୍ରଙ୍କ ପାଖକୁ ଫେରିଆସିଥିଲେ। ଲଙ୍କାପୋଡ଼ି ଦୃଶ୍ୟକୁ କଳାକାରମାନେ ଅତ୍ୟନ୍ତ ସୁନ୍ଦର ଭାବରେ ପ୍ରଦର୍ଶନ କରିଥିଲେ, ବିଭିନ୍ନ ଭୂମିକାରେ, ସଙ୍କର୍ଷଣ ମଙ୍ଗରାଜ (ହନୁମାନ), ବିଚିତ୍ର ପରିଡ଼ା (ସୀତା), ରବୀନ୍ଦ୍ର ବାରିକ (ରାବଣ), ସୁକାନ୍ତ ପରିଡ଼ା (ଲଙ୍କା ଦେବୀ), ବେଣୁଧର ପ୍ରଧାନ (ଇନ୍ଦ୍ରଜିତ), ଶିବ ମଙ୍ଗରାଜ (ଅକ୍ଷୟ ବୀର), ଅନା ଭୋଳ (ଅଙ୍ଗଦ), ଅନିଲ ମଙ୍ଗରାଜ (ସୁରକ୍ଷା), ପ୍ରମୁଖ କଳାକାର ଅଭିନୟ କରିଥିଲେ।

## 'ଜାଗ୍ରତ ମଣିଷ ଓ ନିଃଶୁଳ୍କ ଧ୍ୟାନ ଅଭିଯାନ' ଉନ୍ମୋଚିତ

ଭୁବନେଶ୍ୱର, ୪।୪(ସମିସ): ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସୃଷ୍ଟି ଓ ସ୍ରଷ୍ଟା ସାହିତ୍ୟ କଳା ସଂସ୍କୃତି ବିକାଶ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଉତ୍କଳ ଦିବସ ସାହିତ୍ୟ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବ ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଭବ୍ୟ ସାରସ୍ୱତ ସମାରୋହରେ ଅନେକ କବି ଉତ୍କଳ ଦିବସ କବିତା ପାଠ କରିଥିଲେ।

ଏହି ଭବ୍ୟ କବିତା ପାଠୋତ୍ସବରେ ମନୋରମା ମହାନ୍ତି ସଂଯୋଜନା କରିଥିଲେ। ସୃଷ୍ଟି ଓ ସ୍ରଷ୍ଟା ସାହିତ୍ୟ କଳା ସଂସ୍କୃତି ବିକାଶ ଟ୍ରଷ୍ଟର ଯୁଗ୍ମ ସମ୍ପାଦିକା ସୁସ୍ମିତା ପଟ୍ଟନାୟକଙ୍କ ମଞ୍ଚ ପରିଚାଳନାରେ କବିତା ପାଠ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ଏଥିରେ ଅତିଥି ଭାବେ ଗୀତାଞ୍ଜଳି ମହାପାତ୍ର, ଲକ୍ଷ୍ମୀ ନାରାୟଣ ମହାନ୍ତି, ସଂଯୁକ୍ତା ଦାସ, କବିତା ପାଠୋତ୍ସବରେ ଅଲେଖ ଚରଣ ରାଉତ ସଭାପତିତ୍ୱ କରିଥିଲେ। ସାହିତ୍ୟ ଆଲୋଚନାଚକ୍ରରେ ଆଚାର୍ଯ୍ୟ ଶ୍ରୀ ଜଗନ୍ନାଥଙ୍କ 'ଜାଗ୍ରତ ମଣିଷ ଓ ନିଃଶୁଳ୍କ ଧ୍ୟାନ ଅଭିଯାନ' ପୁସ୍ତକ ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ପଦ୍ମଶ୍ରୀ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଭାଷାବିତ ସୁସାହିତ୍ୟିକ ଡକ୍ଟର ଦେବାଶିଷ ମହାପାତ୍ର, ଅତିଥି ଭାବେ ନ୍ୟୁଜ ୭ ର ସାମ୍ବାଦିକ ସୁସାହିତ୍ୟିକ ଲଳିତେନ୍ଦୁ ପଳାଉରୀ, ଅନ୍ୟତମ ଅତିଥି ଭାବେ ସୁସାହିତ୍ୟିକ ଧ୍ୟାନ ଗୁରୁ ଆଚାର୍ଯ୍ୟ ଶ୍ରୀଜଗନ୍ନାଥ, ଯୋଗ ଦେଇଥିଲେ। ଦୂରଦର୍ଶନ ଉପସ୍ଥାପିକା ସୁସ୍ମିତା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଟ୍ରଷ୍ଟର ସଭାପତି ଅଲେଖ ଚରଣ ରାଉତ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା, ସମ୍ପାଦକ ବିଶ୍ୱ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ସୃଷ୍ଟି ଓ ସ୍ରଷ୍ଟା ସାହିତ୍ୟ କଳା ସଂସ୍କୃତି ବିକାଶ ଟ୍ରଷ୍ଟ ଡକ୍ଟର ଇନ୍ଦିରା ମିଶ୍ରଙ୍କ ପୁସ୍ତକ ଅନ୍ ଡିଫିଟେଡ୍ ୱିମେନ ଏବଂ କବିତା କଲି କଲିକା ହିନ୍ଦୀ ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଲୋକାର୍ପଣ ହୋଇଥିଲା। କବି ମାନସ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୪।୪(ସମିସ): ବଡ଼ଗଡ଼ ବ୍ରିଟ୍ କଲୋନୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ୩୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ବାର୍ଷିକ ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଦିଲ୍ଲୀପ ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ବ୍ରହ୍ମାନନ୍ଦ ରାଉତ ଏବଂ ମୁଖ୍ୟବକ୍ତା ଡ.ଅନିଲ୍ କୁମାର ମିଶ୍ର ଉପସ୍ଥିତ ଥିଲେ। ଉତ୍ସବରେ ନୃସିଂହ ଚରଣ ମିଶ୍ର ଏବଂ ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ଦେବେନ୍ଦ୍ର ତରାଇ, କୋଷାଧ୍ୟକ୍ଷ ଅମରେଶ ଦାସ, ସଦସ୍ୟା ସୁକାନ୍ତି ସ୍ୱାଇଁ ଓ ସସ୍ମିତା ଧଳଙ୍କ ସମେତ ଉଚ୍ଚମାଧ୍ୟମିକ ବିଜ୍ଞାନ ବିଭାଗ ଅଧ୍ୟକ୍ଷ ମାନବେନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ବିଦ୍ୟାଳୟର ସମ୍ପାଦକ ତତ୍ତ୍ୱଜ୍ଞ ତ୍ରିବେଦୀ ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଭାସ ଚନ୍ଦ୍ର ବେଜ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ ପରେ ଅତିଥି ଅଧିକାରୀଙ୍କ ଦ୍ୱାରା ବାର୍ଷିକ ମୁଖପତ୍ର 'ଜାଗୃତି'ର ଉନ୍ମୋଚନ କରିଥିଲେ।

## ବିଜେବି କଲେଜରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଭୁବନେଶ୍ୱର, ୪।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ ସ୍ୱେଚ୍ଛାକୃତ



ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡକ୍ରସ, ଏନ୍‌ଏସ୍‌ଏସ୍, ଏନ୍ ସିସି ଓ ରୋଭର ରେଞ୍ଜରର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ୨୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୁବ ରେଡକ୍ରସ ଓ ଏନ୍‌ଏସ୍‌ଏସ୍ ଅଧିକାରୀ ଡକ୍ଟର ରମେଶ ଚନ୍ଦ୍ର ବେହେରା ଯୋଗଦେଇ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ଅବଗତ କରିବା ସହିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ରୀତା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସମ୍ପ୍ରସାରଣ ବିଭାଗ ମୁଖ୍ୟ ଲେଖା ଦାସ, ଡ.କଲ୍ୟାଣୀ ବିଶ୍ୱାଳ, କ୍ୟାପ୍‌ଟେନ ଅଭିମନ୍ୟୁ ଦାସ, ତରୁଣ କୁମାର ସାହୁ ଓ ଡ. ମିଲନ୍ ତା ପ୍ରମୁଖ ପରିଚାଳନା କରିଥିଲେ। ରେଡକ୍ରସ ବ୍ଲଡ ବ୍ୟାଙ୍କ ଭୁବନେଶ୍ୱର ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା।

## 'ଓଡ଼ିଆ ଅସ୍ମିତା: କବିସମ୍ରାଟ ଉପେନ୍ଦ୍ର ଭଞ୍ଜ' ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର, ୪।୪(ସମିସ): ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ବିଜେବି କଲେଜ ଆନୁକୂଲ୍ୟରେ ଓଡ଼ିଆ ଅସ୍ମିତା : କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଶୀର୍ଷକ ବାର୍ଷିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଗ୍ମୀ ଡ. ପାର୍ଥସାରଥି ଅଜୟ ବାରିକ୍ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଭଞ୍ଜଙ୍କ 'ବୈଦେହୀଶ ବିଳାସ', 'ଲାବଣ୍ୟବତୀ', ଓ 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟର ବହୁ ଅଂଶ ଉଦ୍ଧାର କରି ଭଞ୍ଜ କିଭଳି ଓଡ଼ିଆ ଅସ୍ମିତାର ପ୍ରତୀକ, ତାର ସାରଗର୍ଭତା ଆଲୋଚନା କରିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଅଭୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଡ. ଶୁଭଶ୍ରୀ ସୌମ୍ୟା ସାହୁ ସ୍ୱାଗତ ଭାଷଣ ଦେଇଥିଲେ ଓ ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ର ରୁଦ୍ରନାରାୟଣ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାରତୀୟ ସଙ୍ଗୀତ ବିଭାଗ ମୁଖ୍ୟ ଡ. ସୁକାନ୍ତି ବଳ ଉପସ୍ଥିତ ରହିଥିଲେ। ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ ମଧୁସ୍ମିତା ନାୟକ ମଞ୍ଚ ପରିଚାଳନା କରିଥିଲେ। ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରୀ ସମୀକ୍ଷା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଆ ନାମଫଳକ ପାଇଁ ସଚେତନତା ପଦଯାତ୍ରା

ଭୁବନେଶ୍ୱର, ୪।୪(ସମିସ): 'ଓଡ଼ିଶା ଦିବସ' ରୁ ୧୪ ଏପ୍ରିଲ ଓଡ଼ିଆ ନବବର୍ଷ ଯାଏ ସାରା ରାଜ୍ୟରେ 'ଓଡ଼ିଆ ପକ୍ଷ-୨୦୨୬' ପାଳନ କରାଯାଉଛି। ଏହି ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଗୁଡ଼ିକରେ ଓଡ଼ିଆ ଭାଷାରେ ସ୍ପଷ୍ଟ ଭାବେ ନାମଫଳକ ପ୍ରଦର୍ଶନ କରିବା ପାଇଁ ଏକ ବ୍ୟାପକ ସଚେତନତା ଅଭିଯାନ ଓ ପଦଯାତ୍ରା ଆଜି ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଲୋୟର ପିଏମ୍‌ଜି ଠାରୁ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆୟୋଜିତ ଏହି ପଦଯାତ୍ରାରେ ପ୍ରାୟ ୨୦୦ରୁ ଅଧିକ ବ୍ୟକ୍ତି ସାମିଲ ହୋଇ ଓଡ଼ିଆ ଭାଷାର ପ୍ରସାର ପାଇଁ ସଂକଳ୍ପ ନେଇଥିଲେ। ପଦଯାତ୍ରାକୁ ଶ୍ରମ ଆୟୁକ୍ତ ଇନ୍ଦ୍ରମଣୀ ତ୍ରିପାଠୀ ଉଦ୍‌ଘାଟନ କରି କହିଥିଲେ ଯେ, ୪ ଏପ୍ରିଲ ରୁ ୭ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ୪ଦିନ ଧରି ବିଭାଗୀୟ ଅଧିକାରୀମାନେ ବିଭିନ୍ନ ଦୋକାନ ଓ ବ୍ୟବସାୟିକ




ଅନୁଷ୍ଠାନ ପରିଦର୍ଶନ କରିବେ। ଯେଉଁ ସ୍ଥାନରେ ଓଡ଼ିଆ ନାମଫଳକ ସ୍ପଷ୍ଟ ଭାବେ ଲଗାଯାଇନାହିଁ, ସେଠାରେ ବ୍ୟବସାୟୀମାନଙ୍କୁ ନିର୍ଭୁଲ ଭାବେ ଓଡ଼ିଆ ନାମଫଳକ ଲେଖିବାକୁ ଅନୁରୋଧ କରାଯିବ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶ୍ରମ ଆୟୁକ୍ତ ମଦନ ମୋହନ ପାଇକ, ଯୁଗ୍ମ ଶ୍ରମ ଆୟୁକ୍ତ ବିଘ୍ନଜିତ ମହନ୍ତ ମହାପାତ୍ର ଓ ଭାରତୀ ସିଥା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ବନାନୀ ମହାପାତ୍ର, ଖୋର୍ଦ୍ଧା ପ୍ରଭାଗୀୟ ଶ୍ରମ ଆୟୁକ୍ତ ଅଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅନୁସାରେ, ଓଡ଼ିଶା ଦୋକାନ ଏବଂ ବାଣିଜ୍ୟ ପ୍ରତିଷ୍ଠାନ ଆଇନ ଅନୁଯାୟୀ ପ୍ରତ୍ୟେକ ବ୍ୟବସାୟିକ ଅନୁଷ୍ଠାନରେ ଓଡ଼ିଆ ଭାଷାରେ ସ୍ପଷ୍ଟ ଓ ନିର୍ଭୁଲ ଭାବେ ନାମଫଳକ ଲେଖିବା ଏକ ବାଧ୍ୟତାମୂଳକ ନିୟମ। ଏହି ଆଇନର ଧାରା ୩୫ ଅନୁଯାୟୀ, ଯଦି କୌଣସି ପ୍ରତିଷ୍ଠାନ ଏହି ନିୟମର ଉଲ୍ଲଂଘନ କରନ୍ତି, ତେବେ ସେମାନଙ୍କୁ କଠୋର ଆର୍ଥିକ ଜରିମାନାର ସମ୍ମୁଖୀନ ହେବାକୁ ପଡ଼ିବ। ପ୍ରଥମ ଥର ନିୟମ ଖିଲାପ ପାଇଁ ୫୦୦୦ ଟଙ୍କାରୁ ୧୦୦୦୦ ଟଙ୍କା ଏବଂ ଦ୍ୱିତୀୟ ବା ପରବର୍ତ୍ତୀ ଉଲ୍ଲଂଘନ ପାଇଁ ୧୦, ୦୦୦ ଟଙ୍କାରୁ ୨୦, ୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି। ଏହି ସଚେତନତା ଅଭିଯାନ ମାଧ୍ୟମରେ ସହରର ବ୍ୟବସାୟୀଙ୍କୁ ଆଇନ ସମ୍ପର୍କରେ ଅବଗତ କରାଯିବା ସହ ଓଡ଼ିଆ ଭାଷାର ମର୍ଯ୍ୟାଦା ରକ୍ଷା ପାଇଁ ଆହ୍ୱାନ ଦିଆଯାଇଛି।



# ଭୁବନେଶ୍ୱର ସିଟି

କମିସନରେଟ୍ ପୁଲିସର ତଦନ୍ତ ଏମିତି

# ସିସିଟିଭିରେ କଏଦ୍; ପୁଲିସ ରେକର୍ଡରେ ଫେରାର୍

ଭୁବନେଶ୍ୱର, ୪।୪(ସମିସ): ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ରାଜଧାନୀରେ ଅପରାଧ ନିୟନ୍ତ୍ରଣରେ ଏକ ବଡ଼ ଭୂମିକା ଗ୍ରହଣ କରୁଛି। ଲୋକେ ଘରେ ଘରେ ସିସିଟିଭି ଲଗାଉଛନ୍ତି। ରାଜଧାନୀର ଏପରି କୌଣସି ବ୍ୟବସାୟିକ, ଶିକ୍ଷାନୁଷ୍ଠାନ, ଆପାର୍ଟମେଣ୍ଟ କିମ୍ବା ସରକାରୀ ଅନୁଷ୍ଠାନ ନାହିଁ, ଯେଉଁଠି ସିସିଟିଭି ଲାଗି ନାହିଁ। ସିସିଟିଭିର କ୍ୟାମେରା ଅପରାଧର ପ୍ରତ୍ୟେକଟି ମୁହୂର୍ତ୍ତକୁ ରେକର୍ଡ କରୁଛି। ଏପରିକି ଅଧିକାଂଶ ଅପରାଧରେ ଅପରାଧୀଙ୍କ ଚେହେରାକୁ ତତ୍‌କ୍ଷଣାରତ ଉଦ୍‌ଜାଗର କରି କ୍ୟାମେରା ପୁଲିସକୁ ଏକ ବଡ଼ ସୁରାକ୍ ଦେଉଛି। ଏହି ସିସିଟିଭି ଭିଜୁଆଲ୍‌ରେ ଆଧାରରେ ପୁଲିସ ଅପରାଧୀଙ୍କୁ ପରବର୍ତ୍ତି ସମୟରେ ଚିହ୍ନଟ କରୁଛି। ତଦନ୍ତରେ ଏହା ସହାୟକ ହେବ ବୋଲି ପ୍ରତିଶ୍ରୁତି ବି ଦେଉଛି। ଏହାସତ୍ତ୍ୱେ ମଧ୍ୟ ଅପରାଧୀଙ୍କ ପାଖରେ ପହଞ୍ଚି ପାରୁନି ପୁଲିସ।

ବହୁ ମାମଲାର ତଦନ୍ତ ସମୟରେ ସିସିଟିଭିରେ ଅପରାଧୀଙ୍କ ଚେହେରା ଆଉ ହୁଲିଆ ସାମ୍ନାକୁ ଆସୁଥିଲେ ମଧ୍ୟ ପୁଲିସ ଅପରାଧୀଙ୍କ ପାଖରେ ପହଞ୍ଚି ପାରୁ ନ ଥିବାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ପୁଲିସର ଏଭଳି ନାକାରା ପଣିଆ ଅପରାଧୀଙ୍କ ସିସିଟିଭି ପ୍ରତି ଥିବା ଭୟକୁ କମାଇ ଦେଲାଣି। ସିସିଟିଭି ଲାଗିଥିଲେ ପୂର୍ବରୁ ଅପରାଧୀମାନେ ପ୍ରଥମେ ସିସିଟିଭି କ୍ୟାମେରାକୁ ଟାର୍ଗେଟ କରି ନଷ୍ଟ କରୁଥିଲେ। କିମ୍ବା ମୁହଁ ଘୋଡାଇ ଅପରାଧ ଭିଆଉଥିଲେ। ହେଲେ ଏବେ ଅପରାଧୀ ସିସିଟିଭି ପ୍ରତି ଭୟଶୂନ୍ୟ ହୋଇଗଲେଣି। ନାଆଁ ମୁହଁ ଘୋଡାଉଛନ୍ତି। ନାଆଁ ସିସିଟିଭିକୁ କୌଣସି କ୍ଷତି ପହଁଞ୍ଚାଉଛନ୍ତି। କାରଣ ସେମାନେ ଜାଣୁଛନ୍ତି ସିସିଟିଭିରେ ଚେହେରା ରେକର୍ଡ ହେଲେ ମଧ୍ୟ ପୁଲିସ ସେମାନଙ୍କ ପାଖରେ ପହଁଞ୍ଚି ପାରିବ ନାହିଁ। ପୁଲିସ ଏଭଳି କାର୍ଯ୍ୟକଳାପକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସବୁପରେ ଯଦି ପୁଲିସ ଅପରାଧୀଙ୍କ ପାଖରେ ପହଁଞ୍ଚି ପାରୁନି ତେବେ ଅପରାଧୀ କଣ ନିଜ ମନକୁ ମନ ଥାନାକୁ ଆସି ଧରା ଦେବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



## ଲକ୍ଷ୍ମୀସାଗର ବୋମା ମାଡ଼ରେ ଅପରାଧୀଙ୍କ ଚେହେରା ସ୍ପଷ୍ଟ

ଗତ ୧ ଏପ୍ରିଲରେ ଦୁଇ ଦୁର୍ବୃତ୍ତ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଥିବା ଏକ ଲେଡିଜ୍ ହଷ୍ଟେଲ ଉପରକୁ ବୋମାମାଡ଼ କଲେ। ଘର କିଣାରେ ଟଙ୍କା କାରବାରକୁ ନେଇ ଏଭଳି ଅପରାଧ ଘଟିଥିବା ଘର ମାଲିକ ଅଭିଯୋଗ କଲେ। ରାଜଧାନୀର ଛାତିଥରା ବୋମାମାଡ଼ ଭଳି ଅପରାଧ ସିସିଟିଭିରେ କଏଦ୍ ହୋଇଥିଲା। ଦୁଇ ଯୁବକଙ୍କ ମୁହଁ ସିସିଟିଭିରେ ଦେଖାଯାଉ ଥିଲା। ସେମାନେ ମୁହଁରେ କୌଣସି କପଡ଼ା ବି ବାନ୍ଧି ନ ଥିଲେ। ଚାଲି ଚାଲି ଆସିଲେ ଆଉ ସିସିଟିଭିର ନଜରରେ ଲେଡିଜ୍ ହଷ୍ଟେଲ ଉପରକୁ ବୋମାମାଡ଼ କରି ଚାଲିଗଲେ। ସିସିଟିଭି ଥାଇ ମଧ୍ୟ ପୁଲିସ ହାତ ଖାଲି। ଅପରାଧ ଘଟିବା ଏହା ମଧ୍ୟରେ ୪ଦିନ ହୋଇଗଲାଣି ହେଲେ ପୁଲିସ ଅପରାଧୀଙ୍କ ପାଖରେ ପହଞ୍ଚି ପାରିଲା ନାହିଁ।

## ଡିଫେଣ୍ଡର ଚୋରି ଘଟଣାରେ ୫ ଚିହ୍ନଟ

ରାଜଧାନୀରେ ଗତ ମାସ ୨୫ ତାରିଖରେ ୫ ଜଣ ଦୁର୍ବୃତ୍ତ ବନ୍ଧୁକ ଲଗାଇ ସିଧାସଳଖ ଡିଫେଣ୍ଡର ଲୁଟି ନେଇଥିଲେ। କେବଳ କାର୍ ନେଇ ନ ଥିଲେ ବରଂ ମହିଳା ସେଲ୍ସ ଅଫିସରଙ୍କୁ ଅସଦାଚରଣ କରିବା ସହ ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଭରତପୁର ଥାନା ଷ୍ଟୁଡିଓ ଛକରେ ଆକାଶ ପଣ୍ଡା ନାମକ ଜଣେ ଯୁବକ ଫୁଲନଖରାସ୍ଥିତ ଏମ୍ପେରିଓ ପ୍ରେଷ୍ଟିଜ୍ ଶୋରୁମକୁ କଲ୍ କରି ଡିଫେଣ୍ଡର କିଣିବାକୁ ଚାହୁଁଥିବା ବେଳେ ଟେଷ୍ଟ ଡ୍ରାଇଭ୍ ଆବଶ୍ୟକ ବୋଲି କହିଥିଲା। ସେଲ୍ସ ମ୍ୟାନ୍ ମହିଳା ସେଲ୍ସ ଅଫିସର ଓ ଡ୍ରାଇଭର ଡିଫେଣ୍ଡର ଗାଡ଼ି ନେଇ ଷ୍ଟୁଡିଓ ଛକରେ ପହଞ୍ଚିଥିଲେ। ପୂର୍ବ ଯୋଜନା ମୁତାବକ ଆକାଶ ଓ ତା'ର ସହଯୋଗୀ ଏକ କାର୍ ଯୋଗେ ଆସି ସେମାନଙ୍କୁ ନିକଟରେ ଥିବା ଓୟୋକୁ ନେଇ ଯାଇଥିଲେ। ସେଠାକୁ ୪ ଜଣ ଅଣ ଓଡ଼ିଆ ଓ ଜଣେ ଓଡ଼ିଆ ଥିଲେ। ପ୍ରଥମେ ଖାଇବାକୁ ଦେଇ ପରେ ନିର୍ଧୁମ ମାଡ଼ ମାରି ସନ୍ତୋଷଙ୍କ ଠାରୁ ୬ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ମହିଳା ସେଲ୍ସ ଅଫିସରଙ୍କୁ ଅସଦାଚରଣ କଲେ। ୩ ଜଣଙ୍କୁ ବନ୍ଧୁକ ମୁନରେ ଗୃହ ବନ୍ଦୀକଲେ। ମ୍ୟାନେଜର ଗୌତମଙ୍କୁ ଲୁଟେରାମାନେ ତଳ ମହଲାରେ ବନ୍ଦୀ କଲେ। ମୁଣ୍ଡରେ ବନ୍ଧୁକ ଲଗାଇ ୟୁପିଆଇ ଓ ଆକାଉଣ୍ଟ ମାଧ୍ୟମରେ ଏକଲକ୍ଷ ୫୦ ହଜାର ଟଙ୍କା ଲୁଟି ନେଇଥିଲେ। ଏମ୍ପେରିଓ ପ୍ରେଷ୍ଟିଜ୍ ଶୋରୁମ୍ ମ୍ୟାନେଜର ଗୌତମ ସିହ୍ନା ଏନେଇ ଭରତପୁର ଥାନାରେ ଅଭିଯୋଗ କରିଥିଲେ। ଘଟଣାସ୍ଥଳକୁ ଯାଇ ପୁଲିସ ସିସିଟିଭି କ୍ୟାମେରାର ଫୁଟେଜ ଯାଞ୍ଚ କରିଥିଲା। ଭିଜୁଆଲ୍‌ରେ ସେମାନଙ୍କ ଚେହେରା ସାମ୍ନାକୁ ଆସିଥିଲା। ହେଲେ ଆଜି ପର୍ଯ୍ୟନ୍ତ ପୁଲିସ ହାତ ଖାଲି। କେହି ଜଣେ ବି ଗିରଫ ହେଇପାରିଲେ ନାହିଁ।

## ସହିଦନଗର କାଠମିସ୍ତ୍ରି ଛାତରୁ ପଡ଼ି ମୃତ୍ୟୁ ମାମଲା: ଅପରାଧ ଓ ଅପରାଧୀ ସ୍ପଷ୍ଟ

ଗତ ୨ ତାରିଖ ସହିଦ ନଗର ଥାନା ଅଞ୍ଚଳରେ ଏକ ମୋବାଇଲ ଚୋରକୁ ଧରିବାକୁ ଯାଇ ପଶ୍ଚିମବଙ୍ଗର ଜଣେ କାଠମିସ୍ତ୍ରୀ ୪ମହଲା ଆପାର୍ଟମେଣ୍ଟରୁ ତଳକୁ ଗଳିପଡ଼ିଲେ। ଏଣୁ ତାଙ୍କର ମୃତ୍ୟୁ ହୋଇଥିଲା। ଏହା ହତ୍ୟା କିମ୍ବା ଅସାବଧାନତା ଯୋଗୁଁ ମୃତ୍ୟୁ ସ୍ପଷ୍ଟ ହୋହଇ ନଥିଲା। କିନ୍ତୁ ସିସିଟିଭିରେ ଅପରାଧ ରେକର୍ଡ ହୋଇଥିଲା। ପୁଲିସ ଏହି ଆଧାରରେ ଚୋର ପାଖରେ ପହଁଞ୍ଚି ପରିଥାନ୍ତା। ସିସିଟିଭି ଥାଇ ମଧ୍ୟ ପୁଲିସ ଚୋର ଧରିବାରେ ଅସଫଳ ହୋଇଛି।

## ବରିଷ୍ଠ ନାଗରିକଙ୍କ ଘରୁ ଚୋରି ମାମଲା କାମକୁ ଆସିଲାନି ସିସିଟିଭି ଭିଜୁଆଲ୍

ଏକ ମାସ ତଳେ ଭୋରୁ ଚୋରି କରୁଥିବା ଏକ ଲୁଟେରା ଗ୍ୟାଙ୍ଗ୍ ମତିଥିଲା। ଏହି ଗ୍ୟାଙ୍ଗ୍ ବରିଷ୍ଠ ନାଗରିକଙ୍କ ଘରକୁ ଟାର୍ଗେଟ କରି ଚୋରି କରୁଥିଲେ। ଉପକଣ୍ଠ ଅଞ୍ଚଳରେ ଏହି ଗ୍ୟାଙ୍ଗ୍ ସକ୍ରିୟ ଥିଲା। ମଞ୍ଚେଶ୍ୱର ଏବଂ ସୁନ୍ଦରପଦା ଅଞ୍ଚଳରେ ଦୁଇଟି ଘଟଣା ସାମ୍ନାକୁ ଆସିଥିଲା। ତାଲା ବନ୍ଦ କରି ଏମାନେ ଘରେ କଳାକନା ବୁଲାଉଥିଲେ। ସିସିଟିଭି ନଜରରେ ବି ଆସିଛନ୍ତି। ହେଲେ ଅଭିଯୁକ୍ତଙ୍କ ପାଖରେ ପୁଲିସ ପହଁଞ୍ଚି ପରିଲା ନାହିଁ।

ପୁରୁଣା ଫଟୋ
ପୁରୁଣା ସ୍ମୃତି



ଭୁବନେଶ୍ୱର, ୪।୪(ସମିସ): କିଛି ସ୍ମୃତି ସମୟ ସମୟରେ ଫଟୋ, ସିନେମା ବା ସଙ୍ଗୀତ ମାଧ୍ୟମରେ ପୁଣିଥରେ ଆଖି ଆଗକୁ ଆସିଯାଏ। ଯାହା ଅନେକ ଗୁଡିଏ ପୁରୁଣା କଥାକୁ ପୁଣିଥରେ ମନେ ପକାଇ ଦିଏ। ସେ କିଛି କାହାଣୀ ହେଉ କି ଘଟଣା କିମ୍ବା ଚଳଚ୍ଚିତ୍ର। ଆମ ସମସ୍ତଙ୍କ ମନୋରଞ୍ଜନ ପାଇଁ ଚଳଚ୍ଚିତ୍ରର ଏକ ପ୍ରଭାବଶାଳୀ ଭୂମିକା ରହି ଆସିଛି। ସେ ଅନେକ ପୁରୁଣା ସିନେମା ହେଉ କିମ୍ବା ବର୍ତ୍ତମାନର। ସେହିଭଳି ଏକ ପୁରୁଣା ଫଟୋ ସାମାଜିକ ଗଣମାଧ୍ୟମରେ ଏକ ବହୁ ବର୍ଷ ପୁରୁଣା ଏବଂ ଚର୍ଚ୍ଚିତ ସିନେମା କଥା ମନେ ପକାଇ ଦେଇଥିଲା।

ଏହି ଫଟୋଚିତ୍ରଟି 'ସାଧନା' ଚଳଚିତ୍ର ସମୟର ଅଟେ। ଯାହା ପଛରେ ଅନେକ ସ୍ମୃତି ଲୁଚି ରହିଛି। ଏହି ଚଳଚିତ୍ରଟି ୧୯୬୪ ମସିହାରେ ମହାନ ଅଭିନେତା ଶରତ ପୂଜାରୀଙ୍କ ଉତ୍ସାହ ଓ ଉଦ୍ୟମ ଫଳରେ ସମ୍ଭବ ହୋଇଥିଲା। ସେହିପରି ସମ୍ବଲପୁରର ଲୁଗା ବ୍ୟବସାୟୀ ତୋଫାନ ତ୍ରିପାଠୀ ଓ ମାନଭଞ୍ଜନ ହୋତାଙ୍କ ପ୍ରଯୋଜନାରେ ଏହା ସିନେମାର ରୂପ ନେଇଥିଲା। ସବୁଠୁ ବଡ଼କଥା ହେଉଛି 'ସାଧନା' ସମ୍ବଲପୁର ଅଞ୍ଚଳର ପ୍ରଥମ ଓଡ଼ିଆ ଫିଚର୍ ଫିଲ୍ମ ଥିଲା। ଡ୍ରାମା ଓ ରୋମାନ୍ସକୁ ଆଧାରକରି ଗତିଶୀଳ ଚଳଚିତ୍ରଟି ସେତେବେଳେ ଭଲ ଚାଲିଥିଲା ଓ ଲୋକାଦୃତ ମଧ୍ୟ ହୋଇଥିଲା। ମାତ୍ର ଯାହା ଜଣାଯାଏ ସେତେଟା ବ୍ୟବସାୟିକ ସଫଳତା ପାଇପାରି ନଥିଲା। ଏସବୁ ସତ୍ତ୍ୱେ ଏହା ଦ୍ୱିତୀୟ ଶ୍ରେଷ୍ଠ ଆଞ୍ଚଳିକ ଫିଲ୍ମ ଭାବରେ ରାଷ୍ଟ୍ରପତି ପୁରସ୍କାର ଲାଭ କରପାରିଥିଲା।

# ବିନ୍ଦୁ ସାଗର ନିକଟରେ ନିଶାଡ଼ିଙ୍କ ଆଡ୍ଡା

## ଐତିହ୍ୟ ପୁଷ୍କରିଣୀ ପାର୍ଶ୍ୱରେ ମଦ ବୋତଲ, ପୋଡ଼ା ସିଗାରେଟ୍

ଭୁବନେଶ୍ୱର, ୪।୪(ସମିସ): ଐତିହ୍ୟ ପୁଷ୍କରିଣୀରେ ତୁଠରେ ପୋଡ଼ା ସିଗାରେଟ୍ ପଡ଼ିବା ମଦ ବୋତଲ ଗଡୁଛି। ଯେଉଁ ଜଳାଶୟ ତୁଠରୁ ଜଳ ଗଲେ ଠାକୁରଙ୍କ କାର୍ଯ୍ୟ ହେଉଛି ଏବଂ ଶ୍ରାଦ୍ଧ ପାଇଲେ ପିତୃପୁରୁଷ ମୋକ୍ଷ ପ୍ରାପ୍ତି ହୋଇଥାନ୍ତି ଏବେ ସେଠାରେ ଏବେର ଯୁବପିଢ଼ି କଳୁଷିତ କରିଚାଲିଛନ୍ତି। ଫଳରେ ଦିନକୁ ଦିନ ଐତିହ୍ୟ ପୁଷ୍କରିଣୀରେ ତୁଠରେ ନିଶାଡ଼ିଙ୍କ ଆଡ୍ଡା ସ୍ଥଳ ପାଲଟିଛି।

ଏକାମ୍ରକ୍ଷେତ୍ରର ବିନ୍ଦୁସାଗର ଏବେ ବିନ୍ଦୁସାଗର ହୋଇ ଆଉ ନାହିଁ। ଦୂଷିତ ବିଷ ସାଗର ହୋଇ ଗଲାଣି। ପୁଷ୍କରିଣୀ ପ୍ରଦୂଷିତ ହେବା ସହ ପୁଷ୍କରିଣୀ ଭିତରେ ମଦ ବୋତଲ ସହ ଅନ୍ୟ ନିଶା ସାମଗ୍ରୀ ଆଦି ପୁଷ୍କରିଣୀ ତୁଠରେ ପଡ଼ିଥିବାର ଦେଖିବାକୁ ମିଳୁଛି। ଏଥିସହିତ ପୁଷ୍କରିଣୀ ଭିତରେ ବିଭିନ୍ନ ପ୍ରକାରର ପ୍ଲାଷ୍ଟିକ୍, ଜରି ଆଦି ପଡୁଛି। ଫଳରେ ଦିନକୁ ଦିନ ଏହି ପୁଷ୍କରିଣୀ ନିଜର ମାନ୍ୟତା ହରାଇ ଚାଲିଛି।

ଏହି ବିନ୍ଦୁ ସାଗରର ଜଳ ଲିଙ୍ଗରାଜ ମହାପ୍ରଭୁଙ୍କ ପାଇଁ ପୁଷ ପୂର୍ଣ୍ଣିମାରେ ୧୦୮ ଗରା ଜଳ ମନ୍ଦିରକୁ ଆସିଥାଏ। ଏଥିସହିତ ମହାଶିବରାତ୍ରିକୁ ମଧ୍ୟ ୧୦୮ ଗରା ଜଳ ଆସିଥାଏ। ଚନ୍ଦନ ଚାପ ପାଇଁ ୨୨ ଦିନ ଚାପ ଖେଳନ୍ତି। ପବିତ୍ରା ରୋହଣ ପୂର୍ବ ରାତ୍ରିରେ ପଇତା ଶୋଧ ପାଇଁ ଏହି ଜଳ ବ୍ୟବହାର ହୋଇଥାଏ। ଶିବ ବିବାହ ଚତୁର୍ଥୀ ଦିନ ମହାସ୍ନାନ ନିମନ୍ତେ ବିନ୍ଦୁ ସାଗରକୁ ବିଜେ ହୋଇଥାନ୍ତି। ଏହିପରି ରାଜ୍ୟ ତଥା ରାଜ୍ୟ ବାହାରୁ ଲୋକମାନେ ପିତୃ ପୁରୁଷଙ୍କ ଉର୍ଦ୍ଦେଶରେ ଶ୍ରାଦ୍ଧ ପକାଇଥାନ୍ତି। ହେଲେ ଏହି ଜଳ ସମେତ ଏହାର ଚତୁପାର୍ଶ୍ୱ ଏବେ ବ୍ୟବହାର ଉପଯୋଗୀ ହୋଇରହିନାହିଁ।



ଦିନ କେଇଟା ପରେ ଏହି ପୁଷ୍କରିଣୀରେ ଚାପ ଅନୁଷ୍ଠିତ ହେବ ଦୂର ଦୂରାନ୍ତରୁ ଲୋକେ ଏହି ଚାପ ଦେଖିବାକୁ ଆସିବେ ହେଲେ ପୁଷ୍କରିଣୀ ଠାରେ ବିଭିନ୍ନ ପ୍ରକାରର ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ବିଶେଷ କରି ଏହି ପୁଷ୍କରିଣୀ ଏବେ ତୀର୍ଥସ୍ଥଳ ନହୋଇ ଯୁବପିଢ଼ିଙ୍କ ପାଇଁ ରୋମାଣ୍ଟିକ୍ ନିରୋଳା ସ୍ଥାନ ପାଲଟିଛି। ଦିନ ହେଉ ଅବା ରାତି ଦଳ ଦଳ ହୋଇ ସାଧାରଣ ଯୁବପିଢ଼ି ହୁଅନ୍ତୁ ଅବା କଲେଜ ଛାତ୍ରଛାତ୍ରୀ ବିନ୍ଦୁ ସାଗର କୂଳକୁ ଆସି ବିଭିନ୍ନ ପ୍ରକାରର ନିଶା ସେବନ କରିବାରେ ବ୍ୟସ୍ତ ରହୁଛନ୍ତି। ଏଥିସହିତ ନିଶା ସେବନ କରି ଅସଭ୍ୟ ଭାଷାରେ ଗାଳି ଗୁଲୋଜ ମଧ୍ୟ କରୁଛନ୍ତି। ଏଥିପାଇଁ ଏହି ପୁଷ୍କରିଣୀ ନିକଟକୁ ପୁରୁଖା ଲୋକମାନେ ଆସିବା ବନ୍ଦ କରିଦେଇଛନ୍ତି। ଫଳରେ ଏହାକୁ ନେଇ ଏବେ ଏକାମ୍ରକ୍ଷେତ୍ର ବାସୀ ଚିନ୍ତା ପ୍ରକଟ କରିଛନ୍ତି।

ଏନେଇ ଜଣେ ସ୍ଥାନୀୟ ବାସିନ୍ଦା କୁହନ୍ତି ସନ୍ଧ୍ୟା ହେଲେ ଏହି ତୁଠ ପାଖରେ ବସି ହଉଥିଲା ହେଲେ ଏବେ ବସିବା ସମ୍ଭବ ହେଉନାହିଁ। ସିଗାରେଟ ଗନ୍ଧରେ ଏହାର ଜଳତୁଠ ଫାଟି ପଡୁଛି। ହେଲେ ଏହାର ରକ୍ଷଣା ବେକ୍ଷଣା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଛି। କେବଳ ପୁଷ୍କରିଣୀକୁ ଭିତରୁ ଦଳ କାଢ଼ି ଦେଲେ ଏହା ପରିଷ୍କାର ହୋଇଯିବନି। ବିନ୍ଦୁ ସାଗର କୂଳରୁ ନିଶାକୁ ଦୂର କରିବା ପାଇଁ ସ୍ଥାନୀୟ ଲୋକଙ୍କ ସମେତ ପ୍ରଶାସନ ମଧ୍ୟ ସଚେତନତା ହେବା ଆବଶ୍ୟକ ବୋଲି ସେ କହିଛନ୍ତି।

# ଉତ୍କଳ ଗୌରବ ମଧୁସୂଦନଙ୍କୁ ଭାରତରତ୍ନ ଦାବି



ଭୁବନେଶ୍ୱର, ୪।୪(ସମିସ): ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ଆନୁକୂଲ୍ୟରେ ସଂସ୍କୃତି ବିଭାଗ ସୌଜନ୍ୟତାକ୍ରମେ ଉତ୍କଳ ଦିବସ ୟୁନିଟ୍-୮ ସ୍ଥିତ ମଧୁସୂଦନ ସମବାୟ ପରିଚାଳନା ପ୍ରତିଷ୍ଠାନ ସଭାଗୃହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଭାରତରତ୍ନ ଉପାଧି ପ୍ରଦାନ କରିବାକୁ ଦାବି କରାଯାଇଛି। ସ୍ମୃତି ସମିତିର ସଭାପତି ଅମିୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରତିଷ୍ଠାନ ପ୍ରାଙ୍ଗଣରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପୂର୍ବକ ଅତିଥିମାନେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏହି ଅବସରରେ ଆୟୋଜିତ 'ସମୃଦ୍ଧ ଓଡ଼ିଶାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ' ଶୀର୍ଷକରେ ବିଶିଷ୍ଟ ଗାନ୍ଧୀ ବିଚାରକ ତଥା ସ୍ତମ୍ଭକାର ପ୍ରହଲ୍ଲାଦ ସିଂହ, ବିଧାୟକ ତୁଷାରକାନ୍ତି ବେହେରା, ଭୁବନେଶ୍ୱର ହାଇଟେକ୍ ମେଡିକାଲ କଲେଜର ଅଧକ୍ଷ ତଥା ସମାଜସେବୀ ତିରୁପତି ପାଣିଗ୍ରାହୀ, ଦୈନିକ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ଓଡ଼ିଶା ଲେଖକ ସମବାୟ ସମିତିର ପରିଚାଳକ ତଥା ପୂଜ୍ୟପୂଜା ଓଡ଼ିଶାର ସମ୍ପାଦକ ରମାକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ଉତ୍କଳର ସଂସ୍କୃତି, ପରମ୍ପରା, ଐତିହ୍ୟ, ଭାଷା, ବିଶେଷ କରି ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ପ୍ରାତଃ ସ୍ମରଣୀୟ ବରପୁତ୍ରମାନଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସମିତି ପକ୍ଷରୁ ଉତ୍କଳ ଦିବସ ସମାରୋହ ଶୀର୍ଷକ ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଏହାସହ ଗାୟକ ସୁଦର୍ଶନ ମହାପାତ୍ରଙ୍କୁ ଗାୟକ କଳା ସଂସ୍କୃତି ଗୌରବ ଉପାଧିରେ ସମ୍ବର୍ଦ୍ଧିତ କରାଯିବା ସହ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ନାତି ଗୋପୀକାନ୍ତ ମହାପାତ୍ରଙ୍କୁ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ସମ୍ମାନ ଓ ବିଶିଷ୍ଟ ଶିକ୍ଷାବିତ୍ ରବୀନ୍ଦ୍ର କୁମାର ମହାନ୍ତିଙ୍କୁ 'ଲବଣ ସତ୍ୟାଗ୍ରହ କୁହୁଡ଼ି' ଶୀର୍ଷକ ଏକାଙ୍କିକା ପାଇଁ ସମ୍ମାନୀତ କରାଯାଇଥିଲା। ଶେଷରେ ସୁରେଶ ଚନ୍ଦ୍ର ସ୍ୱାଇଁ ଓ ସାଥୀମାନେ ପାଲା ପରିବେଷଣ କରିଥିଲେ। ପ୍ରାରମ୍ଭରେ ସ୍ୱପ୍ନେଶ୍ୱର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଶୋକ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୭୦ ଦିନରେ ଚୋରକୁ ଦଣ୍ଡାଦେଶ



ଭୁବନେଶ୍ୱର, ୪।୪ (ସମିସ): ଖଣ୍ଡଗିରି ଥାନା ଅଞ୍ଚଳରେ ଘଟିଥିବା ଏକ ଚୋରି ମାମଲାର ରାୟ ମାତ୍ର ୭୦ ଦିନରେ ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଜେଏମଏଫସି (ପଞ୍ଚମ)ର ବିଚାରପତି ଇତିଶ୍ରୀ ମହାପାତ୍ର ମାମଲାର ବିଚାର କରି ଆସାମୀ ଶେଖ ଅସରଫଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନାନୁଯାୟୀ, ଅସରଫ ଗତ ଜାନୁଆରୀ ୨୬ ତାରିଖ ସନ୍ଧ୍ୟାରେ ଡୁମୁଡୁମା ସ୍ଥିତ ପ୍ରଶାନ୍ତ କୁମାର ସାହୁଙ୍କ ଘରୁ ଏକ ଲୁହା ଗ୍ରିଲ୍ ଚୋରି କରିଥିଲା। ସିସିଟିଭି କ୍ୟାମେରା ଫୁଟେଜରୁ ଚୋରି ହୋଇଥିବା ଜାଣିବା ପରେ ପ୍ରଶାନ୍ତ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୁଲିସ କେସ୍ ନଂ - ୬୪/୨୬ ରେ ବିଏନ୍‌ଏସ୍ ଧାରା ୩୦୩(୨) ଅନୁଯାୟୀ ମାମଲା ରୁଜୁ କରିଥିଲା। ଏଏସ୍?ଆଇ ଲୋକନାଥ ସାହୁ ତଦନ୍ତ କରି ଅଭିଯୁକ୍ତ ଶେଖ ଅସରଫଙ୍କୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ। ଅଦାଲତ ଘଟଣା ସହିତ ସମ୍ପୃକ୍ତ ସାକ୍ଷୀମାନଙ୍କ ବୟାନ ଓ ଦସ୍ତାବିଜ ଆଧାରରେ ମାମଲାର ବିଚାର କରି ଅସରଫଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ବିଏନ୍‌ଏସ୍ ଧାରା ୩୦୩(୨) ଅନୁଯାୟୀ ୩ ମାସର ସରଳ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜଲକ୍ଷ୍ମୀ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

# ସମ୍ଭାବନା ପକ୍ଷରୁ 'ଓଡ଼ିଆ ମହୋତ୍ସବ'

ଭୁବନେଶ୍ୱର, ୪।୪(ସମିସ): ସମ୍ଭାବନା ପକ୍ଷରୁ ଓଡ଼ିଆ ମହୋତ୍ସବ ଅବସରରେ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟ ଉତ୍ସବରେ ଶିଶୁ-କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତା ଅନ୍ତର୍ଗତ ଓଡ଼ିଶୀ ଓ ଲଘୁ ନୃତ୍ୟ ପ୍ରତିଯୋଗିତା ଏକାମ୍ର ହାଟରେ ଅନୁଷ୍ଠିତ ହୋଇଛି। ଓଡ଼ିଶୀ ନୃତ୍ୟ ସହ ରଚିପୂର୍ଣ୍ଣ ଓଡ଼ିଆ ସଙ୍ଗୀତର ତାଳେ ତାଳେ ଲଘୁନୃତ୍ୟ ପରିବେଷଣ କରାଯାଇଥିଲା। ସମ୍ଭାବନାର ସମ୍ପାଦକ ଦେବ ପ୍ରସାଦ ପରିଜାଙ୍କର ପ୍ରାରମ୍ଭିକ ସୂଚନା ପରେ ମଞ୍ଚରେ ଉପସ୍ଥିତ ଥିବା ଦୂରଦର୍ଶୀର ସମ୍ପାଦକ ଦୁର୍ଗା ସାମନ୍ତରାୟ, ଗୁରୁ ଦେବବ୍ରତ ଦାସ, ଗୁରୁ ପଙ୍କଜ କୁମାର ପ୍ରଧାନ, ୨୦୨୫ର ଶ୍ରେଷ୍ଠ ଓଡ଼ିଆଣୀ ରୀତା ଶଙ୍ଖୁଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସମ୍ଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି, ସଦସ୍ୟ ରାଜଶ୍ରୀ ଶତପଥୀ, ମୀନାକ୍ଷୀ ପଟ୍ଟନାୟକ, ରଶ୍ମିତା ରଥ, ଶ୍ୱେତପଦ୍ମା ମିଶ୍ର ପରିଚାଳନା କରିଥିଲେ।

## ପରିଚୟ ହରାଉଛି ଐତିହ୍ୟ ପୁଷ୍କରିଣୀ

# ପୋଖରୀ ପାଲଟିଛି ଡଷ୍ଟବିନ୍

ଭୁବନେଶ୍ୱର, ୪।୪(ସମିସ): ଦିନ ଥିଲା ଏହି ପୁଷ୍କରିଣୀ ସ୍ଥାନୀୟ ଅଞ୍ଚଳର ଏକ ପରିଚୟ ପାଲଟିଥିଲା। ଏହାସହ ଆଖପାଖ ଅଞ୍ଚଳ ଲୋକଙ୍କ ଏକମାତ୍ର ଜୀବନଧାରା ସାଜିଥିଲା। ହେଲେ ବର୍ଷ ବର୍ଷ ଧରି ଐତିହ୍ୟ ବହନ କରୁଥିବା କରୁଥିବା ଏହି ପୁଷ୍କରିଣୀର ଆବଶ୍ୟକ ରକ୍ଷଣାବେକ୍ଷଣ କରାନଯିବାରୁ ତାହା ନଷ୍ଟ ହୋଇଗଲାଣି। ପୁଷ୍କରିଣୀର ପାଣି ଅପରିଷ୍କାର ହୋଇଯିବାରୁ ତାହା ବ୍ୟବହାରଯୋଗ୍ୟ ହୋଇ ନାହିଁ। ବର୍ତ୍ତମାନ ପୋଖରୀରେ ପାଣି ଦିଶୁ ନଥିବା ବେଳେ ତାହା ପଡ଼ିଆ ସଦୃଶ ଦେଖାଯାଉଛି। ତା ସହିତ ଡଷ୍ଟବିନ୍ ପାଲଟିଛି। ଭର୍ତ୍ତି ହୋଇଛି ଗଦା ଗଦା ଆବର୍ଜନା ସାଙ୍ଗକୁ ପ୍ଲାଷ୍ଟିକ୍ ସାମଗ୍ରୀ। ଏଭଳି ଅବ୍ୟସ୍ଥିତ ଭାବେ ରହିଛି ଭୀମଟାଙ୍ଗୀ ସ୍ଥିତ

## ଅର୍ଥ ଅଭାବରୁ ହୋଇପାରୁନି ପୁନରୁଦ୍ଧାର କାର୍ଯ୍ୟ

ଅନନ୍ତନଗର ପଞ୍ଚମୁଖୀ ହନୁମାନ ମନ୍ଦିର ପରିସରସ୍ଥିତ ଲତିକା ପୁଷ୍କରିଣୀ। ହେଲେ ବର୍ଷ ବର୍ଷ ଧରି ପୁଷ୍କରିଣୀର ଏଭଳି ଅବସ୍ଥା ଥିଲେ ବି ଅର୍ଥ ଅଭାବରୁ ପୁନରୁଦ୍ଧାର କାର୍ଯ୍ୟ ହୋଇପାରୁ ନ ଥିବା ସୂଚନା ରହିଛି।

କିମ୍ବଦନ୍ତୀ ଅନୁସାରେ ହନୁମାନ ମନ୍ଦିର ନିକଟରେ ବହୁ ବର୍ଷ ତଳର ଏହି ପୁଷ୍କରିଣୀ ରହିଛି। ପୂର୍ବରୁ ଏହିଠାରୁ ପାଣି ନେଇ ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ବ୍ୟବହାର କରାଯାଉଥିଲା। ଧିରେ ଧିରେ ନଳକୂପ, ବୋରୱେଲ, ଟ୍ୟୁବ୍‌ୱେଲ ଆଦି ନିର୍ମାଣ ପରେ ପୋଖରୀର ବ୍ୟବହାର କମ୍ ହୋଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏଠାରେ ପଥର ଖଣି ରହିଥିବାରୁ ପୂର୍ବପୁରୁଷମାନେ ଏହି ସ୍ଥାନକୁ ଗଭୀର ଭାବେ ଖୋଳିଥିଲେ। ତାହା ଏକ ପୋଖରୀ ଆକୃତି ହୋଇଯିବାରୁ ସେଠାରୁ ପାଣି ମଧ୍ୟ ଝରିବା ଆରମ୍ଭ କରିଥିଲା। ଧିରେ ଧିରେ ଏହି ପୋଖରୀ ଲୋକମାନଙ୍କ ଭରସା ପାଲଟିଥିଲା। ବିଶେଷ କରି ପୋଖରୀଟି ମନ୍ଦିର ନିକଟରେ ରହିଥିବାରୁ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ଏହି ପୁଷ୍କରିଣୀରେ ପାଦ ଧୋଇ ମନ୍ଦିର ଭିତରକୁ ପ୍ରବେଶ କରୁଥିଲେ। ବିଭିନ୍ନ ପର୍ବପର୍ବାଣୀରେ ମନ୍ଦିରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ହେଉ ଅବା ଭୋଜିରେ ଏହି ପାଣି ବ୍ୟବହାର କରାଯାଉଥିଲା। ଠାକୁରଙ୍କ ସମସ୍ତ କାର୍ଯ୍ୟରେ ଏହି ପୁଷ୍କରିଣୀର ପାଣି ବ୍ୟବହାର ହୋଇଥାଏ। ପୁଷ୍କରିଣୀରେ ମାଟି ତଳୁ ପାଣି ଝରୁଥିବାରୁ ନଦୀ ପାଣି ଭଳି ସର୍ବଦା ଚକ୍ ଚକ୍ କରୁଥିବାରୁ ଏହାକୁ ପାନୀୟ ଜଳ ଭାବେ ମଧ୍ୟ ବ୍ୟବହାର କରାଯାଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ହେଲେ ଦିନକୁ ଦିନ ପୋଖରୀରେ ଆବର୍ଜନା ପଡ଼ି ରହି ଦୁର୍ଗନ୍ଧ ହେବାରୁ ବ୍ୟବହାର ହୋଇପାରିଲା ନାହିଁ। ପୁଷ୍କରିଣୀ ଚାରପାଖେ ରହିଛି ପାଚେରୀ। ହେଲେ କେଉଁଠି ପାଚେରୀର ଅଧା କାନ୍ଥ ଭାଙ୍ଗି ପଡ଼ିଛି ତ ଆଉ କେଉଁଠି ଗଦା ହୋଇଛି ପଥର। ସେହିପରି କେତେକ ସ୍ଥାନରେ ପାହାଚ ମଧ୍ୟ ଭାଙ୍ଗି ନଷ୍ଟ ହୋଇଗଲାଣି। ଶିଉଳିରେ ଅନେକ ସମୟରେ ଲୋକେ ପଡ଼ି ଆହତ ହେଉଛନ୍ତି। ପୁଷ୍କରିଣୀ ଭିତରେ ଅନାବନା ଗଛ ଭର୍ତ୍ତି ହୋଇଥିବାରୁ ବିଷାକ୍ତ ଜୀବଜନ୍ତୁ ରହୁଥିବା ମଧ୍ୟ କୁହାଯାଉଛି। କେବଳ ସେତିକି ନୁହେଁ, ଅପରିଷ୍କାର ପାଣିରେ ପାଦ ଥୋଇଲେ ବି ଚର୍ମ ରୋଗର ଶିକାର ହେଉଛନ୍ତି ଲୋକେ। ହେଲେ ଏହା କାହାରି ନଜରକୁ ଆସୁନି। ଧିରେ ଧିରେ ତାହା ପାଲଟିଲା ସ୍ଥାନୀୟ ଲୋକଙ୍କ ଅଳିଆ ଗଦା। ଏମିତିକି ଆବର୍ଜନା ପଡ଼ି ରହି ପୋଖରୀର ଝର ବି ପୋତି ହୋଇଯିବାରୁ ପାଣି ଝରିବା ଏକପ୍ରକାର ବନ୍ଦ ହୋଇଗଲା। ଫଳରେ ତାହ ଆଉ କୌଣସି କାମରେ ଲାଗୁନଥିବା କୁହାଯାଉଛି। ଏହାର ପୁନରୁଦ୍ଧାର ପାଇଁ ବର୍ଷ ବର୍ଷ ଧରି ଅଭିଯୋଗ କରାଯାଉଥିଲେ ବି ଏଯାଏ ହୋଇ ପାରି ନାହିଁ। ପୋଖରୀର ପୁନରୁଦ୍ଧାର କରାଗଲେ ଏହା ମନ୍ଦିର ସମେତ ସାଧାରଣ ଲୋକଙ୍କ ବ୍ୟବହାରରେ କାମରେ ଆସିବ ଏହାସହ ମାଟି ଭିତରେ ହଜି ଯିବାକୁ ବସିଥିବା ଏହି ପୁଷ୍କରିଣୀ ପୁଣିଥରେ ତାର ପରିଚୟ ଫେରିପାଇବ ବୋଲି ଅଞ୍ଚଳବାସୀ କହିଛନ୍ତି। ଏହି ପୁଷ୍କରିଣୀ ବିଏମ୍‌ସି ୱାର୍ଡ ନମ୍ବର ୬୧ ଅଧୀନରେ ରହିଥିବାରୁ ୱାର୍ଡର କର୍ପୋରେଟର ଶିବ ନାରାୟଣ ରୟ କହିଛନ୍ତି ଯେ, ମୁଁ ଏହି ଐତିହ୍ୟ ପୁଷ୍କରିଣୀର ପୁନରୁଦ୍ଧାର ପାଇଁ ସ୍ଥାନୀୟ ବିଧାୟକ ଓ ମେୟରଙ୍କ ସହ ଆଲୋଚନା କରିଛି। ସେମାନେ ଏହାର ଅନୁଧ୍ୟାନ କରିବା ପରେ କାମ ଆରମ୍ଭ ନେଇ ପ୍ରସ୍ତୁତି କରାଯିବ। ପୂର୍ବଭଳି ପୁଷ୍କରିଣୀଟି ତାର ଗାରିମା ବଜାୟ ରଖିବ।







## ସିଟି କଟକ

# ତାଳଦଣ୍ଡା କେନାଲ ରାସ୍ତାରେ ହମ୍ପସ ପାଇଁ ଦୁର୍ଘଟଣା

କଟକ,୪।୪(ସମିସ):




ତାଳଦଣ୍ଡା କେନାଲ ପାଶ୍ୱର୍ ନୂଆବଜାରରୁ ବିରିବାଟୀ ପର୍ଯ୍ୟନ୍ତ ରାସ୍ତାର ଅର୍ଦ୍ଧେକ ଅଂଶ ଏବେ ବି ଅନ୍ଧାରରେ ରହିଛି। ୭ କିଲୋମିଟର ରାସ୍ତାରେ ଦୁର୍ଘଟଣା ରୋକିବାକୁ ୧୫ରୁ ଅଧିକ ହମ୍ପସ ନିର୍ମାଣ କରିଦିଆଯାଇଛି। ହେଲେ ଦୁର୍ଘଟଣା ରୋକିବାକୁ ହୋଇଥିବା ହମ୍ପସ ଏବେ ଦୁର୍ଘଟଣାର କାରଣ ହୋଇଛି। କିଛି ଦିନ ମଧ୍ୟରେ ଏକାଧିକ ଦୁର୍ଘଟଣା ଏହି ରାସ୍ତାରେ ଘଟିଲାଣି। ନିକଟରେ ଏକ ଦୁର୍ଘଟଣାରେ ଦୁଇ ଜଣଙ୍କ ପ୍ରାଣ ହାନି ଘଟିଥିବାର ନଜିର ରହିଛି। ରାସ୍ତାର ବହୁତ ଅଞ୍ଚଳ ଅନ୍ଧାରରେ ରହିଥିବା ବେଳେ ଏହି ହମ୍ପସଗୁଡିକୁ ଧଳା ରଙ୍ଗ ବୋଳି ଚିହ୍ନିତ କରାଯାଇନାହିଁ। ଫଳରେ ରାସ୍ତାରେ ଯାଉଥିବା ଗାଡି ଚାଳକ ହମ୍ପସ ଜାଣି ନପାରି ଦୁର୍ଘଟଣାର ଶିକାର ହେଉଛନ୍ତି। ହମ୍ପସଗୁଡିକୁ ବହୁତ ଉଚ୍ଚତା ବିଶିଷ୍ଟ କରାଯାଇଛି। ଏହା ଏକ ପ୍ରମୁଖ ରାସ୍ତା ହୋଇଥିବା ବେଳେ ରାସ୍ତା ଅନ୍ଧକାରମୟ ହୋଇଥିବାରୁ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟୁଥିବା ଜଣାପଡିଛି। ଆଲୋକୀକରଣ କାର୍ଯ୍ୟ ପାଇଁ ପ୍ରାୟ ୩କୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିଲେ ମଧ୍ୟ ଅଦ୍ୟାବଧି ମଓଗଜପୁର ପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇପାରିଛି। ୧୬ନମ୍ବର ଜାତୀୟ ରାଜପଥ ପୋଲ ନିକଟରୁ ନୂଆବଜାର ପର୍ଯ୍ୟନ୍ତ ବାମ ପାଶ୍ୱର୍ ରାସ୍ତାକୁ ଏବେ ବି ଆଲୋକୀକରଣ କରାଯାଇପାରି ନାହିଁ। ବାମ ପାଶ୍ୱର୍ କେନାଲ ବନ୍ଧ ରାସ୍ତା ଅନ୍ଧାରରେ ଥିବା ବେଳେ ପଥଚାରୀଙ୍କ ପାଇଁ ବିପଦଜନକ ସାବ୍ୟସ୍ତ ହୋଇଛି। ଗୁରୁତ୍ୱପୂର୍ଣ୍ଣ ଏହିକି ଯେ ରାସ୍ତାରେ ଅଧିକ ସଂଖ୍ୟାରେ ଯାନବାହନ ଚଳାଚଳ କରୁଛି। ବର୍ତ୍ତମାନ ସୁଦ୍ଧା ତାଳଦଣ୍ଡା କେନାଲ ରାସ୍ତା ଓ ଫୁଟପାଥ ନବୀକରଣ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ରହିଥିବା ବେଳେ ବାକି ରହିଥିବା ଆଲୋକୀକରଣ କାର୍ଯ୍ୟ ସମ୍ପାଦନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆରଆଣ୍ଡବି ବିଭାଗ ପକ୍ଷରୁ ଉପରୋକ୍ତ ଅର୍ଥରାଶି ପଇଠ କରାଯିବା ପରେ କଟକ ମହାନଗର ନିଗମ ମାଧ୍ୟମରେ ଆଲୋକୀକରଣ କାର୍ଯ୍ୟ କରାଯାଇଛି। ବାକି ରାସ୍ତା ମହାନଗର ନିଗମ ଅଧିନରେ ଆସୁନଥିବାରୁ ଏହାକୁ ଆଲୋକୀକରଣରୁ ବାଦ୍ ଦିଆଯାଇଛି। ତାଳଦଣ୍ଡା କେନାଲ ରାସ୍ତା ଅନ୍ଧକାରମୟ ହୋଇଥିବା ତଥା ଏଥିପାଇଁ ବାରମ୍ବାର ଦୁର୍ଘଟଣା ଘଟୁଥିବା ନେଇ ହାଇକୋର୍ଟ ମଧ୍ୟ ଏହାକୁ ଗୁରୁତର ସହ ଗ୍ରହଣ କରିଥିଲେ। ଅଦାଲତଙ୍କ ନିର୍ଦ୍ଦେଶ ପରେ ସରକାର ଏଥିପାଇଁ ତତ୍ପରତା ପ୍ରକାଶ

- ଅନ୍ଧାର ରାସ୍ତାରେ ୧୫ରୁ ଅଧିକ ହମ୍ପସ
- ରଙ୍ଗ ବୋଳାଯାଉ ନଥିବାରୁ ହେଉନି ଦୃଶ୍ୟମାନ

କରିଥିଲେ। ହେଲେ ବର୍ଷାଧିକ ସମୟ ଅତିକ୍ରାନ୍ତ କରିବାକୁ ବସିଥିବା ବେଳେ ଏବେ ବି ରାସ୍ତା ଆଲୋକୀକରଣ କରାଯାଇପାରିନାହିଁ। ସୂଚନାଥାଉକି, ପ୍ରଥମ ପର୍ଯ୍ୟାୟରେ ତାଳଦଣ୍ଡା କେନାଲ ନବିକରଣ କାର୍ଯ୍ୟ ଯୋବ୍ରାଠାରୁ ରାଣୀହାଟ ପରେ ରାଣୀହାଟରୁ ମାତୃଭବନ ପର୍ଯ୍ୟନ୍ତ ଯାଏ ସମ୍ପ୍ରସାରଣ ସହ ଆଲୋକ ବ୍ୟବସ୍ଥା କରାଯାଇଥିଲା। ବିରିବାଟୀ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ପ୍ରାୟତଃ ଶେଷ ହୋଇଥିଲେ ସୁଦ୍ଧା ଆଲୋକୀକରଣ କରା ନଯିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି।

## ପୃଥକ ଚଢ଼ଉ; ଗଞ୍ଜେଇ ସହ ୪ ବେପାରୀ ଗିରଫ

କଟକ, ୪।୪(ସମିସ): ଜିଲ୍ଲା ଅବକାରୀ ବିଭାଗ କଟକ ସଦର ଥାନାଞ୍ଚଳର ଦୁଇଟି ସ୍ଥାନରେ ପୃଥକ ଚଢଉ କରି ଶନିବାର ୪ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି। ଏମାନଙ୍କ ପାଖରୁ ୩୧ କିଲୋ ଓଜନର ଗଞ୍ଜେଇ ସହ ଦୁଇଟି କାର ଜବତ ହୋଇଛି। ଶନିବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଶନିବାର ମଧ୍ୟାହ୍ନରେ ଜିଲ୍ଲା ଅବକାରୀ ବିଭାଗର ମୋବାଇଲ ୟୁନିଟ କାଜିପାଟଣା ନିକଟ କୁଆଖାଇ ବ୍ରିଜ ଉପରେ ଛକି ରହିଥିଲା। ସନ୍ଦିଗ୍ଧ ଏକ କାର୍‌ରୁ ସେଠାରେ ୧୫ କିଲୋ ଗଞ୍ଜେଇ ମିଳିଥିଲା। କାରରେ ଥିବା କନ୍ଧମାଳ ଖଜୁରିପଡା ମକାନି ସାହିର ଅମିତ ବେହେରା(୪୨) ଓ ନରେଶ ଗଣ୍ଡ(୪୨)କୁ ଗିରଫ କରାଯାଇଛି। ଏହି ଧରପଗଡରେ ଇନ୍ସପେକ୍ଟର ଭକ୍ତବତ୍ସଳ ବର୍ମା, ଏସଆଇ ଅକ୍ଷୟ କୁମାର ଜେନା, ଏଏସଆଇ ଜୟପ୍ରକାଶ ବେହୁରିଆ, କନଷ୍ଟେବଲ ଅଜୟ କୁମାର ଜେନା, ଦେବବ୍ରତ ଓଝା, ଶଙ୍କର ସିଂହ ଓ ଦମୟନ୍ତୀ ନାଥ ସାମିଲ ଥିଲେ। ଅନ୍ୟ ଏକ ଘଟଣାରେ କଟକ ଅବକାରୀ ଗ୍ରାମାଞ୍ଚଳ ଥାନା ଟିମ୍ ସଦର ପୁଲିସ ଥାନା ଅନ୍ତର୍ଗତ ପ୍ରତାପନଗରୀ ଛକ ପାଖରୁ ଏକ ସନ୍ଦିଗ୍ଧ କାର୍‌ରୁ ୧୬ କିଲୋ ଗଞ୍ଜେଇ ଜବତ କରି ଅଭିଯୁକ୍ତ ମିଥୁନ ବେହେରା ଓ ସୁକାନ୍ତ ମହାନ୍ତିଙ୍କୁ ଗିରଫ କରିଛି। ଗଞ୍ଜେଇ ସହିତ କାର ମଧ୍ୟ ଜବତ ହୋଇଛି। ଏହି ଚଢଉରେ ରୁରାଲ ଇନ୍ସପେକ୍ଟର ମାନସୀ ନାୟକ, ଅବକାରୀ-୩ର ଥାନା ଅଧିକାରୀ ରାଜେଶ ପଟେଲ, ଏଏସଆଇ ରଶ୍ମିତା ଦେହୁରୀ, କନଷ୍ଟେବଲ ଚନ୍ଦନ କୁମାର ସିଂହ, ରଞ୍ଜନ ଭୋଇ ଓ ବିକାଶଚନ୍ଦ୍ର ପ୍ରଧାନ ସାମିଲ ହୋଇଥିଲେ।

## ୨୭ ଲକ୍ଷର ନିଶାଦ୍ରବ୍ୟ ଜବତ; ଦୁଇ ଗିରଫ

କଟକ,୪।୪(ସମିସ): ସହରରୁ ପୁଣି ଦୁଇ ଜଣ ନିଶା ବେପାରୀଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ନିମସାହିର ଶ୍ରୀତମ ଦାସ(୨୪) ଓ କେଶରପୁରର ମିର ଲତିପୁର ରେହମାନ(୨୬)। ସେମାନଙ୍କଠାରୁ ୨୭ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ ହୋଇଛି। ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଶନିବାର ଅବକାରୀ ଫ୍ଲାଇଂ ସ୍କ୍ୱାଡକୁ ସୂଚନା ମିଳିଲାକି, କଟକ ସହରର ଦୁଇଟି ଭିନ୍ନ ସ୍ଥାନରେ ଦୁଇ ଜଣ ନିଶା ବେପାରୀ ବ୍ରାଉନସୁଗର ଧରି ଛିଡା ହୋଇଛନ୍ତି। ଏକାଧିକ ଗ୍ରାହକଙ୍କୁ ବିକ୍ରି କରିବା ପାଇଁ ସେମାନେ ବକ୍ସିବଜାର ଫାୟରଷ୍ଟେସନ ଛକ ପାଖରେ ଓ ବାଲିଯାତ୍ରା ତଳପଡିଆରେ ବାଇକ ଧରି ଅପେକ୍ଷା କରିଛନ୍ତି। ଏହି କ୍ରମରେ ଅବକାରୀ ଟିମ ଚଢଉ କରି ଉଭୟଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଶ୍ରୀତମକୁ ବକ୍ସିବଜାର ପାଖରୁ ଗିରଫ କରାଯାଇଥିଲା ବେଳେ ତା' ପାଖରୁ ୧୧୮ ଗ୍ରାମ ବ୍ରାଉନସୁଗର ମିଳିଥିଲା। ସେହିପରି ବାଲିଯାତ୍ରା ପଡିଆରୁ ଅଭିଯୁକ୍ତ ମିର ଲତିପୁର ରେହମାନକୁ ଗିରଫ କରାଯିବା ସହ ତା' ପାଖରୁ ୧୪୮ ଗ୍ରାମର ବ୍ରାଉନସୁଗର ଜବତ କରାଯାଇଥିଲା। ଜବତ ୨୬୬ ଗ୍ରାମ ବ୍ରାଉନସୁଗରର ମୂଲ୍ୟ ପ୍ରାୟ ୨୭ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏହି ଚଢଉରେ ଇନ୍ସପେକ୍ଟର ହୀରା ଦଳପତି, ଏସଆଇ ସେକ ସକିର ଉଲ୍ଲା, ଏଏସଆଇ ଏଆର ମଲ୍ଲିକ, କର୍ଣ୍ଣ ଓରାମ, କନଷ୍ଟେବଲ ଗୌରାଙ୍ଗ ନାୟକ, ଅନ୍ନପୂର୍ଣ୍ଣା ଗଣ୍ଡ, ଚନ୍ଦ୍ରକାନ୍ତ ସାହୁ, ରଞ୍ଜିତ ସାହୁ, ପବିତ୍ର ଦାଶ ଓ ସୁମିତ ନାଏକ ପ୍ରମୁଖ ସାମିଲ ହୋଇଥିଲେ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କଟକ,୪।୪(ସମିସ): ଚାଉଳିଆଗଞ୍ଜ ତଳଘର ସାହିରେ ଜଣେ ବିବାହିତା ମହିଳା ବେକରେ ଲୁଗାଦେଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଖୋର୍ଦ୍ଧା ଜିଲ୍ଲା ତରାବୋଇ ଗ୍ରାମର ଅଜୟ ବେହେରାଙ୍କ ଝିଅ ଆଲିଶାରାଣୀ (୩୧)। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକକୁ ହସ୍ତାନ୍ତର କରିଛି। ଆଲିଶାରାଣୀ

**କାରଣ ଅସ୍ପଷ୍ଟ**

୨୦୧୫ରେ ଚାଉଳିଆଗଞ୍ଜ ତଳସାହିର ରବୀନ୍ଦ୍ର ସାହୁଙ୍କ ପୁଅ କଳିଙ୍ଗ କିଶୋର ସାହୁଙ୍କୁ ବିବାହ କରିଥିଲେ। ତାଙ୍କର ଏକ ୧୦ବର୍ଷର ଝିଅ ଅଛି। ଶନିବାର ଦିନ ୧୧ଟା୧୫ରେ ଏକ ବନ୍ଦଘରୁ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହାପରେ ତାଙ୍କୁ ଏସସିବିକୁ ନିଆଯାଇଥିଲା, ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନା ପାଇ ଏସଆଇ ବିକାଶକୁମାର ମଲ୍ଲିକ ମେଡିକାଲରେ ପହଞ୍ଚି ଶବକୁ ଜବତ କରିଥିଲେ। ଅନ୍ୟପକ୍ଷରେ ଶଶୁର ରବୀନ୍ଦ୍ରଙ୍କ କହିବାନୁଯାୟୀ, ଗତ ୧୫ଦିନ ପୂର୍ବେ ବୋହୂ ଏକ ବିବାହ ଉତ୍ସବରେ ଯୋଗଦେବାଲାଗି ତାଙ୍କ ବାପ ଘରକୁ ଯାଇଥିଲା। ୮ଦିନ ହେବ ସେଠାରୁ ଫେରିଥିଲା, ହେଲେ ଆସିବା ପରେ ତା'ର ସ୍ୱାସ୍ଥ୍ୟ ହଠାତ୍ ବିଗିଡ଼ିବାରେ ଲାଗିଥିଲା। ଫଳରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସେ ଔଷଧ ଖାଉଥିଲା। ଆଜି ସକାଳେ ଠାକୁର ପୂଜା କରିବା ପରେ ସାଢ଼େ ୧୦ଟାରେ ହଠାତ୍ ଏକ ପ୍ରକୋଷ୍ଠରେ ପଶିଯାଇ ଭିତରପଟୁ କବାଟ ବନ୍ଦ କରିଦେଇଥିଲା। ଏହି ସମୟରେ ପୁଅ କଳିଙ୍ଗ ନୂଆବଜାର ଅଞ୍ଚଳରେ ଥିବା ବ୍ୟବସାୟ ପ୍ରତିଷ୍ଠାନରେ ଥିଲା। ତେଣୁ ବୋହୂ ହଠାତ ଏଭଳି ପ୍ରକୋଷ୍ଠରେ ପଶିଯିବା ଖବାଟ ଦେବା ଘଟଣା ନେଇ ମନରେ ସନ୍ଦେହ ଜାତ ହୋଇଥିଲା। ଫଳରେ ପରିବାରଲୋକ କବାଟ ବାଡେଇ ତାକୁ ଡାକିଥିଲେ, ହେଲେ ସେ କୌଣସି ଉତ୍ତର ଦେଇ ନଥିଲା। ଫଳରେ ବଡପୁଅ ମାନସ ଘରର କବାଟ ଭାଙ୍ଗିବା ପରେ ଆଲିଶାରାଣୀ ବେକରେ ଲୁଗାଦେଇ ଝୁଲିପଡିଥିବା ଦେଖିବାକୁ ମିଳିଥିଲା। ଏପଟେ ପଡ଼ିଶା ଘରଲୋକଙ୍କ କହିବା ଅନୁଯାୟୀ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଭଲ ସଂପର୍କ ରହିଥିଲା, ହେଲେ ସେ କାହିକି ଓ କେଉଁ ପରିସ୍ଥିତିରେ ଏଭଳି ପଦକ୍ଷେପ ନେଲା ଜଣାନାହିଁ। ଅନ୍ୟପକ୍ଷରେ ଘଟଣା ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଏଣୁ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତର ସଠିକ୍ କାରଣ ଜଣାପଡିବ ବୋଲି ଥାନାଧିକାରୀ ଚିନ୍ତେଶ୍ୱର ମୁଣ୍ଡା ସୂଚନା ଦେଇଛନ୍ତି।

## ଗିରିଧାରୀ ମଠ ରାସ୍ତାକାମ ତ୍ୱରାନ୍ୱିତ ଦାବି

କଟକ,୪।୪(ସମିସ): ସଦର ବ୍ଲକ ଅନ୍ତର୍ଗତ ଗରାଶୁଣୀଠାରୁ ମହାନଦୀ ବନ୍ଧକୁ ସଂଯୋଗ କରୁଥିବା ଗିରିଧାରୀ ମଠ ରାସ୍ତାଟି ମରାମତି ଅଭାବରୁ ଖାଲ ଢିପ ହୋଇ ଯାତାୟତରେ ବାଧା ସୃଷ୍ଟି ହୋଇଛି। କାଇଜଙ୍ଗ ଜଙ୍ଗଲ ପାଶ୍ୱର୍ ଦେଇ ଯାଇଥିବା ଏହି ରାସ୍ତା ଉପରେ ଆଖପାଖ ଓଡ଼ପଡ଼ା, ହୁଲିପୁର, ଶଗଡ଼ି, ଯଶପଡ଼ା ଆଦି ଗ୍ରାମର ଜନସାଧାରଣ ଯାତାୟାତ କରିଥାନ୍ତି। ମାଳିକା ପ୍ରସିଦ୍ଧ ଗିରିଧାରୀ ମଠ ସ୍ଥାନୀୟ ପ୍ରାୟ ୪୦ଟି ଗ୍ରାମର ଉପାସନା ପୀଠ ହୋଇଥିବା ବେଳେ ବର୍ଷର ବିଭିନ୍ନ ସମୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶହ ଶହ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ଏହି ସ୍ଥାନକୁ ଆସିଥାନ୍ତି। ଆବହମାନ କାଳରୁ ଏହି ରାସ୍ତାଟିକୁ ସ୍ଥାନୀୟ ଜନସାଧାରଣ, ଭକ୍ତ, ଶ୍ରଦ୍ଧାଳୁ, ଜଙ୍ଗଲ ବିଭାଗର କର୍ମଚାରୀ, ବନ ମଧ୍ୟରେ ରହିଥିବା ଆଦିବାସୀ, ସର୍ବୋପରି ଗ୍ରାମରେ ମୃତକଙ୍କୁ ନେବାରେ ବ୍ୟବହାର କରାଯାଉଥିବାବେଳେ ପ୍ରଶାସନିକ ଅବହେଳା ହେତୁ ଏହି ରାସ୍ତା ପାଇଁ ମଞ୍ଜୁର ହୋଇଥିବା ସରକାରୀ ଅର୍ଥ ରାଶି ଏଥିରେ ଖର୍ଚ୍ଚ ହୋଇପାରୁନାହିଁ। ଦୀର୍ଘ ବର୍ଷ ଧରି ଗ୍ରାମ୍ୟଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତାଟିର ରକ୍ଷଣାବେକ୍ଷଣ ହୋଇଆସୁଛି। ସରକାରଙ୍କ ପକ୍ଷରୁ ନଦୀବନ୍ଧ ସଂଲଗ୍ନ କେନାଲ ଉପରେ ସ୍ଥାୟୀ ପୋଲ ନିର୍ମାଣ କରାଯାଇ ଏହାକୁ ସବୁଦିନିଆ ଯାତାୟାତର ମାର୍ଗ ଭାବରେ ପ୍ରସ୍ତୁତ କରାଯାଇଛି। କାଇଜଙ୍ଗ ଓ ଗିରିଧାରୀ ମଠ ସଂଲଗ୍ନ ଅଞ୍ଚଳକୁ ଏକ ପର୍ଯ୍ୟଟନସ୍ଥଳୀ ଭାବରେ ବିକଶିତ କରିବାର ଆବଶ୍ୟକତା ଓ ଦାବି ହେଉଥିବା ବେଳେ ଏଠାକୁ ଆସିବାପାଇଁ ଏକମାତ୍ର ରାସ୍ତା ଟିକୁ ମରାମତି କରାଯାଉ ନଥିବାରୁ ଜନସାଧାରଣଙ୍କ ମନରେ କ୍ଷୋଭ ସୃଷ୍ଟି ହୋଇଛି। ତୁରନ୍ତ ଏହି ରାସ୍ତା ପାଇଁ ମଞ୍ଜୁର ହୋଇଥିବା ସରକାରୀ ଅର୍ଥ ରାଶିରେ ରାସ୍ତା ନିର୍ମାଣ କରାଯିବା ପାଇଁ ବରିଷ୍ଠ କଂଗ୍ରେସ ନେତା ବିଶ୍ୱଜିତ ଦାସ ଦୃଢ଼ ଦାବି ଜଣାଇଛନ୍ତି।

## ଓଡ଼ିଶା ଶିଳ୍ପ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

କଟକ,୪।୪(ସମିସ): ଓଡ଼ିଶା ଶିଳ୍ପ ସଂଘ, ମଣିପାଲ ହସ୍ପିଟାଲ୍, ଭୁବନେଶ୍ୱର ଏବଂ



ରିଟାୟର୍ଡ ପୁଲିସ୍ ଅଫିସର୍ସ ୱେଲଫେୟାର୍ ଆସୋସିଏସନ୍ ସହଯୋଗରେ ଶିଳ୍ପ ସଂଘ ପରିସରରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୧୫୦ ଜଣ ଶିଳ୍ପ ସଂସ୍ଥା କର୍ମଚାରୀ ଅଂଶଗ୍ରହଣ କରିଥିଲେ। ମଣିପାଲ ହସ୍ପିଟାଲ୍ ଓ ଏଏସଜି ଆଇ ହସ୍ପିଟାଲ୍‌ର ଡାକ୍ତର ଏବଂ କର୍ମଚାରୀମାନେ ଏହି ଶିବିର ପରିଚାଳନା କରିଥିଲେ। ମଣିପାଲ ହସପିଟାଲର କର୍ପୋରେଟ ମ୍ୟାନେଜର ସୁକାନ୍ତ ସାହୁ, ଡା. ସୁବାସ ପାଢ଼ୀ, ଡା. ପ୍ରଜ୍ଞା ପରିମିତା ନାୟକ, ଡା. କିଶୋର ପାଣ୍ଡା ଚିକିତ୍ସା କରିଥିଲେ। ଶିବିରକୁ ଓଡିଶା ଶିଳ୍ପ ସଂଘର ଅଧ୍ୟକ୍ଷ ଅବନୀ କାନୁନଗୋ ଉଦଘାଟନ କରିଥିଲେ। ରିଟାୟର୍ଡ ପୁଲିସ୍ ଅଫିସର୍ସ' ୱେଲଫେୟାର୍ ଆସୋସିଏସନ୍ ପକ୍ଷରୁ ଅଧ୍ୟକ୍ଷ ଭକ୍ତବଲ୍ଲଭ ଦାସ, ଜିତେନ୍ଦ୍ର କୁମାର ପାତ୍ର, ବିଭୂତି ଭୂଷଣ ପଟ୍ଟନାୟକ, ପ୍ରସନ୍ନଚନ୍ଦ୍ର ମିଶ୍ର ଓ ଅପର୍ତ୍ତି ଜାନି ଉପସ୍ଥିତ ଥିଲେ। ଓଡିଶା ଶିଳ୍ପ ସଂଘର ସଭାପତି ରାଜେଶ କାନୁନଗୋ, ବିନୋଦ ଭୁତ୍, ଦେବେନ୍ଦ୍ର ଶର୍ମା, ରୁଦ୍ରନାରାୟଣ ଆଚାର୍ଯ୍ୟ, ଶୁଭ୍ରକାନ୍ତ ପାଣ୍ଡା, ଅଜୟ ପାଣ୍ଡା, ମନସ ଦାସ, ଭବାନୀ ପଣ୍ଡିତ, ବିକାଶ ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ଅଶୋକ ସାହୁ, ସୁଧାକର ସ୍ୱାଇଁ, ରମାବଲଭ ନାୟକ, ଅନିରୁଦ୍ଧ ପୁହାଣ ଓ ପ୍ରିୟନାଥ ମହାନ୍ତି, ରେଶମା ଦାସ, କିଶୋର ମହାନ୍ତି ପରିଚାଳନା କରିଥିଲେ।

## ରେଭେନ୍ସାରେ ଦୀପାଳି ସିହ୍ନାରାୟ ସ୍ମୃତି ବ୍ୟାଖ୍ୟାନ



କଟକ,୪।୪(ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ ୧୧ତମ ଦୀପାଳି ସିହ୍ନାରାୟ ସ୍ମୃତି ବ୍ୟାଖ୍ୟାନ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭାଗ ମୁଖ୍ୟ ପ୍ରଫେସର ସୁଦର୍ଶନ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଫେସର ଗୌରାଙ୍ଗ ଚରଣ ନନ୍ଦ ପ୍ରଫେସର ସିହ୍ନା ରାୟଙ୍କ ଜୀବନୀ ଓ କୃତିତ୍ୱ ସମ୍ପର୍କରେ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପ୍ରଫେସର ଶରତ କୁମାର ରାଉତ ସ୍ମୃତି ବ୍ୟାଖ୍ୟାନର ଉଦ୍ଦେଶ୍ୟ ଓ ପ୍ରାସଙ୍ଗିକତା ଉଲ୍ଲେଖ କରିଥିଲେ। ମୁଖ୍ୟଅତିଥି ଭାବେ ମଣିପୁର ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର କେ. ଶୀତଲଜିତ୍ ସିଂହ ଶିକ୍ଷାରେ କୃତ୍ରିମ ବୁଦ୍ଧିମତ୍ତା: ଡିଜିଟାଲ ଯୁଗରେ ଶିକ୍ଷଣ, ସଂଜ୍ଞାନ ଏବଂ ଜ୍ଞାନର ପୁନଃଚିନ୍ତନ ବିଷୟରେ ସ୍ମୃତି ବ୍ୟାଖ୍ୟାନ ପ୍ରଦାନ କରିଥିଲେ। ସେ ଏଆଇ ଦ୍ୱାରା ଶିକ୍ଷାର ନୂତନ ସୁଯୋଗ ସୃଷ୍ଟି ହେଉଥିବା ସହ ମାନବକେନ୍ଦ୍ରୀତ ଶିକ୍ଷଣ ପ୍ରକ୍ରିୟାକୁ ସୁରକ୍ଷିତ ରଖିବାର ଆବଶ୍ୟକତା ଉଲ୍ଲେଖ କରିଥିଲେ। ଏହି ଅବସରରେ ଦୀପାଳି ସିହ୍ନାରାୟ ସ୍ମୃତି ମେଧା ସ୍କଲାରସିପ୍-୨୦୨୪ ପାଇଁ ସୁଚରିତା ନାୟକ ଓ ୨୦୨୫ ପାଇଁ ଶ୍ୱେତା ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ପ୍ରାଧ୍ୟାପକ ଡ଼ଃ ବିକଳି ଚରଣ ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ। ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ପେଟାନାଳରୁ ଷଣ୍ଢ ଉଦ୍ଧାର

କଟକ,୪।୪(ସମିସ): ମର୍କତନଗର-ବିଡାନାସୀ ଅଞ୍ଚଳ ମଧ୍ୟଦେଇ ଯାଇଥିବା ପେଟାନାଳରେ ଚରାବୁଲା କରୁଥିବା ଏକ ଷଣ୍ଢ ଗଳିପଡିଥିଲା। ଦୀର୍ଘ ସମୟର ପରିଶ୍ରମ ପରେ ବହୁ କଷ୍ଟରେ ଷଣ୍ଢକୁ ଉଦ୍ଧାର କରାଯାଇଛି। ଶନିବାର ଅପରାହ୍ନରେ ମର୍କତନଗର ସେକ୍ଟର-୯ ସ୍କୁଲ ପଡିଆ ପଛପାଶ୍ୱର୍ ପେଟାନାଳ କଡ଼ରେ ଏକାଧିକ ଗାଇଗୋରୁ ବିଚରଣ କରୁଥିଲେ। ଏତିକିବେଳେ ହଠାତ ଏକ ଷଣ୍ଢ ପେଟାନାଳ ଭିତରକୁ ଗଳିପଡିଥିଲା। ଭୂମିଠାରୁ ପ୍ରାୟ ୧୫ ଫୁଟ ଗଭୀର ପେଟାନାଳ ଭିତରେ ଷଣ୍ଢଟି ପଡିଥିଲା। ପାଖାପାଖି ୫ରୁ ୬ ଫୁଟ ଦଳପଙ୍କ ଭିତରେ ପଶୁଟି ସମ୍ପୂର୍ଣ୍ଣ ବୁଡିଯାଇ ଛଟପଟ ହେଉଥିଲା। ଏହାଦେଖି ପ୍ରଥମେ ସ୍ଥାନୀୟ ଲୋକେ ଷଣ୍ଢକୁ ନାଳରୁ ବାହାର କରି ବିଫଳ ହୋଇଥିଲେ। ପରେ ବିଡାନାସୀ କେନ୍ଦ୍ରରୁ ଅଗ୍ନିଶମ ଟିମ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ବହୁ କଷ୍ଟରେ ପଙ୍କରେ ବୁଡି ରହିଥିବା ଷଣ୍ଢର ଶିଙ୍ଘରେ ଏକ ମୋଟା ପ୍ଲାଷ୍ଟିକ ଦଉଡି ଗୁଡା ଯାଇଥିଲା। ଏହାପରେ ଶତାଧିକ ଲୋକେ ମିଶି ଦଉଡିକୁ ଉପରକୁ ଟାଣିଥିଲେ। ପରେ ଜେସିବି ମେସିନର ସାହାଯ୍ୟ ନିଆଯାଇଥିଲା। ଦୀର୍ଘ ଅଢେଇ ଘଣ୍ଟାର ଉଦ୍ୟମ ପରେ ଷଣ୍ଢଟି ପେଟାନାଳ ଭିତରୁ ବାହାରିଥିଲା।

## ତମ୍ବାଖୁ ଓ ଜରାୟୁ କର୍କଟ ଟୀକାକରଣ ସଚେତନତା



କଟକ,୪।୪(ସମିସ): ଯୋବ୍ରାସ୍ଥିତ ବ୍ରଜରମ୍ଭା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ତମ୍ବାଖୁ ଓ ଜରାୟୁ କର୍କଟ (ଏଚପିଭି) ଟୀକାକରଣ ସଚେତନତା କାର୍ଯ୍ୟକ୍ରମ କଲେଜଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରୁଷଙ୍କଠାରେ ତମ୍ବାଖୁ ଜନିତ କର୍କଟ ଏବଂ ମହିଳାଙ୍କଠାରେ ଜରାୟୁଜନିତ କର୍କଟ ରୋଗ ଅଧିକ ମାତ୍ରାରେ ଦେଖା ଦେଇଥାଏ। ଏହାକୁ ରୋକିବାରେ ସଚେତନତା ଏବଂ ଏଚପିଭି ଟୀକାକରଣ ଦ୍ୱାରା ଏହାକୁ ଅନେକାଂଶରେ ଏଡାଇ ଦିଆଯାଇପାରିବ ବୋଲି ଏହି ଶିବିରରେ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁବାସଚନ୍ଦ୍ର ଦାସ, ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ରଞ୍ଜନା ବହୁଦା, ଫିଜିଓଥେରାପିଷ୍ଟ ଡାକ୍ତର ଗୌରୀଶଙ୍କର ପୃଷ୍ଟି, ୪୦ନଂ ୱାର୍ଡ କର୍ପୋରେଟର ଝିଲ୍ଲୀ ବିହାରୀ, ପ୍ରଧାନଆଚାର୍ଯ୍ୟ ମନୋଜ ଦାସ ଆଲୋଚନା କରିଥିଲେ। ଆଶାକର୍ମୀ, ଶିଶୁ ମନ୍ଦିରର ଶିକ୍ଷକଶିକ୍ଷୟିତ୍ରୀ ଏବଂ ଏଏନଏମ ଦିଦି ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ମାଦକଦ୍ରବ୍ୟଠାରୁ ଦୂରେଇ ରହିବା ପାଇଁ ଶପଥପାଠ କରାଇଥିଲେ।

## ମିଶନ ରୋଡ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ 'ଥିଙ୍କ ସ୍ୱିଙ୍ଗ'



କଟକ, ୪।୪(ସମିସ): ସେଣ୍ଟ ଜାଭିୟର୍ସ ଏଜୁକେସନାଲ ଟ୍ରଷ୍ଟ ପକ୍ଷରୁ ମିଶନ ରୋଡସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଆୟୋଜିତ ଥିଙ୍କ୍ ସ୍ୱିଙ୍ଗ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେୟର ସୁବାସ ସିଂ ଶିକ୍ଷା ବର୍ଷ ଆରମ୍ଭ ପୂର୍ବରୁ ବିଦ୍ୟାଳୟ ଦ୍ୱାରା ଆୟୋଜିତ ଏଭଳି କାର୍ଯ୍ୟକ୍ରମ ଏକ ନିଆରା ପରମ୍ପରା ବୋଲି ମତ ରଖିଥିଲେ। ଉଦ୍‌ଘାଟକ ଭାବେ ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ଡକ୍ଟର ପ୍ରଭୁଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ହାଇକୋର୍ଟ ବାର୍ ଆସୋସିଏସନ୍ ସମ୍ପାଦକ ହୃଦାନନ୍ଦ ମହାପାତ୍ର ଯୋଗ ଦେଇଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ରୂପା ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଉପାଧ୍ୟକ୍ଷା ସ୍ନିଗ୍ଧା ମହାନ୍ତି, ନିର୍ଦ୍ଦେଶକ ସମ୍ୟକ୍ ମହାନ୍ତି, ସହ ନିର୍ଦ୍ଦେଶିକା ଆୟେଶା ମହାନ୍ତି, ସହକାରୀ ନିର୍ଦ୍ଦେଶକ ସମର୍ଥ ମହାନ୍ତି ଉପସ୍ଥିତ ଥିଲେ। ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶକୁ ବାସନ୍ତିକ କରିଦେଇଥିଲା। ଶିକ୍ଷକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

## ୱାକର୍ସ କ୍ଲବ୍ କଟକର କାର୍ଯ୍ୟକାରିଣୀ ବୈଠକ




କଟକ,୪।୪(ସମିସ): ୱାକର୍ସ କ୍ଲବ କଟକର କାର୍ଯ୍ୟକାରିଣୀ ବୈଠକ ରାଣୀହାଟସ୍ଥିତ ଆଇଏଏମ୍ ହାଉସଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କ୍ଲବର ସଭାପତି ପ୍ରଫେସର ଡାକ୍ତର ଜୟନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୱାକର ବିଲକେଶ ପରବିନ ୱାକର୍ସ ପ୍ରାର୍ଥନା ପାଠ କରି କାର୍ଯ୍ୟକାରିଣୀ ବୈଠକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସମ୍ପାଦକ ପ୍ରିୟରଞ୍ଜନ ମହାପାତ୍ର କ୍ଲବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ବିଗତ ବର୍ଷର ବାର୍ଷିକ ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ଆୟୋଜିତ ହେବାକୁ ଥିବା ବାର୍ଷିକ କାର୍ଯ୍ୟକ୍ରମ ସମ୍ବନ୍ଧରେ ଉପସ୍ଥିତ କାର୍ଯ୍ୟକାରିଣୀ ମଣ୍ଡଳୀର ସଦସ୍ୟଙ୍କୁ ସୂଚିତ କରିଥିଲେ। ସଭାପତି ପ୍ରଫେସର ପଣ୍ଡା ଚଳିତ ବର୍ଷର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ ମେଦବହୁଳତା ଜନିତ ସ୍ୱାସ୍ଥ୍ୟ ସମସ୍ୟାର କାରଣ ଓ ଏହାର ନିରାକରଣକୁ କେନ୍ଦ୍ର କରି ସହରର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। କ୍ଲବର ପୂର୍ବତନ ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଉପସଭାପତି ଡାକ୍ତର ବିଶ୍ୱରଞ୍ଜନ ମିଶ୍ର, ଶ୍ୟାମସୁନ୍ଦର ସାହୁ, ଶଶିଭୂଷଣ ସ୍ୱାଇଁ, ଚଳିତ ବର୍ଷର କାର୍ଯ୍ୟକ୍ରମକୁ ମିଳିତ ଓ ଏକନିଷ୍ଠ ଭାବେ ସମ୍ପାଦନ କରିବା ପାଇଁ କାର୍ଯ୍ୟକାରିଣୀ ସଦସ୍ୟମାନଙ୍କୁ ନିବେଦନ କରିଥିଲେ। ଏଥିସହିତ କାର୍ଯ୍ୟକାରିଣୀମଣ୍ଡଳୀର ସଦସ୍ୟମାନେ ମଧ୍ୟ ଉକ୍ତ କ୍ଲବର ଶ୍ରୀବୃଦ୍ଧି ନିମନ୍ତେ ଅନେକ ପ୍ରସ୍ତାବ ଆଗତ କରିଥିଲେ। ଡକ୍ଟର ଓଁକାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

### ଆନ୍ତଃବିଦ୍ୟାଳୟ ଫୁଟ୍‌ବଲ୍ ପ୍ରତିଯୋଗିତା

## ବରିଷ୍ଠରେ ଖାନନଗର ଓ କନିଷ୍ଠରେ ଉର୍ଦ୍ଦୁ ପ୍ରାକ୍ଟିସିଂ ସ୍କୁଲ୍ ଚାମ୍ପିଅନ

କଟକ,୪।୪(ସମିସ):



ଓଡ଼ିଶା ଭେଟରାନ୍ ସ୍ପୋର୍ଟସ ପର୍ସନ ଆସୋସିଏସନ୍ ଆନୁକୂଲ୍ୟରେ ପ୍ୟାରୀମୋହନ ଏକାଡେମୀ ପଡ଼ିଆଠାରେ ଅନୁଷ୍ଠିତ ୨୦୨୫-୨୬ ଆନ୍ତଃବିଦ୍ୟାଳୟ ଫୁଟବଲ୍ ପ୍ରତିଯୋଗିତାରେ ସିନିୟର୍ ବିଭାଗରେ ଖାନନଗର ସରକାରୀ ହାଇସ୍କୁଲ ଏବଂ ଜୁନିୟର ବିଭାଗରେ ସରକାରୀ ପ୍ରାକ୍ଟିସିଂ ସ୍କୁଲ୍ ଚାମ୍ପିଅନ ହୋଇଛନ୍ତି। ସିନିୟର୍ ବିଭାଗର ଫାଇନାଲ ଖେଳରେ ଖାନନଗର ସରକାରୀ ହାଇସ୍କୁଲ ବିଡ଼ାନାସୀ ଏମପିଏଲ୍ ହାଇସ୍କୁଲକୁ ଟାଇବ୍ରେକର ୩-୨ ଗୋଲରେ ପରାସ୍ତ କରି ବସନ୍ତ ଦାସ ସ୍ମାରକୀ ଟ୍ରଫି ହାସଲ କରିଛି। ସେଇଭଳି ଜୁନିୟର ବିଭାଗରେ ଫାଇନାଲ ମ୍ୟାଚରେ ଭକ୍ତମଧୁ ବିଦ୍ୟାପୀଠକୁ ୧-୦ ଗୋଲରେ ପରାସ୍ତ କରି ସରକାରୀ ଉର୍ଦ୍ଦୁ ପ୍ରାକ୍ଟିସିଂ ସ୍କୁଲ୍ ଡାକ୍ତର ଭଗବାନ୍ ଦାସ ସ୍ମାରକୀ ଟ୍ରଫି ହାସଲ କରିଛି। ସିନିୟର୍ ବିଭାଗରେ ଖାନନଗର ସରକାରୀ ହାଇସ୍କୁଲର ଗଣେଶ ବିନ୍ଧାଣୀ ଏବଂ ଜୁନିୟର ବିଭାଗରେ ଉର୍ଦ୍ଦୁ ସ୍କୁଲର ମିର୍ ତଫିକ୍ ଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ ହେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଓଡ଼ିଶା ଅଲମ୍ପିକ୍ସ ଆସୋସିଏସନ୍ ସାଧାରଣ ସମ୍ପାଦକ ଅଭିଜିତ୍ ପାଲ୍, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ସୌଦାମିନୀ ଦାସ ଏବଂ ସମାଜସେବୀ ତଥା ଭେଟରାନ ସଂଘର ଉପସଭାପତି କ୍ଷିତିଶଚନ୍ଦ୍ର ପାତ୍ର ଅତିଥି ଭାବରେ ଯୋଗଦେଇଥିଲେ। ସଂଘର ସଭାପତି ତଥା ଆଠାଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସଂଘର ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସମୀର ପରିଜା ଧନ୍ୟବାଦ ଦେଇଥିଲେ।

# ପଲାସା-ଇଚ୍ଛାପୁର ସେକ୍ସନକୁ ଦକ୍ଷିଣ ରେଳପଥରେ ସାମିଲକୁ ବିରୋଧ

ବ୍ରହ୍ମପୁର,୪।୪(ସମିସ)

ପଲାସା-ଇଚ୍ଛାପୁର ସେକ୍ସନକୁ ଦକ୍ଷିଣତଟ ରେଳପଥ ଜୋନରେ ସାମିଲ କରିବାକୁ ବିଭିନ୍ନ ମହଲରେ ବିରୋଧ କରାଯାଇଛି। ଏହି ପ୍ରସ୍ତାବ ନିଷ୍ପତିକୁ ପ୍ରତ୍ୟାହାର କରିବା ପାଇଁ ଦକ୍ଷିଣ ଓଡିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟି ଦାବି କରାଯାଇଛି। ଏନେଇ କମିଟି ପକ୍ଷରୁ ରେଳ ମନ୍ତ୍ରାଳୟ ନିକଟରେ ଦାବି କରାଯାଇଛି। ପଲାସା-ଇଚ୍ଛାପୁର ସେକ୍ସନକୁ ଦକ୍ଷିଣତଟ ରେଳପଥରେ ସାମିଲ କରିବା ଦ୍ୱାରା ଗଞ୍ଜାମ ଜିଲ୍ଲାର କିଛି ଅଂଶ ଦକ୍ଷିଣତଟ ରେଳପଥ ଜୋନରେ ଯାଉଥିବା ବେଳେ ପରିପ୍ରେକ୍ଷୀରେ ବିଶାଖାପାଟଣମ ଭଳି ବ୍ରହ୍ମପୁରକୁ ରେଳ ଡିଭିଜନ ସ୍ଥାନ ପାଇବା ଏହି ସେକ୍ସନ ଅଦଳବଦଳ ସମୟରେ ଉପଯୁକ୍ତ ସମୟ ବୋଲି କମିଟି ଦାବି କରିଛି। ଏହି ଅଞ୍ଚଳର ପ୍ରଶାସନିକ ଦକ୍ଷତା, ମାଲ ପରିବହନରେ ରାଜସ୍ୱ ବୃଦ୍ଧି, ଯାତ୍ରୀ ସେବା କ୍ଷେତ୍ରରେ ପ୍ରଭାବିତ ହେବ ଏବଂ ରେଳ ଚଳନ, ପରିଚାଳନାଗତ ସଂଚାଳନ କ୍ଷେତ୍ରରେ ବ୍ରହ୍ମପୁର ପ୍ରତି ସମସ୍ୟା ସୃଷ୍ଟିକରିବା ଦୃଷ୍ଟିରୁ ନିଷ୍ପତିକୁ ପ୍ରତ୍ୟାହାର କରାଯିବ ଉଚିତ ବୋଲି କମିଟି ଦାବି କରିଛି। ଓଡ଼ିଶାର ବହୁ ଅଞ୍ଚଳ ତଥା ବାଲେଶ୍ୱର, ବାରିପଦା,

**ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ମିଳିତ କ୍ରିୟାନୁଷ୍ଠାନ କମିଟିର ଦାବି**

ଝାରସୁଗୁଡା ଓ ରାଉରକେଲା ଭଳି ଷ୍ଟେସନ ଦକ୍ଷିଣ ପୂର୍ବ ରେଳପଥରୁ ପୂର୍ବତଟ ରେଳପଥରେ ସାମିଲ କରିବାକୁ ଦାବି ହୋଇଛି। ଯଥାଶୀଘ୍ର ଐତିହାସିକ ତଥା ରାଜ୍ୟର ପ୍ରଥମ ରେଳଷ୍ଟେସନ ବ୍ରହ୍ମପୁରକୁ ରେଳ ଡିଭିଜନ ଭାବେ ଘୋଷଣା କରାଯାଉ ବୋଲି ଦକ୍ଷିଣ ଓଡିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ତଥା ଆଇନଜୀବୀ ସରୋଜ ରଞ୍ଜନ ପଟ୍ଟନାୟକ, ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚର ଆବାହକ ରାଜେନ୍ଦ୍ର ପଣ୍ଡା, ବିନୋଦ ଠାକୁର, ଓଡିଶା ଡେଭଲପମେଣ୍ଟ ଫୋରମର ପ୍ରିତିଶ ପାଣିଗ୍ରାହୀ, ସନ୍ତୋଷ କୁମାର ସାହୁ, ରମେଶ ସାହୁ, ସ୍ୱାଭିମାନ ଓଡିଶାର ଆବାହକ ଅମ୍ବିକା ପ୍ରସାଦ ପଣ୍ଡା, ବିବେକାନନ୍ଦ ଅନୁଷ୍ଠାନର ସଭାପତି କେଦାର ନାଥ ପଣ୍ଡା, ପ୍ରଗତିଶୀଳ ଉତ୍କଳ ସମାଜର ରାଜ୍ୟ ସମ୍ପାଦକ ମାନସ ରଞ୍ଜନ ପାତ୍ର, ଉମା ଚରଣ ନାୟକ, ସୁରେନ୍ଦ୍ର ରାଉତ, ସୂର୍ଯ୍ୟ ନାରାୟଣ ବେହେରା, ଦୀପକ ପଣ୍ଡା, ହସ କ୍ଲବର ଭାସ୍କର ପାଢ଼ୀ ଓ ବରିଷ୍ଠ ନାଗରିକ ମଞ୍ଚର ପ୍ରମୋଦ କୁମାର ମିଶ୍ର ପ୍ରମୁଖ ଦାବି କରିଛନ୍ତି।

## ପଲାସା-ଇଚ୍ଛାପୁରକୁ ପୂର୍ବତଟ ରେଳପଥରୁ ପୃଥକ ଦୁର୍ଭାଗ୍ୟଜନକ : ଚନ୍ଦ୍ରଶେଖର

ପୂର୍ବତଟ ରେଳପଥରୁ ଉଦ୍ଦେଶ୍ୟ ମୂଳକ ଭାବେ ପଲାସା-ଇଚ୍ଛାପୁରକୁ ପୃଥକ କରି ବିଶାଖପାଟଣା ଦକ୍ଷିଣପୂର୍ବ ରେଳପଥ ପ୍ରତିଷ୍ଠା କରିବା ନିଷ୍ପତ୍ତିକୁ ବିଜେଡି ବରିଷ୍ଠ ରାଜ୍ୟ ଉପସଭାପତି ତଥା ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ ଦୃଢ ନିନ୍ଦା କରିଛନ୍ତି। ଏଭଳି ନିଷ୍ପତ୍ତିକୁ କେନ୍ଦ୍ର ସରକାର ଖାସ କରି ରେଳମନ୍ତ୍ରାଳୟ କ୍ଷାନ୍ତ ରହିବାକୁ ନେଇ ଦାବି କରିଛନ୍ତି। ତୁରନ୍ତ ଏଭଳି ରାଜନୈତିକ ଅଭିସନ୍ଧି ସମ୍ପନ୍ନ ନିଷ୍ପତ୍ତିକୁ ପ୍ରତ୍ୟାହାର କରିବାକୁ ମଧ୍ୟ ଶ୍ରୀ ସାହୁ ଦାବି କରିଛନ୍ତି।

ରାଜ୍ୟ ଭିତ୍ତିକ ରେଳପଥ ଡିଭିଜନ ସୃଷ୍ଟି କରି କେନ୍ଦ୍ର ସରକାର ରାଜ୍ୟ



ରାଜ୍ୟ ଭିତରେ ବିଦ୍ୱେଶ ସୃଷ୍ଟି କରିବା ଛଡା ଅନ୍ୟ କିଛି ନୁହେଁ। ନିଜେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡିଶାରୁ ପ୍ରତିନିଧିତ୍ୱ କରୁଥିବା ବେଳେ ସେ ଓଡିଶାକୁ ଅବହେଳା କରି ଆନ୍ଧ୍ରରେ ବିଜେପିର ମେଣ୍ଟ ସରକାର ଥିବାରୁ ରାଜନୈତିକ ଉଦ୍ଦେଶ୍ୟ ସାଧିତ କରିବାକୁ ଏଭଳି ନିଷ୍ପତ୍ତି ନେଇଥିବା ଶ୍ରୀ ସାହୁ ଅଭିଯୋଗ କରିଛନ୍ତି।

# ବ୍ରହ୍ମପୁରରେ 'ଲକ୍ଷ୍ୟ ନିକେତନ' ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ



ବ୍ରହ୍ମପୁର,୪।୪(ସମିସ)

ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଗଞ୍ଜାମ ଲକ୍ଷ୍ୟ ନିକେତନ ପ୍ରଶିକ୍ଷଣ କେନ୍ଦ୍ର ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଶ୍ରେଣୀ ଗୃହର ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତିୱାସନ, ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ଼ା ସର୍ବଣା ବିବେକ ଏମ୍, ବ୍ରହ୍ମପୁର ମହାନଗର ନିଗମ କମିଶନର ସୁଶ୍ରୀ ଏ ସସ୍ୟ ରେଡ୍ଡୀ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ଉପସ୍ଥିତ ରହିଥିଲେ। ଗଞ୍ଜାମ ଜିଲ୍ଲାରେ ପ୍ରଥମଥର ଜିଲ୍ଲା ପ୍ରଶାସନ ତରଫରୁ ଲକ୍ଷ୍ୟ ନିକେତନ କାର୍ଯ୍ୟକ୍ରମ ମାଧ୍ୟମରେ ସିଭିଲ ସର୍ଭିସ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଜାନୁଆରୀ ମାସରେ

**୭୦ ଆଶାୟୀ ପରୀକ୍ଷାର୍ଥୀଙ୍କ ପାଠ୍ୟକ୍ରମର ଶୁଭାରମ୍ଭ**

ଆୟୋଜିତ ହୋଇଥିବା ପରୀକ୍ଷାରେ ପ୍ରାୟ ୭୦୦ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭୦ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରୁ ବ୍ରହ୍ମପୁରର ୭୦ଜଣ ପରୀକ୍ଷାର୍ଥୀ ଆଜି ଉପସ୍ଥିତ ରହିଥିଲେ। ଆଜିଠାରୁ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ବ୍ୟତୀତ ଛତ୍ରପୁର ଓ ଭଞ୍ଜନଗର ଠାରେ ମଧ୍ୟ ଲକ୍ଷ୍ୟ ନିକେତନ ପ୍ରଶିକ୍ଷଣ କେନ୍ଦ୍ର ଉଦଘାଟନ କରାଯିବ। ମହିଳାମାନଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ସୁବିଧା ରହିଛି। ଗଞ୍ଜାମ ଜିଲ୍ଲାର ଯୁବକ ଓ ଯୁବତୀଙ୍କୁ ଭାରତୀୟ ପ୍ରଶାସନିକ ସେବା, ଓଡ଼ିଶା ପ୍ରଶାସନିକ ସେବା ଓ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ବୋଲି ଏଠାରେ କୁହାଯାଇଛି। ଦିଲ୍ଲୀରେ ଅବସ୍ଥିତ ସାରଥି ଆଇଏଏସ କୋଚିଙ୍ଗ ସେଣ୍ଟରର ଅଧ୍ୟାପକମାନେ ଅନଲାଇନ ଓ ସିଧା ପ୍ରସାରଣ ମାଧ୍ୟମରେ ଏବଂ ଗଞ୍ଜାମ ଜିଲ୍ଲାର ଆଇଏଏସ ଏବଂ ଓଏଏସ ଅଧିକାରୀମାନେ ନିଜେ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିବେ। ଏହି ଠାରେ ପରୀକ୍ଷାର୍ଥୀମାନଙ୍କ ପାଇଁ ପାଠାଗାରର ମଧ୍ୟ ସୁବିଧା ରହିଛି।

# ଭତ୍ତା ବଣ୍ଟନ ବେଳେ ବିଧାୟକ-କାଉନ୍‌ସିଲର ମୁହାଁମୁହିଁ

ବ୍ରହ୍ମପୁର,୪।୪(ସମିସ)

ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଅତିଥି ଭାବେ ଯୋଗ ଦେଇଥିଲେ। ତେବେ ଭତ୍ତା ବଣ୍ଟନ ବେଳେ ବିଧାୟକ ଓ ସ୍ଥାନୀୟ କାଉନିସଲ୍‌ରଙ୍କ ମଧ୍ୟରେ ତୁତୁ ମେଁମେଁ ସହିତ ଯୁକ୍ତିତର୍କ ଦେଖିବାକୁ ମିଳିଥିଲା।

ସୂଚନା ପ୍ରକାରେ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ସୋରେନ ଭତ୍ତା ବଣ୍ଟନ ନେଇ ଧାର୍ଯ୍ୟ ତାରିଖ ସମ୍ପର୍କରେ ସମସ୍ତ କାଉନ୍‌ସିଲର ଏବଂ ହିତାଧିକାରୀଙ୍କୁ ସୂଚନା ଦେଇଥିଲେ। ସମୟ ନିର୍ଘଣ୍ଟ ମୁତାବକ ବିଧାୟକ ଶ୍ରୀ

**● ଅଲବତ ହେବ କହି ଭତ୍ତା ବାଣ୍ଟିଲେ ବିଧାୟକ**

**● ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ମଞ୍ଚ ସାମ୍ନାରେ ଥୋଇଲେ କାଉନ୍‌ସିଲର**

ସାମନ୍ତରା ଚିକିଟି ଏନ୍‌ଏସିରେ ପହଁଚିଲେ। ଠିକ ସେତିକିବେଳେ ଚିକିଟି ଏନ୍‌ଏସି ଅଧକ୍ଷା ଏବଂ କାଉନ୍‌ସିଲର ସମୂହ ଅଫିସ ସମ୍ମୁଖର ରାସ୍ତାରେ ବସି ବିଭିନ୍ନ ନାରାବାଜି ଦେଇଥିଲେ। ବିଧାୟକ ଶ୍ରୀ ସାମନ୍ତରା ସେମାନଙ୍କୁ ଡେଇଁ ଅଫିସ ସମ୍ମିଳନୀ କକ୍ଷରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ ପାଇଁ ଆଗଭର ହେଲା ବେଳେ ଆରମ୍ଭ ହେଲା ହଟ୍ଟଗୋଳ। ବିଜେଡି ଅଧକ୍ଷା ଏବଂ କାଉନ୍‌ସିଲର ଆଜି ଭତ୍ତା ବାଣ୍ଟିବାକୁ ମନା କରିଥିଲେ। ସେମାନେ ମନା କରିବାର କାରଣ ଥିଲା ଆମ୍ଭେ କାର୍ଡ ବାଣ୍ଟିବା ପାଇଁ ତାରିଖକୁ ବାରମ୍ବାର କଣ ପାଇଁ ପରିବର୍ତ୍ତନ କରାଗଲା। ତାପରେ ଆରମ୍ଭ ହେଲା ତୁ.. ତୁ, ମେଁ.. ମେଁ। କିନ୍ତୁ ବିଧାୟକ ଖାତିର ନ କରି ଭତ୍ତା ବାଣ୍ଟି ଚାଲିଗଲେ। ଏହାର ପ୍ରତିବାଦ କରି ସମସ୍ତେ ପୁଣି ବାହାରେ ବସି ବିଧାୟକ ହାଏ ହାଏ ଆଦି ନାରା ଦେଇଥିଲେ।

ତେବେ ଭତ୍ତା ବଣ୍ଟନ ବେଳେ ଜଣେ କାଉନସିଲର ପ୍ରତିବାଦ କରି ଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ମଞ୍ଚ ଆଗରେ ରଖିଥିଲେ। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି।

# ବ୍ଲକସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ

ବ୍ରହ୍ମପୁର,୪।୪(ସମିସ): ଗଞ୍ଜାମ ଜିଲ୍ଲା ସମେତ ଚିକିଟି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଖଡିଛୁଆଁ ଓ ପ୍ରବେଶ ଉତ୍ସବ ଚିକିଟିପେଣ୍ଠ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଇଓ ପନ୍ନଗ ଭୂଷଣ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇ ଯେପରି ସମସ୍ତ ବିଦ୍ୟାଳୟ ମାନଙ୍କରେ କୌଣସି ମଧ୍ୟ ଶିଶୁ ନାମ ଲେଖାଇବାରୁ ବଞ୍ଚିତ ନ ହେବେ ଏବଂ ଶୂନ୍ୟ ଡ୍ରପଆଉଟ ଉପରେ ଉପସ୍ଥିତ ଅଭିଭାବକ ଓ ପିତାମାତାଙ୍କୁ ପରାମର୍ଶ ଦେଇଥିଲେ। ସଭାରେ ବିଡ଼ିଓ ବିବେକାନନ୍ଦ ମିଶ୍ର, ତହସିଲଦାର ବିଶ୍ୱରଞ୍ଜନ କହଁର, ଏବିଇଓ ତ୍ରିନାଥ ମଲ୍ଲିକ, ମେଘନାଥ ବେହେରା, ନାୟକ ସେଠି, ସଭାପତି ରବୀନ୍ଦ୍ର ବାଡ଼ତ୍ୟା ଓ ପ୍ରଧାନଶିକ୍ଷକ ପ୍ରମୁଖ ମଞ୍ଚାସୀନ ଥିଲେ। ସିଆରସିସି ସୁଜିତ କୁମାର ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସିଆରସିସି ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଅତିଥି ମାନଙ୍କ ଦ୍ୱାରା ନବାଗତ ପିଲାମାନଙ୍କୁ ଶିଶୁବାଟିକା ଶ୍ରେଣୀ ରେ ନାମ ଲେଖାଇବା ସହ ଖଡିଛୁଆଁ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ଆକର୍ଷଣୀୟ ଟିଏଲଏମ ଗୁଡିକୁ ବୁଲି ଦେଖିଥିଲେ। ଏହି ପରିପ୍ରେକ୍ଷୀରେ ବ୍ଲକର ସମସ୍ତ ଗ୍ରାମରେ ଶିକ୍ଷାର ପ୍ରଚାର ପ୍ରସାର ସହ ପିଲାମାନଙ୍କୁ ବିଦ୍ୟାଳୟଭିମୁଖୀ କରିବା ପାଇଁ ଏକ ଶିକ୍ଷା ସଚେତନତା ରଥକୁ ବିଧାୟକ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।





# ବ୍ୟାପକ ହେଲା ଜଳଛତ୍ର ପ୍ରତିଷ୍ଠା ଅଭିଯାନ

ବ୍ରହ୍ମପୁର,୪।୪(ସମିସ): ଦିନକୁ ଦିନ ଖରା ବୃଦ୍ଧି ପାଉଥିବା ବେଳେ ସହରରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଜଳଛତ୍ର ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇଛି। ଏହି କ୍ରମରେ ଶନିବାର ସହରର ବିଭିନ୍ନ ୱାର୍ଡରେ ଏକାଧିକ ଜଳଛତ୍ର ପ୍ରତିଷ୍ଠା କରାଯାଇଛି। ୧୫ନମ୍ବର ୱାର୍ଡ ଅନ୍ତର୍ଗତ ରେଡୀ ଗ୍ୟାରେଜ, ଆସ୍କା ରୋଡ ଓ ତୁଳସୀ ନଗର ଛକ ଠାରେ ୩ଟି ଜଳଛତ୍ରର ଶୁଭାରମ୍ଭ କରାଯାଇଛି। ମେୟର ସଂଘମିତ୍ରା ଦଳେଇଙ୍କ କରକମଳରେ ସମସ୍ତ ଜଳଛତ୍ରକୁ ଉଦ୍‌ଘାଟନ କରାଯାଇଥିବା ବେଳେ ଏହି ଅବସରରେ ବିଇଏମ୍‌ସି କମିଶନର ସୁଶ୍ରୀ ଏ. ଶସ୍ୟା ରେଡ୍ଡୀ, ସ୍ଥାନୀୟ କର୍ପୋରେଟର ଆର. ପାୱନୀ, ବ୍ରହ୍ମପୁର ଅର୍ବାନ କୋପରେଟିଭ ବ୍ୟାଙ୍କ ସଭାପତି ତଥା ପୂର୍ବତନ କର୍ପୋରେଟର ଆର. ମୁରଲୀ ମୋହନ, କର୍ପୋରେଟର ଡି. କରୁଣା ପ୍ରମୁଖଙ୍କ ସମେତ ସ୍ଥାନୀୟ ବହୁ ଜନସାଧାରଣ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ। ସେହିଭଳି ୧୩ନମ୍ବର ୱାର୍ଡ କର୍ପୋରେଟର ଶ୍ରୀମତୀ ବବି ନାୟକଙ୍କ ଉପସ୍ଥିତିରେ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇଙ୍କ ଦ୍ୱାରା ସମ୍ପୃକ୍ତ ଅଞ୍ଚଳରେ ଜଳଛତ୍ର ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ପୂର୍ବତନ କର୍ପୋରେଟର ଦଣ୍ଡପାଣି ନାୟକ ଓ ସ୍ଥାନୀୟ ରାଧାକୃଷ୍ଣ ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତା ଓ ସଦସ୍ୟା ସହଯୋଗ କରିଥିଲେ।




■ ୫ରୁ ନାଗପୁରରେ ଜାତୀୟ ବକ୍ସିଂ ପ୍ରତିଯୋଗିତା

# ଭାଗ ନେବାକୁ ଗଞ୍ଜାମରୁ ଗଲେ ୬ ଖେଳାଳି



ବ୍ରହ୍ମପୁର,୪।୪(ସମିସ): ଚଳିତ ମାର୍ଚ୍ଚ ମାସ ୫ରୁ ୧୧ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୭ତମ ଅଣ୍ଡର-୧୭ ଜୁନିଅର୍ ବାଳକ ଓ ବାଳିକା ଜାତୀୟ ବକ୍ସିଂ ପ୍ରତିଯୋଗିତାରେ ମୋଟ ୬ଜଣ ଖେଳାଳି ଭାଗ ନେବା ପାଇଁ ନାଗପୁର ଅଭିମୁଖେ ଯାତ୍ରା କରିଛନ୍ତି। ସେଥି ମଧ୍ୟରେ ବାଳକରେ ବେଦାମ୍ବର ବେହେରା, ପ୍ରୀୟାଂଶୁ ମଲ୍ଲିକ ଓ ନନ୍ଦନ ବିଦ୍ଧାଣୀ ଏବଂ ବାଳିକାରେ ଅର୍ପିତା ପଣ୍ଡା, ଏ. ରୀମସା ଦୋରା ଓ ଲିପ୍ସା ସାହୁ ରହିଛନ୍ତି। ସମସ୍ତ ବକ୍ସର ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଆନ୍ତର୍ଜାତୀୟ ବକ୍ସିଂ ପ୍ରଶିକ୍ଷକ ତଥା କୋଚ୍ ଶିଶିର କୁମାର ପାଣିଗ୍ରାହୀଙ୍କ ପାଖରେ ଅଭ୍ୟାସ କରୁଛନ୍ତି। ଖେଳାଳିଙ୍କ ସହ ୨ଜଣ କୋଚ୍ ଓ ମ୍ୟାନେଜର ରହିଛନ୍ତି। ଏହି ପ୍ରତିଯୋଗିତା ମହାରାଷ୍ଟ୍ର ନାଗପୁର ସହରର ଡ଼ିଭିଜନାଲ୍ ସ୍ପୋର୍ଟସ କମ୍ପ୍ଲେକ୍ସରେ ବକ୍ସିଂ ଫେଡରେସନ ଅଫ ଇଣ୍ଡିଆ ଓ ମହାରାଷ୍ଟ୍ର ଆମେଚ୍ୟୁର ବକ୍ସିଂ ଆସୋସିଏସନର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହେବ।

ଜିଲ୍ଲାର ବକ୍ସରମାନେ ଭଲ ପ୍ରଦର୍ଶନ କରିବେ ବୋଲି ଗଞ୍ଜାମ ଜିଲ୍ଲାର ବକ୍ସିଂ ସମ୍ପାଦକ କେ. ପ୍ରଭାକର ରାଓ ଓ ଗଞ୍ଜାମ ଜିଲ୍ଲା କ୍ରୀଡା ସଂସଦର ସମ୍ପାଦକ ଜେ. କାମେଶ୍ୱର ରାଓ କହିଛନ୍ତି। ରାଜ୍ୟ ବକ୍ସିଂ ରେଫରୀ ଜଜ୍ ଶିବରାମ ପାତ୍ର, ଲଡ୍ଡୁ କିଶୋର ସାହୁ, ବାବୁ ରାଓ, ସୁମନ ଦାସ, ଅବିନାଶ ନାୟକ, ବୁଲୁ ପାତ୍ର, ମୁନା ଗୌଡ଼, ସଞ୍ଜୟ ସେଠୀ, ବିପିନି ଗୌଡ଼, ଏ. ଯୋଗୀ ନନ୍ଦ, ଏସ. ସାଇ କିରଣ, ଅଶୋକ ସାହୁ, ଶରତ ମହାପାତ୍ର, ଉପେନ୍ଦ୍ର ପଟ୍ଟନାୟକ, ସମେତ ଆନ୍ତର୍ଜାତୀୟ ବକ୍ସର ମମତା ପଣ୍ଡା ଶୁଭେଚ୍ଛା ଜଣାଇଛନ୍ତି।

**ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଅଭିଯାନରେ ବିଇଏମ୍‌ସିକୁ ସଫଳତା**

# ଅଢ଼େଇ ମାସରେ ହେଲାଣି ୧୨୫୨ କୁକୁରଙ୍କ ଅସ୍ତ୍ରୋପଚାର

ବ୍ରହ୍ମପୁର,୪।୪(ସମିସ)

ସହରରେ ତ୍ୱରାନ୍ୱିତ ହୋଇଛି ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଅଭିଯାନ। 'ଏବିସି' ବା ଆନିମଲ ବାର୍ଥ କଣ୍ଟ୍ରୋଲ ଅଭିଯାନରେ ବ୍ରହ୍ମପୁର ମହାନଗର ନିଗମରେ ଗତ ଜାନୁଆରୀ ମଧ୍ୟ ଭାଗରେ ଆରମ୍ଭ ହୋଇଥିବା ଏହି ଅଭିଯାନକୁ ମିଳିଛି ବଡ ସଫଳତା। ମାତ୍ର ଅଢେଇ ମାସରେ ବର୍ତ୍ତମାନ ସୁଦ୍ଧା ସହରର ବିଭିନ୍ନ ୱାର୍ଡରେ ମୋଟ ୧୨୫୨ଟି ବୁଲା କୁକୁରଙ୍କ ବନ୍ଧ୍ୟାକରଣ ସଫଳତାର ସହିତ ସମ୍ପନ୍ନ ହୋଇପାରିଛି। ମିଳିଥିବା ସୂଚନା ପ୍ରକାରେ ଗତ ଜାନୁଆରୀ ମାସରେ ମାତ୍ର ୧୫ଦିନରେ ୨୬୭ଟି କୁକୁରଙ୍କ ବନ୍ଧ୍ୟାକରଣ ହୋଇଥିବା ବେଳେ ଫେବୃଆରୀରେ ୪୭୧ ଏବଂ ମାର୍ଚ୍ଚ ଶେଷ ସୁଦ୍ଧା ସହରରେ ୫୧୪ଟି ଏହିଭଳି ଗତ ଅଢେଇ ମାସରେ ସହରର ବିଭିନ୍ନ ୱାର୍ଡରେ ମୋଟ ୧୨୫୨ଟି ବୁଲା କୁକୁରଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଥିବା ଜଣାପଡିଛି। ସେଥିମଧ୍ୟରୁ ୭୪୨ଟି ପୁରୁଷ ଓ ୫୧୦ଟି ମହିଳା କୁକୁର ଥିବା ଜଣାପଡିଛି। ବୁଲା କୁକୁରଙ୍କ ବନ୍ଧ୍ୟାକରଣ ପରେ ସେମାନଙ୍କୁ ଅନ୍ତତଃ ୩ରୁ୪ଦିନ ରଖି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପରଖାଯାଉଛି। ପରେ ସେମାନଙ୍କୁ ସେମାନଙ୍କ ନିଜ ଅଞ୍ଚଳରେ ପୁନଃ ଛାଡଇ ଦିଆଯାଉଛି।

ଅଭିଯାନ ଆରମ୍ଭ ପୂର୍ବରୁ ହୋଇଥିବା ସର୍ଭେର୍ ଅନୁଯାୟୀ ସହରରେ ପ୍ରାୟ ୫ହଜାରରୁ ଅଧିକ ବୁଲା କୁକୁର ରହିଛନ୍ତି। ସମସ୍ତଙ୍କ ବନ୍ଧ୍ୟାକରଣ ପାଇଁ ଏକ ବର୍ଷର ସମୟସୀମା ଧାର୍ଯ୍ୟ କରାଯାଇଥିବା ବେଳେ ମାତ୍ର ଅଢେଇ ମାସରେ ଶତକଡା ୩୦ପ୍ରତିଶତରୁ ଅଧିକ କୁକୁରଙ୍କ ବନ୍ଧ୍ୟାକରଣ କରାଯାଇପାରିଛି। ଫଳରେ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସହରର ସମସ୍ତ ବୁଲା କୁକୁରଙ୍କ ବନ୍ଧ୍ୟାକରଣ କରାଯାଇପାରିବ ବୋଲି ଆଶା କରିଛନ୍ତି 'ଆଶ୍ରା' ସଂସ୍ଥାର ପ୍ରକଳ୍ପ ସଂଯୋଜକ ଅମିତ ଚୋଗଲେ। କେବଳ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ନୁହେଁ ବରଂ ସେମାନଙ୍କୁ ଧରାଯିବା ପରେ ସେମାନଙ୍କ ଠାରେ ଦେଖାଦେଉଥିବା ବିଭିନ୍ନ ଚର୍ମରୋଗ ଓ ଜଳାତଙ୍କ ରୋଗର ନିରାକରଣ ପାଇଁ ମଧ୍ୟ ଆବଶ୍ୟକ ଚିକିତ୍ସା ଓ ଟୀକା ଦିଆଯାଉଛି। ଦୈନିକ ୨୦ରୁ ୨୫ଟି ହିସାବରେ ମାସିକ ଅନ୍ୟୂନ ୫ଶହ ବୁଲା କୁକୁରଙ୍କୁ ଧରାଯାଇ ସେମାନଙ୍କ ବନ୍ଧ୍ୟାକରଣ ପାଇଁ ଟାର୍ଗେଟ କରାଯାଇଥିବା ବେଳେ ଦିନକୁ ଦିନ ଏହି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଥିପାଇଁ ମହାରାଷ୍ଟ୍ରର 'ଆଶ୍ରା' ନାମକ ସଂସ୍ଥା ସହିତ ବିଇଏମସି ପକ୍ଷରୁ ଚୁକ୍ତିନାମା ସ୍ୱାକ୍ଷରିତ କରାଯାଇଛି। ସମ୍ପୃକ୍ତ ସଂସ୍ଥା ପୁଣେ ସହରରେ ପୂର୍ବରୁ ସଫଳତାର ସହିତ କାର୍ଯ୍ୟ କରିଥିବା ତଥା ସ୍ୱତନ୍ତ୍ର ତାଲିମପ୍ରାପ୍ତ 'କୁକୁର ଧରାଳି' ବା 'ଡଗ୍ କ୍ୟାଚର'ଙ୍କୁ ଏଥିରେ ନିୟୋଜିତ କରିଛି।

ଏବିସି କାର୍ଯ୍ୟକ୍ରମ ଜରିଆରେ ସହରରେ ଜାରି ରହିଥିବା ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଅଭିଯାନ ଦ୍ୱାରା କେବଳ ସେମାନଙ୍କ ବଂଶ ନିୟନ୍ତ୍ରଣ ହେବ ଏହାଂ ନୁହେଁ ବରଂ ଏହା ଦ୍ୱାରା ସଡକ ଦୁର୍ଘଟଣା ସଂଖ୍ୟା ମଧ୍ୟ ହ୍ରାସ ପାଇପାରିବ। ଏଣୁ ଏହି ଅଭିଯାନରେ ବିଇଏମସିର ପଦକ୍ଷେପକୁ ଓ ଏଥିରେ ନିୟୋଜିତ 'ଆଶ୍ରା' ସଂସ୍ଥାର କର୍ମଚାରୀଙ୍କୁ ସହଯୋଗ କରିବାକୁ ସହରବାସୀଙ୍କୁ ବିଇଏମସି କମିଶନର ସୁଶ୍ରୀ ଏସ. ଶସ୍ୟା ରେଡ୍ଡୀ ନିବେଦନ କରିଛନ୍ତି। ସେପଟେ ସହରରେ ଥିବା ସମସ୍ତ କୁକୁରଙ୍କ ବନ୍ଧ୍ୟାକରଣ ପରେ ପୁନଃ ସର୍ଭେର୍ କରାଯିବ ଓ ସେମାନଙ୍କ ସଂଖ୍ୟା ନିରୁପଣ କରାଯିବ। କାରଣ ବର୍ତ୍ତମାନ ଚାଲିଥିବା ଅଭିଯାନରେ ଦୁର୍ବଳ ଓ ଗର୍ଭବତୀ ତଥା ଛୁଆ ଜନ୍ମ କରିଥିବା କୁକୁରଙ୍କୁ ବନ୍ଧ୍ୟାକରଣରୁ ବାଦ ଦିଆଯାଉଛି। ପରବର୍ତ୍ତି ସମୟରେ ସେମାନଙ୍କ ସଂଖ୍ୟା ଜଣାପଡିବା ପରେ ପୁନଃ ଅଭିଯାନକୁ ତ୍ୱରାନ୍ୱିତ କରାଯିବ ବୋଲି ସ୍ପଷ୍ଟ ସୂଚନା ଦେଇଛନ୍ତି କମିଶନର ସୁଶ୍ରୀ ଏ. ଶସ୍ୟା ରେଡ୍ଡୀ।



**■ ଧାର୍ଯ୍ୟ ସମୟ ମଧ୍ୟରେ ସହରରେ ୫ ହଜାରରୁ ଊର୍ଦ୍ଧ୍ୱ କୁକୁରଙ୍କର ହେବ ବନ୍ଧ୍ୟାକରଣ**

**■ 'ଏବିସି' ଅଭିଯାନ ଦ୍ୱାରା ବଂଶ ନିୟନ୍ତ୍ରଣ ସହ ହ୍ରାସ ପାଇବ ସଡକ ଦୁର୍ଘଟଣା: କମିଶନର**

# ଯୋଗାଣ ବିଭାଗର ଚଢ଼ଉ; ୧୫ ଗ୍ୟାସ୍ ସିଲିଣ୍ଡର ଜବତ

ଖୋର୍ଦ୍ଧା,୪।୪(ସମିସ): ଖୋର୍ଦ୍ଧା ଜିଲ୍ଲାରେ ରନ୍ଧନ ଗ୍ୟାସର କୃତ୍ରିମ ଅଭାବ ସୃଷ୍ଟି କରି ଚଡ଼ା ଦରରେ ବିକ୍ରି କରୁଥିବା ଅଭିଯୋଗରେ ଯୋଗାଣ ବିଭାଗ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲାପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ପୁରୁସାହି ଅଞ୍ଚଳରେ ଅତର୍କିତ ଚଢ଼ାଉ କରାଯାଇ ଆଜି ସମୁଦାୟ ୧୫ଟି ସିଲିଣ୍ଡର ଜବତ କରାଯାଇଛି। ଆଜି ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ପୁରୁସାହିଠାରେ ଗ୍ୟାସ କଳାବଜାରୀ କରୁଥିବା ବେଳେ ଚଢ଼ାଉ କରିଛି ଯୋଗାଣ ବିଭାଗ। ପୁରୁସାହି ଆଦିବାସୀସାହିର ସଞ୍ଜୟ ସାହୁ ଗାଁ ଛକଠାରେ କରିଥିବା ଗ୍ୟାସ ଉପକରଣ ଦୋକାନରେ ରନ୍ଧନ ଗ୍ୟାସ କଳାବଜାର କରୁଥିଲେ। ସଞ୍ଜୟଙ୍କ ଘରୁ ୧୫ ଗୋଟି ଏଲପିଜି ସିଲିଣ୍ଡର ଜବତ କରାଯାଇଛି। ତନ୍ମଧ୍ୟରୁ ୭ଟି ଫୁଲ୍ ସିଲିଣ୍ଡର ଏବଂ ୮ଟି ଖାଲି ସିଲିଣ୍ଡର ରହିଥିଲା।ଏତେ ସଂଖ୍ୟକ



ଏଲପିଜି ସିଲିଣ୍ଡରକୁ କଳାବଜାର କରିବା ନିମନ୍ତେ ରଖାଯାଇଥିଲା ବୋଲି ଯୋଗାଣ ବିଭାଗ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅନୁସନ୍ଧାନରୁ ଜଣାପଡିଛି ଯେ ଶ୍ରୀ ସାହୁ କିଛି ଗ୍ୟାସ କାର୍ଡ ଧାରୀଙ୍କୁ ହାତ କରି ସେମାନଙ୍କ ଠାରୁ କାର୍ଡ ରଖି ତାଙ୍କ ଖାତାରେ ସିଲିଣ୍ଡର ଉଠାଇ କଳାବଜାର କରୁଥିଲେ। ତେଣୁ ତାଙ୍କୁ ଧରିବା ଲାଗି ଖୋର୍ଦ୍ଧା ଜିଲ୍ଲା ଯୋଗାଣ ଅଧିକାରୀ ଡ. ଜ୍ଞାନେନ୍ଦ୍ରିୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଅପରାହ୍ନ ୩ଟାରୁ ରାତି ସାଢେ ୭ଟା ପର୍ଯ୍ୟନ୍ତ ଚଢଉ ଜାରୀ ରଖିଥିଲେ। ଚଢଉବେଳେ ସଞ୍ଜୟ ଗ୍ରାହକଙ୍କ ଠାରୁ ସିଲିଣ୍ଡର ପିଛା ୨୦୦୦ ରୁ ୨୫୦୦ ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଥିବା ଯୋଗାଣ ବିଭାଗ ଜାଣିବାକୁ ପାଇଥିବା ଡ. ମିଶ୍ର ପ୍ରକାଶ କରିଛନ୍ତି। ଜବତ ସମସ୍ତ ସିଲିଣ୍ଡରକୁ ମୁକୁନ୍ଦପ୍ରସାଦ ସ୍ଥିତଜଣେ ବିତରକଙ୍କ ଜିମାରେ ଦିଆଯାଇଥିବା ଜିଲ୍ଲା ଯୋଗାଣ ଅଧିକାରୀ ଡ. ମିଶ୍ର ସୂଚନା ଦେଇଛନ୍ତି। ଏଥିସହିତ ଅତ୍ୟାବଶ୍ୟକୀୟ ସାମଗ୍ରୀ କଳାବଜାରୀ ରୋକିବା ଲାଗି ଏହିପରି ଚଢ଼ାଉ ଜାରି ରହିବ ବୋଲି ଯୋଗାଣ ଅଧିକାରୀ ଡ. ମିଶ୍ର ପ୍ରକାଶ କରିଛନ୍ତି।

ଏହି ଚଢ଼ଉରେ ସହକାରୀ ଯୋଗାଣ ଅଧିକାରୀ ହିମାଂଶୁ ଭୂଷଣ ସାହୁ, ବିପିନ ବିହାରୀ ମହାପାତ୍ର ଏବଂ ଇନ୍ଦୁ ରେଖା ସାହୁଙ୍କ ସହ ବୋଲଗଡ଼ ଏବଂ ବେଗୁନିଆ ବ୍ଲକ୍ ର ଯୋଗାଣ ନୀରିକ୍ଷକ ସାମିଲ ହୋଇଥିଲେ।

# ଶହୀଦ ରଘୁ-ଦିବାକରଙ୍କ ପାଇଁ ଖୋର୍ଦ୍ଧା ଗର୍ବିତ

ଖୋର୍ଦ୍ଧା,୪।୪(ସମିସ): ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟ ପରିସରରେ ଶହୀଦ ରଘୁ-ଦିବାକର ସ୍ମୃତି କମିଟି ପକ୍ଷରୁ ରଘୁନାଥ ମହାନ୍ତି ଓ ଦିବାକର ପରିଡା ଫାଶୀ ଦିବସ ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲ ପରିସରରେ ଶହୀଦ ରଘୁ ଦିବାକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ପ୍ରଧାନ ଶିକ୍ଷକ ବିଭୁ ପ୍ରସାଦ ସେନାପତିଙ୍କ ଅଧକ୍ଷତାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ରଣପୁର ବିଦ୍ରୋହର ଲେଖକ, ସ୍ମୃତି କମିଟିର ଉପଦେଷ୍ଟା ତଥା ଶହୀଦ ଦିବାକର ପରିଡ଼ାଙ୍କ ବଂଶଜ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଯୋଗଦେଇ ରଣପୁର ବ୍ଲକ୍ ବାଦଭୂଇଁ ଗ୍ରାମରେ ୧୯୧୦ ଜୁଲାଇ ୧୦ରେ ଜନ୍ମ ଗ୍ରହଣ କରିଥିବା ରଘୁନାଥ ମହାନ୍ତି ଓ ଗଡ଼ବାଣୀକିଲ ଗ୍ରାମରେ ୧୯୧୧ ନଭେମ୍ବର ୩୦ରେ ଜନ୍ମ ଗ୍ରହଣ କରିଥିବା ଦିବାକର ପରିଡ଼ା ଖୋର୍ଦ୍ଧା ହାଇସ୍କୁଲର ଛାତ୍ରଥିଲେ ବୋଲି କହିଥିଲେ। ଦୁଇ ବନ୍ଧୁ ରାଜ ଶାସନର ଅନ୍ୟାୟ ଅନୀତି ଶୋଷଣ କଷଣ ତଥା ପ୍ରଜା ପୀଡ଼ନ କାର୍ଯ୍ୟ ବିରୋଧରେ ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ପ୍ରଜା ଆନ୍ଦୋଳନକୁ ଦମନ କରିବାକୁ ରଣପୁର ଆସି ୨୬ଟି ଗଡ଼ଜାତର ପଲିଟିକାଲ ଏଜେଂଟ ମେଜର ଆର.ଏଲ.ବେଜଲଗେଟ ପ୍ରଜାଙ୍କ ଠେଙ୍ଗା ମାଡ଼ରେ ନିହତ ହେଲେ। ଏହି ଘଟଣା ସାରା ବ୍ରିଟିଶ ଶାସିତ ଭାରତରେ ଚହଳ ପକାଇଥିଲା ଓ ଏହାର ବିଚାର କରାଯାଇ ସଂଗ୍ରାମୀ ଜନତାର ନେତା ରଘୁ-ଦିବାକରଙ୍କୁ ୧୯୪୧ମସିହା ଏପ୍ରିଲ ୪ତାରିଖରେ ବିହାରର ଭାଗଲପୁର ଫାଶୀ ଦିଆଯାଇଥିଲା। ଗଡ଼ଜାତୀୟ ସ୍ୱାଧୀନତା ସଂଗ୍ରାମରେ ଦୁଇ ଜଣ ଏକତ୍ର ଫାଶୀ ପାଇବା ବିରଳ ଘଟଣା ଥିଲା। ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗ ପାଇକ ସଂଗଠନର ସଭାପତି ଭୀମସେନ ପ୍ରଧାନ, ପୂର୍ବତନ ରେଲୱେ ଆରକ୍ଷୀ ଅଧିକ୍ଷକ ରାଜେନ୍ଦ୍ର କୁମାର ନରେନ୍ଦ୍ର, ଲକ୍ଷ୍ମୀଧର ସାମନ୍ତରାୟ, କଳିଙ୍ଗ ପାଇକ ସଂଗଠନର ସାଧାରଣ ସମ୍ପାଦକ



କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଅବସରପ୍ରାପ୍ତ ଫ୍ଲାଇଟ୍ ଲେଫ୍ଟନାଂଟ ବିଦ୍ୟାଧର ଲେଙ୍କା, ଉପେନ୍ଦ୍ର କୁମାର ସ୍ୱାଇଁ, ଭଗବନା ପଶ୍ଚିମ କବାଟ, ବିକ୍ରମ ଚମ୍ପତି, ବଂଶୀଧର ଦାସ, ମଧୁସୂଦନ ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ମହାରଣା, ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହଙ୍କ ସମେତ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ। ଶେଷରେ ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ବିମଳ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ସେହିପରି ସହିଦ୍ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କ ଫାଶୀ ଦିବସ ଏ.ଆଇ. ଡି. ଏସ୍.ଓ ପକ୍ଷରୁ ବିଜେବି ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଛି।

# ଠେଙ୍ଗାହାଟରେ ସାମ୍ବତ୍ସରିକ ଉତ୍ସବ

ଖୋର୍ଦ୍ଧା,୪।୪(ସମିସ): ଖୋର୍ଦ୍ଧା ପୋ÷ରାଞ୍ଚଳ ଅନ୍ତର୍ଗତ ଠେଙ୍ଗାହାଟ ମେଳଣ ପଡ଼ିଆ ଠାରେ ମା'ଗୋଠେଶ୍ୱରୀ ଶ୍ରୀରାମଚରିତ ମାନସ ପରିଷଦ ଦ୍ୱାରା ଊନବିଂଶତମ ସାମ୍ବତ୍ସରିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ଆରମ୍ଭ ହୋଇଛି। ଶତାଧିକ ମାନସିକ ମହିଳା ଓ ପୁରୁଷ ବ୍ରତୀଧାରୀମାନେ ଏକ କଳସ ଶୋଭାଯାତ୍ରା ପରିକ୍ରମା କରି ଯଜ୍ଞମଣ୍ଡପ ନିକଟରେ ପହଁଚିଥିଲେ। ୭ଦିନ ବ୍ୟାପି ହେବାକୁ ଥିବା ଉତ୍ସବରେ ପ୍ରତ୍ୟେହ ସୂର୍ଯ୍ୟପୂଜା, ପାରାୟଣ, ସାନ୍ଧ୍ୟ ପ୍ରବଚନ ଓ ଜ୍ଞାନ ଯଜ୍ଞ ଅନୁଷ୍ଠିତ ହେବ। ଆୟୋଜକ କମିଟି ପକ୍ଷରୁ ଦିନବନ୍ଧୁ ବିଶ୍ୱାଳ, ଶ୍ରୀନିବାସ ବିଶ୍ୱାଳ, ଲଳିତ ମୋହନ ପଣ୍ଡା, ପ୍ରକାଶ କୁମାର ଦାସ, ଲଳିତ ମୋହନ ମହାପାତ୍ର, ଅଶୋକ ମହାପାତ୍ର, ସୁବ୍ରତ ବାରିକ, ଆଶ୍ରିବାଦ ବେହେରା, ଜିତେନ୍ଦ୍ର କୁମାର ସାହୁ, ଗୋପାଳ କୃଷ୍ଣ ମହାନ୍ତି, ମହେନ୍ଦ୍ର କୁମାର ମିଶ୍ର, ବାବୁ ବେହେରା, ରାକେଶ ସାହୁ, ବିରେନ୍ଦ୍ର ବେହେରା, ପପୁ ବେହେରା ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକୁ ପରିଚାଳାନ କରୁଥିବା ବେଳେ ବ୍ୟାସ ପଣ୍ଡିତ ସନ୍ତୋଷ କୁମାର ବାହିନିପତି, ଆ.ର୍ଯ୍ୟ ସୁଦର୍ଶନ ମିଶ୍ର (କୁନି ଭାଇନା), ସେହିଭଳି ବକ୍ତାଭାବେ ପଣ୍ଡିତ ଗୋବିନ୍ଦ ଦାଶଜୀ ମହାରାଜ ପାରାୟଣ ଓ ପ୍ରବଚନ କାର୍ଯ୍ୟ ତୁଲାଉଛନ୍ତି।

# ମାମୁଁଭଣଜା ପାହାଡ଼ରେ ବାଘ ଗୁଜବ

ବାଲୁଗାଁ,୪।୪(ସମିସ);ବାଲୁଗାଁ ସହରର ଉତ୍ତର ପାଶ୍ୱର୍ ସ୍ଥିତ ମାମୁଁଭଣଜା ପାହଡରେ ଶନିବାର ଏକ ବାଘ ଘୁରି ବୁଲୁଥିବାର ଏକ ଭିଡିଓ ଭାଇରାଲ ହେଉଛି। ଉକ୍ତ ଭିଡିଓକୁ ଶନିବାର ସକାଳୁ କେହି ଜଣେ ବାଲୁଗାଁ ମାମୁଁଭଣଜା ପାହାଡର ଘଟଣା ବୋଲି ଲେଖି ଭିଡିଓ ଟି ଭାଇରାଲ କରିଛି। ଅନ୍ୟ କେଉଁ ସ୍ଥାନର ଘଟଣାକୁ ବାଲୁଗାଁ ମାମୁଁଭଣଜା ପାହାଡର ଘଟଣା ବୋଲି ଲେଖି କେହି ଏହି ଭିଡିଓ ଟିକୁ ଭାଇରାଲ କରିଦେଇଥିବା ବେଳେ ଏହା ଏକ ଗୁଜବ ବୋଲି ଜଣାପଡ଼ିଛି।

# ବ୍ରାଉନ୍ସୁଗର ସହ ୬ ଗାଡ଼ି ଜବତ; ୨ ଗିରଫ



ନିରାକାରପୁର,୪।୪ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ହାଜ ପଞ୍ଚାୟତ ଅଫିସ ନିକଟସ୍ଥ ଶାଗୁଆନ ଜଙ୍ଗଲରେ ପୁଲିସ ଏକ ବଡ଼ ଧରଣର ନିଶା କାରବାରକୁ ପଣ୍ଡ କରିଦେଇଛି। ଏହି ଚଢ଼ଉରେ ପୋଲିସ ପ୍ରାୟ ୫୨ ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରିବା ସହ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଆଜି ପୂର୍ବାହ୍ନରେ ଏସ.ଆଇ କେଶବ ଚନ୍ଦ୍ର ବେହେରା ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ ଯେ, ହଜ ପଞ୍ଚାୟତ ନିକଟସ୍ଥ ଜଙ୍ଗଲ ମଧ୍ୟରେ କିଛି ବ୍ୟକ୍ତି ବ୍ରାଉନସୁଗାର କାରବାର କରୁଛନ୍ତି। ଏହି ଖବର ଆଧାରରେ ସେ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରାଙ୍କ ନିର୍ଦ୍ଦେଶରେ ନିଜର ପୁଲିସ ଫୋର୍ସ ଏବଂ ଦୁଇଜଣ ସରକାରୀ ସାକ୍ଷୀଙ୍କ ସହ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ପୁଲିସ ଘଟଣାସ୍ଥଳରୁ ଦୁଇଜଣ ବ୍ୟକ୍ତିଙ୍କୁ କାବୁ କରିବା ସହ ସେମାନଙ୍କ ନିକଟରୁ ୫୨ ଗ୍ରାମ ବ୍ରାଉନସୁଗାର, ନଗଦ ଟଙ୍କା ୨୮ ୪୦୦ ଟଙ୍କା, ୨ କାର୍, ୪ ମୋଟର ସାଇକଲ ଜବତ୍ କରିଛି। ଗିରଫ ଅଭିଯୁକ୍ତ ହଜ ଗୋଡିସାହି ଅଞ୍ଚଳର ସନ୍ତୋଷ କୁମାର ବଳିଆରସିଂହ ଓରଫ ବାବି (୪୫) ଏବଂ ମଳିପଡ଼ା ମାଝିସାହିର ଅନିଲ ବଳିଆରସିଂହ ଓରଫ ଲିପା (୩୫)ଙ୍କୁ କୋର୍ଟ ଚାଲାଣ କରାଯିବା ନେଇ ସୂଚନା ମିଳିଛି।

# ନବରବି ସ୍ୱତନ୍ତ୍ର ଆବାସିକ ବିଦ୍ୟାପୀଠର ବାର୍ଷିକ ସାଧାରଣ ବୈଠକ



ବେଗୁନିଆ, ୪।୪(ସମିସ): ବେଗୁନିଆ ସଦର ମହକୁମାସ୍ଥିତ ନୂଆସାହିରେ ସ୍ୱତନ୍ତ୍ର ନବରବି ଆବାସିକ ବିଦ୍ୟାପୀଠର ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ତଥା ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତାରେ ଶିକ୍ଷାବିତ୍ ବୀରେନ୍ଦ୍ର କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟର ସୁପରିଚାଳନା ସହ ଅଧ୍ୟୟନ କରୁଥିବା କୋମଳମତି ଛାତ୍ରଛାତ୍ରୀମାନେ କିଭଳି ଉନ୍ନତ ମାନର ଶିକ୍ଷ ଲାଭ କରିବେ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ନୂତନ ଭାବେ ଶିଶୁ ବାଟିକାରେ ପ୍ରବେଶ କରିଥିବା ୧୫ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇ ଥିଲା। ସଭାର ପ୍ରାରମ୍ଭରେ ସମ୍ପାଦକ ଧୋବାନାଥ ସାହୁ ବାର୍ଷିକ ବିବରଣୀ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ବିନା ଅନୁମତିରେ ଚକ୍ଷୁ ପରୀକ୍ଷା ଶିବିର ଅଭିଯୋଗ

ଟାଙ୍ଗୀ, ୪।୪ (ସମିସ): ଟାଙ୍ଗୀ ଥାନା ଭୁଷଣ୍ଡପୁର ଫାଣ୍ଡି ଅଧୀନସ୍ଥ କନ୍ତଲବାଇ ପଞ୍ଚାୟତରେ ବିନାନୁମତିରେ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ କରାଯାଉଥିବା ଭୂଷଣ୍ଡପୁର ପ୍ରାଥମିକ ଚିକିତ୍ସାଳୟ କନ୍ତଲବାଇ ଆୟୁଷ ମେଡିକାଲ ଅଫିସର ଭୁଷଣ୍ଡପୁର ଫାଣ୍ଡି ରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏହି ଘଟଣା କୁ ଗୁରୁତ୍ୱ ର ସହ ନେଇ କ୍ୟାମ୍ପରେ କାର୍ଯ୍ୟରତ ବ୍ୟକ୍ତିମାନଙ୍କୁ ପୁଲିସ ହେପାଜତକୁ ନେଇ ପଚରାଉଚରା ପରେ ସତ ଘଟଣା ପଦାକୁ ଆସିଥିଲା। ଆଉ ଭବିଷ୍ୟତରେ ଏପରି ସ୍ୱାସ୍ଥ୍ୟ ଶିବିର କରିବେ ନାହିଁ ବୋଲି ସ୍ୱୀକାରୋକ୍ତି ଲେଖାଇବା ସହ ପୁନରାବୃତ୍ତି ନକରିବାକୁ ତାଗିଦ ମଦ କରାଯାଇଥିବା ଜଣାପଡିଛି। ମାତ୍ର ଏହାକୁ ଖାତିର ନକରି ସରକାରଙ୍କୁ ନ ଜଣାଇ ଗତକାଲି ମଧ ଟାଙ୍ଗୀ ବ୍ଲକ କମାଗୁରୁ ପଞ୍ଚାୟତରେ ରକ୍ଷୁ ଚିକିତ୍ସା ଶିବିର କରୁଥିବା ବେଳେ ବଡପୋଖରିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସୁପରଭାଇଜର ପହଞ୍ଚି ଏହି କ୍ୟାମ୍ପକୁ ଅଧାରୁ ବନ୍ଦ କରିଥିବା ଜଣାପଡିଛି। ଆଜି କୁହୁଡି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏହି ଅର୍ବାନ ହସ୍ପିଟାଲ ଆଖି ସଫା ହେବ କହି ଚକ୍ଷୁ ଚିକିତ୍ସା ଶିବିର କରିଥିବା ଜଣାପଡିଛି।

# ଆସାମରେ ଓଡ଼ିଶା ପକ୍ଷ

ଖୋର୍ଦ୍ଧା,୪।୪(ସମିସ): ଆସାମର ଦିବ୍ରୁଗଡ଼ ଜିଲ୍ଲାରେ ଓଡ଼ିଶା ପକ୍ଷ ପାଳିତ ହୋଇଯାଇଛି। ସେଠାରେ . ବଗି.ରେ କାମ କରୁଥିବା ଅନେକ ଓଡ଼ିଆଙ୍କ ସମେତ ସେଠାରେ ରହୁଥିବା ଓଡ଼ିଆଲୋକମାନେ ଓଡ଼ିଆ ପକ୍ଷ ପାଳନ କରିଛନ୍ତି। ସେ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ଗୋଡ଼ା ଲୋକନାଥଙ୍କ ପୀଠରେ ନୀଳାଚଂଳ ସତସଂଘ କାର୍ଯ୍ୟକ୍ରମର ଉପଦେଷ୍ଟା ଓ ଗୋଡ଼ା ଦାତବ୍ୟ ଚିକିତ୍ସାଳୟର ସଂଯୋଜକ ଏବଂ ଭୁବନେଶ୍ୱର



ଦୂରଦର୍ଶନ କେନ୍ଦ୍ରର ସହ ନିର୍ଦ୍ଦେଶକ ଇଂ. ଜ୍ଞାନ ରଞ୍ଜନ ସାହୁ ସେଠାକୁ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପକ୍ଷ ପାଳନରେ ସାମିଲ ହେଇଛନ୍ତି। ଓଡ଼ିଆ ଓ ଆସାମୀ ଭାଷା, ସାହିତ୍ୟ, ସଂସ୍କୃତି ବାବଦରେ ତୁଳନା କରି ଆସାମ ଓ ଓଡ଼ିଶା ଭିତରେ ଥିବା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ପ୍ରଶଂସା କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ଲୋକନାଥ ଦେବଙ୍କ ସେବା କମିଟି ଓ ଦାତବ୍ୟ ଚିକିତ୍ସାଳୟର ସଭାପତି କୃଷ୍ଣଚନ୍ଦ୍ର ହରିଚନ୍ଦନ ଓ ଟିକାତଳ ଆଶ୍ରମର ନୀଳାଚଂଳ ସତସଂଘର ସ୍ୱାମୀ ଭଗବତାନନ୍ଦ ପୁରୀ ଏହି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଛନ୍ତି।

# ଧର୍ମପରାୟଣ ମହିଳାଙ୍କ ବିୟୋଗ

ଟାଙ୍ଗୀ,୪।୪(ସମିସ) : ଟାଙ୍ଗୀ ବ୍ଲକ ରତନପୁର ବଧୀସାହିର ସମାଜସେବୀ ପ୍ରଭାକର ପ୍ରଧାନଙ୍କ ଧର୍ମ ପରାୟଣ ପତ୍ନୀ ସସ୍ମିତା ପ୍ରଧାନଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୬ ବର୍ଷ ବୟସ ହୋଇଥିଲା। ତାଙ୍କ ମର ଶରୀର ରତନପୁର ବଧିସାହି ସ୍ଥିତ ବାସଭବନରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଭଳି ଦୁଃଖଦ ଖବର ପାଇ ସାମ୍ବାଦିକ ରମେଶ ଚନ୍ଦ୍ର ନାଇଡୁ ଗଭୀର ଶୋକବ୍ୟକ୍ତ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁତ୍ରରା ଅଶୋକ ପ୍ରଧାନ ମୁଖାଗ୍ନି ପ୍ରଦାନ କରିଥିଲେ।

# ଅଧ୍ୟାପିକାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଚିଲିକା, ୪।୪(ସମିସ): ଖୋର୍ଦ୍ଧା ଜିଲ୍ଲା ନାଚୁଣୀ ମହାବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ଅଧ୍ୟାପିକା କଲ୍ୟାଣୀ ମହାନ୍ତିଙ୍କୁ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ତରଫରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଅଛି। ଏହି ଉପଲକ୍ଷେ ମହାବିଦ୍ୟାଳୟ ପରିସର ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସୁନୀଲ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କବିତା ଦେବୀ ମଞ୍ଚ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ଦେବଦତ୍ତ ପାଣି।



# ଓଡ଼ିଆରେ ନାମଫଳକ ଲେଖିବାକୁ ସଚେତନତା କାର୍ଯ୍ୟକ୍ରମ

ବାଣପୁର,୪।୪(ସମିସ) : ଓଡିଆ ପକ୍ଷ ପାଳନ ଅବସରରେ ବାଣପୁରର ବରିଷ୍ଠ ନାଗରିକ ସଂଘ ଓ ସାହିତ୍ୟ ସିନ୍ଧୁରା ମିଳିତ ଆନୁକୂଲ୍ୟରେ ଓଡ଼ିଆରେ ନାମ ଫଳକ ଲେଖିବା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଣପୁର ବରିଷ୍ଠ ନାଗରିକ ସଙ୍ଘ ସଭାପତି ଚିନ୍ତାମଣୀ ମିଶ୍ର ଓ ସାହିତ୍ୟ ସିନ୍ଧୁରାର ପ୍ରତିଷ୍ଠତା ଗୋଲକ ବିହାରୀ ପରିଡାଙ୍କ ତତ୍ତ୍ୱାବଧାନରେ ରବୀନ୍ଦ୍ର ନାଥମାନସିଂ, ଲକ୍ଷ୍ମୀ ଚରଣ ପ୍ରଧାନ ଓ ବିଷ୍ଣୁପ୍ରିୟା ବାରିକ ପ୍ରମୁଖଙ୍କ ସମେତ ବହୁ କର୍ମକର୍ତ୍ତା ଏହି ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇ ବ୍ୟାନର ଓ ପ୍ଲାକାର୍ଡ ଧରି ବାଣପୁର ପଲଟଣ ପଡିଆ ନିକଟସ୍ଥ ମା' ଟିକିରାଇ ମନ୍ଦିରରୁ ସଚେତନତା ଶୋଭାଯାତ୍ରାରେ ବାହାରି ବିସରପାଟଣା ଛକ ପର୍ଯ୍ୟନ୍ତ ପରିକ୍ରମା କରି ଓଡ଼ିଆରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନେ ନିଜେ ନିଜର ନାମ ଫଳକକୁ ଓଡ଼ିଆ ଭାଷାରେ ଲେଖିବାକୁ ଲୋକଙ୍କୁ ସଚେତନ କରାଇଥିଲେ।

# ଖୋର୍ଦ୍ଧା ଜିଲ୍ଲା ଯାଦବ ସଂଗଠନର କର୍ମକର୍ତ୍ତା ନିର୍ବାଚନ

ଖୋର୍ଦ୍ଧା,୪।୪(ସମିସ): ଗୁରୁଜଙ୍ଗସ୍ଥିତ ବାବା ଧବଳେଶ୍ୱର ଦେବଙ୍କ ପୀଠରେ ଖୋର୍ଦ୍ଧା ଜିଲ୍ଲା ଯାଦବ ସଂଗଠନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ କର୍ମକର୍ତ୍ତାଙ୍କ ଲାଗି ନିର୍ବାଚନ କରାଯାଇଛି। ବୈଠକରେ ଜିଲ୍ଲାର ସମସ୍ତ ୬ଟି ଜୋନର ସଭାପତି, ସମ୍ପାଦକ ତଥା ବେହେରା ଭାଇମାନେ ଉପସ୍ଥିତ ଥିଲେ। ଏଥିରେ କୃଷ୍ଣଚନ୍ଦ୍ର ସୁବୁଦ୍ଧି ସଭାପତି, ଅର୍ଜୁନ ବେହେରା ଉପସଭାପତି, ଗଗନ ବିହାରି ବେହେରା ସମ୍ପାଦକ, ଆନନ୍ଦଚନ୍ଦ୍ର ବେହେରା କୋଷାଧକ୍ଷ, ପରିଚାଳନା ପରିଷଦରେ ୬ଟି ଜୋନର ସଭାପତି ଓ ସମ୍ପାଦକ ରହିଲେ। ବରିଷ୍ଠ ମଣ୍ଡଳୀରେ ଶ୍ରୀଧର ଦାସ, ଦୁର୍ଯ୍ୟୋଧନ ବେହେରା, ଗୋପୀନାଥ ବେହେରା, କୈଳାସ ମାଣ୍ଡୋଇ, ଶରତଚନ୍ଦ୍ର ବେହେରା, ଲଲାଟ ବେହେରା, ଜୟକୃଷ୍ଣ ବେହେରା ଓ ଗୋଲଖ ଦାସ ପ୍ରମୁଖ ରହିଛନ୍ତି। ନିର୍ବାଚନରେ ଶ୍ରୀଧର ଦାସ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନା ପରିଚାଳନା କରିଥିଲେ।

# ଖଡ଼ିଛୁଆଁ, ପ୍ରବେଶ ଉତ୍ସବ ଓ ଶିକ୍ଷାରଥ କାର୍ଯ୍ୟକ୍ରମ

ଖୋର୍ଦ୍ଧା,୪।୪(ସମିସ): ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଏବଂ ଓସେପାର ନିୟମାବଳୀ ଅନୁସାରେ ଆଜି ଖୋର୍ଦ୍ଧା ବ୍ଲକ ସ୍ତରୀୟ ଖଡ଼ିଛୁଆଁ, ପ୍ରବେଶ ଉତ୍ସବ ଓ ଶିକ୍ଷାରଥ ପରିଭ୍ରମଣ କାର୍ଯ୍ୟକ୍ରମ ଖୋର୍ଦ୍ଧା ପୌରପରିଷଦ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମକୁନ୍ଦପ୍ରସାଦରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଯାଜ୍ଞସେନୀ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ସମ୍ମାନୀତ ଅତିଥି ଭାବେ ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି ଯୋଗଦେଇ ସରକାରଙ୍କ ଆଭିମୁଖ୍ୟକୁ ଜନସାଧାରଣଙ୍କ ନିକଟରେ ପହଁଚାଇବା ସହିତ ଶିଶୁ ବଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ଆସିଥିବା କୁନି କୁନି ଛାତ୍ରଛାତ୍ରୀମାନଙ୍କୁ ଚନ୍ଦନ, ପୁଷ୍ପ ଓ ଦୀପ ଦ୍ୱାରା ସ୍ୱାଗତ କରିବା ସହ ଖଡ଼ି ଛୁଆଁ ପୂର୍ବକ ବିଦ୍ୟା ଆରମ୍ଭ କରାଇଥିଲେ। ଉତ୍ସବରେ ମଣ୍ଡଳସାଧନ କେନ୍ଦ୍ର ସଂଯୋଜିକା ସନ୍ଧ୍ୟାବତୀ ଲେଙ୍କା ଏବଂ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ ଅଭିଭାବକଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ ଆଜିର ଶିଶୁ କାଲିର ଭବିଷ୍ୟତ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମି ଦାସ ଧନ୍ୟବାଦ ଦେଇଥିଲେ।



**ନିରାକାରପୁର:** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଲଳିତପାଟପୁର କ୍ଲଷ୍ଟର ଅଧୀନସ୍ଥ ରେଙ୍ଗଟା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ, "ପ୍ରବେଶ ଉତ୍ସବ' ଓ "ଖଡ଼ିଛୁଆଁ' କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଲେଣ୍ଟୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଅତିଥି ଭାବେ ସାମ୍ବାଦିକ ହିମାଂଶୁ ଭୂଷଣ ଚମ୍ପତିରାୟ, ସାମ୍ବାଦିକ ଉମେଶ ଚନ୍ଦ୍ର ପଟ୍ଟନାୟକ, ସାମାଜିକ କର୍ମୀ ଭାସ୍କର ଚନ୍ଦ୍ର ସ୍ୱାଇଁ, ସରକାରୀ ପ୍ରାଥମିକ ବିଦ୍ୟାଳୟ ନିରାକାରପୁର ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ସାହୁ, ସରକାରୀ ପ୍ରାଥମିକ ବିଦ୍ୟାଳୟ ଭାଗବତୀପଡ଼ା ପ୍ରଧାନ ଶିକ୍ଷକ ରବି ଭୋଇ, ସରକାରୀ ପ୍ରାଥମିକ ବିଦ୍ୟାଳୟ କୁନିଆସାମନ୍ତରାପୁର ସହକାରୀ ଶିକ୍ଷକ ସୁଶାନ୍ତ କୁମାର ସ୍ୱାଇଁ, ସୁବାସ ଚନ୍ଦ୍ର ଦାଶ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତ୍ରିବେଣୀ ପ୍ରଧାନ, ସାମାଜିକ କର୍ମୀ ସନାତନ ବାରିକ୍ ଓ ୱାର୍ଡ ମେମ୍ବର ଝୁନା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷୟିତ୍ରୀ ଉନିତା ହରିଚନ୍ଦନ। ପ୍ରଧାନ ଶିକ୍ଷକ ଅମର କୁମାର ଜୟସିଂହଙ୍କ ତତ୍ତ୍ୱାବଧାନରେ ଶିଶୁ ବାଟିକାର ଗୁରୁତ୍ୱ ଏବଂ ଗୁଣାତ୍ମକ ଶିକ୍ଷା ଉପରେ ଆଲୋକପାତ କରାଯାଇଥିଲା।

**ବେଗୁନିଆ :** ବେଗୁନିଆ ବ୍ଲକ ଅନ୍ତର୍ଗତ ବଡବେରଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅର୍ଣ୍ଣବ କୁମାର ବେଉରାଙ୍କ ଅଧକ୍ଷତାରେ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟଅତିଥି, ଶିକ୍ଷାବିତ୍ ଭଗବାନ ପଣ୍ଡା ମୁଖ୍ୟବକ୍ତା, ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରଶିକ୍ଷିକା ଶିଖା ସିଆଲ, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ କୈଳାସ ଚନ୍ଦ୍ର ସେଠୀ, ସରପଞ୍ଚ ଅସିତ୍ ତ୍ରିପାଠୀ, ପଞ୍ଚସଖା ଶିକ୍ଷା ସେତୁର ସଭାପତି ପୁରୁଷୋତ୍ତମ ମହାପାତ୍ର, ପରିଚାଳନା କମିଟି ସଭାପତି ପ୍ରଭାତ କୁମାର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ
ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ପ୍ରଭା ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ।

**ଟାଙ୍ଗୀ:** ଟାଙ୍ଗୀ ବ୍ଲକ ଅଧିନସ୍ଥ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରବେଶ ଉତ୍ସବ ଏବଂ ଖଡି ଛୁଆଁ କାର୍ଯ୍ୟକ୍ରମ କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଅଧକ୍ଷତାରେ ପଞ୍ଚସଖା ଶିକ୍ଷା ସେତୁ ସଭାନେତ୍ରୀ ରାଜେଶ୍ୱରୀ ହାଲଦାର, ପରିଚାଳନା କମିଟି ସଭ୍ୟା ରିତୁ ମଣ୍ଡଳ, ଚିତ୍ତରଞ୍ଜନ ମଣ୍ଡଳ, ଧନଞ୍ଜୟ ମଣ୍ଡଳ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଥିଲେ। ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୀଣାପାଣି ମଣ୍ଡଳ, ଗାୟତ୍ରୀ ବିଶ୍ୱାସ, ରିଙ୍କି ବୈରାଗୀ, ମଲିନା ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**ବାଲୁଗାଁ :** ଖୋର୍ଦ୍ଧା ଜିଲ୍ଲାର ଚିଲିକା ବ୍ଲକ ଓ ବାଣପୁର ବ୍ଲକ ଶିକ୍ଷା ବିଭାଗ ତରଫରୁ ବ୍ଲକ ଅନ୍ତର୍ଗତ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁଇ ବ୍ଲକ ଅଧିନ ବିଭିନ୍ନ ବିଦ୍ୟାଳୟରେ ବ୍ଲକ ଶିକ୍ଷା ଅଧିକାରୀ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ନୂତନ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ପ୍ରବେଶ କରାଇ ନାମ ଲେଖାଇବା ସହ ଖଡ଼ିଛୁଆଁଇ ବିଦ୍ୟା ଆରମ୍ଭ କରାଯାଇଛି।

୪/୪/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୫୫,୩୪୨/- ସୁନା:୦୪.୭୦୦ ଗ୍ରାମ୍ ରୁପା: ୧୩.୩୦୦ ଗ୍ରାମ୍



# ବଢ଼ିଲାଣି ଖରା; ଅଧିକାଂଶ ତୁଆ ଶୁଖିଲା



**ପାଣି ପାଇଁ ବାଟ ହୁଡୁଛନ୍ତି ହରିଣ**

ପୁରୀ,୪।୪(ସମିସ): ସମୁଦ୍ର କୂଳରେ ବାଲୁଖଣ୍ଡ ଅଭୟାରଣ୍ୟ ଏକ ସୁନ୍ଦର ସୃଷ୍ଟି। ମନୁଷ୍ୟକୃତ ଏହି ଅଭୟାରଣ୍ୟରେ ଗାଡ଼ଭାଲୁ, କୁଟୁରା, ଠେକୁଆ ଆଦି ବିଭିନ୍ନ ପ୍ରକାର ଜୀବଜନ୍ତୁ ରହୁଥିଲେ ମଧ୍ୟ ଏଠାରେ ପ୍ରମୁଖ ଆକର୍ଷଣ ହେଉଛନ୍ତି ଚିତ୍ରା ହରିଣ। ବାତ୍ୟା ଫନୀ ପରେ ଏମାନଙ୍କ ସଂଖ୍ୟା ଯଥେଷ୍ଟ କମିଯାଇଥିଲା। ଏବେ କିନ୍ତୁ ଏମାନଙ୍କ ସଂଖ୍ୟା ପୂର୍ବାବସ୍ଥାକୁ ଫେରିଥିବା କୁହାଯାଉଛି। ହେଲେ ଯାହା ବି ହରିଣ ଅଛନ୍ତି ସେମାନଙ୍କୁ ପର୍ଯ୍ୟାପ୍ତ ଖାଦ୍ୟ, ପାନୀୟ ଜଳ ମିଳୁନାହିଁ। ଜଙ୍ଗଲ ଭିତରେ ଯଦିଓ ବିଭିନ୍ନ ଗଛର ପତ୍ର ଓ ଘାସ ଖାଇ ଭୋକ ମେଣ୍ଟାଉଛନ୍ତି କିନ୍ତୁ ପାଣିର ଅଭାବ ରହିଛି। ଫଳରେ ବିଭିନ୍ନ ସମୟରେ ପାଣି ପାଇଁ ବାଟ ହୁଡୁଛନ୍ତି ହରିଣ। ଅନେକ ସମୟରେ ଜନବସତିମୁହାଁ ହେଉଥିବା ହରିଣ ବିପଦରେ ପଡୁଛନ୍ତି। କେତେବେଳେ ବୁଲା କୁକୁରଙ୍କ ଶିକାର ହେଉଛନ୍ତି ତ ପୁଣି କେତେବେଳେ ଗାଡ଼ି ଦୁର୍ଘଟଣା ଏପରି କି ଡ୍ରେନ୍‌ରେ ପଡ଼ି ଏମାନଙ୍କ ଜୀବନ ଯାଉଛି। ଏମିତି ନିୟମିତ ବ୍ୟବଧାନରେ ହରିଣଙ୍କୁ ଠାବ କରାଯାଉଛି।

ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ରୋଡ୍‌ରେ ଅବସ୍ଥିତ ବାଲୁଖଣ୍ଡ ଅଭୟାରଣ୍ୟ। ୨୦୧୯ ର ଫନୀ ବାତ୍ୟା ଅଭୟାରଣ୍ୟ ସବୁଜିମାକୁ ଧୂଳିସାତ୍ କରି ଦେଇଥିଲା। ବାତ୍ୟାରେ ଲକ୍ଷ ଲକ୍ଷ ଗଛ ଧରାଶାୟୀ ହୋଇଥିବାବେଳେ ହରିଣ ଏଣେତେଣେ ପଳାଇ ଯାଇଥିଲେ। ଇତିମଧ୍ୟରେ ପୁଣି ଅଭୟାରଣ୍ୟରେ ଚିତ୍ରା ହରିଣଙ୍କ ଗହଳି ବାରି ହେଉଛି। ହେଲେ ଦ୍ରୁତ ସହରୀକରଣ ଯୋଗୁଁ ଏହା ମଧ୍ୟରେ ରହୁଥିବା ଜୀବଜନ୍ତୁଙ୍କ ଜୀବନଶୈଳୀ ପ୍ରଭାବିତ ହେବାରେ ଲାଗିଛି। ଗୋଟିଏପଟେ ଜଙ୍ଗଲ ସଂକୁଚିତ ହେଉଥିବାବେଳେ ଅନ୍ୟପଟେ ବନ୍ୟପ୍ରାଣୀଙ୍କ ବାସ ପାଇଁ ସଙ୍କଟ ସୃଷ୍ଟି ହେଲାଣି। ବିଶେଷକରି ହରିଣଙ୍କ ପାଇଁ ଖାଦ୍ୟ ଓ ପାନୀୟ ସଙ୍କଟ ଯୋଗୁଁ ବେଳେବେଳେ ସେମାନେ ମୃତାହତ ହେଉଛନ୍ତି। ବାତ୍ୟାରେ ଅଭୟାରଣ୍ୟର ଏକର ଏକର ଜାଗାରୁ ଗଛ ଉପୁଡ଼ି ଯିବାରୁ ସେହି ସ୍ଥାନ ଫାଙ୍କା ରହିଛି। ପୂର୍ବରୁ ହରିଣଙ୍କୁ ଯେଉଁଭଳି ପର୍ଯ୍ୟାପ୍ତ ସବୁଜ ଘାସ ମିଳୁଥିଲା ତାହା ଆଉ ମିଳୁନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଖାଦ୍ୟ ତ ଯାହା ଯେମିତି ଜଙ୍ଗଲରୁ ପାଉଛନ୍ତି ହେଲେ ପାଣିର ଘୋର୍ ଅଭାବ ଦେଖାଦେଲାଣି। ଆଗକୁ ଆହୁରି ତାତି ବଢ଼ିବ। ତେଣୁ ପାଣି ପାଇଁ ହରିଣ ଉହଳବିକଳ ହୋଇ ଜନବସତିମୁହାଁ ହେବେ। ଫଳରେ ବିପଦରେ ପଡ଼ିବା ଏକପ୍ରକାର ନିଶ୍ଚିତ ବୋଲି ମତ ଦେଇଛନ୍ତି ପରିବେଶବିତ୍।

ଅଭୟାରଣ୍ୟ ମଧ୍ୟରେ ହରିଣଙ୍କ ଶୋଷ ମେଣ୍ଟାଇବା ପାଇଁ ଖୋଳାଯାଇଥିବା ତୁଆ ଓ ପୋଖରୀ ଅବସ୍ଥା ନ କହିବା ଭଲ। ଅଧିକାଂଶ ତୁଆ ଓ ପୋଖରୀ ଏକପ୍ରକାର ଶୁଖିଲା ପଡ଼ିଛି। କେଉଁଠି ପାଦେ ପାଣି ତ ଆଉ କେଉଁଠି ବାଲି ଧସି ପୋତି ହୋଇପଡ଼ିବା ଅବସ୍ଥାରେ। ଖରା ଆରମ୍ଭରୁ ଯଦି ତୁଆର ଅବସ୍ଥା ଏମିତି ଆଗକୁ ପରିସ୍ଥିତି କ'ଣ ହେବ ତାହା ଏଥିରୁ ଅନୁମେୟ। ଜାଲି ଶଙ୍ଖ ନିକଟରେ ଥିବା ପୋଖରୀରେ ପାଦେ ପାଣି ଥିବାବେଳେ ମାନିଆ ରୋଡ୍‌ରେ ଥିବା ପୋଖରୀ ଶୁଖିଲା ପଡ଼ିଛି। ସେହିପରି ମୁଖ୍ୟ ରାସ୍ତାରୁ ବେଲେଶ୍ୱର ସମୁଦ୍ରକୂଳ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଥିବା ତୁଆରେ ପାଣି ନାହିଁ। ମୁଖ୍ୟ ରାସ୍ତାରୁ ବେଲେଶ୍ୱରକୁ ଯିବା ମୁହଁରେ ଥିବା ପୋଖରୀ ଜଙ୍ଗଲ ଅନ୍ତର୍ଭୁକ୍ତ। କିନ୍ତୁ ସେଥିରେ ମାଛ ଚାଷ ଯୋଗୁଁ ପକାଯାଉଥିବା ଖାଦ୍ୟ ଔଷଧ ଯୋଗୁଁ ଏହାର ପାଣି ବନ୍ୟଜନ୍ତୁଙ୍କ ପାଇଁ ସୁରକ୍ଷିତ ନୁହେଁ ବୋଲି ଅନେକ ମତ ଦେଉଛନ୍ତି। ମୋଟାମୋଟି କହିବାକୁ ଗଲେ ବିଭିନ୍ନ ରେଞ୍ଜରେ ହରିଣଙ୍କ ପିଇବା ପାଇଁ ଯେତିକି ପୋଖରୀ ଅଛି ପ୍ରାୟ ୭୦ ପ୍ରତିଶତରୁ ପାଣି ଶୁଖିଲାଣି। ଖରା ଆରମ୍ଭରୁ ଏ ସବୁରେ ପର୍ଯ୍ୟାପ୍ତ ପାଣି ବ୍ୟବସ୍ଥା କରାଯିବା କଥା। କିନ୍ତୁ ଏହା ହୋଇ ନ ଥିବାରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ପରିବେଶବିତ୍।

ବଡ଼ କଥା ହେଉଛି ବାଲିରେ ତୁଆ ଖୋଳା ଯାଉଥିବାରୁ ହରିଣ ପାଣି ପିଇବାକୁ ଆସିଲେ ବାଲି ଧସି ତାହା ଶୀଘ୍ର ପୋତି ହୋଇଯାଉଛି। ତେଣୁ ଏହାର ବିକଳ୍ପ ଚିନ୍ତା ହେବା ଦରକାର। ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ସିମେଣ୍ଟ କୁଣ୍ଡ ତିଆରି କରି ଏହା ମଧ୍ୟକୁ ଯଦି ପାଇପ୍ ଯୋଗେ ଜଳଯୋଗାଣର ବ୍ୟବସ୍ଥା କରାଯାଆନ୍ତା ତେବେ ଏହି ସମସ୍ୟା ହୁଅନ୍ତା ନାହିଁ ବୋଲି ଅନେକ ମତ ଦିଅନ୍ତି। ବାଲୁଖଣ୍ଡରେ ପର୍ଯ୍ୟାପ୍ତ ପିଇବା ପାଣି ଅଭାବ ଯୋଗୁଁ ଅନେକ ସମୟରେ ହରିଣ ଜନବସତିମୁହାଁ ହେଉଛନ୍ତି। କେତେବେଳେ ରାସ୍ତା ପାର୍ ବେଳେ ଗାଡ଼ିମୋଟର ଦୁର୍ଘଟଣାର ଶିକାର ହୋଇ ମୃତାହତ ହେଉଛନ୍ତି ତ ପୁଣି କେତେବେଳେ ବୁଲା କୁକୁର ଏବଂ ମଣିଷଙ୍କର ବି ଶିକାର ପାଲଟି ଯାଉଛନ୍ତି। ନିୟମିତ ଏହି ଖବର ଆସୁଛି। ଆଗକୁ ଖରା ବଢ଼ିବ। ତେଣୁ ହରିଣଙ୍କ ସୁରକ୍ଷା ପାଇଁ ବନ ବିଭାଗ ଏବେଠାରୁ ଯୋଜନା କରିବା ଆବଶ୍ୟକ।

## ଷ୍ଟେସନରୁ ୨୯.୫ କେଜି ଗଞ୍ଜେଇ ଜବତ



ପୁରୀ,୪।୪(ସମିସ): ପୁରୀ ଷ୍ଟେସନରୁ ଶନିବାର ୨୯ କିଗ୍ରା ୫୦୦ ଗ୍ରାମ୍ ଗଞ୍ଜେଇ ଜବତ ହୋଇଛି। ପୂର୍ବାହ୍ଣରେ ଆର୍‌ପିଏଫ୍ ଏବଂ ପୁଲିସ ମିଳିତ ଭାବେ ଷ୍ଟେସନରେ ଯାଞ୍ଚ୍ କରୁଥିଲେ। ଏହି ସମୟରେ ୧ ନମ୍ବର ପ୍ଲାଟ୍‌ଫର୍ମ ୧୧୨ ନମ୍ବର ସିମେଣ୍ଟ ବେଞ୍ଚ୍ ତଳେ ଏକ ପ୍ଲାଷ୍ଟିକ୍ ବସ୍ତା ପଡ଼ିଥିବା ଦେଖିଥିଲେ। ଏଥିରେ କିଛି ସାମଗ୍ରୀ ଭର୍ତ୍ତି ଥିଲା। ଏହାକୁ ଖୋଲିବାରୁ ସେଥିରେ ୨୯ କେଜି ୫୦୦ ଗ୍ରାମ୍ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏହାପରେ ଗଞ୍ଜେଇକୁ ଜିଆର୍‌ପି ଥାନାକୁ ହସ୍ତାନ୍ତର କରାଯାଇଥିଲା। ଏ ନେଇ ଜିଆର୍‌ପି ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି। ସିସିଟିଭି ଫୁଟେଜ୍ ମଧ୍ୟ ଯାଞ୍ଚ୍ କରାଯାଉଛି। କିଏ ଏହାକୁ ଆଣିଥିଲା ଏବଂ କେଉଁ ପରିସ୍ଥିତିରେ ବେଞ୍ଚ୍ ତଳେ ରହିଥିଲା ସେ ନେଇ ଅଧିକ ଖୋଳତାଡ଼ କରାଯାଉଥିବା କହିଛି ପୁଲିସ।

## ସମୁଦ୍ରରେ ବୁଡ଼ିଯାଉଥିବା ପର୍ଯ୍ୟଟକ ଉଦ୍ଧାର

ପୁରୀ,୪।୪(ସମିସ): ପୁରୀ ସମୁଦ୍ରରେ ବିଭିନ୍ନ ସମୟରେ ଅଘଟଣ ଘଟୁଛି। ଗାଧୋଇବା ବେଳେ ଲହଡ଼ି ମାଡ଼ରେ ହେଉ କି ବୁଡ଼ିଯାଇ ପର୍ଯ୍ୟଟକ ମୃତାହତ ହେଉଛନ୍ତି। ଏଇ କିଛିଦିନ ହେବ ରିପ୍ କରେଣ୍ଟ ଘାତକ ସାଜିଛି। ନିକଟରେ ୩ ଜଣଙ୍କ ଜୀବନ ଯାଇଥିବାବେଳେ ବିଭିନ୍ନ ସମୟରେ ପର୍ଯ୍ୟଟକ ବୁଡ଼ିଯାଉଛନ୍ତି। ହେଲେ ଲାଇଫ୍‌ଗାର୍ଡମାନେ ଦେବଦୂତ ସାଜି ସେମାନଙ୍କୁ ଉଦ୍ଧାର କରୁଛନ୍ତି। ଶନିବାର ବି ଜଣେ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଛନ୍ତି ଲାଇଫ୍‌ଗାର୍ଡ। ଅପରାହ୍ଣ ପ୍ରାୟ ୪ଟା ସମୟରେ ସେକ୍ଟର ୩ରୁ ଜଣେ ବାଳକକୁ ଜେଟ୍‌ସ୍କି ସାହାଯ୍ୟରେ ଉଦ୍ଧାର କରାଯାଇଛି। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ସମୟଚିତ ସାହୁ (୧୪) ଗାଧୋଇବାବେଳେ ବୁଡ଼ି ଯାଇଥିଲେ। ଏହାଦେଖି ଲାଇଫ୍‌ଗାର୍ଡମାନେ ତାଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। ଜେଟ୍‌ସ୍କି ସାହାଯ୍ୟରେ ସମୟଚିତଙ୍କୁ ୩ ଓ ୪ ନମ୍ବର ସେକ୍ଟର ମଧ୍ୟରୁ ଉଦ୍ଧାର କରିଥିଲେ।

## ଶ୍ରୀକ୍ଷେତ୍ରରେ ସାହିଯାତ; ବନ୍ଧା ହେଲା ସେତୁବନ୍ଧ





ପୁରୀ,୪।୪(ସମିସ): ହନୁମାନ ଅଶୋକ ବନରେ ସୀତାଙ୍କୁ ଠାବ କରିବା ପରେ ଲଙ୍କା ଆକ୍ରମଣ ଲାଗି ରାମଚନ୍ଦ୍ର ପ୍ରସ୍ତୁତି ଚଳାଇଛନ୍ତି। ବାନର ସେନାକୁ ନେଇ ସମୁଦ୍ରରେ ସେତୁ ବନ୍ଧ ସ୍ଥାପନ କରିଛନ୍ତି। ରାକ୍ଷସ କୂଳରେ ଜନ୍ମ ନେଇଥିଲେ ମଧ୍ୟ ରାବଣ ଜଣେ ମହାନ ପଣ୍ଡିତ। ତେଣୁ ପ୍ରଭୁ ରାମଚନ୍ଦ୍ର ସେତୁବନ୍ଧ ପ୍ରତିଷ୍ଠା ଲାଗି ରାବଣଙ୍କୁ ନିମନ୍ତ୍ରଣ କରିଛନ୍ତି। ନିମନ୍ତ୍ରଣ ରକ୍ଷା କରି ରାବଣ ସେତୁ ବନ୍ଧ ପ୍ରତିଷ୍ଠା କରିଛନ୍ତି। ଶନିବାର ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ଶ୍ରୀରାମଲୀଳାରେ ସେତୁ ବନ୍ଧ ପ୍ରତିଷ୍ଠା ନୀତି ସମ୍ପନ୍ନ ହୋଇଛି। ବାଲିସାହି ଆଖଡ଼ା ପକ୍ଷରୁ ଏହି ନୀତି ସମ୍ପାଦନ କରାଯାଇଛି।

ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ନୀତି ଏବଂ ଦକ୍ଷିଣୀ ଘର ଭୋଗ ନୀତି ବଢ଼ିଥିଲା। ମହାଜନ ସେବକ ଦକ୍ଷିଣୀ ଘରୁ ରାମ, ଲକ୍ଷ୍ମଣ ଏବଂ ସୀତାଙ୍କ ଚଳନ୍ତି ପ୍ରତିମାଙ୍କୁ ନେଇ ରତ୍ନସିଂହାସନ ଉପରେ ବିଜେ କରାଇଥିଲେ। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ। ଏହାପରେ ମହାଜନ ସେବକ ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ବଟବୃକ୍ଷ ମୂଳେ ଥିବା ପାଲିଙ୍କିକୁ ବିଜେ କରାଇଥିଲେ। ବିମାନବଡୁମାନେ ପାଲିଙ୍କିକୁ ଘଣ୍ଟ, ଛତା, କାହାଳୀ ସହିତ ପଟୁଆରରେ ଜଗନ୍ନାଥ ବଲ୍ଲଭକୁ ନେଇଥିଲେ। ଠାକୁରଙ୍କୁ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଝୁଲଣ ଖଟ ଉପରେ ବିଜେ କରାଯାଇଥିଲା। ଏହାପରେ ମଠର ଆରାଧ୍ୟ ସୁଗ୍ରୀବ ମହାରାଜଙ୍କଠାରୁ ଆଜ୍ଞାମାଳ ବିଜେ ପରେ ଠାକୁରଙ୍କ ନିକଟରେ ଶୀତଳ ଭୋଗ ବନ୍ଦାପନା ହୋଇଥିଲା। ଏହାପରେ ରାବଣ ନୀତିରେ ସାମିଲ୍ ହୋଇଥିଲେ। ମଠ ପକ୍ଷରୁ ସେଠାରେ ଇଟା ଅଣାଯାଇ ପ୍ରତୀକାତ୍ମକ ଭାବେ ସେତୁବନ୍ଧ ନିର୍ମାଣ କରାଯାଇଥିଲା। ରାବଣ ସେତୁବନ୍ଧ ପ୍ରତିଷ୍ଠା କରିବା ସହିତ ତା' ଉପରେ ଚାଲିଥିଲେ। ନୀତି ସମ୍ପନ୍ନ ପରେ ରାମ ଓ ଲକ୍ଷ୍ମଣ ପାଲିଙ୍କିରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

## ଜନଗଣନାରେ ସମସ୍ତଙ୍କ ସହଯୋଗ ଲୋଡ଼ିଲେ ଜିଲ୍ଲାପାଳ

ପୁରୀ,୪।୪(ସମିସ): ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନସ୍ଥ ଜନଗଣନା ନିର୍ଦ୍ଦେଶାଳୟ ଏବଂ ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ମିଳିତ ସମନ୍ୱୟରେ ସମଗ୍ର ଓଡ଼ିଶାର ୩୦ଟି ଜିଲ୍ଲାରେ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହଗଣନା ଏବଂ ଗୃହ ତାଲିକା ପ୍ରସ୍ତୁତି ଏପ୍ରିଲ ୧୬ ତାରିଖରୁ ଆରମ୍ଭ ହେବାକୁ ଯାଉଛି ବୋଲି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଛନ୍ତି। ପୁରୀ ଜିଲ୍ଲାରେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଏପ୍ରିଲ ୧୬ରୁ ମେ' ୧୫ ତାରିଖ ପର୍ଯ୍ୟନ୍ତ ତାଲିମ ପ୍ରାପ୍ତ ଗଣନାକାରୀ ଓ ସୁପରଭାଇଜରମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଏହା ପୂର୍ବରୁ ଏପ୍ରିଲ୍ ୧ରୁ ୧୫ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ସ୍ୱଗଣନାର ପ୍ରାବଧାନ ରହିଛି। ଏହି କାର୍ଯ୍ୟକ୍ରମରେ ଉଦ୍ଦିଷ୍ଟ ପୋର୍ଟାଲ ମାଧ୍ୟମରେ ଜନସାଧାରଣ ନିଜର ତଥ୍ୟ ନିଜେ ପ୍ରଦାନ କରିପାରିବେ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଜନଗଣନା ଆମ ରାଷ୍ଟ୍ରର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା। ତେଣୁ ଆମେ ସମସ୍ତେ ଏହି ପ୍ରକ୍ରିୟାରେ ସାମିଲ୍ ହେବା ଏବଂ ଜନଗଣନା ଅଧିକାରୀ ଓ କର୍ମଚାରୀମାନଙ୍କୁ ସହଯୋଗ କରିବା। ରାଷ୍ଟ୍ରର ଗଠନ ପାଇଁ ଆମେ ସମସ୍ତେ ନିଜର ନୈତିକ କର୍ତ୍ତବ୍ୟ କରିବା ବୋଲି କହିବା ସହ ଏଥିରେ ସମସ୍ତେ ସହଯୋଗ ପାଇଁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି।

## ଓଡ଼ିଆ ନାମଫଳକ ଲିଖନ ସଚେତନତା ଶୋଭାଯାତ୍ରା

ପୁରୀ,୪।୪(ସମିସ): ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ପୁରୀ ଜିଲ୍ଲାର ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ସମ୍ମୁଖରେ ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ ସୁନିଶ୍ଚିତ କରିବା ସମ୍ପର୍କରେ ଶନିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ସଚେତନତା ପଦଯାତ୍ରା ଆରମ୍ଭ ହୋଇଥିଲା। ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଓଡ଼ିଶା ସରକାର ଏବଂ ପୁରୀ ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ଏହି ପଦଯାତ୍ରାକୁ ପତାକା ଦେଖାଇ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଶୁଭ ଉଦ୍‌ଘାଟନ କରି ସରକାରଙ୍କ ନିଷ୍ପତ୍ତି ଅନୁସାରେ ଏପ୍ରିଲ୍ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ହେଉଛି ବୋଲି କହିଥିଲେ। ପ୍ରତ୍ୟେକ ଦିନ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଧାର୍ଯ୍ୟ କରାଯାଇଛି ବୋଲି ସେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଆଜି ଜିଲ୍ଲା ଶ୍ରମ ବିଭାଗ ତରଫରୁ ବିଭିନ୍ନ ବ୍ୟାବସାୟିକ ପ୍ରତିଷ୍ଠାନ ଓ କାର୍ଯ୍ୟାଳୟମାନଙ୍କରେ ଓଡ଼ିଆ ନାମଫଳକ ପ୍ରଦର୍ଶନ କରିବା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ରହିଛି ଏବଂ ଏହି ସମ୍ବନ୍ଧରେ ପ୍ରବର୍ତ୍ତନର ପ୍ରାବଧାନ ରହିଛି ବୋଲି ଉଲ୍ଲେଖ କରିଥିଲେ। ଆମେ ଓଡ଼ିଆ, ଆମର ଭାଷା, ଖାଦ୍ୟପେୟ, ପରିଧାନ ଅତ୍ୟନ୍ତ ଆକର୍ଷଣୀୟ। ତେଣୁ ଆମ ମହାନ ଐତିହ୍ୟ ଓ ପରମ୍ପରା ଅକ୍ଷୁଣ୍ଣ ରଖିବା ସହ ଓଡ଼ିଆ ଭାଷାକୁ ଉପଯୁକ୍ତ ସମ୍ମାନ ଜଣାଇ ନାମଫଳକକୁ ସର୍ବାଗ୍ରେ ଓଡ଼ିଆ କରିବାକୁ ଶ୍ରୀ ବେହେରା ଅନୁରୋଧ କରିଥିଲେ। ପରେ ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସମୁଦ୍ରକୂଳସ୍ଥିତ ଶ୍ରୀଚୈତନ୍ୟ ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ଶୋଭାଯାତ୍ରାରେ ନାମଫଳକ ଲେଖିବା ସମ୍ବନ୍ଧରେ ପ୍ଲାକାର୍ଡ ଓ ସ୍ଲୋଗାନ ମାଧ୍ୟମରେ ସଚେତନତା କରାଯିବା ସହ ଲିଫ୍‌ଲେଟ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶ୍ରମ ଆୟୁକ୍ତ ଚୌଧୁରୀ ସୁବ୍ରତ କୁମାର ଜେନା, ସହକାରୀ ଶ୍ରମ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ବିକ୍ରମ କେଶରୀ ପ୍ରଧାନ, ଆଶିଷ ମାଝୀ, ପଲ୍ଲବୀ ସାହୁ, ଚିନ୍ମୟ ପ୍ରିୟଦର୍ଶୀ ଓ ଆଶୁତୋଷ ସାହୁ ଉପସ୍ଥିତ ଥିଲେ।



## ପୁରୀରେ ବୁଲା କୁକୁର ଆତଙ୍କ: କୁକୁର କାମୁଡ଼ାରେ ଶିଶୁ ଗୁରୁତର

ପୁରୀ,୪।୪(ସମିସ): ପୁରୀ ସହରରେ ବୁଲା କୁକୁରଙ୍କ ଆତଙ୍କ ଦେଖିବାକୁ ମିଳିଛି। କୁମ୍ଭାରପଡ଼ା ମହାବୀର ଲେନ୍‌ରେ କିଛିଦିନ ହେବ ଏକ ବୁଲା କୁକୁର କାମୁଡ଼ି ଗୋଡ଼ାଉଛି। ଶନିବାର ଏହି କୁକୁରଟି ଜଣେ କୁନି ଝିଅକୁ କାମୁଡ଼ି ଦେବାରୁ ତାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଆବଶ୍ୟକୀୟ ଚିକିତ୍ସା ଏବଂ ଇଞ୍ଜେକ୍ସନ ଦିଆଯାଇଥିବା ଜଣାପଡ଼ିଛି। ପୁରୀ ସହରରେ ବୁଲା କୁକୁରଙ୍କ ଆତଙ୍କ ନୂଆ ନୁହେଁ। ବିଭିନ୍ନ ସମୟରେ ପାଗଳ କୁକୁରଙ୍କ ଆକ୍ରମଣର ଶିକାର ହେଉଛନ୍ତି ସହରବାସୀ ଓ ପର୍ଯ୍ୟଟକ। ସହରରେ ହଜାର ହଜାର ବୁଲା କୁକୁର ବୁଲୁଛନ୍ତି। ଏମାନଙ୍କ ସଂଖ୍ୟା ନିୟନ୍ତ୍ରଣ ପାଇଁ କୌଣସି ପ୍ରକାର ଯୋଜନା କରାଯାଉନାହିଁ। ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ଏବଂ ଧାର୍ମିକସ୍ଥଳ। ଅନେକ ସମୟରେ ବୁଲା କୁକୁରଙ୍କ ପାଇଁ ଦୁର୍ଘଟଣା ଘଟୁଛି। କିଛିବର୍ଷ ତଳେ କୁମୁଟିପାଟଣାରେ ଜଣେ ନାବାଳକକୁ ବୁଲା କୁକୁର ଝୁଣି ମାରିଦେଇଥିଲେ। ତେଣୁ କୁକୁର ବନ୍ଧ୍ୟାକରଣ ଏବଂ ନିୟନ୍ତ୍ରଣ ଦିଗରେ ପଦକ୍ଷେପ ନିଆଯାଉ।

## ୮୭ ଗ୍ୟାସ୍ ସିଲିଣ୍ଡର ଜବତ

ପୁରୀ,୪।୪(ସମିସ): ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶ କ୍ରମେ ଗ୍ୟାସ୍ ଯୋଗାଣକୁ ସୁନିୟନ୍ତ୍ରିତ କରିବା ସହ କଳାବଜାର କରୁଥିବା ଅସାଧୁ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଯୋଗାଣ ବିଭାଗ ତତ୍ପରତା ପ୍ରକାଶ କରିଛି। ମୁଖ୍ୟ ଯୋଗାଣ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଯୋଗାଣ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରୁଛନ୍ତି। ଶନିବାର ଯୋଗାଣ ବିଭାଗ କର୍ମଚାରୀ ଏବଂ ସଦର ଥାନା ପୁଲିସ ପକ୍ଷରୁ ମିଳିତ ଭାବେ ଚଢ଼ଉ କରାଯାଇ ୮୭ଟି ସିଲିଣ୍ଡର ଜବତ କରାଯାଇଛି। ବାଟମଙ୍ଗଳାସ୍ଥିତ ନାରାୟଣୀ ସୁଜୁକି ଶୋ'ରୁମ୍ ସମ୍ମୁଖ ଏକ ଘରେ ଚଢ଼ଉ କରାଯାଇ ୩୭ଟି ବଡ଼ ଏବଂ ୫୦ଟି ଛୋଟ ସିଲିଣ୍ଡର ଜବତ ହୋଇଛି। ଏଥିମଧ୍ୟରେ ଘରୋଇ ସିଲିଣ୍ଡର ୩୫ଟି, ବ୍ୟାବସାୟିକ ସିଲିଣ୍ଡର ୨ଟି, ୫ କିଗ୍ରାର ୪୫ଟି, ୪ କିଗ୍ରାର ଗୋଟିଏ ଏବଂ ୨ କିଗ୍ରାର ୪ଟି ସିଲିଣ୍ଡର ଜବତ କରାଯାଇଛି।



## ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ

# ଗଡ଼ିଲା ଶିକ୍ଷା ସଚେତନତା ରଥ



ପୁରୀ,୪।୪(ସମିସ): ପୁରୀ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ ଶନିବାର ଜିଲ୍ଲା ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ଯୋଗଦେଇ ସବୁ ପିଲା ପଢ଼ନ୍ତୁ। ପିଲାମାନଙ୍କର ସାମଗ୍ରିକ ବିକାଶ ଘଟିଲେ ସମାଜ ସୁନ୍ଦର ଓ ଶୃଙ୍ଖଳିତ ହେବ ବୋଲି କହିଥିଲେ। ସରକାର ଏଥିପାଇଁ ପିଲା ଓ ଅଭିଭାବକଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ ପ୍ରବେଶ ଉତ୍ସବ ସହ ଖଡ଼ିଛୁଆଁ କାର୍ଯ୍ୟକ୍ରମ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ଚଳିତ ବର୍ଷ ପ୍ରାୟ ୧୯ ହଜାରରୁ ଊର୍ଦ୍ଧ୍ୱ ପିଲାଙ୍କର ନାମଲେଖା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ସୂଚନା ଦେବା ସହ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରିବା ସହ ଶିକ୍ଷା ପ୍ରତି ପିଲାଙ୍କୁ ଆକୃଷ୍ଟ କରିବା ଓ ଡ୍ରପ୍ ଆଉଟ୍ ସଂଖ୍ୟା ଶୂନ୍ କରିବା ଲକ୍ଷ୍ୟରେ ସଚେତନତା ସୃଷ୍ଟି କରିବ ବୋଲି ଜିଲ୍ଲାପାଳ ଶ୍ରୀ ପରିଡ଼ା ଅବଗତ କରାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ବ୍ୟବସ୍ଥା ଏକ ସୁନ୍ଦର ପଦକ୍ଷେପ। ଏହାଦ୍ୱାରା ପିଲା ଓ ଅଭିଭାବକମାନେ ଏକ ସୁଖଦ ଅନୁଭୂତି ପାଇବା ସହ ପାଠ ପ୍ରତି ଆଗ୍ରହୀ ହେବେ ବୋଲି କହିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଡିଆଇଟିଇର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ଗୋବିନ୍ଦ ହେମ୍ବ୍ରମ, ଆଲୁମ୍‌ନି ସମ୍ପାଦକ ରାଜକିଶୋର ପାତ୍ର, ଜିଲ୍ଲା ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ବନ୍ଦେ ମାତରମ୍ ସଂଗୀତ ପରିବେଷଣ ସହ ନୂତନ ବିଦ୍ୟାର୍ଥୀମାନଙ୍କୁ ଶିକ୍ଷାଦାନ ପାଇଁ ପୂଜାର୍ଚ୍ଚନା କରାଯାଇ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ବିବିଧ ଶିକ୍ଷା ପ୍ରଣାଳୀ ଓ ପିଲାମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ ଲକ୍ଷ୍ୟରେ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଏହି ଉତ୍ସବରେ ଉପସ୍ଥିତ ଥିଲେ।

### ବାଳିକା ଉଚ୍ଚ ବିଦ୍ୟାଳୟ

ମାର୍କଣ୍ଡେଶ୍ୱର ସାହି ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ଶିଶୁ ବାଟିକା ଶ୍ରେଣୀ ପାଇଁ 'ପ୍ରବେଶ ଉତ୍ସବ' ଓ ପାରମ୍ପରିକ 'ଖଡ଼ିଛୁଆଁ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ ଯୋଗଦେଇ ଶିଶୁମାନଙ୍କୁ ଶିକ୍ଷାର ପ୍ରଥମ ପଦକ୍ଷେପ ନେବାରେ ପ୍ରେରିତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ କାଉନ୍‌ସିଲର ଭକ୍ତ ଚରଣ ଦାସ ଓ ସିଆର୍‌ସିସି ପ୍ରସନ୍ନ କୁମାର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଅଧିକ ଗରିମାମୟ କରିଥିଲେ। ନୂଆକରି ନାମ ଲେଖାଇଥିବା ଶିଶୁମାନଙ୍କୁ ଖଡ଼ି ଧରାଇ ଶିକ୍ଷାର ଶୁଭାରମ୍ଭ କରାଯାଇଥିଲା। ଏଥିସହ ସେମାନଙ୍କୁ ସ୍ୱାଗତ ସ୍ୱରୂପ ଫୁଲ, ପ୍ରସାଦ ଓ ଶିକ୍ଷା ସାମଗ୍ରୀ ବଣ୍ଟନ କରାଯାଇଥିଲା। ଶିଶୁମାନଙ୍କ ମନୋରଞ୍ଜନ ଓ ଆକର୍ଷଣ ପାଇଁ ବିଭିନ୍ନ ସୃଜନଶୀଳ ଓ ଖେଳମୁଖୀ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ସାମନ୍ତରାୟ ତାଙ୍କ ଉଦ୍‌ବୋଧନରେ ଶିଶୁମାନଙ୍କ ମୂଳ ଶିକ୍ଷାରେ ନୂତନ ପଦ୍ଧତି ଓ ସୃଜନଶୀଳତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମସ୍ତ ଅତିଥି, ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସହ ଶିକ୍ଷୟିତ୍ରୀ ସୁଜାତା ଧଳ ଧନ୍ୟବାଦ ଜଣାଇଥିଲେ।

# ଓଡ଼ିଆ ପକ୍ଷର ଚତୁର୍ଥ ଦିନରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଆରମ୍ଭ





କେନ୍ଦୁଝର, ୪।୪(ସମିସ): ସଦର ବ୍ଲକ ଅଧୀନସ୍ଥ ଶିରୀଶପାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ-୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଏବଂ ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାଏକ, ସାଂସଦ ପ୍ରତିନିଧି ଦିଲ୍ଲୀପ କୁମାର ପଣ୍ଡା, ଜିଲ୍ଲାପାଳ ବିଶାଲ ସିଂହ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟନାରାୟଣ ମହାନ୍ତ, ଶ୍ରୀକାନ୍ତ ବେହେରା, ରୁଦ୍ରନାରାୟଣ ସାମଲ, ବିଡିଓ ବିନୋଦ ବିହାରୀ ପଣ୍ଡା, ବ୍ଲକ ଶିକ୍ଷାଧିକାରୀ ଓଁକାର ଅନ୍ୱେଷ, ସହକାରୀ ବ୍ଲକ ଶିକ୍ଷାଧିକାରୀ ମାନସ ରଞ୍ଜନ ମିଶ୍ର, କପିଳଚନ୍ଦ୍ର ଦାଶ, ତରଣୀସେନ ମୁଣ୍ଡା, ଜିଲ୍ଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ, ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ଶୈକ୍ଷିକ ସଂଯୋଜକ ମାନସ ରଞ୍ଜନ ଦାଶ, ଭିନ୍ନକ୍ଷମ ସଂଯୋଜକ ପୀତବାସ ସାହୁ ଓ ସଦର ବ୍ଲକ୍‌ର ସମସ୍ତ ସିଆରସିସି ଏବଂ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ବିଦ୍ୟାଳୟରେ ନୂତନ ଭାବେ ଯୋଗ ଦେବାକୁ ଥିବା ଶିଶୁ ବାଟିକାର କୁନି କୁନି ପିଲାମାନଙ୍କୁ ଶିକ୍ଷଣ ସାମଗ୍ରୀ ପ୍ରଦାନ କରାଯିବା ସହ ଅତିଥିମାନେ ଖଡିଛୁଆଁ କରାଇଥିଲେ। ଜିଲ୍ଲା ଆଦିବାସୀ ଶିକ୍ଷା ସଂଯୋଜକ ଦୁର୍ଗାପ୍ରସନ୍ନ ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା। ଏହି ଅବସରରେ ଏକ ସଚେତନତା ରଥ ୧୦ ତାରିଖ ପର୍ଯ୍ୟନ୍ତ ସଦର ବ୍ଲକର ବିଭିନ୍ନ ପଞ୍ଚାୟତ ଓ ବିଦ୍ୟାଳୟଗୁଡିକୁ ପରିଦର୍ଶନରେ ବାହାରିଛି।

**ଆନନ୍ଦପୁର:** ଆନନ୍ଦପୁର ବ୍ଲକ ଶାଳବଣି କ୍ଲଷ୍ଟର ବିଭିନ୍ନ ସରକାରୀ ବିଦ୍ୟାଳୟ ପକ୍ଷରୁ ଖଡିଛୁଆଁ ଦିବସ ସିଆରସି ଶରତଚନ୍ଦ୍ର ମାଝୀଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଶଳବଣି ପଞ୍ଚାୟତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜୀବ ନାଏକ, ହାଇସ୍କୁଲର ଅଞ୍ଜଳି ଦେ, ପଣ୍ଡୁଆ ପ୍ରାଥମିକ ବିଦ୍ୟାଳୟର ନିହାର ରଞ୍ଜନ ଜେନା, ଶାଳବଣି ପ୍ରାଥମିକ ବିଦ୍ୟାଳୟର ସ୍ନେହଲତା ତରେଇ, ଖଡିପାଳ ପ୍ରାଥମିକ ବିଦ୍ୟାଳୟର ରୀତାରାନୀ ବେହେରା, ବଳଦୁଆଁ ପ୍ରାଥମିକ ବିଦ୍ୟାଳୟର ସଂଯୁକ୍ତା ପାତ୍ର, ମୋଚିନ୍ଦା ପ୍ରାଥମିକ ବିଦ୍ୟାଳୟର ପ୍ରଭାତୀ ସାହୁ, ସାରଦାପୁର ପ୍ରାଥମିକ ବିଦ୍ୟାଳୟର ଇତିଶ୍ରୀ ଆଇଚ, ବେଲଦା ପ୍ରାଥମିକ ବିଦ୍ୟାଳୟର ରଞ୍ଜିତା ସା, ବଳିପଶି ପ୍ରାଥମିକ ବିଦ୍ୟାଳୟର ଲକ୍ଷ୍ମୀପ୍ରିୟା ସି ପ୍ରମୁଖ ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। କଣ୍ଟିପାଳ ପଞ୍ଚାୟତ କଣ୍ଟିପାଳ ସିଆରସି ବୃନ୍ଦାବନ ବାରିକଙ୍କ ତତ୍ତ୍ୱାବଧାନରେ ପିଏମଶ୍ରୀ କଣ୍ଟିପାଳ ସରକାରୀ ହାଇ ସ୍କୁଲରେ ମଧ୍ୟ ଖଡ଼ିଛୁଆଁ ଦିବସ ପାଳିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ହରିହର ଦଳେଇଙ୍କ ସହଯୋଗରେ ଶୃଙ୍ଖଳା ସହ ଅଭିଭାବକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଏକ ସୁସଜ୍ଜିତ ସଚେତନ ରଥ ପରିକ୍ରମା କରିଥିଲା। ସେହିପରି ଧକୋଠା ପଞ୍ଚାୟତ ବଡଏକତାଳି ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ପାଇଁ ଝିଅ ୨ ଜଣ ଝିଅ ୬ ଜଣ ପୁଅ ନାମ ଲେଖାଇବା ସହ ପ୍ରଥମ ଶ୍ରେଣୀରେ ୨ ଜଣ ପୁଅ ଏବଂ ଷଷ୍ଠ ଶ୍ରେଣୀରେ ଜଣେ ବାଳିକା ନାମ ଲେଖାଇଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ସଞ୍ଜୁଲତା ସେଠୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସଂଯୁକ୍ତା ସାହୁ, ବୀଣାପାଣି ସାହୁ, ସୁନନ୍ଦା ପ୍ରାମାଣିକ ଓ ଧବଳେଶ୍ୱର ମାଝି ସହଯୋଗ କରିଥିଲେ। ଶିଶୁ ସେବିକା ସୁଜାତା ନାଇକ ଅଭିଭାବକଙ୍କ ସହ ପରିଚିତ ହୋଇଥିଲେ।

ଆନନ୍ଦପୁର ପୌରାଞ୍ଚଳର ଫକୀରପୁର ପିଏମଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି। ଶିକ୍ଷା ରଥକୁ ମୁଖ୍ୟଅତିଥି ଶୁଭାରମ୍ଭ କରିଥିଲେ। ସଭାକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ ବେହେରା ସଂଯୋଜନା କରିଥିଲେ। ଆନନ୍ଦପୁର ଗୋଷ୍ଠୀ ଶିକ୍ଷାଧିକାରୀ ହରିହର ଦଳେଇ, ସହକାରୀ ଶିକ୍ଷାଧିକାରୀ ହେମନ୍ତନାଥ ମହାନ୍ତି, କେନ୍ଦୁଝର ନୋଡାଲ ଅଫିସର ରଞ୍ଜନ ସାହୁ, ଉଜଉଡ ପ୍ରଭଞ୍ଜନ ତ୍ରିପାଠୀ, ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, କାଉନସିଲର ସନତ କର, ରବିନାରାୟଣ ପଣ୍ଡା ଯୋଗ ଦେଇଥିଲେ। ପରିଚାଳନା କମିଟିର ସଭାପତି ଭାବଗ୍ରାହୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନବାଗତ ଛାତ୍ରଛାତ୍ରୀଙ୍କୁ ଫୁଲ ଚନ୍ଦନରେ ସ୍ୱାଗତ କରାଯାଇଥିଲା।

**ହାଟଡ଼ିହୀ:** ହାଟଡ଼ିହୀ ବ୍ଲକ୍ ହାଟଡ଼ିହୀ ନୋଡାଲ ବିଦ୍ୟାଳୟ ପକ୍ଷରୁ ୨୦୨୬-୨୭ ଶିକ୍ଷା ବର୍ଷ ପାଇଁ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ ଅନୁଷ୍ଠିତ ହୋଇଯାଇଛି। ନୂତନ ଶିକ୍ଷାବର୍ଷରେ ଶିଶୁ ବାଟିକା-୩ ଏବଂ ପ୍ରଥମ ଶ୍ରେଣୀରେ ନାମଲେଖା ଛାତ୍ରଛାତ୍ରୀଙ୍କ ପାଇଁ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ ପର୍ବ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମଟି ହାଟଡ଼ିହୀ ଶିକ୍ଷାଜିଲ୍ଲା ଅଧିକାରୀ ରାଜୀବ କୁମାର ଦଳେଇଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ହାଟଡ଼ିହୀ ବିଡ଼ିଓ ରଞ୍ଜନ ପରିଡ଼ା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ କୈଳାସଚନ୍ଦ୍ର ରାଉତ, ବିଜେପି ନେତା ସୁଶାନ୍ତ ଜେନା ଯୋଗ ଦେଇଥିଲେ। ଏଥିରେ ବିଇଓ ରାଜୀବ ଦଳେଇ, ଏବିଇଓ ପ୍ରମୋଦ କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ଜେନା, ହାଟଡ଼ିହୀ ସିଆରସିସି ସୌଭାଗ୍ୟରଞ୍ଜନ ଦେବାଶିଷ ବାରିକ, ମରେଇଗାଁ ସିଆରସିସି ସୁମନ୍ତ ନାୟକ ଏବଂ ହଦଗଡ଼ ସିଆରସିସି ସତ୍ୟନାରାୟଣ ଗିରି ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲ କମିଟି ଅଧ୍ୟକ୍ଷ ତ୍ରୈଲୋକ୍ୟନାଥ ସାହୁ, ସମ୍ପାଦିକା ବର୍ଷାରାଣୀ ପଣ୍ଡା, ଚନ୍ଦ୍ରଧ୍ୱଜ ସାହୁ, ସୁଶାନ୍ତ ବଇଠା, ତିଳୋତ୍ତମା ପଣ୍ଡା, ସୁମାରାଣୀ ମୁଦୁଲି, ରଞ୍ଜନ ଜେନା, ସୁକାନ୍ତ ପାତ୍ର, ଜ୍ୟୋତ୍ସ୍ନାରାଣୀ ସାହୁ, ରବିନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୧୦ ତାରିଖ ଯାଏଁ ବ୍ଲକର ୨୧ଟି କ୍ଲଷ୍ଟରଗୁଡ଼ିକୁ ଶିକ୍ଷା ସଚେତନ ରଥ ଭ୍ରମଣ କରି ପିଲାଙ୍କ ସହ ଅଭିଭାବକଙ୍କୁ ଶିକ୍ଷା ବାବଦରେ ସଚେତନ କରିବାକୁ ଶିକ୍ଷା ରଥର ଶୁଭାରମ୍ଭ ହୋଇଛି। ସ୍କୁଲର ଶିକ୍ଷକ ସଞ୍ଜୟ ପାତ୍ର, ସୌମ୍ୟକାନ୍ତ ସାହୁ, ବିଦ୍ୟୁରେଖା ସାହୁ, ସ୍ୱାଗତିକା ଆୟଚ, ସୁନିତା ସାହୁ, ବିଇଓ କାର୍ଯ୍ୟାଳୟର କୋଷାଧ୍ୟକ୍ଷ ସଂଜୟ ସାହୁ, କର୍ମଚାରୀ ଚନ୍ଦ୍ରଶେଖର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ତୁରୁମୁଙ୍ଗା:** ପାଟଣା ସରକାରୀ ଉଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ବ୍ଲକସ୍ତରୀୟ ଖଡିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ପାଟଣା ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକ, ୨୩ ନମ୍ବର୍ ଜୋନ ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ବଡ଼ ପାଟଣା ସରପଞ୍ଚ ବିନତୀ ବାନାରା, ପାଟଣା ବିଧାୟକଙ୍କ ବ୍ଲକ୍ ପ୍ରତିନିଧି କମଳାକାନ୍ତ ଦାଶ, ବିଡ଼ିଓ ମାନସ କୁମାର ଦଣ୍ଡପାଟ, ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ଏବିଇଓ ସଚିଦାନନ୍ଦ ସେଠୀ, ପ୍ରକାଶ ରାୟ, ସାମ୍ବାଦିକ ନୃସିଂହନାଥ ସିଂହ, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନଶିକ୍ଷକ କମଳାକାନ୍ତ ପତି ପ୍ରମୁଖ ସାମିଲ ହୋଇଥିଲେ।ସେହିପରି ସାହାରପଡା ବ୍ଲକସ୍ତରୀୟ ଖଡ଼ିଛୁଆଁ ଉତ୍ସବ ସାହାରପଡା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବରେ ସଚେତନତା ରଥର ଶୁଭାରମ୍ଭ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷା ରୀନା ନାଏକ, ବିଆରସି ଦୟାନିଧି ପାତ୍ର, ଭାରତୀ ରାମ, ପ୍ରଶାନ୍ତ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

**ଯୋଡ଼ା:** ଯୋଡ଼ା ବ୍ଲକ୍ ବନେଇକଳା ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ପ୍ରବେଶିକା ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମର ସଚେତନତା ରଥର ଶୁଭାରମ୍ଭ ହୋଇଛି। ଯୋଡ଼ା ବ୍ଲକ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହସଦାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଡିଓ ଡେନିସ ବେହେରା, ଚମ୍ପୁଆ ବିଧାୟକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ନାଏକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସ୍ୱରୂପରାଜ ବିଶୋଇ, ଏବିଇଓ ତଥା ବିଆରସିସି ବିରଞ୍ଚି ନାରାୟଣ ଶତପଥୀ, ଏବିଇଓ ଦିଲୀପ ବେହେରା, ଦିନବନ୍ଧୁ ପତି ଯୋଗ ଦେଇଥିଲେ। ଯୋଡ଼ା ବ୍ଲକ ୱେଷ୍ଟ କ୍ଲଷ୍ଟର, କମାରଯୋଡ଼ା ଓ ବିରିକଳା କ୍ଲଷ୍ଟରରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକର ୧୯ଟି ପଞ୍ଚାୟତରେ ଥିବା ୧୧ଟି କ୍ଲଷ୍ଟରରେ ରଥ ପରିକ୍ରମା କରିବ। ଏଥିରେ ପ୍ରଥମ ଶ୍ରେଣୀରୁ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ନୂଆ ପିଲାଙ୍କ ପାଇଁ ପ୍ରବେଶ ଉତ୍ସବ ଓ ବାଲ ବାଟିକା କାର୍ଯ୍ୟକ୍ରମରେ ଛୋଟ ପିଲାଙ୍କୁ ଖଡିଛୁଆଁ କାର୍ଯ୍ୟକ୍ରମ କରାଯିବ। ନୂଆ କରି ପ୍ରବେଶ କରିଥିବା ପିଲାମାନଙ୍କୁ ଅତିଥିଙ୍କ ଦ୍ୱାରା ବହି, ଖାତା, କଲମ, ବ୍ୟାଗ ଥିବା କିଟ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ କୁନ୍ଦୁରୁନାଳା ପ୍ରାଥମିକ ବିଦ୍ୟାଳୟ ପରିସରରେ ସଚେତନତା ରଥ ପହଞ୍ଚିବା ପରେ ପ୍ରଧାନଶିକ୍ଷକ, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। କୁନ୍ଦୁରୁନାଳା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଲକ୍ଷ୍ମଣ ପାତ୍ର, କମାରଯୋଡ଼ା ସିଆରସିସି ଚିତ୍ରସେନ ପ୍ରଧାନ, ଯୋଡ଼ା ୱେଷ୍ଟ କ୍ଲଷ୍ଟର ସିଆରସିସି ପ୍ରଦୀପ୍ତ କୁମାର ବାରିକ, ବଡବିଲ ଓ ଧନୁର୍ଜୟପୁର ସିଆରସିସି ଦୁଃଖବନ୍ଧୁ ମିଶ୍ର ଏବଂ ପ୍ରଭାତ ସାହା ସାମିଲ ଥିଲେ।

**ତେଲକୋଇ:** ତେଲକୋଇ ବ୍ଲକସ୍ତରୀୟ ପ୍ରଖବଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ୫ବର୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଇଥିଲା। ବିଡିଓ ପୂର୍ଣ୍ଣଚନ୍ଦ୍ର ନାଏକ, ତହସିଲଦାର ଅନୁପମା ମୁର୍ମୁ, ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ଏବିଇଓ ଅକ୍ଷୟ କୁମାର ପାତ୍ର ସମେତ ସମସ୍ତ ସିଆର୍‌ସିସି ଯୋଗ ଦେଇଥିଲେ। ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ, ତଳସାହି ପ୍ରାଥମିକ ବିଦ୍ୟାଳୟ, ଦୋବଲାପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଧନୁର୍ଜୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାଲିସାହି ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କରାଯାଇଥିଲା। ସମସ୍ତ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଳନ କରାଯାଇଥିବା ଶିକ୍ଷା ବିଭାଗର ସିଆରସିସିମାନେ ମତ ପ୍ରକାଶ କରିଛନ୍ତି।

## ଓଡ଼ିଆ ନାମଫଳକ ଅଭିଯାନ



କେନ୍ଦୁଝର, ୪।୪(ସମିସ): ଓଡ଼ିଆ ପକ୍ଷ-୨୦୨୬ର ଚତୁର୍ଥ ଦିବସରେ କେନ୍ଦୁଝରଠାରେ ଓଡ଼ିଆରେ ନାମଫଳକ ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ସଚେତନତା ପଦଯାତ୍ରା ମାଧ୍ୟମରେ ଦୋକାନ ବଜାର, ଶିଳ୍ପ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ବାଣିଜ୍ୟିକ ପ୍ରତିଷ୍ଠାନ ବା ଜିଲ୍ଲାରେ ପ୍ରତିଷ୍ଠିତ ହୋଇଥିବା କୌଣସି ସଂସ୍ଥାର ନାମଫଳକକୁ ଓଡ଼ିଆରେ ଲେଖିବା ପାଇଁ ପ୍ରଶାସନ ପକ୍ଷରୁ ସଂସ୍ଥାର ମାଲିକ, କର୍ତ୍ତୃପକ୍ଷ ତଥା ଜନସାଧାରଣଙ୍କୁ ଉତ୍ସାହିତ କରାଯାଇଛି। ଜିଲ୍ଲା ଶ୍ରମ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ମୁଖ୍ୟଅତିଥି, ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶଚନ୍ଦ୍ର ନାଏକ, ଅତିରିକ୍ତ ଶ୍ରମ ଅଧିକାରୀ ଶୁଚିସ୍ମିତା ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଯୋଗ ଦେଇଥିଲେ। ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିବା ସହ ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନର ନାମ ଓଡ଼ିଆରେ ଲେଖା ନଥିଲା ସେହି ଦୋକାନର ମାଲିକଙ୍କୁ ଓଡ଼ିଆରେ ଲେଖିବା ପାଇଁ ସଚେତନ କରାଯାଇଛି।

## ଜଳିଗଲା ଚଳନ୍ତା ବାଇକ୍, ବର୍ତ୍ତିଲେ ବାପା-ଝିଅ



କେନ୍ଦୁଝର,୪।୪(ସମିସ): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ପଦ୍ମପୁର କଲେଜ ଛକ ମାଂସ ବଜାର ସମ୍ମୁଖରେ ଶନିବାର ଏକ ଚଳନ୍ତା ବାଇକ୍ ସର୍ଟସର୍କିଟ ଯୋଗୁଁ ହୁତୁହୁତୁ ହୋଇ ଜଳି ଯାଇଛି। ଏହି ଦୁର୍ଘଟଣାରେ ବାପା ଝିଅ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ସୂଚନା ଅନୁସାରେ, ଉଭୟ ବାପା-ଝିଅ ବାଇକ୍‌ରେ ଭୁବନେଶ୍ୱରରୁ ଝାଡ଼ଖଣ୍ଡ ଚାଇଁବସା ଅଭିମୁଖେ ଯାଉଥିଲେ। ଯାନ୍ତ୍ରିକ ତ୍ରୁଟି କାରଣରୁ ବାଇକ୍‌ଟିରେ ହଠାତ୍ ଅଗ୍ନି ସଂଯୋଗ ହୋଇ ଆଖି ପିଛୁଳାକେ ନିଆଁ ଜଳିବାକୁ ଲାଗିଥିଲା। ଖବର ପାଇ କେନ୍ଦୁଝର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚିଥିଲେ ହେଁ ବାଇକ୍‌ଟି ସଂମ୍ପୂର୍ଣ୍ଣ ପୋଡ଼ିଯାଇଛି।

## ସରେଇଁରେ ଅଷ୍ଟପ୍ରହରୀ ନାମଯଜ୍ଞ



ଆନନ୍ଦପୁର, ୪।୪ (ସମିସ): ଘଷିପୁରା ବ୍ଲକ ବଳରାମପୁର ପଞ୍ଚାୟତ ସରେଇଁ ଗ୍ରାମରେ ତିନିଦିନ ଧରି ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବୁଧବାର ସନ୍ଧ୍ୟାରେ କୁଶେଇ ନଦୀରୁ କଳସ ବୁଡ଼ାଇ ନାମଯଜ୍ଞ ଆରମ୍ଭ ହୋଇଥିଲା। ପୂଜକ ଶ୍ରୀଧର ରଥ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ସହଦେବ ସାହୁ ସଂକଳ୍ପରେ ବସିଥିଲେ। ଅତାସାହି, କରଡାପାଳ, ରେକୁଟିଆ, ଡିହସାହି, ତୁଳସୀପୁର, ସରେଇଁର ବଜରଙ୍ଗ ଦଳ ନଗରଭ୍ରମଣରେ ଯୋଗଦେଇଥିଲେ। ନଗରକାର୍ଯ୍ୟକ୍ରମରେ ସନ୍ତୋଷ ବେଜ ଏବଂ ସୁଶାନ୍ତ ସାହୁଙ୍କ ରାଧାକୃଷ୍ଣ ବେଶ୍ ଆକର୍ଷଣୀୟ ଥିଲା। ଗ୍ରାମର ପ୍ରମୋଦ କୁମାର ସାହୁ, କମଳ ଲୋଚନ ସାହୁ, ରତ୍ନାକର ସାହୁ, ନାରାୟଣ ସାହୁ, ସୁରେନ୍ଦ୍ର ସାହୁ, ଭାଗିରଥୀ ଖଟୁଆ, ବିଶ୍ୱନାଥ ଖଟୁଆ, ଭୀମସେନ ସାହୁ, ନରହରି ବାରିକ, ମଣିଚରଣ ସାହୁ, ପାଣ୍ଡବ ସାହୁ, ରଞ୍ଜିତ ସାହୁ, ଗୁରୁଚରଣ ସାହୁ, ସିପୁନ ସାହୁ ଭାସ୍କର ସାହୁ, ବାବାଜୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ଆନନ୍ଦପୁର, ୪।୪ (ସମିସ): ଆନନ୍ଦପୁର ବ୍ଲକ ନୟାଗଡ଼ସ୍ଥିତ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠାନର ଯୁବ ରେଡକ୍ରସ୍ ପରାମର୍ଶଦାତା ଅଧ୍ୟାପିକା ଯୁରି ଚକ୍ରଙ୍କ ସଂଯୋଜନାକ୍ରମେ ଯୁବ ରେଡକ୍ରସ୍ ଓ ଜାତୀୟସେବା ସଂସ୍ଥାର ମିଳିତ ସହଯୋଗରେ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହାକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ସରୋଜକାନ୍ତ ରାଉତ ଉଦ୍‌ଘାଟନ କରିଥିଲେ। ବାତୋ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ମନୋରମା ସାହୁ ରକ୍ତଦାନ ଶରୀର ଗଠନରେ ସହାୟକ ହୋଇଥାଏ ବୋଲି ମତ ବ୍ୟକ୍ତ କରିଥିଲେ। ବାତୋ ଚିକିତ୍ସାଳୟ ଫାର୍ମାସିଷ୍ଟ ସୁବାସଚନ୍ଦ୍ର ସେଠୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ବୀଣାପାଣି ନାୟକ, ଲାବ ଟେକ୍ନିସିଆନ ମୋନାଲିସା ପୁହାଣ



ଏବଂ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟର ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ଅମର ବେହେରା, ରକ୍ତଭଣ୍ଡାର ପରିଚାଳକ ସୁଦର୍ଶନ ବେହେରା, ଅଶୋକ କୁମାର ସୁର, ପୂର୍ଣ୍ଣଚନ୍ଦ୍ର ମାଝୀଙ୍କ ଉପସ୍ଥିତିରେ ୨୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସମସ୍ତ ଅଧ୍ୟାପକଅଧ୍ୟାପିକା, କର୍ମଚାରୀ ସମେତ ଛାତ୍ରଛାତ୍ରୀ, କଲେଜର ଯୁବ ରେଡକ୍ରସ ଓ ଜାତୀୟ ସେବସଂସ୍ଥା ସ୍ୱେଚ୍ଛାସେବୀ, ସ୍ଥାନୀୟ ଗ୍ରାମବାସୀ ଓ ପୁରାତନ ଛାତ୍ରଛାତ୍ରୀ ସାମିଲ ଥିଲେ।

## ପଦ୍ମପୁର ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

କେନ୍ଦୁଝର, ୪।୪(ସମିସ):



କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୧ତମ ବାର୍ଷିକ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ କେନ୍ଦୁଝର ସଦର ବିଇଓ ଓମ୍‌କାର ଅନ୍ୱେଷ, ସମ୍ମାନିତ ଅତିଥି ଜିଲ୍ଲା ବିଜେପି ଉପସଭାପତି ବିବେକାନନ୍ଦ ମହାନ୍ତ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆଖଣ୍ଡଳମଣି ବାରିକ ବକ୍ତବ୍ୟ ରଖିଥିଲେ। ପ୍ରଧାନଆଚାର୍ଯ୍ୟ ନିରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଜନ୍ମେଜୟ ସାହୁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ଶଶିକାନ୍ତ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଆଦର୍ଶ ଶିକ୍ଷୟିତ୍ରୀ ଭାବେ ଗୁରୁମା ସାଗରିକ ସାହୁଙ୍କୁ ସମ୍ମାନିତ କରାଯାଇଛି।

## ଚା’ ଦୋକାନରେ ଡିଜେଲ କାରବାର

ଆନନ୍ଦପୁର, ୪।୪ (ସମିସ): କେନ୍ଦୁଝର ଜିଲ୍ଲାରେ ପୁଣି ଚର୍ଚ୍ଚାରେ ଚୋରା ଡିଜେଲ କାରବାର। ଚା ଦୋକାନ ଆଳରେ ଖୋଲାମେଲା ଭାବେ ଚାଲିଛି ଏହି ଅବୈଧ ବ୍ୟବସାୟ। ପ୍ରଶାସନ ନିରବ ଥିବା ବେଳେ ବଢୁଛି ଦୁର୍ଘଟଣା ଆଶଙ୍କା। ଦୋକାନ ଆଗରେ ରଖାଯାଇଥିବା ତେଲ ଡ୍ରମଟି କିନ୍ତୁ ଏହା କେବଳ ଦେଖାଇବା ପାଇଁ ନୁହେଁ, ଏହା ପଛରେ ଲୁଚିଛି ଚୋରା ଡିଜେଲ କାରବାରର ଗୁରୁତର ଅଭିଯୋଗ। ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ୨୦ ନମ୍ବର ଜାତୀୟ ରାଜପଥର ହସନପୁର ଟୋଲଗେଟ୍ ନିକଟରେ ଥିବା ଚା ଦୋକାନଗୁଡିକ ସମ୍ମୁଖରେ ଏଭଳି ଡ୍ରମ ରଖାଯାଇଛି।



ଅଭିଯୋଗ ଅନୁସାରେ, ବିଭିନ୍ନ ସ୍ଥାନରୁ ଆସୁଥିବା ଗାଡ଼ି ଚାଳକମାନେ ଏଠାରେ ବେଆଇନ୍ ପାର୍କିଂ କରି ଡିଜେଲ ଖୋଲି ବିକ୍ରୟ କରୁଛନ୍ତି। ଚା ଦୋକାନ ନାଁରେ ଚାଲୁଥିବା ଏହି କାରବାର ଦିନକୁ ଦିନ ବଢୁଥିବା ବେଳେ, ପେଟ୍ରୋଲ ପମ୍ପ ମାଲିକମାନେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାସହିତ ରାସ୍ତା ପାଖରେ ଏଭଳି ଅବ୍ୟବସ୍ଥିତ ପାର୍କିଂ ଓ ଡିଜେଲ ବ୍ୟବସାୟ ଯୋଗୁଁ ଟୋଲଗେଟ୍ ଅଞ୍ଚଳରେ ଦୁର୍ଘଟଣା ସଂଖ୍ୟା ବଢୁଥିବା ମଧ୍ୟ ଅଭିଯୋଗ ହୋଇଛି। ସବୁଠାରୁ ଚିନ୍ତାଜନକ କଥା ହେଉଛି, ଏହି କାରବାର ବିପଦପୂର୍ଣ୍ଣ ଅବସ୍ଥାରେ ହେଉଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ନିରବ ରହିଛି। କେବେ ଜାଗିବ ପ୍ରଶାସନ? କେବେ ବନ୍ଦ ହେବ ଏହି ଚୋରା ଡିଜେଲ କାରବାର? ନା କି ଏଭଳି ଚାଲିଥିବ ଜନସୁରକ୍ଷା ସହିତ ଖେଳ? ଦେଖିବାକୁ ବାକି ରହିଲା ପ୍ରଶାସନ କେବେ ଦୃଷ୍ଟି ଦେଇ ଏହି ଚୋରା କାରବାର ଉପରେ ରୋକ୍ ଲଗାଇବାରେ ସଫଳ ହେଉଛି।

## ଡା. ବିଷ୍ଣୁଚରଣ ପାତ୍ରଙ୍କ ବିୟୋଗ



ଆନନ୍ଦପୁର, ୪।୪(ସମିସ): ଆନନ୍ଦପୁର ଅଞ୍ଚଳର ବରିଷ୍ଠ ଡାକ୍ତର ବିଷ୍ଣୁଚରଣ ପାତ୍ର(୬୮)ଙ୍କ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି। ସେ ଜଣେ ଭଲ ଶଲ୍ୟ ଚିକିତ୍ସକ ଭାବେ ଜଣାଶୁଣା। ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଓ ପରେ କେନ୍ଦୁଝର ସହ ଫକିରପୁର ମେଡ଼ିକାଲରେ ବହୁଦିନ ଧରି ରୋଗୀସେବାରେ ନିଜକୁ ନିୟୋଜିତ କରିଥିଲେ। ସେ ଆନନ୍ଦପୁର ୪ ନମ୍ବର ୱାର୍ଡ ବ୍ରିଜ ଛକସ୍ଥିତ ଘରେ ରହୁଥିଲେ। ସେ ଜଣେ ମେଳାପି, ମିଷ୍ଟଭାଷୀ ଓ ରୋଗୀପ୍ରିୟ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ବିୟୋଗରେ ସମଗ୍ର କେନ୍ଦୁଝର ଜିଲ୍ଲାରେ ଶୋକ ପ୍ରକାଶ ପାଇଛି।

### ୧୬ ବର୍ଷରୁ କମ ଏଲିଟ୍ କ୍ୟାମ୍ପ

## ଏନ୍‌ସିଏ ଶିବିରରେ କେନ୍ଦୁଝରରୁ ଆଶୁତୋଷ



କେନ୍ଦୁଝର, ୪।୪(ସମିସ): ଏନସିଏ ୧୬ ବର୍ଷରୁ କମ ବାଳକ ଏଲିଟ କ୍ୟାମ୍ପ ଲାଗି ଓଡ଼ିଶାର ୩ ଜଣ ଖେଳାଳି ମନୋନୀତ ହୋଇଛନ୍ତି। ଗତ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ନେଇ ଜାତୀୟ କ୍ରିକେଟ ଏକାଡେମୀ (ଏନସିଏ) ଦେଶର ବିଭିନ୍ନ ସ୍ଥାନରେ ପ୍ରଶିକ୍ଷଣ ଶିବିର ଆୟୋଜନ କରୁଛି। ତୃଣମୂଳ ସ୍ତରରୁ ଦେଶର ବଛା ବଛା କ୍ରିକେଟ ଖେଳାଳିଙ୍କୁ ନେଇ ଏହି ଶିବିର ପାଇଁ ଓଡ଼ିଶାର ୩ ଜଣ ଖେଳାଳି ଚୟନ ହୋଇଛନ୍ତି। ଏହି ଶିବିର ଏକାଦିକ୍ରମେ ଅହମ୍ମଦାବାଦ, ଡେରାଡୁନ ଏବଂ ଜୟପୁରଠାରେ ଆସନ୍ତା ମେ ୧୧ରୁ ଆରମ୍ଭ ହୋଇ ଜୁନ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଜୟପୁର ଶିବିରରେ ଯୋଗଦେବା ପାଇଁ କେନ୍ଦୁଝର ଜିଲ୍ଲା ବଲାଣିରୁ ଆଶୁତୋଷ କୁମାର ନାଏକ ସ୍ଥାନ ପାଇଛନ୍ତି। ଆଶୁତୋଷଙ୍କ ପିତା ସଞ୍ଜୟ କୁମାର ନାଏକ ଜିଲ୍ଲାର ଜଣେ ପୂର୍ବତନ କ୍ରିକେଟ ଖେଳାଳି ହୋଇଥିବା ବେଳେ ସେ ବର୍ତ୍ତମାନ ବଡ଼ବିଲ ମାଟକାମବେଡାସ୍ଥିତ ଆରିଆ ଆଇରନ ଏଣ୍ଡ ଷ୍ଟିଲ କମ୍ପାନୀରେ କାର୍ଯ୍ୟରତ। ମା’ ନନ୍ଦିନୀ ନାଏକ ଜଣେ ଗୃହିଣୀ। ଆଶୁତୋଷ ମନୋନୀତ ହୋଇଥିବା ଖବର ମିଳିବା ପରେ ସମଗ୍ର ଜିଲ୍ଲାରେ କ୍ରିକେଟପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ଆଶୁତୋଷଙ୍କୁ ଶୁଭେଚ୍ଛା ଜଣେଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଟାଟା ଆର୍ଚେରୀକୁ ୪ଟି ଜାତୀୟ ପଦକ, ଅର୍ଜୁନ ଖାରାଙ୍କୁ ସ୍ୱର୍ଣ୍ଣ ପଦକ




କେନ୍ଦୁଝର,୪।୪(ସମିସ): କେନ୍ଦୁଝରସ୍ଥିତ ଓଡ଼ିଶା ଟାଟା ଆର୍ଚେରୀ ହାଇ ପର୍ଫର୍ମାନ୍ସ ସେଣ୍ଟର ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ-୨୦୨୬ର ପ୍ରଥମ ସଂସ୍କରଣରେ ଚାରୋଟି ପଦକ ହାସଲ କରିଛି। ଏହି ପ୍ରତିଯୋଗିତା ଛତିଶଗଡ଼ର ରାଇପୁରରେ ମାର୍ଚ୍ଚ ୨୫ରୁ ଏପ୍ରିଲ ୩ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଏହି ସେଣ୍ଟରର ଅର୍ଜୁନ ଖାରା (୨୩) ରିକର୍ଭ ବ୍ୟକ୍ତିଗତ ବିଭାଗରେ ସୁନା ପଦକ ଜିତି ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛନ୍ତି। ଅର୍ଜୁନ, ରିକର୍ଭ ମିକ୍ସଡ୍ ଟିମ୍ ଓ ରିକର୍ଭ ଟିମ୍ ବିଭାଗରେ ମଧ୍ୟ ଦୁଇଟି ରୌପ୍ୟ ପଦକ ଜିତିଛନ୍ତି। ସେହିପରି ରମାଇ ମୁର୍ମୁ (୧୬) ରିକର୍ଭ ଟିମ୍ ବିଭାଗରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ୧୦୬ଟି ସ୍ୱର୍ଣ୍ଣ ପଦକ ମଧ୍ୟରୁ କର୍ଣ୍ଣାଟକ ୨୩ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଓ ୭ଟି କାଂସ୍ୟ ପଦକ ସହିତ ସମଗ୍ର ଚାମ୍ପିଅନ୍ ହୋଇଛି। ଓଡିଶା ୨୧ଟି ସ୍ୱର୍ଣ୍ଣ, ୧୫ଟି ରୌପ୍ୟ ଓ ୨୧ଟି କାଂସ୍ୟ ପଦକ ସହିତ ଦ୍ୱିତୀୟ ସ୍ଥାନରେ ରହିଛି।

## କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା

# ଖତ ଖାଉଛି ଲକ୍ଷ ଲକ୍ଷ ଟଙ୍କାର ଶୌଚାଳୟ

ଉଦଳା, ୪।୪(ସମିସ)



ଉଦଳା ଏନ୍ଏସିର ବିଭିନ୍ନ ୱାର୍ଡରେ ନିର୍ମାଣ ହୋଇଥିଲା ଶୌଚାଳୟ। ପାଣି ଭଳି ଖର୍ଚ୍ଚ ହୋଇଥିଲା ଲୋକଙ୍କ ଟଙ୍କା। ତେବେ ୫ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଶୌଚାଳୟଗୁଡ଼ିକ ଥରେ ମଧ୍ୟ ବ୍ୟବହାର ହୋଇନି। ଏବେ ମାଟିରେ ମିଶିବାକୁ ବସିଲାଣି। ଏନଏସି କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନ ଓ ଅବହେଳା କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। ଏହାର ପୁନରୁଦ୍ଧାର କରାଯାଇ କାର୍ଯ୍ୟକ୍ଷମ କରାଯିବାକୁ ଦାବି ହେଉଛି।

କେହି ବାହାରେ ମଳତ୍ୟାଗ କରିବେ ନାହିଁ ଓ ସ୍ଥାନୀୟ ଅଞ୍ଚଳ ବାସିନ୍ଦାଙ୍କୁ ଶୌଚାଳୟ ସୁବିଧା କରାଇବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗରେ ଏନଏସି ପକ୍ଷରୁ ତିଆରି ହୋଇଥିଲା ଶୌଚାଳୟ। ଥରୁଟିଏ ମଧ୍ୟ ବ୍ୟବହାର ହୋଇପାରିଲା ନାହିଁ। ୨୦୧୯ରେ ଉଦଳା ଏନଏସି ପକ୍ଷରୁ ୧, ୧୧, ୧୨ ନମ୍ବର ୱାର୍ଡରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଥିଲା। ଆଜି ସେସବୁ ପାଲଟିଛି ଅସାମାଜିକ ଯୁବକଙ୍କ ଆ‡ାସ୍ଥଳୀ। କାରଣ ନିର୍ମାଣ ହେବା ଓ ଉଦଘାଟନ ହେବା ପରଠାରୁ ଏହି ଗୋଷ୍ଠୀ ଶୌଚାଳୟ ଥରଟିଏ ମଧ୍ୟ ବ୍ୟବହାର ହୋଇନାହିଁ। ଶୌଚାଳୟ ଗୃହ ନିର୍ମାଣ କରାଯିବା ପରେ ସେଠାରେ ପାଣି ଓ ବିଜୁଳିର ବ୍ୟବସ୍ଥା କରାଯାଇନାହିଁ। ଅନ୍ୟପକ୍ଷରେ କେଉଁଠି ଶୌଚାଳୟ ଭିତରେ ପ୍ୟାନ ଓ ଅନ୍ୟ ସାମଗ୍ରୀ ମଧ୍ୟ ଲାଗିନାହିଁ। ଏହି ଶୌଚାଳୟ ମଧ୍ୟରୁ କେତେକ ଶୌଚାଳୟରେ ନିମ୍ନମାନର ପାଇପ ଲଗାଯିବା ସହିତ ପାଣି ଟାଙ୍କି ବସାଯାଇନାହିଁ। ଏହାବ୍ୟତୀତ ଜନବସତିଠାରୁ ଦୂରରେ ଶୌଚାଳୟ ନିର୍ମାଣ କରାଯାଇଛି। ଏହି ଶୌଚାଳୟ ତଦାରଖ କରିବା ପାଇଁ ଜଣେ ହେଲେ କର୍ମଚାରୀ ନିଯୁକ୍ତ ହୋଇନାହାନ୍ତି। ଫଳରେ ଶୌଚାଳୟ କେବଳ ଉଦଘାଟନ ହୋଇଛି ଓ ତା' ପରଠାରୁ ନଷ୍ଟ ହୋଇଯାଇଛି। କେଉଁଠି ଶୌଚାଳୟ ଉପରେ ଗଛ ଲତା ମାଡ଼ିଗଲାଣି ତ ଆଉ କେଉଁଠି ଶୌଚାଳୟ ଚାରିପାଖ ଜଙ୍ଗଲ ପାଲଟିଲାଣି। ଏଭଳି ଭାବେ ଲକ୍ଷ ଲକ୍ଷ ଟଙ୍କାକୁ ପାଣିରେ ପକାଇଛି ଏନଏସି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ଉକ୍ତ ଶୌଚାଳୟ ନିର୍ମାଣ ହେବା ପରେ ବ୍ୟବହାର ହୋଇଛି ଓ ସ୍ଥାନୀୟ ଲୋକେ ଶୌଚାଳୟ ସାମଗ୍ରୀକୁ ନଷ୍ଟ କରିଥିବା ଅଭିଯୋଗ ଆଣିଛନ୍ତି। ଏଥିସହିତ ସେ ଖୁବଶୀଘ୍ର ଉକ୍ତ ଶୌଚାଳୟଗୁଡ଼ିକୁ ପୁନଶ୍ଚ ଚାଲୁ କରିବେ ବୋଲି କହିଛନ୍ତି। ତେବେ ଏହାର ତଦନ୍ତ କରାଗଲେ, ଏଥିରେ କାହାର ତ୍ରୁଟି ରହିଛି; ତାହା ସାମ୍ନାକୁ ଆସିପାରିବ। ତେଣୁ ଏ ନେଇ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି।

# ଛଉ ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



**ରାଇରଙ୍ଗପୁର, ୪।୪(ସମିସ):** ବାମନଘାଟି ଉପଖଣ୍ଡ ପ୍ରଶାସନ ତତ୍ତ୍ୱାବଧାନ ଓ ଛଉ ନୃତ୍ୟ ପ୍ରତିଷ୍ଠାନର ସହଯୋଗରେ ରାଇରଙ୍ଗପୁରରେ ଦୁଇ ଦିନିଆ ଛଉ ନୃତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଭାରପ୍ରାପ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉକ୍ତ ପ୍ରତିଯୋଗିତାର ପ୍ରଥମ ଦିନରେ ବାମନଘାଟି ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ବ୍ଲକର ୬ଟି ଛଉ ନୃତ୍ୟ ଦଳ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଦିବସରେ ୧୧ଟି ଦଳ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଛଉ ଗୁରୁ ସର୍ବ ସୁନୀଲ କୁମାର ମହାନ୍ତ, ମହେଶ୍ୱର ମହାନ୍ତ, ଜାପାନୀ ମାଝିଆ ଓ ମିଳନ କୁମାର ମହାନ୍ତ ଯୋଗଦେଇ ଅଂଶଗ୍ରହଣ କରିଥିବା ଛଉ ନୃତ୍ୟ ଦଳର କଳାକାରଙ୍କ ପରିବେଷିତ ନୃତ୍ୟର ମୂଲ୍ୟାୟନ କରିଥିଲେ। ତଦନୁସାରେ ଉପଖଣ୍ଡ ସ୍ତରୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ୫ଟି ଦଳ ଯଥା ପ୍ରଥମ ସ୍ଥାନରେ ବାଦଡ଼ା ଛଉ ନୃତ୍ୟ ପ୍ରତିଷ୍ଠାନ, ଦ୍ୱିତୀୟ ସ୍ଥାନରେ ବାବା କାଳା ମହାଦେବ ଛଉ ନୃତ୍ୟ ପ୍ରତିଷ୍ଠାନ, ତୃତୀୟ ସ୍ଥାନରେ ବାମନି ପାହାଡ଼ ଛଉ ନୃତ୍ୟ ପ୍ରତିଷ୍ଠାନ, ଚତୁର୍ଥ ସ୍ଥାନରେ ଜ୍ୟୋତିକୁମ୍ଭ ଛଉ ନୃତ୍ୟ ପ୍ରତିଷ୍ଠାନ, ପଞ୍ଚମ ସ୍ଥାନରେ ନବଜ୍ୟୋତି ଛଉ ନୃତ୍ୟ ପ୍ରତିଷ୍ଠାନ ରହିଛନ୍ତି। ଏହି ୫ଟି ଦଳ ଚଳିତ ମାସ ୧୧ ତାରିଖରେ ବାରିପଦାସ୍ଥ ଛଉ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଚୈତ୍ର ପର୍ବ ଉତ୍ସବରେ ଛଉ ନୃତ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସେମାନଙ୍କର ନୃତ୍ୟ କଳା ପ୍ରଦର୍ଶନ କରିବେ। ପ୍ରଶାସନ ଦ୍ୱାରା ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ସହକାରୀ ଜିଲ୍ଲାପାଳ ସୁଧାକର ସେଠୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ। ଉଦଯାପନୀ ଦିବସରେ ଡେପୁଟି କଲେକ୍ଟର ମାନସ ରଞ୍ଜନ ବେହେରା ଓ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଯୋଗ ଦେଇଥିଲେ।

## ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାମରେ ଅନିୟମିତତା

# ମେସିନ କରୁଛି କାମ, ଶ୍ରମିକ ନିରାଶ

**କପ୍ତିପଦା, ୪।୪ (ସମିସ):** ମହାତ୍ମା ଗାନ୍ଧୀ ଜାତୀୟଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଭିବି ଜୀ ରାମ ଜୀ) ଅନ୍ତର୍ଗତ କପ୍ତିପଦା ବ୍ଲକ ପକ୍ଷରୁ ବିଭିନ୍ନ ହିତାଧିକାରୀଙ୍କୁ ଚାଷ କାମରେ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ପୋଖରୀ ଖନନ କାର୍ଯ୍ୟ ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଉଛି। ସରକାରୀ ନିୟମରେ ମନରେଗା କାମ କରି ଶ୍ରମିକ ବାର୍ଷିକ ୧୦୦ ଦିନର ନିଶ୍ଚିତ ମଜୁରି ପାଇବା ଯୋଜନା ବାଟବଣା ହୋଇଛି। ମେସିନରେ କାମ ହେଉଥିବାରୁ ଶ୍ରମିକ ପରିବାରର ଦାନା ଯୋଗାଡ କରିବାକୁ ବିଦେଶ ଯାଇ ଦାଦନ ଖଟୁଛି। ବଡ଼ଖଳାଡି ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୧୦୦ ମିଟର ଦୂର ବାରିକସାହି ପୋଖରୀର ପୁନରୁଦ୍ଧାର ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହାର କୋର୍ଡ ନମ୍ବର ୨୪୦୪୦୫୪୦୦୨/ ଡବ୍ଲ୍ୟୁଏଚ୍/୧୦୯୭୦୯୧୩ ଥିବାବେଳେ କାମ ଗୋଟିଏ ରାତିରେ ସରିଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ରତିକାନ୍ତ ଖଟୁଆଙ୍କୁ ଯୋଗାଯଗ କରିବାରୁ କାମ ବନ୍ଦ କରାଯାଇଛି। ଜେସିବିରେ କାମ ହୋଇଥିବା ମୁଁ ଜାଣିନାହିଁ ବୋଲି କହିଛନ୍ତି। ସେହିପରି ଏପିଓ ବୀରବଲ ସିଂ କହିଛନ୍ତି, ଯଦି ଜେସିବିରେ ହୋଇଥିବ, ତେବେ କାମଟି ସମ୍ପୂର୍ଣ୍ଣ ଡିଲିଟ କରାଯିବ। ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏହି କାମ ହୋଇଥିବାବେଳେ ପଞ୍ଚାୟତ ଅଧିକାରୀ କିମ୍ବା ସରପଞ୍ଚ ଏ ସମ୍ପର୍କରେ ଜାଣି ପାରିଲେନି କେମିତି। ପଞ୍ଚାୟତ ଓ ବିଭାଗୀୟ ଅଧିକାରୀଙ୍କ ସଲାସୁତରାରେ ଏହି କାମ ହେଉଥିବାବେଳେ ବଳି ପଡୁଛନ୍ତି ନିରୀହ ଶ୍ରମିକ। ଏହାର ତଦନ୍ତ କରାଯାଇ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି ହେଉଛି।



# ଶନିଶ୍ଚରଙ୍କ ବଡ଼ ଓଷା ଆରମ୍ଭ



**ବାରିପଦା, ୪।୪(ସମିସ):** ପୂର୍ଣ୍ଣିମା ମତରେ ବୈଶାଖ ମାସର ପ୍ରଥମ ଶନିବାରରୁ ଆରମ୍ଭ ହୋଇଛି ନ୍ୟାୟର ଦେବତା ଓ କର୍ମର ଫଳଦାତା ଶ୍ରୀଶ୍ରୀ ଶନିଦେବଙ୍କ ବଡ଼ ଓଷା। କୁହାଯାଏ ଯିଏବି ଭକ୍ତିର ସହ ଶନିଶ୍ଚରଙ୍କର ଏହି ଓଷା କରିଥାଏ, ତାଙ୍କୁ ଶନିଦେବଙ୍କ ଅପାର କୃପା ମିଳିଥାଏ। ହିନ୍ଦୁ ଧର୍ମରେ ଶନିଦେବଙ୍କୁ ନ୍ୟାୟର ପ୍ରତୀକ ବୋଲି କୁହାଯାଏ। ସେ ମଣିଷର କର୍ମ ଅନୁଯାୟୀ ଫଳ ପ୍ରଦାନ କରିଥା'ନ୍ତି। ବାରିପଦା ସହର ବାଘଡାରୋଡ଼ ଠାରେ ଥିବା ଶନିଦେବଙ୍କ ମନ୍ଦିର ମୟୂରଭଞ୍ଜ ଜିଲ୍ଲାର ପ୍ରଥମ ଓ ସର୍ବପୁରାତନ ଶନିଦେବଙ୍କ ପୀଠ ଭାବେ ଜନାଦୃତ। ଦୀର୍ଘ ୪୫ ବର୍ଷ ଧରି ଜରାଳି ନଦୀ କୂଳରେ ପୂଜା ପାଇଆସୁଛନ୍ତି ବାବା ଶନିଶ୍ଚର। ଆଜିର ଏହି ପବିତ୍ର ଦିନରେ ବାବାଙ୍କ ସାନିଧ୍ୟ ଲାଭ କରିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି। ଆଜିର ଦିନରେ ବାବାଙ୍କର ପୂଜା କରିବା ପାଇଁ ଭକ୍ତଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଥିଲା। ଶ୍ରୀଶ୍ରୀ ଶନିଶ୍ଚର ମହାଗ୍ରହ ପୀଠରେ ଶନିଦେବଙ୍କ ୪୫ତମ ବାର୍ଷିକ ଉତ୍ସବ ପାଇଁ ଉତ୍ସବ ମୁଖରିତ ହୋଇଥିଲା। ଗ୍ରହରାଜ ଶନିଦେବ ୧୯୮୨ ମସିହାଠାରୁ ବାରିପଦାର ବାଘଡାରୋଡରେ ପୂଜା ପାଇଆସୁଛନ୍ତି। ଏହି ପୀଠକୁ ପ୍ରତ୍ୟକ ଶନିବାର ମୟୂରଭଞ୍ଜ ଓ ଆଖପାଖ ଜିଲ୍ଲା ଓ ରାଜ୍ୟରୁ ହଜାର ହଜାର ଭକ୍ତ ଶନିଦେବଙ୍କ ଦର୍ଶନ କରିବାକୁ ଆସିଥା'ନ୍ତି। ବର୍ଷକୁ ଗୋଟିଏ ମାସ ଏହି ମହାଗ୍ରହ ପୀଠରେ ଶନିଦେବଙ୍କ ବାର୍ଷିକ ଉତ୍ସବ ପାଳିତ ହଇଥାଏ। ଆଜି ସକାଳୁ ଶନିଦେବଙ୍କୁ ପବିତ୍ର ସ୍ନାନ କରାଯିବା ପରେ ନୂତନ ବସ୍ତ୍ର ପରିଧାନ ସାରି ବାଲ୍ୟ ପ୍ରସାଦ ଲାଗି ହୋଇଥିଲା। ପରେ ଭକ୍ତଙ୍କୁ ତାହା ବଣ୍ଟନ କରାଯାଇଥିଲା। ତା'ପରେ ଘଣ୍ଟାର ତାଳେ ତାଳେ ବାବାଙ୍କ ପବିତ୍ର ଘଟ ପୁଲିସ ପୋଖରୀ ପାଖରୁ ଆସିଥିଲା। ଯାହାକି ଭକ୍ତଙ୍କ ମନରେ ଭକ୍ତିର ଭାବ ଦ୍ୱିଗୁଣିତ କରିଥିଲା। ପୀଠରେ ବାବାଙ୍କ ହୋମ ହେଲା ପରେ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଗଲା। ଏହି ଉତ୍ସବକୁ ସୁଚାରୁ ରୂପରେ ପରିଚାଳନା କରିବାପାଇଁ ଶନିଦେବଙ୍କ ପୀଠର ପରିଚାଳନା କମିଟି ସଦସ୍ୟଙ୍କ ସହ ଅନେକ ଭକ୍ତ ମାନେ ମଧ୍ୟ ସହଯୋଗ କରିଥିଲେ। ଅପ୍ରେଲ ୨୫ତାରିଖି ଶନିବାର ପୀଠରେ ଉତ୍ସବ ଉଦଯାପିତ ହେବ। ସେହିଦିନ ବିଶେଷ କାର୍ଯ୍ୟକ୍ରମ ଥିବାରୁ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ ଲାଗିବ। ଏଥିପାଇଁ ପ୍ରସ୍ତୁତି ମଧ୍ୟ ଶେଷ ହୋଇଛି।



# ଘୂର୍ଣ୍ଣିଝଡ଼ କ୍ଷତିଗ୍ରସ୍ତଙ୍କୁ ଭେଟିଲେ ପୂର୍ବତନ ମନ୍ତ୍ରୀ



**ବାରିପଦା, ୪।୪(ସମିସ):** ମୟୂରଭଞ୍ଜ ଜିଲ୍ଲାର ଶାମାଖୁଣ୍ଟା ବ୍ଲକର ଭାଲୁକି ପଞ୍ଚାୟତସ୍ଥ ମାଟିଆଳି ଗ୍ରାମ ଓ ଆମ୍ବଡାଳି ଗ୍ରାମରେ ଗୁରୁବାର ଅଦିନିଆ ଘୂର୍ଣ୍ଣିଝଡ଼ରେ କ୍ଷୟକ୍ଷତି ଘଟିଥିଲା। ସେ ସ୍ଥାନକୁ ଯାଇ ପୀଡିତ ପରିବାରବର୍ଗଙ୍କ ସହ ମିଶିବା ସହିତ ସେମାନଙ୍କୁ କିଛି ତତ୍କାଳ ସହାୟତା ଯୋଗାଇଛନ୍ତି ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି। ବିପନ୍ନ ପରିବାରକୁ ସମସ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଫୋନ୍ ଯୋଗେ ଆଲୋଚନା କରିଥିଲେ।

ଗୁରୁବାର ରାତି କାଳବୈଶାଖି ତାଣ୍ଡବ ଯୋଗୁଁ ଜିଲ୍ଲାର ଶାମାଖୁଣ୍ଟା, ବାରିପଦା ଓ ବିଜାତଳା ଆଦି ୩ଟି ବ୍ଲକର ୯ଟି ଗ୍ରାମର ଲୋକେ ପ୍ରଭାବିତ ହୋଇଛନ୍ତି। ଶାମାଖୁଣ୍ଟା ବ୍ଲକର ଖାଣ୍ଡିଆ, ଭାଲକୀ ଓ ବାଲିଡିହା ପଞ୍ଚାୟତର ୪ଟି ଗ୍ରାମରେ ବିଶେଷ କ୍ଷୟକ୍ଷତି ଘଟିଛି। ବଡ଼ ବଡ଼ ଗଛ ଭାଙ୍ଗି ପଡ଼ିଥିବାବେଳେ ବିଦ୍ୟୁତ୍ ଖୁଣ୍ଟ ଓଲଟି ପଡ଼ିଥିଲା। ଏପରିକି ଘରର ଛପର ଉଡ଼ିଯିବା ସହ କାନ୍ଥ ପଡ଼ି କ୍ଷୟକ୍ଷତି ଘଟିଥିଲା। ବଜ୍ରପାତରେ ୪ଟି ଛେଳିର ମୃତ୍ୟୁ ଘଟିଥିଲା। ଶୁକ୍ରବାର ସକାଳେ ଜିଲ୍ଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଅଧିକାରୀ ପହଞ୍ଚି ବିପନ୍ନ ପରିବାରକୁ ପଲିଥିନ ଯୋଗାଇ ଦେଇଥିଲେ। ରାଜସ୍ୱ ଅଧିକାରୀ, କୃଷି ଅଧିକାରୀ ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଉଛି। ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରାଯିବା ପରେ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଜରୁରିକାଳୀନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ଜରୁରୀ ବୈଠକ



**ବେତନଟୀ, ୩।୪(ସମିସ):** ବେତନଟୀ ରେଲଷ୍ଟେସନ ପ୍ରାଙ୍ଗଣରେ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ଜରୁରୀ ବୈଠକ ସଭାପତି ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି ରାଜ୍ୟସଂଘରୁ ଆସିଥିବା ସକୁଲାର ପଠନ କରି ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ତଦନୁଯାୟୀ ଆଗାମୀ ୧୧ ତାରିଖରେ ମୟୂରଭଞ୍ଜ ଜିଲ୍ଲା ସଂଘର ବୈଠକ ବାରିପଦା ସ୍ୱାଗତିକା ହଲ୍‌ରେ ଯୋଗଦାନ, ୨୧ ତାରିଖ ରାଜଧାନୀ ଚାଲ କାର୍ଯ୍ୟକ୍ରମରେ ଭୁବନେଶ୍ୱରଠାରେ ବିଶାଳ ରାଲିରେ ଅଂଶଗ୍ରହଣ, ମଇ ୧୩ ତାରିଖ ଭୁବନେଶ୍ୱରରେ ଧାରଣାରେ ବ୍ଲକସଂଘ ଯୋଗଦେବାର ପ୍ରସ୍ତାବ ଗୃହୀତ ହୋଇଥିଲା। ଜିଲ୍ଲା ସଂଘର କର୍ମକର୍ତ୍ତା ରବୀନ୍ଦ୍ରନାଥ ମିଶ୍ର ଓ ଦୁର୍ଯ୍ୟୋଧନ ସିଂ ବକେୟା ୧୮ ପ୍ରତିଶତ ମହଙ୍ଗା ଭତ୍ତା, ବନ୍ଦ ଥିବା ବରିଷ୍ଠଙ୍କ ରେଳଭଡାରେ ରିହାତି, କମ୍ୟୁଟେଡ୍ ପେନସନ ୧୫ରୁ ୧୧ ବର୍ଷକୁ ହ୍ରାସ, ଚିକିତ୍ସା ଭତ୍ତା ପ୍ରଦାନ, ପେନସନ ବିଭାଗର ପୁନଃ ପ୍ରଚଳନ ଆଦି ଦାବି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ହରେନ୍ଦ୍ର ନାଥ ବାରିକ, ବାସୁଦେବ ନାପିତ, ଅଜୟ କୁମାର କର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କମଳ ଲୋଚନ କର ସହଯୋଗ କରିଥିଲେ। ସମ୍ପାଦକ ଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଇଂରାଜୀ ଗଳ୍ପ ସଂକଳନ 'ନିଉ ହରିଜନ' ଲୋକାର୍ପିତ

**ସାରସକଣା, ୪।୪(ସମିସ):** ସାରସକଣା ବ୍ଲକ ଅନ୍ତର୍ଗତ ଈଶ୍ୱର ଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟର ପୁରାତନ ଛାତ୍ର ସଂଘ ଓ ସ୍କୁଲ୍ ଶିକ୍ଷା ପରିବାରର ମିଳିତ ଆନୁକୂଲ୍ୟରେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଜଗନ୍ନାଥ ସାହୁଙ୍କ ଇଂରାଜୀ ଗଳ୍ପ ପୁସ୍ତକ 'ନିଉ ହରିଜନ' ଉନ୍ମୋଚିତ ହୋଇଯାଇଛି। ପୁରାତନ ଛାତ୍ର ସଂଘ ସଭାପତି ପଦ୍ମନାଭ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉନ୍ମୋଚନ ଉତ୍ସବରେ ଶିକ୍ଷକ ପ୍ରଶାନ୍ତ ସାହୁଙ୍କ ମଞ୍ଚ ଆମନ୍ତ୍ରଣ କ୍ରମେ ଜିଲ୍ଲା ଶିକ୍ଷାଧିକାରୀ ଓ କବି ପୂର୍ଣ୍ଣଚନ୍ଦ୍ର ସେଠୀ, ନବୋଦୟ ବିଦ୍ୟାଳୟର ଅବସରପ୍ରାପ୍ତ ଇଂରାଜୀ ଅଧ୍ୟାପକ ରବୀନ୍ଦ୍ର ଦାସ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବିନୋଦ ସିଂ, ସ୍କୁଲର ପ୍ରଧାନଶିକ୍ଷକ ବିଭୂତି ଭୂଷଣ ପାଇକରାୟ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପରିଷଦ ଉତ୍ତରାଞ୍ଚଳ ଶାଖା ସଭାପତି ଅଜିତ କବାଟ, ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଜୟହରି ଘୋଷ ଅତିଥି ଭାବେ ଯୋଗଦେଇ ପୁସ୍ତକର ଉନ୍ମୋଚନ କରିଥିଲେ। ସଂକଳନରେ ସ୍ଥାନିତ ନୈତିକ ଶିକ୍ଷାର ଗଳ୍ପଗୁଡ଼ିକୁ ବିଶ୍ଳେଷଣ ଓ ସମୀକ୍ଷା କରିଥିଲେ ସମୀକ୍ଷକ ଶ୍ରୀ ଘୋଷ। ରଚନା ଉପରେ ସ୍ୱଳ୍ପ ବକ୍ତବ୍ୟ ରଖିଥିଲେ ଲେଖକ ଶ୍ରୀ ସାହୁ। ଛାତ୍ର ସଂଘର ପୁରାତନ ଛାତ୍ର ଅନ୍ତର୍ଯ୍ୟାମୀ ସାହୁ, ସଞ୍ଜୀବ ସାହୁ, ଅସିତ ସାହୁ, ଅରୁଣ ସାହୁ, ରାଜ କୁମାର ସାହୁ, ରଙ୍ଗବଲ୍ଲଭ ସାହୁ, ଶ୍ରୀଧର ସାହୁ, ରବୀନ୍ଦ୍ର ଭୋଳ, ନବକିଶୋର ସେଠୀ, ଅତୁଲ ଦାସ, ମହେନ୍ଦ୍ର ଭୋଳ, ମନୋଜ ସାହୁ, ଶାନ୍ତନୁ ବେହେରା, ଶିବାନନ୍ଦ ସାହୁ, ଅଶ୍ୱିନୀ ସାହୁ, ସପନ ପ୍ରତିହାରି, ଅମିତ ଭୋଳ, ଅରୁଣ ସାହୁ, ସମ୍ବିତ ସାହୁ, ନିର୍ମାଲ୍ୟ ଭୋଳ ପ୍ରମୁଖ ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଲେଖକଙ୍କୁ ଫୁଲତୋଡା, ସଲ୍, ମାନପତ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲା ବିଜ୍ଞାନ ଫୋରମ୍ ପକ୍ଷରୁ ବୀରେଶ୍ୱର ହାଇସ୍କୁଲର ପ୍ରଧାନଶିକ୍ଷକ ଦିଲ୍ଲୀପ ମିଶ୍ର, ବିଜ୍ଞାନ ଶିକ୍ଷକ ଅଜିତ ଜେନା, ବସନ୍ତ ଦତ୍ତ, ନୟନ ଗିରି ଲେଖକ ଶ୍ରୀ ସାହୁଙ୍କ ଉପଢୌକନ ଦେଇ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ତ୍ରିଲୋଚନ ଦାସ ଅଧିକାରୀ, ସୁଧାଂଶୁ ସେଠୀ, ରବୀନ୍ଦ୍ର ପରିଡ଼ା, ବାପି ମହାନ୍ତ, ସିଦ୍ଧେଶ୍ୱର ସାହୁ, କାମେଶ୍ୱର ସାହୁ, ସଚ୍ଚିକାନ୍ତ ସାହୁ, ଆଦିକନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇଙ୍କ ଜୟନ୍ତୀ

**ବଡ଼ସାହି, ୪।୪(ସମିସ):** ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ନାମରେ ଗଠିତ ସ୍ଥାନୀୟ ପୂର୍ଣ୍ଣମାସୀ ସେବା ସଂସ୍ଥାନ ଆନୁକୂଲ୍ୟରେ ରୁଦ୍ରାଳୀ ମଣ୍ଡପରେ ଶ୍ରୀ ବୁଗୁଡେଇଙ୍କ ୭୬ତମ ଜୟନ୍ତୀ ପାଳନ କରାଯାଇଛି। ଟ୍ରଷ୍ଟି ରାଜକିଶୋର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପୂର୍ବତନ ରାଜ୍ୟସଭା ସାଂସଦ ବୀରଭଦ୍ର ସିଂ, ଗବେଷକ ଡ. ଜଗବନ୍ଧୁ ଆଚାର୍ଯ୍ୟ, ସମାଜସେବୀ ରଣଜିତ ଦାସ, ରାଜେନ୍ଦ୍ର ଜେନା, ସଚ୍ଚିଦାନନ୍ଦ ବିଶ୍ୱାଳ, ମନୋରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଦୁନିଆରେ ପଇସାବାଲା ବହୁତ ଅଛନ୍ତି। କିନ୍ତୁ ସେମାନେ କର୍ମ ଘେନି ଧନ୍ୟ ବା ସମାଜ ପାଇଁ ସ୍ମରଣୀୟ ନାମ ନୁହଁନ୍ତି ବୋଲି ବକ୍ତବ୍ୟ ରଖିଥିଲେ। ଧର୍ମରତ୍ନ ବୁଗୁଡେଇ କିନ୍ତୁ ରଙ୍କରୁ ରାଜା ହୋଇ ଦେଖାଇ ଉତ୍ତର ଓଡ଼ିଶାରେ ଯାନ୍ତ୍ରିକ ଶିକ୍ଷାର ପ୍ରତିଷ୍ଠାତା ଓ ଓଡ଼ିଶାରେ ପ୍ରଥମ ମାନବ ଧର୍ମର ପ୍ରବର୍ତ୍ତକ ହେତୁ ଭୂମିରେ ଭୂମା ମନ୍ତବ୍ୟ ରଖିଥିଲେ। ଏ ଅବସରରେ ବଡସାହି ନାରାୟଣ ବସ୍ତିରେ ସମସ୍ତଙ୍କୁ ବିସ୍କୁଟ, ଫଳ ବଣ୍ଟନ ସହ ବସ୍ତ୍ରଦାନ କରାଯାଇଥିଲା। ଗ୍ରାମର ୮୦ ବର୍ଷରୁ ଉର୍ଦ୍ଧ୍ୱ ୧୧ ଜଣ ବୟୋଜ୍ୟେଷ୍ଠଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟି ମହେଶ୍ୱର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।



## ଟ୍ୟାକ୍ସି ସଂଘ ପୂର୍ବତନ ସଭାପତିଙ୍କ ବିୟୋଗରେ ଶୋକ

**ଉଦଳା, ୪।୪(ସମିସ):** ଆଜି ଉଦଳା ବସ୍‌ଷ୍ଟାଣ୍ଡ ପରିସରରେ ଘରୋଇ ବସ୍ କର୍ମଚାରୀ ସଂଘ, ଉଦଳା ଟ୍ୟାକ୍ସି ଚାଳକ ସଂଘ ଓ ଉଦଳା ଅଟୋ ମାଲିକ ସଂଘ ମିଳିତ ଭାବେ ଟ୍ୟାକ୍ସି ସଂଘର ପୂର୍ବତନ ସଭାପତି ସୁକାନ୍ତ ମହାନ୍ତିଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଛି। ତାଙ୍କ ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସେ ଜଣେ ସରଳ, ମିଷ୍ଟଭାଷୀ ଓ ସଂଗଠନପ୍ରେମୀ ମଣିଷ ଥିଲେ। କୌଣସି ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ମରଶରୀରକୁ ଦିନ ହେଉ କି ରାତି ହେଉ ଖବର ଆସିବା କ୍ଷଣି ପ୍ରସ୍ତୁତ ହୋଇପଡୁଥିବା ଓ ଆଗ୍ରହ ସହକାରେ ଦୁଃଖଦ ସମୟରେ ଉପସ୍ଥିତ ହେବା ନେଇ ସେ ବେଶ ଲୋକପ୍ରିୟ ଥିଲେ। ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପ୍ରଭାତ ବିଦ୍ୟାଳୟରେ ପ୍ରବେଶ ଓ ଖଡିଛୁଆଁ ଉତ୍ସବ



**ଶୁକ୍ଳି, ୪।୪(ସମିସ):** ମୟୂରଭଞ୍ଜ ଜିଲ୍ଲା ରରୁଆଁ ବ୍ଲକ ବୈଦ୍ୟନାଥ ପଞ୍ଚାୟତର ପିଏମଶ୍ରୀ ପ୍ରଭାତ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଓ ଖଡ଼ି ଛୁଆଁ ଉତ୍ସବ ଆୟୋଜିତ ହୋଇଛି। ମୁଖ୍ୟବକ୍ତା ଭାବେ ରରୁଆଁ ବିଡିଓ ପ୍ରେମାନନ୍ଦ ବେହେରା, ମୁଖ୍ୟଅତିଥି ଭାବେ ଅଜିତ କୁମାର ତିରିଆ, ସମ୍ମାନିତ ଅତିଥି ଭାବେ ବିଇଓ ସୁରେଶ ଚନ୍ଦ୍ର ମୁଣ୍ଡା, ଏବିଓ/ବିଆରସିସି ସୁରେନ୍ଦ୍ର ନାଥ ରାଉତ, ପ୍ରଧାନ ଶିକ୍ଷୟିତ୍ରୀ ବୈଦେହୀ ବେହେରା, ସରପଞ୍ଚ ଚିତ୍ତରଞ୍ଜନ ନାୟକ, ପଞ୍ଚାୟତ ସମିତି ସଭ୍ୟା ସୁନୀତା ମୁଣ୍ଡା, ସିଆରସିସିର ୧୨ ଜଣ ଅଧିକାରୀ ଯୋଗ ଦେଇଥିଲେ। ବିଦ୍ୟାଳୟ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଉତ୍ସବ ୍ରଅବସରରେ ୮ ଜଣ ଛାତ୍ରଛାତ୍ରୀ ନୂଆ କରି ବିଦ୍ୟାଳୟକୁ ପ୍ରବେଶ କରିଥିଲେ। ସେମାନଙ୍କୁ ତିଳକ, ଚନ୍ଦନ ଲଗାଇ ଖଡ଼ି ଛୁଆଁ ଯାଇଥିଲା।

## ଜିଲ୍ଲାସ୍ତରୀୟ ଖଡ଼ିଛୁଆଁ ଉତ୍ସବ

# ନବାଗତଙ୍କୁ ଖଡ଼ି ଛୁଆଁଇଲେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଓ ଜିଲ୍ଲାପାଳ

ବାରିପଦା, ୪।୪(ସମିସ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ନୂତନ ଶିକ୍ଷାବର୍ଷ ଉପଲକ୍ଷେ ସମଗ୍ର ଶିକ୍ଷା, ମୟୂରଭଞ୍ଜ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡି ଛୁଆଁ କାର୍ଯ୍ୟକ୍ରମ ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବିଶେଷ ଅତିଥି ଭାବେ ଜିଲ୍ଲାପାଳ ହେମକାନ୍ତ ସଏ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଗୌତମ ପାତ୍ର, ଶଶୀଧର ସିଂ ଓ ବିନୋଦ ସିଂ ପ୍ରମୁଖ ଯୋଗଦାନ କରିଥିଲେ। ଓଡିଆ ପକ୍ଷ ପାଳନ ଅବସରରେ ପ୍ରବେଶ ଉତ୍ସବ ଓ ଖଡି ଛୁଆଁ ଭଳି ଏକ ଅନନ୍ୟ କାର୍ଯ୍ୟକ୍ରମରେ ଅତିଥିମାନେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଥିବା ଶିଶୁଙ୍କୁ ଖଡି ଛୁଆଁଇ ବିଦ୍ୟାଳୟରେ ପ୍ରବେଶ କରାଇଥିବାବେଳେ ପ୍ରତି ପିଲାଙ୍କୁ ନୂତନ ପୁସ୍ତକ ଓ ସ୍କୁଲ ବ୍ୟାଗ ପ୍ରଦାନ କରିଥିଲେ। ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାରେ ୪୬, ୬୩୨ ଜଣ ଛାତ୍ରଛାତ୍ରୀ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନୂଆ କରି ନାମ ଲେଖାଇବେ ବୋଲି ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ସେଠୀ କହିଛନ୍ତି।

**ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇବେ ୪୬, ୬୩୨ ଛାତ୍ରଛାତ୍ରୀ**



ଆଜି ଜିଲ୍ଲାର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଖଡି ଛୁଆଁ ଓ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲାରେ ଅଭିଭାବକ ଓ ଜନସାଧାରଣଙ୍କ ମଧ୍ୟରେ ଶିକ୍ଷା ସଚେତନତା ପାଇଁ ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ଶିକ୍ଷା ରଥ ଚଳିତ ମାସ ୪ ତାରିଖରୁ ଆଗାମୀ ୧୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ପ୍ରତିଟି ଗ୍ରାମ, ସାହି, ପଡ଼ା, ବିଦ୍ୟାଳୟ ଓ ସାପ୍ତାହିକ ହାଟ, ସହରାଞ୍ଚଳର ବିଭିନ୍ନ ବସ୍ତି ପରିକ୍ରମା କରି ଶିକ୍ଷାର ବାର୍ତ୍ତାପ୍ରଦାନ କରିବ। ସଭିଏଁ ସ୍କୁଲ ଯିବା ସହ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରିତ ପାଠ୍ୟକ୍ରମ, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ, ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସୁବିଧା ବିଷୟରେ ଅବଗତ କରାଇବ। ଉପରୋକ୍ତ କାର୍ଯ୍ୟକ୍ରମ ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଆଦିବାସୀ ଶିକ୍ଷା ସଂଯୋଜକ ସପନ ପୃଷ୍ଟି, ସମନ୍ୱିତ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ, ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ ବାରିକ, ଶୈକ୍ଷିକ ସଂଯୋଜିକା ଶୈଳବାଳା ବେହେରା, ଅର୍ଥ ପରାମର୍ଶଦାତା ଅଶୋକ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ହରେନ୍ଦ୍ର ମହାନ୍ତ ମଞ୍ଚ ପରିଚାଳନା କରିଥିବାବେଳେ ପୂର୍ଣ୍ଣଚନ୍ଦ୍ରପୁର ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌମ୍ୟ ଦାଶ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସହରାଞ୍ଚଳ ଆବାସିକ ଛାତ୍ରାବାସ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।